# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୨୦/୨୦୨୨ (୧୪ ପୃଷ୍ଠା) | Bhubaneswar, Wednesday, July 20/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଭାରୋତ୍ତୋଳନରେ ସ୍ୱର୍ଣ୍ଣ ଜିତିଲେ ହର୍ଷଦା**

ଭାରତର ହର୍ଷଦା ଗରୁଡ଼ ଏସିଆନ ୟୁଥ୍ ଓ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି।

୧୪

୧୨

**ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ଉର୍ଫି**

ଅତୀତରେ ଅର୍ଥାଭାବ କାରଣରୁ ଖାଇବା, ପିନ୍ଧିବା ନ ପାଇ ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ବୋଲି କହିଛନ୍ତି ଅଭିନେତ୍ରୀ ଉର୍ଫି।





ମିଳିତ ବିରୋଧୀଙ୍କ ଉପରାଷ୍ଟ୍ରପତି ପ୍ରାର୍ଥୀ ମାର୍ଗାରେଟ୍ ଆଲ୍‌ଭାଙ୍କ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ମଲିକାର୍ଜ୍ଜୁନ ଖାର୍ଗେଙ୍କ ସମେତ ଅନ୍ୟ ଦଳର ନେତୃବୃନ୍ଦ।

# ୨୦ ଲକ୍ଷରେ ମେଡିକାଲ ସିଟ୍

**ଏନ୍‌ଇଇଟିରେ ଜାଲିଆତି**

- ‘ମୁନ୍ନାଭାଇ ଏମ୍‌ବିବିଏସ୍’ ଶୈଳୀରେ କାର୍ଯ୍ୟକରୁଛି ରାକେଟ୍
- ପରୀକ୍ଷାର୍ଥୀଙ୍କ ପାଇଁ ଉତ୍ତର ଲେଖୁଛନ୍ତି ଏକ୍ସପର୍ଟ, ୮ ଗିରଫ

ନୂଆଦିଲ୍ଲୀ,୧୯।୭

୨୦ ଲକ୍ଷ ଟଙ୍କା ବଦଳରେ ମେଡିକାଲ ସିଟ୍ ଯୋଗାଇ ଦେଉଥିବା ଏକ ରାକେଟ୍ କେତେକ ରାଜ୍ୟରେ ସକ୍ରିୟ ରହିଛି। ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଉଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍‌ଇଇଟି)ରେ କାରସାଦି କରୁଥିବା ଉକ୍ତ ରାକେଟ୍‌କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପର୍ଦ୍ଦାଫାଶ୍ କରିଛି। ଏନେଇ ୧୧ଜଣଙ୍କ ନାମରେ ସିବିଆଇ ମାମଲା ରୁଜୁ କରିବା ସହ ସୋମବାର ଦିଲ୍ଲୀରୁ ୮ଜଣଙ୍କୁ ଗିରଫ କରିଛି। ଏହି ରାକେଟ୍ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର ଏବଂ ହରିୟାଣାରେ ସକ୍ରିୟ ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟରେ ଏହି ଜାଲିଆତି ବ୍ୟାପିଥିବା ସନ୍ଦେହ କରାଯାଉଛି। ବଲିଉଡ୍ ଫିଲ୍ମ ‘ମୁନ୍ନାଭାଇ ଏମ୍‌ବିବିଏସ୍’ ଶୈଳୀରେ ରାକେଟ୍ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ରାକେଟ୍ ଚଳାଇଥିବା ଗୋଷ୍ଠୀ ପକ୍ଷରୁ ପରୀକ୍ଷାର୍ଥୀଙ୍କ ପାଇଁ ଉତ୍ତର ଲେଖିପାରୁଥିବା ଏକ୍ସପର୍ଟ (ପେପର ସଲଭ୍‌ର)ମାନଙ୍କୁ ନିୟୋଜିତ କରାଯାଉଛି। ☞ପୃଷ୍ଠା-୪

**ଡମ୍ପର ଚଢ଼ାଇ ଡିଏସ୍‌ପିଙ୍କୁ ହତ୍ୟାକଲେ ଖଣି ମାଫିଆ**

ପୃଷ୍ଠା-୨

**୧୦୦% ସିଲାବସ୍‌ରେ ହେବ ଯୁକ୍ତ୨ ପରୀକ୍ଷା**

ପୃଷ୍ଠା-୩






**ଆଜିର ସମ୍ପାଦକୀୟ**

ଅଯୋଗ୍ୟକୁ ଯୋଗ୍ୟ

# ବ୍ୟାପକ ହେବ ଆଇଟି କ୍ଷେତ୍ର

## ଓଡ଼ିଶା ଆଇଟି ନୀତି-୨୦୨୨କୁ କ୍ୟାବିନେଟ୍ ମୋହର

ଭୁବନେଶ୍ୱର,୧୯।୭(ବ୍ୟୁରୋ)

ଓଡ଼ିଶାରେ ସୂଚନା ଓ ପ୍ରଯୁକ୍ତି (ଆଇଟି) କ୍ଷେତ୍ରକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଏହି କ୍ଷେତ୍ରରେ ଅଧିକରୁ ଅଧିକ ଯେପରି ପୁଞ୍ଜିନିବେଶ ହୋଇପାରିବ ସେଥି ନିମନ୍ତେ ଦେଶ ବିଦେଶର ଆଇଟି କମ୍ପାନୀଗୁଡ଼ିକୁ ଆକୃଷ୍ଟ କରିବାକୁ ରାଜ୍ୟ ସରକାର ଓଡ଼ିଶା ଆଇଟି ନୀତି-୨୦୨୨ ଆଣିଛନ୍ତି। ଏଥିରେ ଅନେକ ପ୍ରୋତ୍ସାହନମୂଳକ ବ୍ୟବସ୍ଥା କରାଯାଇଛି। ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନୀତିକୁ ଅନୁମୋଦନ କରାଯାଇଛି। ଏଥିସହିତ ଓଡ଼ିଶା ମୋବାଇଲ ଟାୱାର, ଅପ୍ଟିକାଲ ଫାଇବର କେବୁଲ୍ ଓ ଟେଲିକମ୍ ଭିତ୍ତିଭୂମି ନୀତି-୨୦୧୭ ସଂଶୋଧନକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୭ଟି ପ୍ରସ୍ତାବକୁ କ୍ୟାବିନେଟ ମୋହର ଲାଗିଛି। ଏଥିମଧ୍ୟରେ ଆଇଟି ପଲିସି-୨୦୨୨ ରହିଛି। ବିଧାନସଭାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବଜେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା

- ପର୍ଯ୍ୟାପ୍ତ ପ୍ରୋତ୍ସାହନ ସୁବିଧା
- ଭିତ୍ତିଭୂମିରେ ସ୍ଥାୟୀ ନିବେଶ ପାଇଁ ୩ କୋଟି
- ଗ୍ରୀନ୍‌ଫିଲ୍ଡ ଆଇଟି ପାର୍କ ଜମି କିଣାରେ ଷ୍ଟାମ୍ପ ଡ୍ୟୁଟି ଛାଡ଼
- ଠିକ୍ ସମୟରେ ଋଣ ପରିଶୋଧ କଲେ ୫% ସୁଧ ରିହାତି
- ବିଦ୍ୟୁତ୍ ଶୁଳ୍କ , ବୈଦ୍ୟୁତିକ ଯାଞ୍ଚ ଶୁଳ୍କ ୫ ବର୍ଷ ପର୍ଯ୍ୟନ୍ତ ଛାଡ଼
- ଏସ୍‌ସି, ଏସ୍‌ଟି ମହିଳା ଓ ଭିନ୍ନକ୍ଷମ ଉଦ୍ୟୋଗୀଙ୍କୁ ଅତିରିକ୍ତ ୨୫% ସୁବିଧା

ଦେଇଥିଲେ। ଓଡ଼ିଶାକୁ ଦେଶର ଆଇଟି କ୍ଷେତ୍ର ପାଇଁ ପୁଞ୍ଜିନିବେଶର ଅଗ୍ରଣୀ ସ୍ଥଳରେ ପରିଣତ କରିବା ଓ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଆଇଟି ଆଉଟସୋର୍ସିଂରେ ରାଜ୍ୟକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବା ହେଉଛି ଏହି ନୀତିର ମୁଖ୍ୟ ଲକ୍ଷ୍ୟ। ଏଥିରେ ଆଇଟି ପାର୍କ ସ୍ଥାପନ ନିମନ୍ତେ କମ୍ପାନୀଗୁଡ଼ିକର ପୁଞ୍ଜି ନିବେଶର ୨୫ ପ୍ରତିଶତ ଅର୍ଥାତ୍ ସର୍ବାଧିକ ୨୦କୋଟି ☞ପୃଷ୍ଠା-୪

### କ'ଣ କୁହନ୍ତି ଆଇଟି ବିଶେଷଜ୍ଞ

**କାଗଜରେ ନ ରଖି, ଲାଗୁ କରାନ୍ତୁ**

ଓଡ଼ିଶାକୁ ୨୦୦୦ ମସିହାରେ ଇନ୍‌ଫୋସିସ୍, ଟିସିଏସ୍ ଭଳି ଆଇଟି କମ୍ପାନୀ ଆସିଥିଲା। ଏହାପରେ ୨୨ ବର୍ଷ ବିତିଗଲାଣି। ରାଜ୍ୟରେ ସ୍ଥିର ସରକାର ୨୨ ବର୍ଷ କାଳ ଥିବା ସତ୍ତ୍ୱେ ଏବେ ଯାଇ ସରକାର ଆଇଟି ପଲିସି ଆଣିଛନ୍ତି। ତାହା ଏ ପର୍ଯ୍ୟନ୍ତ ପୂର୍ଣ୍ଣ ଭାବେ ହୋଇନାହିଁ। ଆଗକୁ ଆଇଟି ପଲିସି ଠିକ୍ ଭାବେ ଲାଗୁ ହେଉଛି ନା କେବଳ କାଗଜପତ୍ରରେ ରଖିଦେବେ ତାହା ଦେଖିବା କଥା। ସରକାର ଯେଉଁସବୁ ସୁବିଧା ଆଇଟି କମ୍ପାନୀ କରିବାକୁ ଚାହୁଁଥିବା କମ୍ପାନୀକୁ ଦେବେ ବୋଲି କହିଛନ୍ତି, ସେକଥା କମ୍ପାନୀଗୁଡ଼ିକ ଜାଣିବା ଦରକାର। ଯେପରି ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ କରୁଛନ୍ତି, ସେମିତି ଆଇଟି ପଲିସି ସମ୍ପର୍କରେ ରାଜ୍ୟ ବାହାର କମ୍ପାନୀକୁ ବୁଝାଇବାକୁ ପଡ଼ିବ। ନ ହେଲେ ଯେମିତି ଆଜି ମଧ୍ୟ ଓଡ଼ିଶାରୁ ପିଲାମାନେ ଆଇଟି ପଢ଼ିବା ଲାଗି ବାହାର ରାଜ୍ୟକୁ ଯାଉଛନ୍ତି, ସେମିତି ଚାଲିଥିବ। ହାଇଦ୍ରାବାଦ୍ ଯଦି ଆଜି ବିକଶିତ ହୋଇଥାଏ, ତେବେ କେବଳ ଆଇଟି ପଲିସି ଏହାର ମୁଖ୍ୟ କାରଣ। ତେଣୁ ସରକାରଙ୍କ ପ୍ରତିନିଧିମାନେ ରାଜ୍ୟ ☞ପୃଷ୍ଠା-୪

# ରାସ୍ତା ନାହିଁ: ଖଟିଆରେ ଚାଲିଗଲା ଜୀବନ

**ସରକାର ଗ୍ରାମାଞ୍ଚଳର ବିକାଶକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିପାଇଁ ବିପୁଳ ଅର୍ଥ ବ୍ୟୟ ହେଉଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ଉନ୍ନୟନ ଯୋଜନାର ସୁଫଳ ଗ୍ରାମାଞ୍ଚଳରେ ପହଞ୍ଚି ପାରୁନାହିଁ। ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ସ୍ୱାଧୀନତାର ଦୀର୍ଘ ସାତ ଦଶନ୍ଧି ପରେ ବି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର କମଳାନାଳୀ ଏବଂ ବଡ଼ବିଲ ପରି ଦୁର୍ଗମ ଗ୍ରାମରେ ବିକାଶର ସୂର୍ଯ୍ୟ ଉଇଁ ପାରିନାହିଁ। ଆଜି ସୁଦ୍ଧା ଏହି ଦୁଇ ଗ୍ରାମର ଲୋକେ ବର୍ଷା ଦିନେ ଏକ ପ୍ରକାରର ଅଭିଶପ୍ତ ଜୀବନ ନେଇ ଜିଇ ରହିବାକୁ ବାଧ ହେଉଛନ୍ତି।**



ସମ୍ବଲପୁର ନାକଟିଦେଉଳ ବ୍ଲକରେ ରୋଗୀଙ୍କୁ ଖଟିଆରେ ବୋହି ନିଆଯାଉଛି।

ସମ୍ବଲପୁର/ନାକଟିଦେଉଳ, ୧୯।୭(ବ୍ୟୁରୋ/ଡ଼ି.ଏନ.ଏ.)

ଗାଁର ବିକାଶରେ ପ୍ରତିବନ୍ଧକ ସାଜିଛି ନାଳ। ନାଳ ଉପରେ ପୋଲ ନ ଥିବାରୁ ଗାଁକୁ ଯାଇ ପାରିଲାନି ଆମ୍ବୁଲାନ୍ସ। ଗାଁ ଲୋକେ ରୋଗୀକୁ ଖଟିଆରେ ବୋହି ୫ କି.ମି. ରାସ୍ତାରେ ପଡୁଥିବା ଛୋଟ ବଡ ୫ଟି ନାଳ ବହୁ କଷ୍ଟରେ ପାରି ହୋଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଲେ। ହେଲେ ଡାକ୍ତରଖାନାରେ ଡାକ୍ତର ରୋଗୀଙ୍କୁ ମୃତ ଘୋଷଣା କରିଥିଲେ।

**ନାକଟିଦେଉଳ ବ୍ଲକ**

**ବିକାଶର ବାଟ ଓଗାଳିଛି ନାଳ**

ଏପରି ଏକ ଅଭାବନୀୟ ଦୃଶ୍ୟ ମଙ୍ଗଳବାର ଦିନ ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଘୋଷରାମାଳ ଗ୍ରାମ ପଞ୍ଚାୟତର ଦୁର୍ଗମ ବଡ଼ବିଲ ଗ୍ରାମରେ। ମୃତ ରୋଗୀ ଜଣକ ହେଲେ ଉକ୍ତ ଗ୍ରାମର ବିରଞ୍ଚି ଦେହୁରୀ (୩୪)। ଉଚ୍ଚ ରକ୍ତଚାପ ଯୋଗୁ ହଠାତ୍ ସେ ସକାଳେ ଅସୁସ୍ଥ ହୋଇ ପଡିଥିଲେ। ପରିବାର ଲୋକେ କାଳ ବିଳମ୍ବ ନ କରି ଆମ୍ବୁଲାନ୍ସ ଆସିବାକୁ ଖବର ଦେଲେ। କିନ୍ତୁ ବଡବିଲ ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ୫ କି.ମି ଦୂର ଧାତୁକିମାଳ ଗ୍ରାମ ମୁଣ୍ଡରେ ରହିଥିଲା। ରୋଗୀଙ୍କର ସମ୍ପର୍କୀୟଙ୍କୁ ଖବର ଦିଆଯିବା ପରେ ସେମାନେ ସକାଳ ୮ଟାରେ ବାହାରି ଧାତୁକିମାଳ ପର୍ଯ୍ୟନ୍ତ ବିରଞ୍ଚିଙ୍କୁ ଖଟିଆରେ ନାଳ ପାର କରି ଆଣିଥିଲେ। ସେଠାରୁ ତାଙ୍କୁ ☞ପୃଷ୍ଠା-୪




ଧରିତ୍ରୀ
DHARITRI
ବୁଧବାର, ୨୦ ଜୁଲାଇ, ୨୦୨୨



## ସଂକ୍ଷେପରେ

### ପରୀକ୍ଷାରେ ଛାତ୍ରୀଙ୍କୁ ଅନ୍ତଃବସ୍ତ୍ର ଖୋଲିବାକୁ କହିବା ଘଟଣା

## ୫ ମହିଳା ଗିରଫ

**ଥିରୁଭାନନ୍ତପୁରମ୍,୧୯।୭:** କେରଳର କୋଲାମ ଜିଲାରେ ଥିବା ଘରୋଇ ଶିକ୍ଷାନୁଷ୍ଠାନରେ ମେଡିକାଲ ଏଣ୍ଟ୍ରାନ୍ସ ଟେଷ୍ଟ ଏନ୍‌ଇଇଟି ପାଇଁ ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ସେଠାରେ ଛାତ୍ରୀମାନଙ୍କୁ ଅନ୍ତଃବସ୍ତ୍ର ଖୋଲି ଟେଷ୍ଟ ଦେବାକୁ କୁହାଯିବା ଘଟଣାରେ ପୋଲିସ ୫ ମହିଳାଙ୍କୁ ଗିରଫ କରିଛି। ଏ ନେଇ ୩ଟି ଅଭିଯୋଗ ଆସିଥିବାବେଳେ କୋଲାମ ଆଞ୍ଚଳିକ ପୋଲିସ ଷ୍ଟେଶନ ଅଧୀନ ଚାଦୟାମଙ୍ଗଳମ୍ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗିରଫ ୫ ମହିଳା ରବିବାର ଉକ୍ତ ପରୀକ୍ଷାକେନ୍ଦ୍ର ଦାୟିତ୍ୱରେ ଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ବାହାର ଏଜେନ୍ସିର ହୋଇଥିବାବେଳେ ଆଉ ୨ ଜଣ ସେହି ଅନୁଷ୍ଠାନର ବୋଲି ଡିଆଇଜି ଆର୍. ନିଶାନ୍ତିନୀ କହିଛନ୍ତି। ଅନ୍ୟପକ୍ଷରେ ଛାତ୍ରୀମାନଙ୍କୁ ଅନ୍ତଃବସ୍ତ୍ର ଖୋଲି ପରୀକ୍ଷା ଦେବାକୁ କୁହାଯିବା ମନଗଢ଼ା କାହାଣୀ ବୋଲି ଉକ୍ତ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ)କୁ କହିଛନ୍ତି। ଏ ନେଇ କୌଣସି ଅଭିଯୋଗ ଆସି ନ ଥିବା ଏନ୍‌ଟିଏ ପକ୍ଷରୁ କୁହାଯାଇଛି।

## ୧.୬ ଲକ୍ଷ ଭାରତୀୟ ନାଗରିକତା ଛାଡ଼ିଛନ୍ତି

**ନୂଆଦିଲ୍ଲୀ,୧୯।୭:** ଗତବର୍ଷ ଦେଶର ୧,୬୩,୩୭୦ ଜଣ ଭାରତୀୟ ନାଗରିକତା ଛାଡ଼ିଛନ୍ତି। ଗତବର୍ଷ ସର୍ବାଧିକ ଲୋକ ନାଗରିକତା ଛାଡ଼ିଥିବା କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି। ସେହିପରି ୨୦୨୦ରେ ୮୫, ୨୫୬, ୨୦୧୯ରେ ୧,୪୪,୦୧୭ଜଣ ଭାରତୀୟ ନାଗରିକତା ପ୍ରତ୍ୟାହାର କରିଛନ୍ତି। ୨୦୧୯ଠାରୁ ବର୍ତ୍ତମାନ ସୁଦ୍ଧା କେତେଜଣ ଭାରତୀୟ ନାଗରିକତା ଛାଡ଼ିଛନ୍ତି ସେ ନେଇ ଲୋକସଭାରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ନେତା ହାଜି ଫାଜଲୁର ରେହମାନ ପ୍ରଶ୍ନ କରିଥିଲେ, ଯାହାର ଉତ୍ତରରେ କେନ୍ଦ୍ରୀୟ ଗୃହରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଉକ୍ତ ତଥ୍ୟ ଉପସ୍ଥାପନ କରିଛନ୍ତି। ରିପୋର୍ଟ ଅନୁସାରେ ନାଗରିକତା ଛାଡୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଆମେରିକା ପ୍ରଥମ ପସନ୍ଦ। ଅନ୍ୟପଟେ ୨୦୨୦ରେ ୩୦,୮୨୮ ଜଣଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରାଯାଇଥିବାବେଳେ ଗତବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇ ୭୮,୨୮୪ରେ ପହଞ୍ଚିଛି।

## ଫଟୋ ପୋଷ୍ଟକରି ଅବିନାଶ ଦାଶ ଗିରଫ



**ଗାନ୍ଧୀନଗର, ୧୯।୭:** ଅହମଦାବାଦ କ୍ରାଇମ୍ ବ୍ରାଞ୍ଚ ମଙ୍ଗଳବାର ଫିଲ୍ମ ନିର୍ମାତା ଅବିନାଶ ଦାଶଙ୍କୁ ଗିରଫ କରିଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଆଇଏଏସ୍ ଅଫିସର ପୂଜା ସିଂଘଲଙ୍କ ଫଟୋ ସୋସିଆଲ ମିଡିଆରେ ଶେୟାର କରିବା ପରେ ଅବିନାଶଙ୍କୁ ଗିରଫ କରାଯାଇଛି। ପୂଜାଙ୍କୁ ଗିରଫ କରାଯିବା ପୂର୍ବର ଏହି ଫଟୋ ବୋଲି ଅଭିନାଶ ଫଟୋ କ୍ୟାପ୍ସନ୍‌ରେ ଲେଖିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଜଣେ ମହିଳା ରାଷ୍ଟ୍ରୀୟ ପତାକା ପିନ୍ଧିଥିବାର ଏକ ବିବାଦୀୟ ଫଟୋ ମଧ୍ୟ ଅବିନାଶ ଶେୟାର କରିଥିବା ଖବର ପ୍ରକାଶ ପାଇଛି।

## ମଣିରତ୍ନମ ହସ୍ପିଟାଲରେ ଭର୍ତ୍ତି

**ଚେନ୍ନାଇ,୧୯।୭:** ଜ୍ୱର ହେବା କାରଣରୁ ଫିଲ୍ମ ନିର୍ମାତା ମଣି ରତ୍ନମ (୬୬)ଙ୍କୁ ମଙ୍ଗଳବାର ଚେନ୍ନାଇର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର କରୋନା ଟେଷ୍ଟ କରିବା ପରେ ରିପୋର୍ଟ ନେଗେଟିଭ୍ ଆସିଥିଲା। ତେବେ ପ୍ରାଥମିକ ଚିକିତ୍ସା ପରେ ମଣି ରତ୍ନମଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିବା ଜଣାପଡ଼ିଛି।





ବ୍ରିଟେନ୍‌ରେ ତାପମାତ୍ରା ମଙ୍ଗଳବାର ରେକର୍ଡ ଭାଙ୍ଗିଥିବାବେଳେ ଇଷ୍ଟ ଲଣ୍ଡନର ଓ୍ୱେନିଂଟନ୍‌ରେ ଥିବା ଏକ ଗ୍ରାମରେ ଜଙ୍ଗଲ ନିଆଁରେ କେତେକ ଘର ଜଳିଯାଇଛି।

# ବ୍ରିଟେନରେ ରେକର୍ଡ ଭାଙ୍ଗିଲା ତାପମାତ୍ରା

### ପ୍ରଥମ ଥର ପାଇଁ ୪୦ ଡିଗ୍ରୀ ଟପିଲା

### ନଦୀରେ ବୁଡ଼ି ୫ ମୃତ

ଲଣ୍ଡନ,୧୯।୭

ବ୍ରିଟେନରେ ଜାରି ରହିଥିବା ଗ୍ରୀଷ୍ମଲହର ଚଳିତ ବର୍ଷ ସବୁ ରେକର୍ଡ ଭାଙ୍ଗିଛି। ପ୍ରଥମ ଥର ପାଇଁ ଏହି ୟୁରୋପୀୟ ଦେଶରେ ତାପମାତ୍ରା ୪୦ଡିଗ୍ରୀ ଟପିଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀରେ ପହଞ୍ଚିଛି। ପୂର୍ବରୁ ୨୦୧୯ରେ ବ୍ରିଟେନରେ ସର୍ବାଧିକ ତାପମାତ୍ରା ୩୮.୭ ଡିଗ୍ରୀ ସେଲ୍‌ସିୟସ ରହିଥିଲା। ସେହିପରି ରାତି ତାପମାତ୍ରା ମଧ୍ୟ ସର୍ବକାଳୀନ ରେକର୍ଡ କରି ପାରଦ ୨୬ ଡିଗ୍ରୀ ସେଲ୍‌ସିୟସ୍‌କୁ ବଢ଼ିଛି। କେନ୍ଦ୍ର, ଉତ୍ତର ଏବଂ ଦକ୍ଷିଣ-ପୂର୍ବ ଇଂଲଣ୍ଡରେ ସ୍ଥାନୀୟ ପାଣିପାଗ ଅଫିସ୍ ପକ୍ଷରୁ ରେଡ୍ ଓ୍ୱାର୍ନିଂ ଜାରି ହୋଇଛି। ତାତିରୁ ନିସ୍ତାର ପାଇଁ ନଦୀ ଓ ହ୍ରଦରେ ବୁଡ଼ ମାରୁଥିବାବେଳେ ୫ ଜଣଙ୍କ ମୃତ୍ୟୁ ଘଟିଛି। ଶୀତରୁ ରକ୍ଷା ପାଇବା ପାଇଁ ଦେଶର ଭିତ୍ତିଭୂମିଗୁଡ଼ିକ ନିର୍ମାଣ ହୋଇଥିବାବେଳେ ତାତିରୁ ତ୍ରାହି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି।

ତାପମାତ୍ରା ବୃଦ୍ଧି ଯୋଗୁ ଦକ୍ଷିଣ ଇଂଲଣ୍ଡରେ କେତେକ ଜଙ୍ଗଲରେ ନିଆଁ ଲାଗିଯାଇଛି। ନିଆଁ ଲିଭା କାର୍ଯ୍ୟରେ ୧୫ଟି ଫାୟାର ଇଞ୍ଜିନ୍ ଏବଂ ଶତାଧିକ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଛନ୍ତି। ତେବେ ଜଙ୍ଗଲରୁ ନିଆଁ ଧାସ ଉଡି ପୂର୍ବ ଲଣ୍ଡନର ଓ୍ୱେନିଂଟନ୍‌ରେ ୫ଟି ଘର ଜଳିଯାଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସ୍କୁଲଗୁଡିକୁ ବନ୍ଦ କରିଦିଆଯାଇଛି। ତାପମାତ୍ରା ବୃଦ୍ଧି ପାଉଥିବାରୁ କର୍ମଚାରୀମାନେ କାର୍ଯ୍ୟାଳୟକୁ ନ ଯାଇ ଘରୁ କାର୍ଯ୍ୟ କରୁଥିବା ଜଣାପଡିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ଯେ ଆସନ୍ତା ଦିନଗୁଡିକରେ ତାପମାତ୍ରା ୪୩ ଡିଗ୍ରୀରୁ ଅତିକ୍ରମ କରିବ। ଜନସାଧାରଣ ସ୍ଥିତିକୁ ଦେଖି ପ୍ରତିଷେଧମୂଳକ ପଦକ୍ଷେପ ନେବା ପାଇଁ ଆଗୁଆ ସତର୍କ ସୂଚନା ଜାରି କରାଯାଇଛି।

# ଡିଏସ୍‌ପିଙ୍କୁ ଡମ୍ପର ଚଢ଼ାଇ ହତ୍ୟା

### ■ଗାଡ଼ି ମଡାଇଦେଲେ ଖଣି ମାଫିଆ
### ■ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର, ଜଣେ ଗିରଫ

ଗୁରୁଗ୍ରାମ,୧୯।୭

ହରିୟାଣାର ନୁହ ଜିଲା ପଚଗାଓଁରେ ମଙ୍ଗଳବାର ତାଉଡୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) ସୁରେନ୍ଦ୍ର ସିଂ ବିଷ୍ଣୋଇଙ୍କ ଉପରେ ଖଣି ମାଫିଆ ଟ୍ରକ୍ ଚଢ଼ାଇ ତାଙ୍କ ହତ୍ୟା କରିଛନ୍ତି। ବେଆଇନ ଖଣି କାରବାର ହେଉଥିବା ଖବରପାଇ ସେ ଏକ ଡମ୍ପରକୁ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ଚାଳକ ଜଣକ ସୁରେନ୍ଦ୍ରଙ୍କ ଉପରେ ଗାଡ଼ି ମଡ଼ାଇ ଦେଇଥିଲେ। ଏକ ଖୋଲା ଡଷ୍ଟବିନ୍‌ରୁ ତାଙ୍କ ମୃତଦେହ ମିଳିଥିଲା। ଡିଏସ୍‌ପିଙ୍କ ସହ ଥିବା ବନ୍ଧୁକଧାରୀ ସୁରକ୍ଷାକର୍ମୀ ଏବଂ ତାଙ୍କ ଡ୍ରାଇଭର କୌଶଳ କ୍ରମେ ବାହାରକୁ ଡେଇଁ ପଡ଼ିବାରୁ ବର୍ତ୍ତି ଯାଇଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଆଖପାଖ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ଘେରାଉ କରିଛି। ପ୍ରାୟ ୪ ଘଣ୍ଟା ଧରି ସର୍ଚ୍ଚ ଅପରେଶନ ପରେ ଖଣି ମାଫିଆଙ୍କ ସହ ମୁହାଁମୁହିଁ ହେବାବେଳେ ପୋଲିସ ସେମାନଙ୍କୁ ଏନ୍‌କାଉଣ୍ଟର କରିଛି। ଏଥିରେ ଡମ୍ପର କ୍ଲିନର ଇକ୍‌ରାର୍‌ଙ୍କ ଦେହରେ ଗୁଳି ବାଜିଥିବା ଜଣାପଡ଼ିଥିବାବେଳେ ତାଙ୍କୁ ଗିରଫ କରାଯାଇଥିବା ହରିୟାଣା ଡିଜିପି ପି.କେ. ଅଗ୍ରୱାଲ ସୂଚନା



ସୁରେନ୍ଦ୍ର ସିଂ ବିଷ୍ଣୋଇ

ଦେଇଛନ୍ତି। ଅନ୍ୟଜଣଙ୍କୁ ଧରିବା ପାଇଁ ଚଢ଼ାଉ ଜାରିଥିବା ସେ କହିଛନ୍ତି।

ଡିଏସ୍‌ପି ସୁରେନ୍ଦ୍ର ବେଆଇନ ଖଣି ଖନନ ଓ ପରିବହନ ହେଉଥିବା ସୂଚନା ପାଇ ତାଉଡୁ ନିକଟ ପଚଗାଓଁର ଆରାବଳୀ ପାହାଡ଼ରେ ଚଢ଼ାଉ କରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ୫୦ରେ ଡିଏସ୍‌ପି ଏକ ପଥର ବୋଝେଇ ଟ୍ରକ୍‌କୁ ସେଠାରେ ଦେଖିବାପରେ ଯାଞ୍ଚ ପାଇଁ ଗାଡ଼ିକୁ ଅଟକାଇବାକୁ କହିଥିଲେ। ପାଖରେ ଥିବା ପୋଲିସ ଗାଡ଼ିରେ ଡିଏସ୍‌ପିଙ୍କ ଚାଳକ ଏବଂ ଜଣେ ଗନ୍‌ମ୍ୟାନ ଥିଲେ। ହେଲେ ଟ୍ରକ୍ ଚାଳକ ନ ଅଟକି ଡିଏସ୍‌ପିଙ୍କ ଉପରେ ଗାଡ଼ି ଚଢ଼ାଇ ଖସିଯାଇଥିଲେ। ସୁରେନ୍ଦ୍ରଙ୍କୁ ସ୍ଥାନୀୟ ମେଡିକାଲକୁ ନିଆଯାଇଥିବାବେଳେ ତାଙ୍କର ମୃତ୍ୟୁ ଘଟିସାରିଥିବା ଡାକ୍ତର ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ଏହାକୁ ନିନ୍ଦା କରିବା ସହ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଡିଏସ୍‌ପିଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରି ପରିବାରକୁ ୧ କୋଟି ଟଙ୍କା ସହାୟତା ଏବଂ ଜଣକୁ ସରକାରୀ ଚାକିରି ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି ଗୃହମନ୍ତ୍ରୀ ଅନିଲ ବିଜ୍ ମଧ୍ୟ ଦୋଷୀଙ୍କୁ ଛଡ଼ା ଯିବନାହିଁ ବୋଲି କହିଛନ୍ତି। ଉଭୟ ଡମ୍ପର ଡ୍ରାଇଭର ଏବଂ କ୍ଲିନର ପଚଗାଓଁର ବୋଲି ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବହୁସଂଖ୍ୟାରେ ପୋଲିସ ଫୋର୍ସ୍ ସେଠାରେ ପହଞ୍ଚି ଆଖପାଖ ଗାଁକୁ ଘେରାଉ କରିଥିଲେ। ସେହି ସମୟରେ ଡ୍ରାଇଭର ଓ କ୍ଲିନର ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲା। ଗୋଟିଏ ଗୁଳି କ୍ଲିନର ଇକ୍‌ରାରଙ୍କ ଗୋଡ଼ରେ ବାଜିଥିବା ଜଣାପଡ଼ିଥିବାବେଳେ ତାଙ୍କୁ ଗିରଫ କରାଯାଇଛି। ଡମ୍ପରରେ ପ୍ରାୟ ୪ରୁ ୫ ଜଣ ଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଖବର ଲେଖା ହେବା ସୁଦ୍ଧା ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିଲା।

ଡିଏସ୍‌ପି ସୁରେନ୍ଦ୍ର ସିଂ ୧୯୯୪ରେ ହରିୟାଣା ପୋଲିସରେ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ଭାବେ ଯୋଗ ଦେଇଥିଲେ। ଆସନ୍ତା ଅକ୍ଟୋବରରେ ସେ ସେବାରୁ ଅବସର ନେଇଥାନ୍ତେ ବୋଲି ଜଣାପଡ଼ିଛି। ହିସାର ଜିଲା ସାରଙ୍ଗପୁର ଗ୍ରାମର ବାସିନ୍ଦା ସୁରେନ୍ଦ୍ର ସିଂ ପରିବାର ସହ କୁରୁକ୍ଷେତ୍ରରେ ରହୁଥିଲେ। ହରିୟାଣାରେ ବେଆଇନ ଖଣିଖନନ ଅଭିଯୋଗ ବଢ଼ି ଚାଲିଛି। କେବଳ ୨୦୧୫ରୁ ଅଦ୍ୟାବଧି ୫୦ରୁ ଊର୍ଦ୍ଧ୍ୱ ଏଭଳି ମାମଲା ରୁଜୁ ହୋଇଛି। ଅନେକ ସମୟରେ ଖଣିମାଫିଆ ଏବଂ ପୋଲିସ ମୁହାଁମୁହିଁ ହେଉଥିବାର ଖବର ସାମ୍ନାକୁ ଆସିଥାଏ।

## ‘ରାଜ୍ୟରେ ପୋଲିସ ବି ସୁରକ୍ଷିତ ନୁହନ୍ତି’

### ଖଟ୍ଟର ସରକାରଙ୍କୁ କଂଗ୍ରେସର ଟାର୍ଗେଟ

ଗୁରୁଗ୍ରାମ,୧୯।୭

ଡିଏସ୍‌ପି ସୁରେନ୍ଦ୍ର ସିଂ ବିଷ୍ଣୋଇଙ୍କ ଉପରେ ଖଣି ମାଫିଆମାନେ ଡମ୍ପର ମଡ଼ାଇ ହତ୍ୟା କରିବା ଘଟଣାରେ ହରିୟାଣାର ଭାଜପା ସରକାରଙ୍କୁ ବିରୋଧୀ ଘେରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ ବିଧାୟକ କି ଖୋଦ ପୋଲିସ ମଧ୍ୟ ସୁରକ୍ଷିତ ନୁହନ୍ତି। ଏପରିସ୍ଥିତିରେ ସାଧାରଣ ଜନତାଙ୍କ ଅବସ୍ଥା କ’ଣ ହେବ ବୋଲି ହରିୟାଣା କଂଗ୍ରେସ ପକ୍ଷରୁ ଟୁଇଟ୍ କରାଯାଇଛି। କଂଗ୍ରେସ ରାଷ୍ଟ୍ରୀୟ ମହାସଚିବ ରଣଦୀପ ସୂର୍ଯ୍ୟେଓ୍ୱାଲା ଘଟଣାର ନ୍ୟାୟିକ ତଦନ୍ତ ଦାବି କରିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି କିମ୍ବା ସିଟିଂ ଜଜ୍‌ଙ୍କ ନେତୃତ୍ୱରେ ଏହାର ଯାଞ୍ଚ କରାଯାଉ ବୋଲି ସେ କହିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି(ଏଏପି) ମୁଖ୍ୟ ଅରବିନ୍ଦ କେଜ୍‌ରିଓ୍ୱାଲ ମଧ୍ୟ ଖଟ୍ଟର ସରକାରଙ୍କୁ



ରଣଦୀପ ସୂର୍ଯ୍ୟେଓ୍ୱାଲା

ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଜଣେ ପୋଲିସ ଅଫିସରଙ୍କ ହତ୍ୟା ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ବିଫଳତାକୁ ଦର୍ଶାଉଛନ୍ତି। ଯେଉଁଠି ପୋଲିସ ସୁରକ୍ଷିତ ନୁହେଁ ସେଠାରେ ଲୋକେ କିପରି ନିର୍ଭୟରେ ରହିବେ ବୋଲି କେଜ୍‌ରିଓ୍ୱାଲ ପ୍ରଶ୍ନ କରିଛନ୍ତି।

## ନୂପୁର ଶର୍ମାଙ୍କ ଗିରଫଦାରି ଉପରେ ରୋକ

ନୂଆଦିଲ୍ଲୀ,୧୯।୭

ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଭାଜପାରୁ ନିଲମ୍ବିତ ହୋଇଥିବା ଦଳର ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କୁ ସୁପ୍ରିମକୋର୍ଟ ଅନ୍ତରୀଣ ସୁରକ୍ଷା ଯୋଗାଇଛନ୍ତି। ବିଭିନ୍ନ ସ୍ଥାନରେ ହୋଇଥିବା ମାମଲାରେ ନୂପୁରଙ୍କ ବିରୋଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ସର୍ବୋଚ୍ଚ ଅଦାଲତ କହିବା ସହ ଅଗଷ୍ଟ ୧୦ ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କୁ ଗିରଫ ନ କରିବାକୁ ଦିଲ୍ଲୀ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଆଦି ରାଜ୍ୟଗୁଡ଼ିକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜେ. ବି. ପର୍ଦିଓ୍ୱାଲାଙ୍କ ଖଣ୍ଡପୀଠ ନୋଟିସ୍ ଜାରି କରିଛନ୍ତି।



ନୂପୁରଙ୍କୁ ହତ୍ୟା ପାଇଁ ପାକିସ୍ତାନ ପଟୁ ହୋଇଥିବା ଯୋଜନାକୁ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍) ପଣ୍ଡ କରିଛି। ଅଭିଯୁକ୍ତ ହେଲେ ୨୪ ବର୍ଷୀୟ ପାକିସ୍ତାନ ନାଗରିକ ରିଜଓ୍ୱାନ ଅଶ୍ରଫ୍ ତାଙ୍କୁ ଭାରତ-ପାକ୍ ସୀମା ନିକଟ ରାଜସ୍ଥାନର ଶ୍ରୀଗଙ୍ଗନଗର ଜିଲାରୁ ଗିରଫ କରାଯାଇଛି।

## ଇରାନ୍‌ରେ ପୁଟିନ୍

### ୟୁକ୍ରେନ ଯୁଦ୍ଧ ପରେ ପ୍ରଥମ ବିଦେଶ ଯାତ୍ରା

ତେହରାନ, ୧୯।୭

ଇରାନ୍ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମନେଇଙ୍କୁ ଭେଟିବା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମଙ୍ଗଳବାର ତେହରାନରେ ପହଞ୍ଚିଛନ୍ତି। ୟୁକ୍ରେନ୍ ସହ ଯୁଦ୍ଧ ହେବା ପରେ ପୁଟିନ୍‌ଙ୍କର ଏହା ପ୍ରଥମ ବିଦେଶ ଗସ୍ତ। ତେହରାନରେ ପୁଟିନ୍ ପ୍ରଥମ ଥର ଲାଗି ସାମ୍ନା ସାମ୍ନି ଆଲୋଚନାରେ ଭାଗ ନେବେ। କୃଷ୍ଣସାଗର ଦେଇ ଖାଦ୍ୟ ସାମଗ୍ରୀ ରପ୍ତାନୀ ପୁଣି ଆରମ୍ଭ କରିବା ସହ ସିରିଆରେ ଶାନ୍ତି ସ୍ଥାପନ ଦିଗରେ ଦୁଇ ରାଷ୍ଟ୍ର ମୁଖ୍ୟଙ୍କ ମଧ୍ୟରେ ଆଲୋଚନା ହେବ। ଏହା ପୂର୍ବରୁ ପୁଟିନ୍ ଇରାନ ପ୍ରତିପକ୍ଷ ଇବ୍ରାହିମ୍ ରଇସିଙ୍କୁ ତେହେରାନର ସଦାବାଦ୍ ପ୍ୟାଲେସରେ ସାକ୍ଷାତ କରିଛନ୍ତି।



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ (ବାମ) ଇରାନ ପ୍ରତିପକ୍ଷ ଇବ୍ରାହିମ୍ ରଇସିଙ୍କୁ ତେହେରାନର ସଦାବାଦ୍ ପ୍ୟାଲେସରେ ସାକ୍ଷାତ କରୁଛନ୍ତି।

# ବିରୋଧୀଙ୍କ ହଟ୍ଟଗୋଳ: ଗୃହ ମୁଲତବୀ

ନୂଆଦିଲ୍ଲୀ,୧୯।୭

ପାର୍ଲାମେଣ୍ଟର ମୋସୁମୀ ଅଧିବେଶନର ଦ୍ୱିତୀୟ ଦିନ ଅର୍ଥାତ ମଙ୍ଗଳବାର ମଧ ଦରଦାମ ବୃଦ୍ଧି, ବେରୋଜଗାରୀ, ଅଗ୍ନିପଥ ଯୋଜନା ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଫଳରେ ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାକୁ ବୁଧବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଲୋକ ସଭା ଅଧିବେଶନ ଆରମ୍ଭ ହେବା କ୍ଷଣି ବିରୋଧୀ କଂଗ୍ରେସ ସମେତ ଅନ୍ୟ ଦଳଗୁଡ଼ିକ ହୋହଲ୍ଲା କରିଥିଲେ। ଫଳରେ ଗୃହ ଚାଲିପାରି ନ ଥିଲା। ବାଚସ୍ପତି ଓମ୍ ବିର୍ଲା ଲୋକ ସଭାକୁ ବୁଧବାର ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ଏହାପୂର୍ବରୁ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳର ସଦସ୍ୟମାନେ ପାର୍ଲାମେଣ୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ





ଖାଦ୍ୟ ସାମଗ୍ରୀ ଉପରେ କେନ୍ଦ୍ରର ଜିଏସ୍‌ଟି ବୃଦ୍ଧି ନିଷ୍ପତ୍ତିକୁ ବିରୋଧ କରି ପାର୍ଲାମେଣ୍ଟ ପରିସରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ତଳେ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଓ ବିରୋଧି ନେତାମାନେ ବିକ୍ଷୋଭ କରୁଛନ୍ତି।

ଧାରଣା ଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ସେହିପରି ରାଜ୍ୟ ସଭାରେ ମଧ ବିରୋଧୀ ଦରଦାମ ବୃଦ୍ଧି, ଖାଦ୍ୟ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ, ଏମ୍‌ଏସ୍‌ପି ଓ ଅନ୍ୟ ପ୍ରସଙ୍ଗରେ ଆଲୋଚନା ଦାବି କରି ବିକ୍ଷୋଭ କରିଥିଲେ। ତେଣୁ ବୁଧବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରାଜ୍ୟ ସଭା କାର୍ଯ୍ୟ ସ୍ଥଗିତ ରଖାଯାଇଛି।

## ଏମ୍‌ଏସ୍‌ପି ଗ୍ୟାରେଣ୍ଟି ପ୍ରତିଶ୍ରୁତି ଦେଇନାହାନ୍ତି ସରକାର: ତୋମାର

**ନୂଆଦିଲ୍ଲୀ,୧୯।୭:** କୃଷକ ସଙ୍ଗଠନ ସଂଯୁକ୍ତ କିଷାନ ମୋର୍ଚ୍ଚା(ଏସ୍‌କେଏମ୍)କୁ କେନ୍ଦ୍ର ସରକାର ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ନିମନ୍ତେ କମିଟି ଗଠନର ପ୍ରତିଶ୍ରୁତି ଦେଇ ନ ଥିଲେ ବୋଲି କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ମଙ୍ଗଳବାର ଲୋକ ସଭାରେ କହିଛନ୍ତି। କୃଷି ଆଇନ ପ୍ରତ୍ୟାହାର ପାଇଁ ୨୦୨୧ରେ ଏସ୍‌କେଏମ୍ ନେତୃତ୍ୱରେ ହଜାର ହଜାର କୃଷକ ଗତ ବର୍ଷ ଦିଲ୍ଲୀ ସୀମାରେ ପ୍ରାୟ ବର୍ଷେ ଧରି ଆନ୍ଦୋଳନ ଚଲାଇବା ପରେ କେନ୍ଦ୍ର ସରକାର ବିବାଦୀୟ ୩ କୃଷି ଆଇନକୁ ଗତ ନଭେମ୍ବରରେ ପ୍ରତ୍ୟାହାର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷି ଆଇନ ଫେରାଇନେବା ବାବଦରେ ଘୋଷଣା କରିବା ସହ



ନରେନ୍ଦ୍ର ସିଂ ତୋମାର

ଏମ୍‌ଏସ୍‌ପି ଉପରେ ଗ୍ୟାରେଣ୍ଟି ପାଇଁ ଏକ କମିଟି ଗଠନ କରାଯିବ ବୋଲି କହିଥିଲେ। ଏମ୍‌ଏସ୍‌ପିକୁ ଅଧିକ ପ୍ରଭାବୀ ଓ ପାରଦର୍ଶୀ କରିବା ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଫସଲ ଢାଞ୍ଚାରେ ପରିବର୍ତ୍ତନ ଆଣିବା ପାଇଁ ଏକ କମିଟି ଗଠନ କରିବାକୁ ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଥିଲେ ବୋଲି ତୋମାର ସୂଚନା ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୮୯,୮୭,୭୧୮ | ୬୩,୮୯,୯୭୨ | ୫୪,୦୧,୯୯,୫୮୬ |
| ଭାରତ | ୪,୩୭,୮୩,୦୬୨ | ୫,୨୫,୭୮୫ | ୪,୩୧,୧୩,୬୨୩ |
| ଓଡ଼ିଶା | ୧୩,୦୦,୮୭୩ | ୯୧୩୦(+୫୩) | ୧୨,୮୬,୧୧୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ହାତୀ ଆକ୍ରମଣ: ୩ବର୍ଷରେ ୧,୫୭୮ ଜଣଙ୍କ ମୃତ୍ୟୁ

## ଓଡ଼ିଶାରେ ସର୍ବାଧିକ ୩୨୨

ଭୁବନେଶ୍ୱର, ୧୯।୭(ବ୍ୟୁରୋ)



ହାତୀ ଆକ୍ରମଣରେ ଗତ ତିନିବର୍ଷରେ ଦେଶରେ ୧,୫୭୮ ଲୋକଙ୍କ ମୃତ୍ୟୁ ଘଟିଛି। ଏଥିରେ ଓଡ଼ିଶାରେ ସର୍ବାଧିକ ୩୨୨ଜଣଙ୍କ ଜୀବନ ଯାଇଥିବା କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ ସୂଚନା ଦେଇଛନ୍ତି। ମଙ୍ଗଳବାର ଲୋକସଭାରେ ମନ୍ତ୍ରୀ ଏହି ତଥ୍ୟ ରଖିବା ସହ କହିଛନ୍ତି, ହାତୀ ଆକ୍ରମଣରେ ୨୦୧୯-୨୦ରେ ୫୮୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୦-୨୧ରେ ୪୬୧ ଓ ୨୦୨୧-୨୨ରେ ୫୩୨ଜଣଙ୍କ ଜୀବନ ଯାଇଛି। ତେବେ ଓଡ଼ିଶାରେ ସର୍ବାଧିକ ୩୨୨ଜଣ ମୃତକଙ୍କ ମଧ୍ୟରେ ୨୦୧୯ରେ ୧୧୭, ୨୦୨୦ରେ ୯୩ ଏବଂ ୨୦୨୧ରେ ୧୧୨ଜଣଙ୍କ ମୃତ୍ୟୁ ହୋଇଛି। ଓଡ଼ିଶା ପରେ ଝାଡ଼ଖଣ୍ଡ ରହିଛି। ଏଠାରେ ୨୯୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପଶ୍ଚିମବଙ୍ଗରେ ୨୪୦, ଆସାମରେ ୨୨୯, ଛତିଶଗଡ଼ରେ ୧୮୩, ତାମିଲନାଡୁରେ ୧୩୨, କର୍ଣ୍ଣାଟକରେ ୬୯, କେରଳ ୫୭, ମେଘାଳୟ ୧୨ ଓ ଆନ୍ଧ୍ରପ୍ରଦେଶରେ ୧୦ଜଣଙ୍କ ମୃତ୍ୟୁ ହୋଇଛି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ କହିଥିଲେ, ବନ୍ୟପ୍ରାଣୀ ପରିଚାଳନା ଏବଂ ହାତୀ-ମଣିଷ ଲଢ଼େଇରେ ରୋକ ଲଗାଇବା ପ୍ରତ୍ୟେକ ରାଜ୍ୟ ସରକାରଙ୍କ ଦାୟିତ୍ୱ। ହାତୀ ଆକ୍ରମଣରେ ମୃତ୍ୟୁ ସହ ହାତୀ ଶିକାର ରୋକିବା ପାଇଁ ରାଜ୍ୟଗୁଡ଼ିକ ପଦକ୍ଷେପ ନେବା ଉଚିତ। ହାତୀ ଆକ୍ରମଣରେ ଯେଉଁ ଲୋକଙ୍କର ମୃତ୍ୟୁ ଘଟୁଛି ଓ ଯେଉଁମାନଙ୍କର ଫସଲ କିମ୍ବା ଅନ୍ୟାନ୍ୟ ସମ୍ପତ୍ତି ନଷ୍ଟ ହେଉଛି, ଉକ୍ତ ଧନଜୀବନର କ୍ଷୟକ୍ଷତି ନିମନ୍ତେ ଅନୁକମ୍ପା ରାଶି ପ୍ରଦାନ କରାଯାଉଛି। ସେହିପରି ୨୦୧୭ରେ କେନ୍ଦ୍ର ସରକାର ହାତୀ-ମଣିଷ ଲଢ଼େଇ ପରିଚାଳନା ପାଇଁ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିଲେ। ଗତ ଏପ୍ରିଲ ମାସରେ ସମ୍ମୁଖ କର୍ମଚାରୀଙ୍କ ପାଇଁ ଫିଲ୍ଡ ମାନୁଆଲ ଲାଗୁ କରାଯାଇଥିଲା।






# ୪ ଅଭିଯୁକ୍ତ କୋର୍ଟ ଚାଲାଣ

## ଆଶ୍ରୟ ଦେଇ ନାବାଳିକାଙ୍କୁ ବଳାତ୍କାର ଘଟଣା

କଳିଙ୍ଗନଗର,୧୯।୭(ଡି.ଏନ.ଏ)

ଆଶ୍ରୟ ଦେଇ ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଯାଜପୁର ଜିଲା କଳିଙ୍ଗନଗର ଥାନା ପୋଲିସ ମଙ୍ଗଳବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଯାଜପୁର ଜିଲା କଳିଙ୍ଗନଗର ଥାନା ଝୁମ୍ପାଣ ଗ୍ରାମର ରିଙ୍କୁ ଓରଫ ରଞ୍ଜିତ ମହାନ୍ତ (୩୦), ବିଶ୍ୱଜିତ ମହାନ୍ତ(୨୯), ବିଳାସ ମହାନ୍ତ(୨୭), ଖରଖାଇର ରବି ବେହେରା (୨୦)। ଜଣେ ୧୬ ବର୍ଷ ବୟସ୍କ ନାବାଳକଙ୍କୁ ମଧ୍ୟ ଧରାଯାଇଛି। ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯାଇଛି। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ହୋମ୍‌କୁ ପଠାଯାଇଛି। କଳିଙ୍ଗନଗର ଥାନାରେ ଏନେଇ ଦଫା ୩୭୬ (ଡି.ଏ)୩୧୫ ଆଇପିସି/୬ ପୋକ୍ସୋ ଆକ୍ଟ ଆର/ଡବ୍ଲୁ ସେକ୍ସନ ୩(୧)(ଡବ୍ଲୁ)/୩(୨)(ଭି) ଏସ ସି/ଏସ ଟି (ପି ଓ ଏ) ଆକ୍ଟରେ ଏକ ମାମଲା ରୁଜୁ ହୋଇଛି।

ସୂଚନା ଅନୁଯାୟୀ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ତିଲଝରି ଗ୍ରାମର ୨ ଭାଇ ଭଉଣୀ ଟାଟା ଖଣି ଅଞ୍ଚଳରେ ବିବାହ କରିଥିବା ତାଙ୍କ ବଡ ଭଉଣୀଙ୍କ ଘରକୁ ଯିବା ପାଇଁ ରବିବାର ସନ୍ଧ୍ୟାରେ ଡୁବୁରୀ ଛକରେ ଗାଡ଼ି ଧରିବାକୁ ଅପେକ୍ଷା କରିଥିଲେ। ଡୁହାକୁଡୁହା ପ୍ରବଳ ବର୍ଷା ହେଉଥିବାରୁ ଖଣି ଅଞ୍ଚଳକୁ ସେମାନେ ଗାଡ଼ି ପାଇ ନ ଥିଲେ। ଶେଷରେ ଚାଲିଚାଲି ଯିବାକୁ ବାହାରିଥିବାବେଳେ ପଛରୁ ସେମାନଙ୍କୁ ଉପରୋକ୍ତ ୫ ଅଭିଯୁକ୍ତ ପିଛା କରିଥିଲେ। ଭାଇ ଭଉଣୀଙ୍କୁ ଆଶ୍ରୟ ଦେବାକୁ କହି ଝୁମ୍ପାଣ ପ୍ରକଳ୍ପ ପ୍ରାଥମିକ ସ୍କୁଲକୁ ସେମାନେ ଡାକି ନେଇଥିଲେ । ପରେ ପ୍ରାୟ ରାତି ୧୦ଟା ବେଳେ ଉକ୍ତ ଯୁବକମାନେ ସେଠାରେ ପହଞ୍ଚି ନାବାଳିକାଙ୍କ ଭାଇଙ୍କୁ ସେଠାରେ ନିସ୍ତୁକ ମାଡ଼ ମାରି ତଡି ଦେଇଥିଲେ । ପରେ ନାବାଳିକାଙ୍କୁ ଛାତ ଉପରକୁ ଟେକି ନେଇ ବଳାତ୍କାର କରିଥିଲେ। ପ୍ରଥମ ଥର ବଳାତ୍କାର ଶିକାର ହେବା ପରେ ନାବାଳିକା ଜଣକ ସେଠାରୁ ଖସିଯିବାକୁ ଉଦ୍ୟମ କରି ଶିଡି ଉପରୁ ତଳକୁ ଡେଇଁ ପଡିଥିଲେ । ସେଠାରୁ ପୂର୍ବରୁ ଖସିଯାଇଥିବା ନାବାଳିକାଙ୍କ ଭାଇ ପାଖ ଗ୍ରାମବାସୀଙ୍କୁ ଏ କଥା ଜଣାଇଥିଲେ। ଗ୍ରାମବାସୀଙ୍କଠାରୁ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ନାବାଳିକାଙ୍କୁ ଏକ ଝାଟି ଜଙ୍ଗଲରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଟାଟା ମେଡିକା ହସ୍ପିଟାଲ ଭର୍ତ୍ତି କରାଯାଇଥିଲା।








# ୧୦୦% ସିଲାବସ୍‌ରେ ହେବ ଯୁକ୍ତ୨ ପରୀକ୍ଷା

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

ଚଳିତ ଶିକ୍ଷାବର୍ଷ ୨୦୨୨-୨୩ରୁ ଶତପ୍ରତିଶତ ପାଠ୍ୟକ୍ରମକୁ ନେଇ ଯୁକ୍ତ୨ ପାଠପଢ଼ା ଓ ପରୀକ୍ଷା କରାଯିବ। ଏନେଇ ମଙ୍ଗଳବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୩ରେ ପରୀକ୍ଷା ଦେବାକୁ ଥିବା ପିଲାମାନେ ଶତପ୍ରତିଶତ ସିଲାବସ୍ ପଢ଼ିବେ। ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ଉପରେ ଏହା ସମ୍ପୂର୍ଣ୍ଣ ଲାଗୁ ହେବ। ତେବେ ୨୦୨୨ରେ ଫେଲ୍ ପିଲା ପୁରୁଣା ସିଲାବସ୍‌ରେ ଆସନ୍ତା ବର୍ଷ ପରୀକ୍ଷା ଦେବେ। ଏଥିସହ ଆଗକୁ ମଧ୍ୟ ଛାତ୍ରୀଛାତ୍ରମାନେ ପୂରା ସିଲାବସ୍ ଉପରେ ପାଠପଢ଼ି ପରୀକ୍ଷା ଦେବେ। ସୂଚନାଯୋଗ୍ୟ, କରୋନା ପାଇଁ ଗତ ଶିକ୍ଷାବର୍ଷରେ ୩୦ପ୍ରତିଶତ ପାଠ୍ୟକ୍ରମ ହ୍ରାସ କରାଯାଇଥିଲା।

## ଆଜିଠାରୁ ନାମଲେଖା ପାଇଁ ଆବେଦନ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ନାମଲେଖା ପାଇଁ ବୁଧବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଛାତ୍ରୀଛାତ୍ରମାନେ ସାମ୍ସ ପୋର୍ଟାଲ www.samsodisha.gov.inରେ ଅଗଷ୍ଟ ୧୦ ତାରିଖ ରାତି ୧୧ଟା ୪୫ ସୁଦ୍ଧା ଆବେଦନ କରିପାରିବେ। ଅଗଷ୍ଟ ୧୭ରେ ପ୍ରଥମ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ରମାନେ ୧୯ରୁ ୨୫ ତାରିଖ ସନ୍ଧ୍ୟା ୬ଟା ମଧ୍ୟରେ ନାମ ଲେଖାଇବେ। ସେପ୍ଟେମ୍ବର ୨ରେ ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ୫ରୁ ୭ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ନାମଲେଖାଇବେ। ତେବେ ସିଟ୍ ଖାଲି ରହିଲେ, ୧୩ ତାରିଖରେ ସ୍ପଟ୍ ସିଲେକ୍ସନ ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ ୧୩ରୁ ୧୪ ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ପାଇଁ ଉକ୍ତ ଉଚ୍ଚ ମାଧ୍ୟମିକ ସ୍କୁଲରେ ପଞ୍ଜୀକରଣ କରିବେ। ୧୫ ତାରିଖ ପୂର୍ବାହ୍ନ ୧୧ଟାରେ ଚୂଡ଼ାନ୍ତ ସ୍ପଟ୍ ତାଲିକା ପ୍ରକାଶ ପାଇବ। ୧୫ରୁ ୧୬ ତାରିଖ ସନ୍ଧ୍ୟା ୫ଟାରେ ସ୍ପଟ୍ ନାମଲେଖା ହେବ।

# ଜୀବବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକଙ୍କ ପରଲୋକ

ଭୁବନେଶ୍ୱର,(ବ୍ୟୁରୋ)/ ଧର୍ମଶାଳା, ୧୯।୭ (ଡି.ଏନ୍.ଏ.)

- ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ
- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ

ଜୀବବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍‌ଏସ୍) ନିର୍ଦ୍ଦେଶକ ପଦ୍ମଶ୍ରୀ ଡ. ଅଜୟ ପରିଡ଼ାଙ୍କ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ଆସାମର ଗୁଆହାଟୀଠାରେ ହେବାକୁ ଥିବା ଏକ କନ୍‌ଫରେନ୍ସରେ ଯୋଗଦେବାକୁ ଯାଇଥିଲେ। କନ୍‌ଫରେନ୍ସ ପୂର୍ବରୁ ସକାଳେ ରହୁଥିବା ହୋଟେଲ ରୁମ୍‌ରୁ ଡ. ପରିଡ଼ାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ଡ. ପରିଡ଼ାଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକପ୍ରକାଶ କରିବା ସହି ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱର୍ଗତ ପରିଡ଼ା ଜାତୀୟସ୍ତରରେ ଜଣେ ଉଚ୍ଚକୋଟୀର ବୈଜ୍ଞାନିକ ଥିଲେ। ଗବେଷଣା କ୍ଷେତ୍ରରେ ଓଡ଼ିଶାର ଜୀବବିଜ୍ଞାନ ପ୍ରତିଷ୍ଠାନକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ମିଳିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କରୋନା ସମୟରେ ଡ. ପରିଡ଼ା ଓ ଜୀବ ବିଜ୍ଞାନ ପ୍ରତିଷ୍ଠାନ ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ସହାୟତା ଯୋଗାଇ ଦେଇଥିଲେ। ତାଙ୍କ ବିୟୋଗରେ ଦେଶ ଜଣେ ବିଶିଷ୍ଟ ବୈଜ୍ଞାନିକଙ୍କ ହରାଇଲା। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଡ. ପରିଡ଼ା ଯାଜପୁର ଜିଲା ଧର୍ମଶାଳା ବ୍ଲକ କୋତପୁର ପଞ୍ଚାୟତ ଭଗବାନପୁରରେ ୧୯୬୩ରେ ଜନ୍ମ ଗ୍ରହଣ କରିଥିଲେ। ବିଜ୍ଞାନ ଓ କୃଷି କ୍ଷେତ୍ରକୁ ଅତୁଳନୀୟ ଅବଦାନ ନିମନ୍ତେ ୨୦୧୪ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କ୍ୟାରିଅରର ପ୍ରଥମ ପର୍ଯ୍ୟାୟରେ କୃଷି ଉପରେ ଗବେଷଣା କରିଥିଲେ। ପାଣିପାଗ ପରିବର୍ତ୍ତନ ସଂକ୍ରାନ୍ତ ନୂଆ ଗବେଷଣାତ୍ମକ ତଥ୍ୟ ଭାରତୀୟ କୃଷି ଓ କୃଷକଙ୍କ ପାଇଁ ବେଶ୍ ଉପଯୋଗୀ ହୋଇଥିଲା। ୨୦୦୯ର ୨୦୧୭ ପର୍ଯ୍ୟନ୍ତ ଚେନ୍ନାଇସ୍ଥିତ ଏମ୍‌ଏସ୍ ସ୍ୱାମୀନାଥନ ଗବେଷଣା ଫାଉଣ୍ଡେଶନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିଲେ। ଏଥିସହ ଭୁବନେଶ୍ୱରରେ ଆଇଏଲ୍‌ଏସ୍ କାର୍ଯ୍ୟକରିବାଠାରୁ ସେ ନିର୍ଦ୍ଦେଶକ ଭାର ସମ୍ଭାଳି ଆସୁଥିଲେ। ବିଶେଷକରି କରୋନା ସମୟରେ ବହୁ ଉପାଦେୟ ଉପଦେଶ ଦେଇ ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ପାଇଥିଲେ। କରୋନାର ଜଟିଳ ସ୍ଥିତି ଜାରି ରହିଥିବାବେଳେ ସେ ନିଜ ଜୀବନକୁ ବିପଦରେ ପକାଇ ଜିନୋମ ସିକ୍ୱେନ୍ସିଂ ସହ ବିଭିନ୍ନ ଭାରିଆଣ୍ଟ ଉପରେ ଗବେଷଣା ଚଳାଇଥିଲେ। ତେବେ ଗବେଷଣା ସମୟରେ ନିଜେ ମଧ୍ୟ କରୋନାରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡିଥିଲେ। କରୋନାକୁ ହରାଇବା ସହ ଲଢ଼େଇ ପାଇଁ ଲକ୍ଷଲକ୍ଷ ଜନତାଙ୍କ ଶକ୍ତି ଯୋଗାଉଥିବା ଏହି ମହାନ୍ ମଣିଷ ଆଜି କିନ୍ତୁ ସବୁଦିନ ପାଇଁ ଆଖି ବୁଜିଛନ୍ତି। ବୁଧବାର ତାଙ୍କ ମରଶରୀର ଗ୍ରାମକୁ ଅଣାଯାଇ ଶେଷକୃତ୍ୟ କରାଯିବ ବୋଲି ତାଙ୍କ ସାନଭାଇ ଅମିୟ କୁମାର ପରିଡ଼ା ସୂଚନା ଦେଇଛନ୍ତି।


ପଦ୍ମଶ୍ରୀ ଡ. ଅଜୟ ପରିଡ଼ା

# ରାଜ୍ୟରେ ୧୩ ଲକ୍ଷ ଟପିଲା ସଂକ୍ରମଣ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୧୩ଲକ୍ଷ ଟପିଛି। ସୋମବାର ରାଜ୍ୟରେ ୮୧୬ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଶେଷ ୨୪ ଘଣ୍ଟା ମଧ୍ୟରେ ୯୪୫ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୫୩୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୩୯୨ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏଥିମଧ୍ୟରେ ୧୧୦ ଜଣ ୧୮ ବର୍ଷରୁ କମ୍ ବୟସର ଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୭୧ ଜଣ ଅଛନ୍ତି। ସେହିଭଳି ସୁନ୍ଦରଗଡ଼ରୁ ୧୦୩ , କଟକରୁ ୭୫, ସମ୍ବଲପୁରରୁ ୫୩, ସୋନପୁରରୁ ୩୭, ମୟୂରଭଞ୍ଜରୁ ୩୨, ନୟାଗଡ଼ରୁ ୨୭, ଅନୁଗୋଳରୁ ୨୨, ପୁରୀରୁ ୨୦, କଳାହାଣ୍ଡିରୁ ୧୮, ରାୟଗଡ଼ାରୁ ୧୫, ଜଗତ୍‌ସିଂହପୁରରୁ ୧୪, ଯାଜପୁରରୁ ୧୩, ବଲାଙ୍ଗୀର ଓ ବୌଦ୍ଧରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବାକି ସବୁ ଜିଲାରୁ ସଂକ୍ରମିତ ସଂଖ୍ୟା ୧୦ତଳକୁ ରହିଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୧୩,୦୦,୮୭୩ରେ ପହଞ୍ଚିଛି।






# ପୋଲିସକୁ ଗୋଡ଼ାଇ ଗୋଡ଼ାଇ ପିଟିଲେ

## ମୃତ ମହିଳାଙ୍କ ସ୍ୱାମୀଙ୍କୁ ଥାନାକୁ ଆଣିବାବେଳେ ଉତ୍ତେଜନା

ଡାବୁଗାଁ, ୧୯।୭ (ଡି.ଏନ୍.ଏ.)

ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ପାଇଁ ଯାଇଥିବା ପୋଲିସ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଛି। ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଉଠାଇ ଆଣିବାବେଳେ ଉତ୍ୟକ୍ତ ଲୋକେ ଅଭିଯୁକ୍ତ ସହ ପୋଲିସକୁ ଆକ୍ରମଣ କରିଛନ୍ତି। ଅଭିଯୁକ୍ତଙ୍କୁ ଗାଡ଼ିରେ ବସାଇ ଆଣିବାବେଳେ ଉତ୍ୟକ୍ତ ଲୋକେ ପୋଲିସକୁ ଗୋଡ଼ାଇ ଗୋଡ଼ାଇ ପିଟିବା ଭଳି ଦୃଶ୍ୟ ମଙ୍ଗଳବାର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଝରିଗୁଡ଼ା ଗାଁରେ ଦେଖିବାକୁ ମିଳିଛି। ଡାବୁଗାଁ ଥାନା ପୂଜାରିଗୁଡା ଲଛମୀ ପନକାଙ୍କ ଝିଅ ଭଦ୍ରିକା ପନକା(୨୪) ଝରିଗୁଡ଼ା ଗ୍ରାମର ସୁଶୀଲ ନାଗଙ୍କ ସହ ୩ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ସୋମବାର ସନ୍ଧ୍ୟାରେ ଭଦ୍ରିକାଙ୍କ ଦୁର୍ଘଟଣା ଖବରପାଇ ତାଙ୍କ ବାପା ସୁଶୀଲଙ୍କ ଘରକୁ ଆସିଥିଲେ। ସେଠାରେ ଭଦ୍ରିକାଙ୍କ ଝୁଲନ୍ତା ମୃତଦେହ ସେ ଦେଖିଥିଲେ। ମଙ୍ଗଳବାର ସକାଳେ ଲଛମୀ ଡାବୁଗାଁ ଥାନାରେ ଝିଅକୁ ହତ୍ୟା କରାଯାଇଥିବା ନେଇ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା, ସବ୍‌ଇନ୍ସପେକ୍ଟର କୁଳଭୂଷଣ ନାୟକ ଓ ମେନକା ସା, ଏଏସ୍‌ଆଇ ଶିଶିରକାନ୍ତ ଘୋଷ ଓ ବିଜୟ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ଝରିଗାଁ ତହସିଲଦାର ହୃଷୀକେଶ ଗଣ୍ଡ ପହଞ୍ଚି ମୃତଦେହ ପଞ୍ଚନାମା କରିଥିଲେ। ଉମରକୋଟ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୁଶୀଲଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ମୃତଦେହ ଛାଡିବୁ ନାହିଁ ବୋଲି ଭଦ୍ରିକାଙ୍କ ବାପଘର ଲୋକେ ଦାବି କରିଥିଲେ। ପୋଲିସ ସୁଶୀଲଙ୍କୁ ଉଦ୍ଧାରକରି ଥାନାକୁ ଆଣିବା ବେଳେ ଉତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କୁ ମାରଧର ଆରମ୍ଭ କରିଥିଲା। ପୋଲିସ ଏହାକୁ ଅଟକାଇବାରୁ ଉତ୍ୟକ୍ତ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଉତ୍ୟକ୍ତ ଲୋକେ ପୋଲିସକୁ ଗୋଡାଇ ମାଡ଼ ମାରିଥିଲେ। ପୋଲିସ ପ୍ରଥମେ ଅଭିଯୁକ୍ତଙ୍କୁ ପଠାଇ ଦେଇଥିଲେ। ଏହାପରେ କୌଶଳକ୍ରମେ ଘଟଣାସ୍ଥଳରୁ ଥାନାକୁ ଆସିଥିଲେ। ପରେ ଥାନାଧିକାରୀ ଓ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ସନ୍ଧ୍ୟାରେ ମୃତଦେହ ଜବତ କରିଛନ୍ତି। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଛି। ଏନେଇ ଥାନା କେସ୍ ନଂ. ୧୧୯/୨୨ରେ ଏକ ମାମଲା ରୁଜୁ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: .............................


ପ୍ରତୀକ
ପରିବାରବର୍ଗ


ଧର୍ମେନ୍ଦ୍ର
ପରିବାରବର୍ଗ


ସଂହତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ୨୦ ଲକ୍ଷରେ...

ସେମାନେ ପରୀକ୍ଷାର୍ଥୀଙ୍କ ବଦଳରେ ଏନ୍‌ଇଇଟିରେ ଉତ୍ତର ଲେଖି ପ୍ରାୟ ୫ ଲକ୍ଷ ଟଙ୍କା ପାଉଥିବା ଜଣାପଡ଼ିଛି। ବାକି ୧୫ ଲକ୍ଷ ଟଙ୍କା ରାକେଟ୍ ଚଳାଉଥିବା ଗୋଷ୍ଠୀ, ମଧ୍ୟସ୍ଥ ଏବଂ ଅନ୍ୟମାନେ ବାଣ୍ଟିନେଉଥିବା ସିବିଆଇ ଜାଣିବାକୁ ପାଇଛି। ଗିରଫ ୮ଜଣଙ୍କ ମଧ୍ୟରୁ ୬ ଜଣ ହେଉଛନ୍ତି 'ପେପର ସଲଭ୍‌ର'। ରାକେଟ୍‌ର ମାଷ୍ଟରମାଇଣ୍ଡ ହେଉଛନ୍ତି ସଫଦରଜଙ୍ଗର ସୁଶୀଲ ରଞ୍ଜନ, ଯିଏକି ପରୀକ୍ଷାର୍ଥୀଙ୍କଠାରୁ ୨୦ ଲକ୍ଷ ଟଙ୍କା ଲେଖାଏ ସଂଗ୍ରହ କରି ସେମାନଙ୍କ ପାଇଁ ପେପର ସଲଭ୍‌ରମାନଙ୍କୁ ନିୟୋଜିତ କରିଥାନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜିବା ପାଇଁ ସିବିଆଇ ଉଦ୍ୟମ ଚଳାଇଛି। ଅଧିକ ଅନୁସନ୍ଧାନ ପାଇଁ ସିବିଆଇ ପରୀକ୍ଷାର୍ଥୀମାନଙ୍କୁ ପଚରାଉଚରା କରିବ ବୋଲି ଜଣାପଡ଼ିଛି। ଏହି ରାକେଟ୍ ସହିତ କେତେକ କୋଚିଂ ସେଣ୍ଟର ଏବଂ ପରୀକ୍ଷା ସହ ଜଡ଼ିତ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ନେଇ ସିବିଆଇ ସନ୍ଦେହ କରି ତଦନ୍ତକୁ ଆଗକୁ ବଢ଼ାଇଛି।

ଏନ୍‌ଇଇଟିରେ ଠକେଇ ରୋକିବା ପାଇଁ କର୍ତ୍ତୃପକ୍ଷ କଡ଼ା ଯାଞ୍ଚ ବ୍ୟବସ୍ଥା କରିଛନ୍ତି। ପରୀକ୍ଷା ହଲ୍ ମଧ୍ୟକୁ ୱାଲେଟ୍, ହ୍ୟାଣ୍ଡବ୍ୟାଗ୍, ବେଲ୍ଟ, କ୍ୟାପ୍, ଅଳଙ୍କାର, ଜୋତା, ମନୋହରୀ ଜିନିଷ ଆଦି କୌଣସି ସାମଗ୍ରୀ ବାରଣ କରାଯାଇଛି। ଏପରି କି କେରଳର ଏକ ପରୀକ୍ଷା କେନ୍ଦ୍ରରେ ଗତ ରବିବାର ଜଣେ ଛାତ୍ରୀଙ୍କୁ ଅନ୍ତଃବସ୍ତ୍ର ଟେଷ୍ଟ ଦେବା ପାଇଁ କୁହାଯାଇଥିଲା। କିନ୍ତୁ ରାକେଟ୍ ଚଳାଉଥିବା ଗୋଷ୍ଠୀ ଏନ୍‌ଇଇଟି ପରିଚୟ ପତ୍ରରେ ଅତି କୌଶଳରେ ପରୀକ୍ଷାର୍ଥୀଙ୍କ ବଦଳରେ ପେପର ସଲଭ୍‌ରଙ୍କ ଫଟୋ ଲଗାଇ ଦେଉଛନ୍ତି। ଫଳରେ ସେମାନେ ସହଜରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିପାରୁଛନ୍ତି। ଅଭିଯୁକ୍ତମାନେ ପରୀକ୍ଷାର୍ଥୀମାନଙ୍କ ପରିଚୟପତ୍ର ଏବଂ ପାସ୍‌ୱାର୍ଡ ସଂଗ୍ରହ କରି ଜାଲିଆତି କରିଥିବା ସିବିଆଇ ଜାଣିବାକୁ ପାଇଛି।

## ବ୍ୟାପକ ହେବ...

ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ସୌରଶକ୍ତି କେନ୍ଦ୍ରର ବିକାଶ ନିମନ୍ତେ ଖର୍ଚ୍ଚ କରାଯାଇଥିବା ଅର୍ଥର ୧୫ପ୍ରତିଶତ ବା ସର୍ବାଧିକ ୨୫ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ଗ୍ରୀନ୍‌ଫିଲ୍ଡ ଆଇଟି ପାର୍କଗୁଡ଼ିକୁ ଜମିକ୍ରୟ ସମୟରେ ଷ୍ଟାମ୍ପ ଡ୍ୟୁଟି ଓ ଜମିର କିସମ ପରିବର୍ତ୍ତନ ଦେୟ ଶତପ୍ରତିଶତ ଛାଡ଼ କରାଯିବ। ଏଥିସହିତ ଭିତ୍ତିଭୂମିରେ ସ୍ଥାୟୀ ପୁଞ୍ଜିନିବେଶର ୩୦ପ୍ରତିଶତ ବା ସର୍ବାଧିକ ୩ କୋଟି ଟଙ୍କା ପର୍ଯ୍ୟନ୍ତ ଯୋଗ୍ୟ ଆଇଟି ସଂସ୍ଥାକୁ ରିହାତି ଦିଆଯିବ। ଏଥିସହ ଯେଉଁ ଆଇଟି ଶିଳ୍ପୋଦ୍ୟୋଗୀମାନେ ଦୀର୍ଘମିଆଦୀ ସୂତ୍ରରେ ବ୍ୟାଙ୍କ କିମ୍ବା କୌଣସି ଆର୍ଥିକ ସଂସ୍ଥାରୁ ଋଣ କରି ଠିକ୍ ସମୟରେ ପରିଶୋଧ କରୁଥିବେ, ସେମାନଙ୍କୁ ଋଣ ଉପରେ ବାର୍ଷିକ ୫ ପ୍ରତିଶତ ସୁଧ ରିହାତି ବା ସର୍ବାଧିକ ୧୦କୋଟି ଟଙ୍କା ୫ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବ। ଉଦ୍ୟୋଗୀଙ୍କୁ ବିଦ୍ୟୁତ୍ ଶୁଳ୍କ, ବୈଦ୍ୟୁତିକ ଯାଞ୍ଚ ଶୁଳ୍କ ୫ବର୍ଷ ପର୍ଯ୍ୟନ୍ତ ଛାଡ଼ କରାଯିବ। ଯୋଗ୍ୟ ଉଦ୍ୟୋଗୀଙ୍କୁ ବିଦ୍ୟୁତ୍ ବିଲ୍‌ର ସର୍ବାଧିକ ୩୦ପ୍ରତିଶତ ପର୍ଯ୍ୟନ୍ତ ରିହାତି ମିଳିବ। ୪୦ରୁ ଅଧିକ କର୍ମଚାରୀ ଥିବା ଆଇଟି ୟୁନିଟ୍‌ଗୁଡ଼ିକ ଇନ୍‌କ୍ୟୁବେଶନ ସ୍ପେସ୍‌କୁ ଆଧାର କରି ସର୍ବାଧିକ ୩ ବର୍ଷ ପାଇଁ ସ୍ପେସ୍‌ର ଭଡ଼ା ବାବଦରେ ରିହାତି ମଧ୍ୟ ପାଇପାରିବେ। ସରକାରଙ୍କ ଦ୍ୱାରା ଅନୁମୋଦିତ ଆଇଟି ପାର୍କ ଓ ଇନ୍‌କ୍ୟୁବେଶନ ସେଣ୍ଟରରେ କୋ-ୱାର୍କିଂ ସ୍ପେସ୍‌ରେ କାର୍ଯ୍ୟ କଲେ ପ୍ରତି ସିଟ୍ ପିଛା ୧୪୦୦ ଟଙ୍କା ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରାପ୍ତ ଘରୋଇ ଆଇଟି ପାର୍କରେ ପ୍ରତି ସିଟ୍ ପିଛା ହଜାର ଟଙ୍କା ପର୍ଯ୍ୟନ୍ତ ପାଇପାରିବେ। ଯେଉଁ ଆଇଟି ସଂସ୍ଥା ଭଡ଼ାଘରେ ନୂଆ କରି ବ୍ୟବସାୟ ଆରମ୍ଭ କରିବେ ସେମାନଙ୍କୁ ପ୍ରତି ମାସରେ ପ୍ରତି ବର୍ଗଫୁଟ ୨୦ ଟଙ୍କା ହିସାବରେ ସହାୟତା ଦିଆଯିବ; ଯାହା ତାଙ୍କ ପ୍ରକୃତ ଭଡ଼ାର ୭୫ ପ୍ରତିଶତରୁ ଅଧିକ ହେବ ନାହିଁ। ଏସ୍‌ସି, ଏସ୍‌ଟି ମହିଳା ଓ ଭିନ୍ନକ୍ଷମ ଉଦ୍ୟୋଗୀଙ୍କୁ ଅତିରିକ୍ତ ୨୫ ପ୍ରତିଶତ ସର୍ବାଧିକ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ। ଉଦ୍ୟୋଗୀଙ୍କୁ ଜମି କ୍ରୟ ସମୟରେ ଷ୍ଟାମ୍ପ ଡ୍ୟୁଟି ଶତ ପ୍ରତିଶତ ଏବଂ ଦ୍ୱିତୀୟ ଥର ପାଇଁ ୫୦ ପ୍ରତିଶତ ଛାଡ଼ କରାଯିବ। ଉପଯୋଗୀ ଜମିରେ ପରିବର୍ତ୍ତନ କରିବା ପାଇଁ ହୋଇଥିବା ଖର୍ଚ୍ଚର ଶତ ପ୍ରତିଶତ ଯୋଗାଇ ଦିଆଯିବ। ବିଡିଏ ଅଞ୍ଚଳରେ ବ୍ୟବସାୟ କରୁଥିବା ଆଇଟି କମ୍ପାନୀଗୁଡ଼ିକୁ ୫ ବର୍ଷ ପାଇଁ ଶତପ୍ରତିଶତ ନେଟ୍ ଏସ୍‌ଜିଏସ୍‌ଟି ଭରଣା ଦିଆଯିବ। ଓଡ଼ିଶାରେ ବାସ କରୁଥିବା ଲୋକଙ୍କ ନିଯୁକ୍ତି ନିମନ୍ତେ ପ୍ରତି ବ୍ୟକ୍ତି ପାଇଁ ୧୦ହଜାର ବା ସର୍ବାଧିକ ୧୦ଲକ୍ଷ ଟଙ୍କା ପ୍ରତି ୟୁନିଟ୍‌କୁ ୩ ବର୍ଷ ପାଇଁ ଯୋଗାଇ ଦିଆଯିବ। ଏସ୍‌ସି,ଏସ୍‌ଟି ମହିଳା ଓ ଭିନ୍ନକ୍ଷମ କର୍ମଚାରୀଙ୍କ ପାଇଁ ଅତିରିକ୍ତ ୧ ହଜାର ଟଙ୍କା ଯୋଗାଇ ଦିଆଯିବ। ଓଡ଼ିଆ କର୍ମଚାରୀଙ୍କ ପାଇଁ ଭବିଷ୍ୟନିଧି ପାଣ୍ଠି ଓ ରାଜ୍ୟ କର୍ମଚାରୀ ବୀମା ବାବଦକୁ ଶତ ପ୍ରତିଶତ ସର୍ବାଧିକ ୫ କୋଟି ଟଙ୍କା ୩ ବର୍ଷ ପର୍ଯ୍ୟନ୍ତ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଯୋଗ୍ୟ ଆଇଟି କମ୍ପାନୀଗୁଡ଼ିକୁ ସେମାନଙ୍କ ଇଣ୍ଟରନେଟ୍ ସଂଯୋଗ, ଲିଜ୍ ଦେୟର ୫୦ ପ୍ରତିଶତ ସର୍ବାଧିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨ ବର୍ଷ ପାଇଁ ଭରଣା କରାଯିବ।

ବିଜୁ ଇନ୍‌ଭେଶନ ଲାବ୍‌ର ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ ପାଇଁ ୫ବର୍ଷ ନିମନ୍ତେ ୨୦ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯିବ। ସେହିପରି ଓଡ଼ିଶା ଇଞ୍ଜିନିୟରିଂ କଲେଜ ଓ ଶିକ୍ଷାନୁଷ୍ଠାନଗୁଡ଼ିକର ସେଣ୍ଟର ଅଫ୍ ଏକ୍ସିଲେନ୍ସକୁ ପ୍ରୋତ୍ସାହନ ଦେବା ପାଇଁ ମାର୍କେଟିଂ ସହାୟତା, ଗୁଣବତ୍ତା ପ୍ରମାଣପତ୍ର ସହାୟତା, ପେଟେଣ୍ଟ ପଞ୍ଜୀକରଣ ସହାୟତା, ଇଣ୍ଟରନେଟ୍ ସହାୟତା ଏବଂ ସୁଧ ରିହାତି ସହାୟତା ଆଦି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଓଡ଼ିଶା ଆଇଟି ପଲିସି-୨୦୨୨ ଗେଜେଟ୍ ବିଜ୍ଞପ୍ତି ତାରିଖରୁ ୫ ବର୍ଷ ପର୍ଯ୍ୟନ୍ତ କିମ୍ବା ଅନ୍ୟ ସେହିଭଳି ଏକ ଯୋଜନା କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ।

ରାଜ୍ୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର ପାଇଁ ରାଜ୍ୟ ସରକାର ଓଡ଼ିଶା ମୋବାଇଲ୍ ଟାୱାର, ଅପ୍ଟିକାଲ ଫାଇବର କେବୁଲ ଏବଂ ଟେଲିକମ୍ ଭିତ୍ତିଭୂମି ନୀତି ୨୦୧୭ କାର୍ଯ୍ୟକାରୀ କରିଥିଲେ। ତେବେ ବିବେଚିତ ଅନୁମୋଦନ (ଡିମ୍‌ଡ ଆପ୍ରୁଭାଲ) ଧାରା ଏଥିରେ ଅନ୍ତର୍ଭୁକ୍ତ ନ ଥିଲା। ଫଳରେ ଟାୱାର ସ୍ଥାପନ, ଅତିକ୍ଷୁଦ୍ର ଯୋଗାଯୋଗ ଉପକରଣ ଇନ୍ ବିଲ୍ଡିଂ ସମାଧାନ ନିମନ୍ତେ ଅନୁମୋଦନ ଦେବାରେ ବିଳମ୍ବ ହେଉଥିଲା। ଉକ୍ତ ଧାରା ନ ଥିବାରୁ କେନ୍ଦ୍ରୀୟ ଆଇନ ଇଣ୍ଡିଆନ ଟେଲିଗ୍ରାଫ୍ ରାଇଟ୍ ଅଫ୍ ୱେ ନିୟମ -୨୦୧୬ ସହିତ ଅସଙ୍ଗତି ହେଉଥିଲା। ଉକ୍ତ କେନ୍ଦ୍ରୀୟ ଆଇନରେ ଭୂତଳ ଓ ଊର୍ଦ୍ଧ୍ୱ ଟେଲିଗ୍ରାଫ୍ ଭିତ୍ତିଭୂମି ସ୍ଥାପନ ପାଇଁ ୬୦ ଦିନ ମଧ୍ୟରେ ଅନୁମତି ଦେବା ବାଧ୍ୟତାମୂଳକ, ଯାହାକି ରାଜ୍ୟ ସରକାରଙ୍କ ନୀତିରେ ବ୍ୟବସ୍ଥା ନ ଥିଲା।

## କାଗଜରେ ନ ରଖି...

ଆଣିଥିବା ଆଇଟି ପଲିସି ସମ୍ପର୍କରେ ବାହାରେ ବୁଝାଇବା ଦରକାର।

- ପ୍ରଶାନ୍ତ ସାହୁ, ଭୁବନେଶ୍ୱର

### ବିଳମ୍ବରେ ଆଣିଲେ, ତଥାପି ସ୍ୱାଗତଯୋଗ୍ୟ

ପ୍ରଥମତଃ ରାଜ୍ୟରେ ଆଇଟି ପଲିସି ବହୁ ବିଳମ୍ବରେ ଆସିଲା। ଅନ୍ୟ କେତେକ ରାଜ୍ୟ ବହୁ ଆଗରୁ ଆଇଟି ପଲିସି ଲାଗୁ କରିଛନ୍ତି। ପଶ୍ଚିମବଙ୍ଗ, ଗୁଜରାଟ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟଠାରୁ ଓଡ଼ିଶା ଏବେ ବହୁ ପଛରେ ରହିଯାଇଛି। କିନ୍ତୁ ବିଳମ୍ବ ହେଲେ ମଧ୍ୟ ରାଜ୍ୟ ସରକାର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଛନ୍ତି। ଏହାଦ୍ୱାରା ଡିଜିଟାଲାଇଜେଶନ କ୍ଷେତ୍ରରେ ଓଡ଼ିଶା ଆଗକୁ ଯିବ। ହେଲେ ଆଇଟି ପଲିସିକୁ ସରକାର ଠିକ୍ ଭାବେ ଲାଗୁ କରିବା ଦରକାର। ରାଜ୍ୟରୁ ପିଲାମାନେ ପାଠ ପଢ଼ିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଏହି ପଲିସି ଲାଗୁ ହେଲେ ଅନେକ ନୂଆ ରାସ୍ତା ଫିଟିବ। ସରକାର ଏହାସହ ଅଧିକ ନିଯୁକ୍ତି କିପରି ସୃଷ୍ଟି କରିପାରିବେ ସେଥିପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବା ଦରକାର। କିଛି ଅପ୍‌ଡେଟ୍ କରିବା କଥା, ଯାହା କରିପାରିନାହାନ୍ତି।

- ଆକାଶ ମିଶ୍ର, ଭୁବନେଶ୍ୱର

## ରାସ୍ତା ନାହିଁ...

ଆମ୍ବୁଲାନ୍ସରେ ରେଢାଖୋଲ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ଠିକ୍ ସମୟରେ ଡାକ୍ତରଖାନାରେ ରୋଗୀ ପହଞ୍ଚି ନ ପାରିବାରୁ ଖଟିଆରେ ତାଙ୍କ ଜୀବନ ଚାଲିଗଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ବିରଞ୍ଚି ବିବାହିତ ଓ ତାଙ୍କର ଦୁଇ ଝିଅ ଅଛନ୍ତି। ତାଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯିବା ସହ ରାସ୍ତା ଯୋଗୁ ରୋଗୀର ଜୀବନ ଚାଲିଯିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଧାତୁକିମାଳ ଗାଁ ମୁଣ୍ଡରେ ଥିବା କଲଭର୍ଟଟି ନିକଟରେ ହୋଇଥିବା ଲଗାଣ ବର୍ଷାରେ ଧୋଇ ହୋଇ ଯାଇଥିବା ବେଳେ ବଡ଼ବିଲ ଗ୍ରାମକୁ ଯିବା ପାଇଁ ଥିବା ନାଳ ବାଧକ ସାଜିଥିଲା। ଫଳରେ ଆମ୍ବୁଲାନ୍ସ ଧାତୁକିମାଳ ଗ୍ରାମରେ ଅଟକି ରହିବାକୁ ବାଧ ହୋଇଥିଲା। ସେହିପରି ୨୦୨୧ ଅକ୍ଟୋବରରେ ନାକଟିଦେଉଳ ବ୍ଲକର କମଳାନାଳୀ ଗ୍ରାମକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ସେହି ଧାତୁକିମାଳ ଗ୍ରାମରେ ଅଟକି ରହିଥିଲା। ଜଣେ ବ୍ୟକ୍ତି ଅନ୍ଧାର ରାତିରେ ସଙ୍କଟାପନ୍ନ ଅବସ୍ଥାରେ ଥିବା ନିଜ ଝିଅକୁ କାନ୍ଧରେ ବୋହି ଚାଲି ଚାଲି ୩ଟି ନାଳ ପାରି ହୋଇ ଆମ୍ବୁଲାନ୍ସ ନିକଟକୁ ଆସିଥିଲେ। କିନ୍ତୁ ସେତେବେଳକୁ ଝିଅଟିର ମଧ୍ୟ ମୃତ୍ୟୁ ଘଟିଥିଲା। ବର୍ଷକ ଭିତରେ ଏହା ଦ୍ୱିତୀୟ ଘଟଣା। ଏପରି ଘଟଣା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ରେଢାଖୋଲ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ୨୦୧୪ରେ ପ୍ରଥମ ଥର ବିଧାୟକ ହେବାପରେ ବଡ଼ବିଲ ଗ୍ରାମକୁ ଯାଇଥିଲେ। ଗ୍ରାମକୁ ଯିବା ପାଇଁ ପଡୁଥିବା ନାଳରେ ତାଙ୍କର ଗାଡ଼ି ଯାଇ ନ ପାରିବାରୁ ଏକ ପିକ୍‌ଅପ୍ ଗାଡ଼ିରେ ବସି ସେଠାକୁ ଯାଇଥିଲେ। ଗ୍ରାମକୁ ସବୁଦିନିଆ ରାସ୍ତା ସହ ନାଳ ଉପରେ ପୋଲ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ଆଜିଯାଏ ତାହା କାର୍ଯ୍ୟକାରୀ ହୋଇପାରିନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବହୁତ ଦିନରୁ ଚିନ୍ତା କରିପାରି ନ ଥିବା କାମଟିକୁ ହଠାତ୍ ଆରମ୍ଭ କରିବା ସକାଶେ ମନ ବଳାଇବେ। ଆଜି ଯେଉଁ କାମରେ ଯାତ୍ରା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। ଆକସ୍ମିକ ଭାବରେ ବନ୍ଧୁଙ୍କ ମନୋଭାବ ବଦଳିଯିବା କାରଣରୁ ପରିସ୍ଥିତି ମଧ୍ୟ ବଦଳି ଯାଇପାରେ। ଅଭାବ ନ ଥିଲେ ମଧ୍ୟ କେତେକ ଘଟଣା କୃତ୍ତିକାର ମନକୁ ଅଶାନ୍ତ ରଖିବ।

**ବୃଷ**
ଅପ୍ରିୟସତ୍ୟ କହିବାରୁ ନିଜ ଲୋକେ ଦୂରେଇ ଯାଉଥିବାର ଲକ୍ଷ୍ୟ କରିବେ । ରୋହିଣୀ ନକ୍ଷତ୍ରର ଆର୍ଥିକ ସମସ୍ୟା ଦୂରେଇବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। ପରିସ୍ଥିତିକୁ ଯେତିକି ଜଟିଳ ମନେକରୁଛନ୍ତି ସେପରି କିଛି ହେବନି। ସଭାସମିତି, ସଂଗଠନ, ରାଜନୀତି, ପ୍ରଶାସନ, ଆଲୋଚନା କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ**
ନିଜ ରାଶିରେ ଶତ୍ରୁଭାବାଧିପତି ମଙ୍ଗଳ ରହିଥିବା ହେତୁ କାମ ହାସଲରେ ନିଜ ଲୋକ ପ୍ରତିବନ୍ଧକ ସୃଷ୍ଟି କରିବେ। ଜଣେ ବନ୍ଧୁଙ୍କଠାରୁ ହାତ ଉଧାରି ଟଙ୍କା ଆଣିବାକୁ ପଡ଼ିପାରେ। ସୁଯୋଗର ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ। ପୁନର୍ବସୁ ନକ୍ଷତ୍ର ଛୋଟ ଘଟଣାକୁ ଗୁରୁତର ମନେ କରି ଭାବପ୍ରବଣ ହୋଇପାରନ୍ତି।

**କର୍କଟ**
ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ । ଯାନବାହନ, ଧାତୁ ଅଳଙ୍କାର, ଯାନ୍ତ୍ରିକ ଜିନିଷ, ବ୍ୟବସାୟରେ ଆଶାନୁରୂପ ସଫଳତା ପାଇବେ । ଅଶ୍ଳେଷା ନକ୍ଷତ୍ର ପରୋକ୍ଷଶତ୍ରୁତା ପ୍ରତି ସାବଧାନ ରହିବା ଭଲ ହେବ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବାର ଆଶା ରହିଛି।

**ସିଂହ**
ପରିସ୍ଥିତିବଶତଃ ଅଧିକାଂଶ ସମୟ ବାହାରେ ରହିବା କାରଣରୁ ମନ ଭଲ ରହି ନ ପାରେ । କାମଗୁଡ଼ିକ ବହୁତ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। ପୂର୍ବାଫାଲଗୁନୀ ନକ୍ଷତ୍ର କାର୍ଯ୍ୟବ୍ୟସ୍ତ ଯୋଗୁ ମଜା ମଉଜ କରିବାକୁ ଅବସର ପାଇବେ ନାହିଁ। ପରିସ୍ଥିତିବଶତଃ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ କରିବାକୁ ବାଧ ହେବେ।

**କନ୍ୟା**
ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ଉଚିତ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି। ହସ୍ତା ନକ୍ଷତ୍ର ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା**
ମନରେ ଦୁର୍ଭାବନା ବଢ଼ି ଚାଲିବା ହେତୁ କାମ ଶୃଙ୍ଖଳିତ ରହି ପାରବ ନାହିଁ । ଆଜିର ଫେରନ୍ତା ବାଟରୁ ଆପଣ କହିଥିବା ଜିନିଷଟି ଧରି ବନ୍ଧୁ ନିଶ୍ଚୟ ଆସିବେ। ବ୍ୟବସାୟରେ ଲାଭ ନ ହେଲେ ସୁଦ୍ଧା କ୍ଷତିର ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ। ସ୍ୱାତୀ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ହେତୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ଘଟିବ।

**ବିଛା**
ଆଜି ଯେଉଁ କାମ ହାତକୁ ନେବେ ନିର୍ବିଘ୍ନରେ ସମାପନ କରିବେ। ସମସ୍ୟାର ସମାଧାନ ପାଇଁ ତତ୍ପରତା ପ୍ରକାଶ କରିପାରିଲେ ସଫଳତା ଅବଶ୍ୟ ପାଇପାରିବେ। ଆକସ୍ମିକ ଭାବରେ ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଅନୁରାଧା ନକ୍ଷତ୍ରର ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ଧନୁ**
ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । ଉତ୍ତରାଷାଢ଼ା ନକ୍ଷତ୍ର ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଦୀର୍ଘ ପଥ ଭ୍ରମଣ ସ୍ୱାସ୍ଥ୍ୟ ସକାଶେ ବାଧକ ସାଜିପାରେ କିନ୍ତୁ ସତର୍କତା ଅବଲମ୍ବନୀୟ । ରାଜନୈତିକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**ମକର**
ଅନ୍ୟର ମନ ଅନୁଯାୟୀ କାମ କରି ବାହାବା ନେବା ଫଳରେ କର୍ମକ୍ଷେତ୍ରରେ ମର୍ଯ୍ୟାଦା ବୃଦ୍ଧି ପାଇବ। ଶ୍ରବଣା ନକ୍ଷତ୍ରର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢ଼ାଇବାର ସଂଭାବନା ରହିଛି। ନିର୍ମାଣ, ମରାମତି ଓ ପ୍ରତିଟି ପଦକ୍ଷେପରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ର ଅସନ୍ତୁଳିତ ରହିବ।

**କୁମ୍ଭ**
ଆଜି ସତର୍କ ନ ରହିଲେ ଧନହାନି ଘଟିପାରେ। ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ସହମତି ସ୍ଥଗିତ ଯୋଜନାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ଯାହା ଖୋଜୁଛନ୍ତି ତାହା ଆଜି ପାଇବେ ଏବଂ ପ୍ରତିବେଶୀଙ୍କ ସାହାଯ୍ୟ ଓ ସହଯୋଗରୁ ଉପକୃତ ହେବେ। ଗୋପନୀୟ କଥା ପ୍ରଘଟ ହେବା କାରଣରୁ ବିଶେଷ ଚିନ୍ତାକୁଳ ହୋଇପାରନ୍ତି ।

**ମୀନ**
କର୍ମକ୍ଷେତ୍ରରେ କାଳକ୍ଷେପଣ ନୀତି ଓ ଅବହେଳାଜନିତ ଅଟକି ରହିଥିବା କାର୍ଯ୍ୟ ସକାଶେ ଅନୁତାପ କରି ପାରନ୍ତି। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ରେବତୀ ନକ୍ଷତ୍ର ପାରିବାରିକ ବ୍ୟତିକ୍ରମକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ସାମାଜିକ କ୍ଷେତ୍ର, ବ୍ୟବସାୟିକ ସ୍ଥିତି, ଗବେଷଣା, ରାଜନୀତି, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ।


# classifieds Everyday
0674-2580101, 2549302




### BRIDE WANTED

ବାଙ୍ଗାଲୁରୁରେ ସଫ୍ଟୱେୟାର ଇଂଜିନିୟର ଚାକିରି କରୁଥିବା ଭୁବନେଶ୍ୱରନିବାସୀ ଜ୍ୟୋତିଷ ବ୍ରାହ୍ମଣ ଜାତିର ୩୧ବର୍ଷର ୫.୫ଫୁଟ ଉଚ୍ଚତା ପୁଅ ପାଇଁ MCA, MBA, M.Tech, B.Tech କରିଥିବା ସୁନ୍ଦର ଝିଅ ଆବଶ୍ୟକ। ଯୋଗାଯୋଗ- ୯୭୭୮୪୧୦୭୨୨. ଧ-୧୦୧୯

Postal ଚାକିରିରୁ Retd. Pension ପାଉଥିବା Tanti casteର widower ପୁଅଙ୍କୁ ଯେକୌଣସି ଜାତିର ଝିଅ ଦରକାର। 6371298869. D-1015

ବ୍ରାହ୍ମଣ ପାତ୍ର, ବୟସ ୩୩, ୫ଫୁଟ ୧୦ ଇଞ୍ଚ ଦିଲ୍ଲୀ IITରୁ M.Tech. କରିଥିବା ଏକ ପ୍ରତିଷ୍ଠିତ କମ୍ପାନୀରେ ଉଚ୍ଚ ଦରମାରେ ଅବସ୍ଥାପିତ ପାତ୍ର ପାଇଁ ସୁନ୍ଦର ଗୌରବର୍ଣ୍ଣା ଶିକ୍ଷିତା ଚାକିରି କରିଥିବା ପାତ୍ରୀ ଆବଶ୍ୟକ। Mobile No- 7735580114, 9650493259. D-1032

### GROOM WANTED

27 ବୟସ୍କା Govt. Nurse ବିଧବା ଖଣ୍ଡାୟତ ଝିଅଙ୍କୁ ଯେକୌଣସି ଜାତିର married/ unmarried ପୁଅ ଦରକାର। 6371064622. D-1014

51 ବୟସ୍କା unmarried Handicap Govt. ଚାକିରିଆ ଖଣ୍ଡାୟତ ଝିଅଙ୍କୁ anycaste ଘରଜ୍ୱାଇଁ ଦରକାର। 7008080967. D-1016




### SALE

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଲକାଟିରେ sqft.1000/-.8114929186.** D-73541

ଭୁବନେଶ୍ୱରରେ ଏକ ଲକ୍ଷରେ ପ୍ଲଟ୍ ସୁନ୍ଦରପଦାରେ କିଣନ୍ତୁ। Mob: 7978783341, 9438054314, 9178265078, 8895296342. D-1007

**5000sqft. (50ft. X100ft.) gharabari, sthitiban yellowzone, 100% clear single Patta owner plot for sale with boundary, filling & outhouse completed. Address- Bhargavi Vihar, just 3rd plot from Dhauli & Uttara NH with 25ft. wide concrete road Price Rs.1,35,00,000/-. Contact owner. 9040026465 (BABU BHAI).** D-1039

ଭୁବନେଶ୍ୱର Ravi Talkies 1.5.k.m. ଭିତରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-73842

Newly constructed 2BHK flat (Res.) for immediate sale, 1300sqft. fully furnished at prime location Sahidnagar, Bhubaneswar. Contact owner: 9437036066. D-73625

ନଖରା East College ନିକଟରେ 15,00,000ରେ ଘରବାରି ପାଚେରି ହୋଇଥିବା ପ୍ଲଟ୍ ଇଲେକ୍ଟ୍ରି ସହିତ ଦିଆଯାଉଅଛି। 9776846520. D-73281

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320.** D-73283

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। 6371200121. D-73279




Ground floor only Family Goutam Nagar. Contact No.- 9937010827. D-1040

**Godown/ Poultry Farm Roadside at Jhinti Sashan, Balipatna 12000sft. @5/sft. 7809525452.** D-73940




All types hair cutting, body massage by smart lady room services available. Contact: 9938582450. D-71346

Refreshing your mind and body with the best therapy, 7873794731. D-872

Newly open full body massage ladies and gents. 8327740003, 8093860513. D-73937

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73844

**Relax, Refresh your body, Mind at Saikrupa Spa with best therapies. 8984068077.** D-980

Newly open full body massage ladies & gents available. 8093726714. D-73620

Newly open SPA positivity health benifit with expert. Contact: 7749976301. D-73845

Newly open full body massage ladies and gents. 7846923244. D-73939

Newly opened full body massage center by expert therapist. 7381172169. D-73622

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### LOST

I, Binay Krishna Das, S/o- Satchidananda Das, at- Bivab House, Bivab Estate, Bhubaneswar. Lost the following documents on 8th July 2022. The documents are 1) Sale deed No: 4580 dt 25.10.2002, Baramunda, Bhubaneswar. 2) Sale deed of Flat No-B 402, Imperial Mansion, Baramunda, Bhubaneswar.3) Sale deed No.- 4578, Flat No.-201, Sreekhetra Bhakta Nivas, Puri. If found please contact at above address, Mobile : 9337303107, 9437567628. D-73846

### AFFIDAVIT

By virtue of an affidavit I Usha Devi, Wife of Avadhesh Singh, Vill- Dewaitha, Post- Dildarnagar, P.S.- Zamania, Dist.- Ghazipur (UP), A/P- Q.N. CCA-30 CISF Complex, Nalco Nagar-Angul, Odisha-759145 want to keep up my name as Usha Devi for all Offical purpose. D-1041

By virtue of an affidavit before Notary, Bhubaneswar I Sradhanjali Rout, D/o- Managobinda Rout, At- Salianch, P.O.- Sitaleswar, PS.- Aul, Dist.- Kendrapada, Odisha have changed my name from Sradhajali Rout, D/o- Mangobida Rout to correct name Sradhanjali Rout, D/o- Managobinda Rout is one and same person for all purposes. D-73624

By virtue of affidavit before Notary Public, BBSR on dt. 18.07.2022, I hereby declare that I have been known, identified and called as "Rutuparna Singh Routray" instead of my maiden name "Rutuparna Singh" for all purposes.
Rutuparna Singh Routray. D-73942

### LEGAL NOTICE

CIVIL JUDGE, JUNIOR DIVISION, SAMBALPUR (Notice Show cause why Execution should not be issued order XXI, Rule-22 Civil Procedure Code) Execution Case No.6 of 2012

Sayed Zinda & Another ...Dhrs.

Versus

Md. Sagir Ahemad & others ..... J.Dr.

To

1. Noor Jahan Begum, W/o Late Sagir Ahemad, resident of Sunapali, P.S. Dhanupali, District- Sambalpur. 2. (a) Eqbal Aktar, (b) Kamal Aktar Both (a) & (b) are sons of Late Yaqub Aktar, R/o. Sheikh Mohalla, P.O./ P.S./ Dist. Siwan (Bihar). (c) Nazir Aktar, W/o Mumtaz Alam, R/o. Basantpur, P.O./ P.S./ Dist. Siwan (Bihar). (d) Arju Aktar, W/o Md.Yusuf, R/o Kagji Mohalla, VIP Gali, P.O./ P.S./ Dist. Siwan (Bihar). (e) Asia Aktar, W/o Azad Aktar, R/o Egarwin, Masjid, P.O./ P.S./ Dist.- Siwan (Bihar). 3. Farhat Jahan, W/o- Tqukee Ahemad, R/o Motijharan, P.S. Dhanupali, Dist. Sambalpur. 4.Israt Jahan, W/o Jalaluddin Khan, R/o Asanda, P.O. Belda, District- Medanapur (W.B). 5.Musrat Jahan, W/o Mehemud Aktar, R/o Sheikh Mohalla, P.O./ P.S./ Dist.- Siwan (Bihar).

Whereas the D.Hr. has made application to this court of execution of Decree in Civil Suit No.9 of 2010 on the allegation that your are the legal representatives of Late Sagir Ahemad. This is give your notice that you to appear before this court on the day of 1st August 2022 to show cause why execution should not be granted.

Given under my hand and the seal of the court this day of 18th July 2022.

Sd./-Civil Judge, Junior Division, Sambalpur
D-1044

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଋଷିକୁଲ୍ୟାରେ ନିର୍ମାଣ ହେବ ବ୍ୟାରେଜ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

ନଦୀ ଗର୍ଭରେ ବୃହତ୍ ଜଳାଶୟ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ୨୦୧୯-୨୦ରେ ୧୧,୭୦୦ କୋଟି ଟଙ୍କା ବ୍ୟୟରେ ନଦୀ ଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକଳ୍ପ ଯୋଜନା କରିଛନ୍ତି। ଏହି ପ୍ରକଳ୍ପ ଜରିଆରେ ଋଷିକୁଲ୍ୟା ନଦୀରେ ଗଞ୍ଜାମ ଜିଲାର ବରୋଦା ଗ୍ରାମ ନିକଟରେ ଏକ ସେତୁ ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବାକୁ ଥିବା ୧,୪୯,୬୦,୦୦,୦୦୦ ଏବଂ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ନିମନ୍ତେ ୨,୫୦, ୦୦,୦୦୦ ଟଙ୍କାର ଟେଣ୍ଡରକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପ କାର୍ଯ୍ୟ ୩୬ ମାସ ମଧ୍ୟରେ ଶେଷ ହେବ। ଏହି ପ୍ରକଳ୍ପ ଗଞ୍ଜାମ ଜିଲାର ଛତ୍ରପୁର, ଗଞ୍ଜାମ ବ୍ଲକ, ଛତ୍ରପୁର ଏନ୍ଏସି, ଗଞ୍ଜାମ ଏନ୍ଏସି ଏବଂ ବ୍ରହ୍ମପୁର ସହରର ୧୬ଟି ଗ୍ରାମର ଲୋକଙ୍କୁ ପାନୀୟ ଜଳ ଯୋଗାଇବ। ଏଥିସହିତ ୧୬୪ ହେକ୍ଟର ଅଞ୍ଚଳରେ ମାଛ ଚାଷ କରାଯାଇପାରିବ।

ରାଜ୍ୟ ସରକାର ଅବଢ଼ା ଯୋଜନାରେ ପୁରୀଠାରେ ପର୍ଯ୍ୟଟକଙ୍କ ପାଇଁ ସ୍ୱଳ୍ପ ମୂଲ୍ୟର ବୋର୍ଡିଂ ଓ ରହଣି ସୁବିଧା ବିଶେଷ କରି ବରିଷ୍ଠ ନାଗରିକଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ ବାସେଲିସାହି ଧର୍ମଶାଳା ପ୍ରକଳ୍ପକୁ କାର୍ଯ୍ୟକ୍ଷମ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଆହ୍ୱାନ କରାଯାଇଥିବା ୧୩୫, ୬୦, ୦୦,୦୦୦ ଟଙ୍କାର ଟେଣ୍ଡରକୁ ଅନୁମୋଦନ କରାଯାଇଛି। ୨୪ ମାସ ମଧ୍ୟରେ ଏହି ପ୍ରକଳ୍ପକୁ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ରାଜ୍ୟର ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ା ଜିଲାର ୨୦ଟି ଦାଦନପ୍ରବଣ ବ୍ଲକରେ ଦାଦନ ରୋକିବା ପାଇଁ ଏକ ନୂତନ ରାଜ୍ୟ କ୍ଷେତ୍ର ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ରାଜ୍ୟ ସହାୟତାକୁ କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ଜିଲାର ଅଣକୁଶଳୀ ଶ୍ରମିକଙ୍କ ପାଇଁ ଦୈନିକ ସର୍ବନିମ୍ନ ମଜୁରି ହାର ସହିତ ସମାନ କରି ଏମ୍‌ଜିଏନ୍‌ଆରଇଜିଏସ୍ ଅଧୀନରେ ପ୍ରଦାନ କରାଯାଉଥିବା ମଜୁରି ଉପରେ ଅତିରିକ୍ତ ମଜୁରି ପ୍ରଦାନ କରାଯିବ। ରାଜ୍ୟ ସରକାର ଉକ୍ତ ସହାୟତା ଅଧୀନରେ ଏହା ବହନ କରିବେ। ଏଥିସହିତ ଉକ୍ତ ବ୍ଲକ୍‌ଗୁଡ଼ିକରେ ସର୍ବନିମ୍ନ ୧୦୦ ଦିନର କାର୍ଯ୍ୟ ସହିତ ଅତିରିକ୍ତ ୨୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯିବ।

ଡିଆରଡିଏ କର୍ମଚାରୀମାନଙ୍କର ଜିଲା ପରିଷଦରେ ମିଶ୍ରଣ ପରେ ସେମାନଙ୍କର ଦରମା ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ଦେୟ ପଞ୍ଚମ ରାଜ୍ୟ ଅର୍ଥ କମିଶନ ସୁପାରିସ କରିଥିବା ପ୍ରବେଶ କର ପରିବର୍ତ୍ତେ ରାଜ୍ୟ ଦ୍ରବ୍ୟ ଏବଂ ସେବା କରରୁ କ୍ଷତିପୂରଣ ବାବଦରେ ୨୦୨୨-୨୩ ଆର୍ଥିକବର୍ଷଠାରୁ ଆଗାମୀ ବର୍ଷଗୁଡ଼ିକ ପାଇଁ ଦେବାକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଡିଆରଡିଏ ମିଶ୍ରଣ ପରେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ଦରମା, ପ୍ରତିଷ୍ଠାନ ଦେୟ, ସିଟିଂ ଫି, ଅନରାରିୟମ, ଟିଏ ଓ ଡିଏ ଆଦି ସମସ୍ତ ବ୍ୟୟର ପରିମାଣ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଧାର୍ଯ୍ୟ ସୁପାରିସଠାରୁ ଅଧିକ ହୋଇଥିବାରୁ ରାଜ୍ୟ ଅର୍ଥ କମିଶନ ରିପୋର୍ଟର ପାରା ୬.୬କୁ କୋହଳ କରିବାକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏଥିଯୋଗୁ ରାଜ୍ୟ ସରକାରଙ୍କୁ ୨୦୨୨-୨୩ ଆର୍ଥିକ ବର୍ଷଠାରୁ ହାରାହାରି ୭୦.୨୫ କୋଟି ଟଙ୍କା ଅଧିକ ବ୍ୟୟ କରିବାକୁ ପଡିବ। ଓଡ଼ିଶା ଲୋକାୟୁକ୍ତଙ୍କ ୨୦୨୧ ବାର୍ଷିକ ରିପୋର୍ଟକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହାକୁ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ବିଧାନସଭାରେ ଉପସ୍ଥାପିତ କରାଯିବ।

ଓଡ଼ିଶା ସଚିବାଳୟ କାର୍ଯ୍ୟନିର୍ବାହୀ ସହାୟକ ଓ ବ୍ୟକ୍ତିଗତ ସହାୟକ (ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତ) ନିୟମାବଳୀ ୧୯୯୭ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହି ସଂଶୋଧନ ପରେ କନିଷ୍ଠ କାର୍ଯ୍ୟନିର୍ବାହୀ ସହାୟକ ମୂଳ ପଦବୀରେ ନିଯୁକ୍ତି ପରିଚାଳନା ପ୍ରକ୍ରିୟାରେ ଥିବା କେତେକ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାର୍ଥୀ ଚୟନ କରିବା ପାଇଁ କେବଳ ସ୍ନାତକ ଦକ୍ଷତାରେ ସୀମିତ ନ ରଖି ମୁଦ୍ରଣ ଓ ମୌଳିକ କମ୍ପ୍ୟୁଟର ଦକ୍ଷତାକୁ ସାମିଲ କରାଯିବ। ପ୍ରକୃଷ୍ଟ ପ୍ରତିଭା ଓ ମୌଳିକ କମ୍ପ୍ୟୁଟର ଦକ୍ଷତା ଥିବା କର୍ମଚାରୀଙ୍କୁ ସରକାରୀ ସେବାରେ ଯୋଗ ଦେବା ପାଇଁ ସୁଯୋଗ ମିଳିପାରିବ।

## କ୍ୟାବିନେଟ ନିଷ୍ପତ୍ତି

- ୧୬ ଗ୍ରାମକୁ ପାନୀୟ ଜଳ
- ପୁରୀ ବାସେଲିସାହି ଧର୍ମଶାଳା ହେବ କାର୍ଯ୍ୟକ୍ଷମ
- ୨୦ ଦାଦନପ୍ରବଣ ବ୍ଲକ ପାଇଁ ନୂତନ ରାଜ୍ୟ କ୍ଷେତ୍ର ଯୋଜନା
- ମିଳିବ ୨୦୦ ଦିନ ଅଧିକ କାମ

## ପାଇକ ସ୍ମାରକୀ ପାଇଁ ମାଗଣା ଜମି

ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ପାଇକ ନିର୍ମାଣ ସ୍ମାରକୀ ପାଇଁ ରାଜ୍ୟ ସରକାର ୯ ଏକର ୬୮୫ ଡେସିମିଲ ସରକାରୀ ଜମିକୁ ମାଗଣାରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ଯୋଗାଇ ଦେବେ। ଏଥିପାଇଁ ରାଜ୍ୟ ସରକାର ୩୧କୋଟି ୯୭ ଲକ୍ଷ ୬୨ ହଜାର ୯୩୪ ଟଙ୍କା ଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ମଙ୍ଗଳବାର କ୍ୟାବିନେଟ ମଞ୍ଜୁରୀ ମିଳିଛି।

୧୮୫୭ ପାଇକ ବିଦ୍ରୋହରେ ଓଡ଼ିଶାର ବହୁ ସଂଗ୍ରାମୀ ଅଂଶଗ୍ରହଣ କରି ନିଜ ଜୀବନ ବଳି ଦେଇଛନ୍ତି। ଓଡ଼ିଶାରେ ସେମାନଙ୍କୁ ପାଇକ ଯୋଦ୍ଧା ବୋଲି କୁହାଯାଏ। ଏହା ଓଡ଼ିଶାର ଐତିହ୍ୟ ଓ ସଂଗ୍ରାମୀ ପରମ୍ପରାର ପ୍ରତୀକ ହୋଇଥିବାରୁ ସଂଗ୍ରାମ ସଂଗଠିତ ହୋଇଥିବା ସ୍ଥଳରେ କେନ୍ଦ୍ର ସରକାର ଏକ ସ୍ମାରକୀ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ରାଜ୍ୟ ସରକାର ବିନା ମୂଲ୍ୟରେ ଜମି ଯୋଗାଇ ଦେଇଛନ୍ତି। ଏହି ସ୍ମାରକୀ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ବିକାଶରେ ସହାୟତା କରିବ। ଐତିହାସିକ ଓ ଗବେଷକମାନଙ୍କୁ ମଧ୍ୟ ଗବେଷଣା କରିବାରେ ସହାୟତା କରିବ।




## ବିଡିଏକୁ ୭ ଏକର ଜମି ଯୋଗାଇ ଦେଲେ ସରକାର

ଭୁବନେଶ୍ୱର, ୧୯।୭(ବ୍ୟୁରୋ): ରାଜ୍ୟ ସରକାର ଜଟଣୀ ତହସିଲ ଅନ୍ତର୍ଗତ ରାମଚନ୍ଦ୍ରପୁର ମୌଜାରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ୭.୯୭୫ ଏକର ସରକାରୀ ଜମି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ମଙ୍ଗଳବାର କ୍ୟାବିନେଟ ଅନୁମୋଦନ କରିଛି। ୪.୧୪୮ ଏକର ସରକାରୀ ଜମିକୁ ଲିଜ୍ ସୂତ୍ରରୁ ଏବଂ ୩.୪୪୭ ଏକର ଜମିକୁ ସର୍ବସାଧାରଣ ବ୍ୟବହାର ନିମନ୍ତେ ଦିଆଯିବ। ରାଜ୍ୟ ସରକାର ସେବେଠାରୁ ପ୍ରଚଳିତ ବିଏମ୍‌ଭି ଅନୁସାରେ ଦେୟ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିଯୋଗୁ ରାଜ୍ୟ ସରକାର ୬,୨୭,୯୭,୯୦୭ ଟଙ୍କା ରାଜସ୍ୱ ଛାଡ଼ କରିଛନ୍ତି। ଏଥିସହିତ ଓଡ଼ିଶା ଡିପ୍ଲୋମା ଯାନ୍ତ୍ରିକ ସେବା (ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ନିୟମାବଳୀ -୨୦୧୨ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଈ ନାଆଁ ଦେଲି ନେତ;**
**ମୋ ଘରେ ଲାଗିଲା ନିତି ଖୁଣ୍ଟଣା,**
**ନିତି ଖାଇଲା କ୍ଷେତ।**

ଗାଈ ଯେବେ ଓଲେଇ ପ୍ରକୃତିର ହୁଏ ବାଡ଼ ଭାଙ୍ଗି ଫସଲ ଖାଇଯାଏ। ତାକୁ ଯେତେ ଆକଟ କଲେ ବା ବାନ୍ଧିକି ରଖିଲେ ମଧ ଲାଭ କିଛି ମିଳି ନ ଥାଏ। ଟିକିଏ ସୁଯୋଗ ପାଇଲେ ସେ ପଘା ଛିଣ୍ଡେଇ ଯୁଆଡ଼େ ଇଚ୍ଛା ସିଆଡ଼େ ଯାଇ ଫସଲ ଖାଇବା ନଷ୍ଟ କରିଦେଉଥିବା ବେଳେ ଏଥିପାଇଁ ବିଚରା ମାଲିକକୁ ଅନେକ କଟୁକଥା ସାଇପଡ଼ିଶାଠୁ ଶୁଣିବାକୁ ପଡିଥାଏ। ଅତି ଶ୍ରଦ୍ଧାରେ ପାଳିଥିବା ଗାଈ ପାଇଁ ମାଲିକ ଅପଦସ୍ଥ ହେବା ଭଳି ନିଜ ଲୋକ ନିଜର କ୍ଷତି ଘଟାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗହମ ନିଦ;**
**ଚୋର କାଟିନେଲା ହାତରୁ ବିଦା।**

ଗାଢ଼ ନିଦରେ ଶୋଇଥିବା ବ୍ୟକ୍ତି କିଛି ଜାଣିପାରି ନ ଥାନ୍ତି। ଘରେ କିଛି ଅଘଟଣ ଘଟିଗଲେ ମଧ ତା'ର ଟେର୍ ପାଇପାରି ନ ଥାନ୍ତି। ଏପରିସ୍ଥଳେ ଗାଢ଼ ନିଦ୍ରାର ସୁଯୋଗ ନେଇ ଘରେ ଚୋର ପଶି ଅଳଙ୍କାର ଲୁଟି ନେଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ

## ରୁଚିକାଙ୍କୁ ନ୍ୟାୟ ପାଇଁ...

- ୧୨ ଘଣ୍ଟିଆ ବନ୍ଦ ପାଳିଲା ସଂଗଠନ

ଭୁବନେଶ୍ୱର,୧୯।୭ (ବ୍ୟୁରୋ)

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଛାତ୍ରୀ ରୁଚିକା ମହାନ୍ତି ରାଗିଂ ସହି ନ ପାରି ଗତ ଜୁଲାଇ ୨ରେ କାରୁବାକୀ ହଷ୍ଟେଲରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଘଟଣାକୁ ୧୮ଦିନ ବିତିଥିଲେ ସୁଦ୍ଧା ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ରୁଚିକାଙ୍କୁ ନ୍ୟାୟ ଦାବିରେ ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ଓ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ୧୨ ଘଣ୍ଟା ଓଡ଼ିଶା ବନ୍ଦ ପାଳନ କରାଯାଇଛି। ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବନ୍ଦକୁ ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରାଯାଇଥିଲେ ମଧ୍ୟ ରାଜ୍ୟରେ ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। କଟକ, ଖୋର୍ଦ୍ଧା, ଯାଜପୁର, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର, ସମ୍ବଲପୁର ସମେତ ରାଜ୍ୟର ବିଭିନ୍ନ ଜିଲାରେ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ରୁଚିକାଙ୍କ ଗାଁ କଟକ ଜିଲା ଆଠଗଡ଼ କଖଡ଼ି ଗ୍ରାମରେ ମଧ୍ୟ ସମ୍ପର୍କୀୟଙ୍କ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ରାସ୍ତାରୋକୋ ଯୋଗୁ ଗାଡ଼ି ଚଳାଚଳ ସାମୟିକ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ ଦୋକାନ ବଜାର ଖୋଲା ରହିଥିଲା। ବସ୍ ଓ ଟ୍ରେନ ଚଳାଚଳ କରିବା ସହ ସ୍କୁଲ, କଲେଜ ପାଠପଢ଼ା ସ୍ୱାଭାବିକ ରହିଥିଲା। ଏହାକୁ ସମର୍ଥନ କରି କଂଗ୍ରେସ ରାସ୍ତାକୁ ଓହ୍ଲାଇଥିବାବେଳେ କେତେକ ସ୍ଥାନରେ କଲେଜ ଛାତ୍ରୀଛାତ୍ର ମଧ୍ୟ ସାମିଲ ହୋଇଥିଲେ। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ବନ୍ଦର କିଛିଟା ପ୍ରଭାବ ଦେଖିବାକୁ ମିଳିଥିଲା। ମହର୍ଷି କଲେଜ, ଏକାମ୍ର କଲେଜର ଛାତ୍ରୀଛାତ୍ର ରୁଚିକାଙ୍କୁ ନ୍ୟାୟ ଦାବି କରି ଆନ୍ଦୋଳନ କରିଥିଲେ। ନବନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ୍.ଡି ମନୱର ଅଲ୍ଲୀଙ୍କ ନେତୃତ୍ୱରେ ପୂର୍ବାହ୍ନରେ ଏକ ବିଶାଳ ବାଇକ ରାଲି ବିଜେବି କଲେଜ ସମ୍ମୁଖରୁ ରାଲି ବାହାରି କଟକ ରୋଡ୍ ଦେଇ ରସୁଲଗଡ଼ ଅଭିମୁଖେ ବାହାରିଥିଲା। ବାଟରେ ସଂଗଠନର କର୍ମକର୍ତ୍ତା ପିକେଟିଂ କରି ଦୋକାନବଜାର ବନ୍ଦ କରିଥିଲେ। ଲକ୍ଷ୍ମୀସାଗର ଛକରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାରୁ ପୋଲିସ ସ୍ଥିତି ନିୟନ୍ତ୍ରଣ ପାଇଁ ଉଦ୍ୟମବେଳେ ଆନ୍ଦୋଳନକାରୀଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଅଧିକାରୀମାନେ ଏମ୍.ଡି. ମନୱର ଅଲ୍ଲୀଙ୍କ ସମେତ ୪୦ରୁ ଅଧିକ କର୍ମକର୍ତ୍ତାଙ୍କୁ ଭ୍ୟାନ୍‌ରେ ଉଠାଇ ନେଇଥିଲା। ଅପରାହ୍ନରେ ନବ ନିର୍ମାଣ କୃଷକ ସଂଗଠନର ନେତା ଅକ୍ଷୟ କୁମାର ୪ଜଣ ସାଥୀଙ୍କୁ ନେଇ ନବୀନ ନିବାସ ଅଭିମୁଖେ ଯାଉଥିବାବେଳେ ପୋଲିସ୍ ସମାନଙ୍କୁ ଉଠାଇ ନେଇଥିଲା। ଓଡ଼ିଶା ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ ଜଣାଇ ମାଷ୍ଟର କ୍ୟାଣ୍ଟିନ୍ ଛକରେ ବିଧାୟକ ସୁର ରାଉତରାୟ କଂଗ୍ରେସ କର୍ମୀଙ୍କ ସହ ରାସ୍ତାରେ ବସି ରୁଚିକାଙ୍କୁ ନ୍ୟାୟ ଦାବି କରିଥିଲେ।



ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ଦେବା ଦାବିରେ ମଙ୍ଗଳବାର ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ଓ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ସମୟରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଛକରୁ ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇ ନେଉଛି।

# ଭିଜିଲାନ୍ସ ଜାଲରେ ଡାକ୍ତର

## କାଉଣ୍ଟର ସାଇନ୍ ପାଇଁ ନେଉଥିଲେ ୧୧,୦୦୦

ଢେଙ୍କାନାଳ ଅଫିସ, ୧୯।୭

ଜୀବନବୀମା କାଗଜପତ୍ରରେ ଦସ୍ତଖତ (କାଉଣ୍ଟର ସାଇନ୍) କରିବା ଲାଗି ଜଣେ ବୀମା ଏଜେଣ୍ଟଙ୍କଠାରୁ ୧୧,୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ଫରେନ୍‌ସିକ୍ ମେଡିସିନ ଟେକ୍ନୋକୋଲୋଜି ବିଭାଗର ସହକାରୀ ଡାକ୍ତର ଉମାକାନ୍ତ ଖେଜୁରିଆ। ଆୟ ବହିର୍ଭୂତ ସମ୍ପତ୍ତି ଠୂଳ କରିଥିବା ସନ୍ଦେହରେ ଅଭିଯୁକ୍ତ ଡାକ୍ତରଙ୍କ ବାଲେଶ୍ୱର ଜିଲା ଔପଦା ଥାନା ଗଡ଼ାସାହିସ୍ଥିତ ପୈତୃକ ଗ୍ରାମ, ମୟୂରଭଞ୍ଜ ଜିଲା ଯଶିପୁରରେ ଶିକ୍ଷୟିତ୍ରୀ ସ୍ତ୍ରୀ ରହୁଥିବା ଘରେ, ଢେଙ୍କାନାଳ ରଥଗଡ଼ସ୍ଥିତ ଭଡ଼ାଘରେ ଏକକାଳୀନ ଚଢ଼ାଉ କରାଯାଇଛି। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ନଂ. ୪୧/୧୮.୦୭.୨୦୨୨ରେ ଏକ ମାମଲା ରୁଜୁ କରାଯାଇଛି।

ଢେଙ୍କାନାଳ ସଦର ଥାନା ଚାଉଳିଆ ଗ୍ରାମର ନନ୍ଦିନୀ ନାୟକ ନାମ୍ନୀ ଜଣେ ମହିଳାଙ୍କ କିଛିଦିନ ତଳେ ମୃତ୍ୟୁ ଘଟିଥିଲା। ଜଟିଳ ରୋଗରେ ଆକ୍ରାନ୍ତ ଥିବା ନନ୍ଦିନୀ ଡାକ୍ତର ଖେଜୁରିଆଙ୍କ ପାଖରେ ଚିକିତ୍ସିତ ହେଉଥିଲେ। ନନ୍ଦିନୀଙ୍କ ଦେହାନ୍ତ ପରେ ତାଙ୍କର ୮ ବର୍ଷୀୟା ଏକମାତ୍ର କନ୍ୟା ଡେଥ୍ ଇନସ୍ୟୁରାନ୍ସର ନୋମିନି ଭାବେ ବୀମା ଟଙ୍କାର ଦାବିଦାର ପାଲଟିଥିଲେ। ପଲିସି ଫର୍ମରେ ଡାକ୍ତର ଖେଜୁରିଆଙ୍କ ଏକ କାଉଣ୍ଟର ସାଇନ୍‌ର ଆବଶ୍ୟକତା ଥିବାବେଳେ ବୀମା ଏଜେଣ୍ଟ ବୈକୁଣ୍ଠନାଥ ସାହୁ ତାଙ୍କ ପାଖକୁ ଯାଇଥିଲେ। ତେବେ ଏଥିଲାଗି ସେ ୧୧ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସଂକ୍ରାନ୍ତରେ ବୈକୁଣ୍ଠନାଥ କଟକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ମଙ୍ଗଳବାର ଅପରାହ୍ନ ୨ଟା ୩୫ରେ ଢେଙ୍କାନାଳ ଦକ୍ଷିଣକାଳୀ ରୋଡ୍‌ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଏକ ଘରୋଇ କ୍ଲିନିକରେ ଡାକ୍ତର ଖେଜୁରିଆ ଏଜେଣ୍ଟ ବୈକୁଣ୍ଠନାଥଙ୍କଠାରୁ ୧୧ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ଅଭିଯୁକ୍ତ ଡାକ୍ତରଙ୍କଠାରୁ ଲାଞ୍ଚ ବାବଦ ୧୧ହଜାର ଟଙ୍କା ଜବତ କରାଯାଇଥିଲା। ଏହାପରେ ଢେଙ୍କାନାଳ ରଥଗଡ଼ାସ୍ଥିତ ତାଙ୍କ ଭଡ଼ାଘରେ ଚଢ଼ାଉ କରାଯାଇଥିଲା। ସେଠାରୁ ଏକ ଦାମୀ କାର୍‌କୁ ଭିଜିଲାନ୍ସ ଜବତ କରିଛି। ଅଧିକ ପଚରାଉଚରା ପାଇଁ ତାଙ୍କୁ କଟକ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି।



ଡା. ଉମାକାନ୍ତ ଖେଜୁରିଆ

# ଜଳଜୀବନ ମିଶନରେ ୪ ଜିଲାକୁ ପାନୀୟ ଜଳ

## ୧୩୯୫ ଗ୍ରାମର ୮.୪୯ ଲକ୍ଷ ଲୋକଙ୍କୁ ମିଳିବ ପିଇବା ପାଣି

ଭୁବନେଶ୍ୱର, ୧୯।୭ (ବ୍ୟୁରୋ)

ରାଜ୍ୟରେ ଗ୍ରାମାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ପ୍ରାଥମିକତା ଦେଇ ଆସିଛନ୍ତି। ଏଥିପାଇଁ ଜଳଜୀବନ ମିଶନ (ଜେଜେଏମ୍) ଯୋଜନାରେ ରାଜ୍ୟର ବିଭିନ୍ନ ଜିଲାକୁ ସାମିଲ କରାଯାଇଛି। ଏହି ଯୋଜନାରେ ୪ଟି ଜିଲାର ୧୦ ବ୍ଲକର ୧୭୮ ପଞ୍ଚାୟତର ୧୩୯୫ ଗ୍ରାମର ୮ ଲକ୍ଷ ୪୯ ହଜାର ୫୨୧ ଜଣଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦିଆଯିବ। ଏଥିପାଇଁ ବିନିଯୋଗ ହେବାକୁ ଥିବା ୧୧୬୪.୪୩ କୋଟିର ଟେଣ୍ଡରକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି।

କୋରାପୁଟ ଜିଲାର ୨ଟି ବ୍ଲକ ଅଧୀନରେ ଥିବା ୩୧ ପଞ୍ଚାୟତ ଅନ୍ତର୍ଗତ ୧୬୭ ଗ୍ରାମର ୧,୬୧,୯୦୨ ଜଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିରୁ ଜୟପୁର ବ୍ଲକ ଅଧୀନରେ ଥିବା ୧୫ ପଞ୍ଚାୟତ ଅନ୍ତର୍ଗତ ୨୨ ଗ୍ରାମର ୯୦,୫୧୬ ଓ କୁନ୍ଦ୍ରା ବ୍ଲକ୍ ଅଧୀନରେ ଥିବା ୧୬ ପଞ୍ଚାୟତର ୮୫ ଗ୍ରାମର ୭୧,୩୮୬ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ୨୬୧ କୋଟି ୯୭ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ୨୪ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ଜେଜେଏମ୍ ଯୋଜନାରେ ରାୟଗଡ଼ା ଜିଲାରେ ୩ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ଲାଗି ୧୧୪ କୋଟି ୬୮ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ୨୪ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଜିଲାର ୨ ବ୍ଲକ୍ ଅଧୀନରେ ଥିବା ୧୫ ଗ୍ରାମ ପଞ୍ଚାୟତର ୧୨୯ ଗ୍ରାମରେ ବାସ କରୁଥିବା ୩୫,୪୦୦ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ଯୋଜନାରେ ଜଗତ୍‌ସିଂହପୁର ଜିଲାର ୪ଟି ବ୍ଲକ୍ ଅଧୀନରେ ଥିବା ୮୫ ପଞ୍ଚାୟତର ୫୪୪ ଗ୍ରାମର ୪ ଲକ୍ଷ ୩୨ ହଜାର ୯୧୬ ଜଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିରୁ ରଘୁନାଥପୁର ବ୍ଲକ ଅଧୀନରେ ଥିବା ୧୦ଟି ପଞ୍ଚାୟତର ୪୮ ଗ୍ରାମର ୮୬,୬୧୭ ଜଣ, ତିର୍ତ୍ତୋଲ ବ୍ଲକ୍‌ର ୨୦୦ ଗ୍ରାମର ୧ ଲକ୍ଷ ୮୩ ହଜାର ୩୮୪, କୁଜଙ୍ଗ ବ୍ଲକ୍‌ର ୧୬୮ ଗ୍ରାମର ୧ ଲକ୍ଷ ୧୯ ହଜାର ୨୭୯ ଓ ଏରସମା ବ୍ଲକ୍‌ର ୧୨୮ ଗ୍ରାମର ୪୩,୬୩୬ ଲୋକଙ୍କୁ ଉକ୍ତ ପ୍ରକଳ୍ପ ଯୋଜନାରେ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବାକୁ ଥିବା ୪୩୧ କୋଟି ୧୦ ଲକ୍ଷ ୯୦ ହଜାର ୫୦୨ ଟଙ୍କା ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଆସନ୍ତା ୨ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ।

ଜେଜେଏମ୍ ଯୋଜନାରେ ଅନୁଗୋଳର ୨ଟି ବ୍ଲକରେ ଥିବା ୪୭ ଗ୍ରାମ ପଞ୍ଚାୟତର ୫୫୫ ଗ୍ରାମର ୨ଲକ୍ଷ ୧୯ ହଜାର ୩୦୩ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ଧାର୍ଯ୍ୟ ୩୫୬ କୋଟି ୬୮ଲକ୍ଷ ୨୬ ହଜାର ୨୭୧ ଟଙ୍କା ଟେଣ୍ଡରକୁ କ୍ୟାବିନେଟ ମୋହର ମାରିଛି।

# ନ୍ୟାୟ ପାଇବା ଆଶଙ୍କାରେ ମୃତା ଶାନ୍ତିଲତାଙ୍କ ପରିବାର

## ଏସ୍‌ଏଫ୍‌ଏସ୍‌ଏଲ୍‌ରୁ ଫାଇଲ୍ ଚୋରି ଘଟଣା

ବାଲେଶ୍ୱର ଅଫିସ,୧୯।୭

ବାଲେଶ୍ୱର ଜିଲା ନୀଳଗିରି ଏନ୍ଏସି ଅଧୀନ କଦମସାହି ଅଞ୍ଚଳର ନବକିଶୋର ମଲ୍ଲିକଙ୍କ ସ୍ତ୍ରୀ ଶାନ୍ତିଲତା (୪୮)ଙ୍କ ହତ୍ୟା ମାମଲାକୁ ଇତି ମଧ୍ୟରେ ୫ ବର୍ଷ ପୂରିବାକୁ ବସିଥିବା ବେଳେ ଏଯାଏ ହତ୍ୟାକାରୀ ଧରାପଡ଼ିନାହାନ୍ତି। ଉକ୍ତ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଦାୟିତ୍ୱ ନେଇଥିବା ବେଳେ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର (ଏସ୍‌ଏଫ୍‌ଏସ୍‌ଏଲ୍)ରୁ ବାୟୋଲୋଜିକାଲ ରିପୋର୍ଟ ଫାଇଲ୍ ଚୋରି ହେବା ଘଟଣାକୁ ରହସ୍ୟାବୃତ୍ତ କରିଛି। ଏସ୍‌ଏଫ୍‌ଏସ୍‌ଏଲ୍‌ର ଆସିଷ୍ଟାଣ୍ଟ ଡାଇରେକ୍ଟର ଶ୍ୟାମମଣି ସାହୁ ଏନେଇ ଭୁବନେଶ୍ୱରସ୍ଥିତ ମଞ୍ଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କେଉଁ ଟେବୁଲ୍‌ରୁ ଫାଇଲ୍ ଚୋରି ହୋଇଛି ଏବଂ କେଉଁ ଅଧିକାରୀମାନେ ସାମିଲ୍ ଅଛନ୍ତି ତାହା ମଧ୍ୟ ଏତଲାରେ ଦର୍ଶାଯାଇଛି। ଏନେଇ ମଞ୍ଚେଶ୍ୱର ଥାନାରେ ମାମଲା (ନଂ. ୨୪୫/୨୨) ରୁଜୁ କରାଯାଇଛି। ଜଣେ ଅତିରିକ୍ତ ଏସ୍‌ପି ର୍‍ୟାଙ୍କର ଅଧିକାରୀ ତଦନ୍ତ କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ମୃତ ଶାନ୍ତିଲତାଙ୍କ ସ୍ୱାମୀ ନବକିଶୋର କହିଛନ୍ତି ଏସ୍‌ଏଫ୍‌ଏସ୍‌ଏଲ୍‌ରୁ ପୋଲିସ ପଠାଇଥିବା ବାୟୋଲୋଜିକାଲ ରିପୋର୍ଟ ପାଇଁ ଫାଇଲ୍‌କୁ ଗାଏବ କରିଦିଆଯାଇଛି। ଯଦି ସରକାରଙ୍କ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରୁ ଫାଇଲ୍ ଗାଏବ କରିବାରେ ଅଧିକାରୀମାନେ ହତ୍ୟାକାରୀଙ୍କୁ ସହାୟତା କରିବେ ତା'ହେଲେ ଭଗବାନଙ୍କ ଉପରେ ଭରସା ଛଡ଼ା ଆଉ କିଛି ଉପାୟ ନାହିଁ। ମାମଲାର ଗୁରୁତ୍ୱପୂର୍ଣ୍ଣ ଫାଇଲ ଚୋରି ହୋଇଯାଇଥିବାରୁ ଏବେ ମୃତାଙ୍କ ପରିବାର ଲୋକେ ନ୍ୟାୟ ପାଇବା ନେଇ ଆଶଙ୍କାରେ ରହିଛନ୍ତି।

ସୂଚନାଯୋଗ୍ୟ ଯେ, ସୈନ୍ୟବାହିନୀରୁ ଅବସର ନେବା ପରେ ନବକିଶୋର ମଲ୍ଲିକ ତାଙ୍କ ପରିବାର ସହ କଦମସାହି ଗ୍ରାମରେ ରହୁଥିଲେ। ତାଙ୍କର ଏକମାତ୍ର ଝିଅ ବରହମପୁର ମେଡ଼ିକାଲରେ ଅଧ୍ୟୟନରତ ଥିଲେ। ନବକିଶୋର ନିଜର ପରିବାର ପ୍ରତିପୋଷଣ ପାଇଁ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କରେ କାର୍ଯ୍ୟରତ ଥିଲେ। ୨୦୧୭ ନଭେମ୍ବର ୧୩ ତାରିଖ ଅପରାହ୍ନ ପ୍ରାୟ ୫ଟା ୪୫ମିନିଟ୍ ସମୟରେ ସେ ବ୍ୟାଙ୍କରୁ ଫେରି ବେଲ୍ ମାରିଲା ବେଳକୁ କେହି ଶୁଣି ନ ଥିଲେ। ଫଳରେ ସ୍ଥାନୀୟ ଲୋକଙ୍କ ସହାୟତାରେ କବାଟ ଖୋଲି ଘର ଭିତରେ ଦେଖିଲା ବେଳକୁ ଶୋଇବା ଘର ଭିତରେ ସ୍ତ୍ରୀ ଶାନ୍ତିଲତା ଦୌଡ଼ିରେ ହାତବନ୍ଧା ହୋଇଥିଲା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚଟଣାରେ ପଡ଼ି ରହିଥିଲେ। ଏନେଇ ସେ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ନୀଳଗିରି ପୋଲିସ ପହଞ୍ଚି ଶାନ୍ତିଲତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ପଠାଇବା ସହିତ ଘଟଣାସ୍ଥଳରୁ ଲୁହା ରଡ଼ ଜବତ କରି ତଦନ୍ତ ଜାରି ରଖିଥିଲା। ଏନେଇ ନୀଳଗିରି ଥାନାରେ ଏକ ମାମଲା (ନଂ. ୨୮୧/୧୭) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଦୀର୍ଘଦିନ ଧରି ପୋଲିସ ହତ୍ୟାକାରୀଙ୍କ କୌଣସି ସୁରାକ ପାଇପାରି ନ ଥିଲା। ସ୍ୱାମୀ ନବକିଶୋର ଏବଂ ଝିଅ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଆବେଦନକୁ ଭିତ୍ତିକରି ଉକ୍ତ ମାମଲାକୁ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଘଟଣାକୁ ଦୀର୍ଘ ୪ବର୍ଷ ୮ମାସ ବିତିଯାଇଥିଲେ ମଧ୍ୟ ପୋଲିସଠାରୁ କ୍ରାଇମବ୍ରାଞ୍ଚ ହତ୍ୟାକାରୀଙ୍କ ଟେର ପାଉ ନ ଥିବା ବେଳେ ଏସ୍‌ଏଫ୍‌ଏସ୍‌ଏଲ୍‌ରୁ ଫାଇଲ୍ ଗାଏବ ହୋଇଯିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ବୈଦିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। -ଶ୍ରୀଅରବିନ୍ଦ



# ଅଯୋଗ୍ୟଙ୍କୁ ଯୋଗ୍ୟ

ଚଳିତ ବର୍ଷ ଜୁଲାଇ ୧୭ରେ ନ୍ୟାସନାଲ ଟେଷ୍ଟିଙ୍ଗ୍ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ମେଡିକାଲ ପଢ଼ିବା ଲାଗି ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି ବା ନିଟ୍) ଅନୁଷ୍ଠିତ ହୋଇଥିଲା। ଏଥିରେ ପାଖାପାଖି ୧୮ ଲକ୍ଷ ୭୨ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଗତ ବର୍ଷ ତୁଳନାରେ ଏହା ୨.୫ ଲକ୍ଷ ଅଧିକ ଓ ୨୦୧୩ରୁ ଆରମ୍ଭ ହୋଇଥିବା ନିଟ୍ ପରୀକ୍ଷାରେ ଏହା ଏକ ରେକର୍ଡ। ବିଦେଶର ୧୪ଟି ସହର ସମେତ ମୋଟ ୪୯୭ଟି ସହରରେ ୩,୫୭୦ଟି କେନ୍ଦ୍ରରେ ନିଟ୍ ପରୀକ୍ଷା କରାଯିବାର ଦିନଟିଏ ନ ଯାଉଣୁ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜୁଲାଇ ୧୭ ଅର୍ଥାତ୍ ପରୀକ୍ଷା ଦିନ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଦିଲ୍ଲୀ ଓ ହରିୟାଣାର ଅନେକ କେନ୍ଦ୍ରରେ ନିଟ୍ ପରୀକ୍ଷାରେ ଅସଲ ପ୍ରାର୍ଥୀଙ୍କ ବଦଳରେ ବିପୁଳ ଟଙ୍କା ବିନିମୟରେ ଅନ୍ୟ ପ୍ରାର୍ଥୀ ପରୀକ୍ଷା ଦେଉଥିବା କୌଣସି ସୂତ୍ରରୁ ଖବର ପାଇ ଏଫ୍‌ଆଇଆର୍ ଦାଏର କରିଥିଲା। ଜୁଲାଇ ୧୮ରେ ଦିଲ୍ଲୀ ଓ ହରିୟାଣାର ବହୁ କେନ୍ଦ୍ରରେ ଚଡ଼ାଉ କରି ସିବିଆଇ ଏହି ରାକେଟର ମାଷ୍ଟରମାଇଣ୍ଡ ସୁଶୀଲ ରଞ୍ଜନଙ୍କ ସମେତ ୮ ଜଣଙ୍କୁ ଗିରଫ କରିବା ସହ ମୋଟରେ ୧୧ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ସେମାନେ ଅସଲ ପରୀକ୍ଷାର୍ଥୀଙ୍କ ଆଇଡି ଏବଂ ପାସ୍‌ୱାର୍ଡ ସଂଗ୍ରହ କରି ସେମାନଙ୍କ ଯୋଜନା ମୁତାବକ କେନ୍ଦ୍ର ପାଇବା ଲାଗି ସେଥିରେ ଆବଶ୍ୟକ ପରିବର୍ତ୍ତନ କରୁଥିଲେ। ଏପରିକି ଅସଲ ପ୍ରାର୍ଥୀଙ୍କ ବଦଳରେ ନକଲି ପ୍ରାର୍ଥୀ ପରୀକ୍ଷା ଦେବା ସକାଶେ ତାଙ୍କ ଫଟୋ ପରିବର୍ତ୍ତନ କରିବା ଲାଗି ମର୍ଫିଂ ପଦ୍ଧତି ଅବଲମ୍ବନ କରୁଥିଲେ ବୋଲି ଜଣେ ସିବିଆଇ ଅଧିକାରୀ କହିଛନ୍ତି। ପ୍ରାର୍ଥୀମାନଙ୍କ ଆଡମିଟ୍ କାର୍ଡ ସଂଗ୍ରହ କରି ନକଲି ଆଇଡି ବି କରାଯାଉଥିଲା। ପ୍ରତ୍ୟେକ ସିଟ୍ ଲାଗି ୨୦ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲା ଓ ସେଥିରୁ ୫ ଲକ୍ଷ ନକଲି ପ୍ରାର୍ଥୀ ଜଣଙ୍କୁ ଦିଆଯିବା ପରେ ବଳକାକୁ ମଧ୍ୟସ୍ଥ ଓ ଅନ୍ୟମାନେ ବାଣ୍ଟି ନେଉଥିବା ସିବିଆଇ ସୂତ୍ରରୁ ପ୍ରକାଶ। ଉଲ୍ଲେଖଯୋଗ୍ୟ ଯେ, ସିବିଆଇ ଗତବର୍ଷ ମଧ୍ୟ ସମାନ ପଦ୍ଧତି ଆପଣାଉଥିବା ପୁଣେର ଏକ ରାକେଟକୁ ଧରିଥିଲା।

ନିଟ୍ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ଲାଗି ପ୍ରାର୍ଥୀମାନଙ୍କ ପରିଚୟପତ୍ର ବାଧ୍ୟତାମୂଳକ କରାଯାଇଥିବା ସହ ପୋଷାକ ଏବଂ କେତେକ ଜିନିଷ ଉପରେ କଟକଣା ଲଗାଯାଇଛି। ଏପରିକି ଚଳିତ ବର୍ଷ କେରଳରେ ଛାତ୍ରୀମାନଙ୍କୁ ଅନ୍ତଃବସ୍ତ୍ର ଖୋଲିବାକୁ ବାଧ କରାଯାଇଛି। ଏଭଳି କଟକଣାରେ ପରୀକ୍ଷା ହେଉଥିବା ପ୍ରକାଶ ପାଉଥିଲେ ମଧ୍ୟ ଚଳିତ ବର୍ଷ ପୁନର୍ବାର ରାକେଟ ଠାବ ହେବା ମେଧାବୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଚିନ୍ତା ବଢ଼ାଇଦେଇଛି। ରାକେଟକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ, ଅତି ମେଧାବୀ କିନ୍ତୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଦୁର୍ବଳ ଥିବା ପିଲାଙ୍କୁ ଠାବ କରି ନିଟ୍ ପରୀକ୍ଷାରେ ବସାଯାଉଛି। ଯାହା ଅନୁମାନ କରାଯାଏ, ଏଭଳି ପିଲାଙ୍କୁ ନିଟ୍ ପାଇଁ ପ୍ରସ୍ତୁତ କରାଯାଉଥିବା ଟ୍ୟୁଟୋରିଆଲଗୁଡ଼ିକରୁ ଚୟନ କରାଯାଉଛି। ଏଠାରେ ମନେପଡ଼େ, ମଧ୍ୟପ୍ରଦେଶରେ ୨୦୧୩ରେ ବ୍ୟାପମ ଦୁର୍ନୀତି ଲୋକଲୋଚନକୁ ଆସିବା ଘଟଣା। ଏଥିରେ ମେଡିକାଲ, ରାଜ୍ୟ ପ୍ରଶାସନିକ ଓ ଶିକ୍ଷକ ଚୟନ ପରୀକ୍ଷା ସମେତ ବିଭିନ୍ନ ପ୍ରକାର ରାଜ୍ୟ ପ୍ରତିଯୋଗିତା ପାଇଁ ପରୀକ୍ଷା କରାଯାଉଥିଲା। ଏଥିରେ ମଧ୍ୟ ସମାନ ପ୍ରକାର ଶୈଳୀରେ ଠକାମି ଧରାପଡ଼ିଥିଲା।

ଏହିସବୁ ଦୁର୍ନୀତିର ମୂଳରେ ରହିଛି ମାତାପିତାଙ୍କର ଅତ୍ୟଧିକ ଲୋଭ। ଅଯୋଗ୍ୟ ସନ୍ତାନଙ୍କୁ ଜୀବନରେ ଥଇଥାନ କରିବାକୁ ଯାଇ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ହେଉଥିବା ଏଭଳି ଅସାଧୁ ମାତାପିତା ଏହି ଦେଶର ଭବିଷ୍ୟତକୁ ଅନ୍ଧକାରମୟ କରିବାରେ ମୁଖ୍ୟତଃ ଦାୟୀ। କଳେବଳେ କୌଶଳେ ନିଜ ସନ୍ତାନକୁ କୋଟିପତି କରିବାକୁ ଯାଇ ତାଙ୍କର ନାମ ପୂର୍ବରୁ ଡାକ୍ତର ଲେଖିବାର ଯୋଗ୍ୟତା ହାସଲ ହେଉ ନ ଥିଲେ ମଧ୍ୟ ସେହି ପଦବୀକୁ କିଣିବାରେ ସକ୍ଷମ ମାତାପିତା ଭବିଷ୍ୟତର ଅନେକ ରୋଗୀଙ୍କୁ ହତ୍ୟା କରବାର ଉଦ୍ୟମ ଏବେଠାରୁ ଆରମ୍ଭ କରଛନ୍ତି।

# ଆଜି ନୁହେଁ ତ କେବେ ନୁହେଁ

ବିଶ୍ୱର ଥଣ୍ଡା ଦେଶଗୁଡ଼ିକରେ ଏବେ ପ୍ରବଳ ଗରମ । ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲନିଆଁ ଯୋଗୁ ୟୁରୋପର ଅଧିକାଂଶ ରାଷ୍ଟ୍ରରେ ତାପମାତ୍ରା ଅବିଶ୍ୱସନୀୟ ସ୍ତରକୁ ଚାଲିଯାଇଛି। ଆମେରିକାରେ ଅସହ୍ୟ ଗରମ ଯୋଗୁ ଲୋକେ କଲବଲ ହେଲେଣି। ଅତ୍ୟଧିକ ତାପମାତ୍ରା ବୃଦ୍ଧି ପାଇଥିବାରୁ ପର୍ତ୍ତୁଗାଲ ଓ ସ୍ପେନ୍‌ରେ ଗତ ୧୦ ଦିନ ମଧ୍ୟରେ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣ ଗଲାଣି। ପର୍ତ୍ତୁଗାଲରେ ୧୪ ଜୁଲାଇରେ ତାପମାତ୍ରା ୪୭ ଡିଗ୍ରୀ ସେଲ୍‌ସିୟସ ଅତିକ୍ରମ କରିଥିଲା। ସେହିଭଳି ସ୍ପେନ୍‌ରେ ତାପମାତ୍ରା ୪୦ ଡିଗ୍ରୀ ଟପିଯାଇଥିବା ବେଳେ ପ୍ରଥମ ଥର ପାଇଁ ବ୍ରିଟେନ୍‌ର କେତେକ ଅଞ୍ଚଳରେ ରେଡ୍ ଆଲର୍ଟ ଜାରି କରାଯାଇଛି। ଆଶ୍ଚର୍ଯ୍ୟର କଥା ଯେ, ୟୁରୋପର ବିଭିନ୍ନ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିବା ଯୋଗୁ ଥଣ୍ଡା ଜଳବାୟୁରେ ବଢ଼ିଆସିଥିବା ଲୋକେ ଗରମ ଯୋଗୁ ହନ୍ତସନ୍ତ ହେଉଛନ୍ତି। ଇଟାଲୀର ଦୀର୍ଘତମ ନଦୀ ପୋ ଭ୍ୟାଲି ଶୁଷ୍କ ହେବାରେ ଲାଗିଲାଣି। ସେହିପରି ଦକ୍ଷିଣ ଆମେରିକାର ପେନୁଏଲାସ୍ ହ୍ରଦ ଗତ ଜୁନ୍‌ରେ ସମ୍ପୂର୍ଣ୍ଣ ଭାବେ ଶୁଖିଯାଇଛି। ମୋଟାମୋଟି ଦେଖିଲେ ୟୁରୋପ ଓ ଆମେରିକା ଧୀରେ ଧୀରେ ଗ୍ରୀଷ୍ମପ୍ରଧାନ ଦେଶ ହେବାକୁ ବସିଲେଣି। ପିଲାଟି ବେଳୁ ପଢ଼ି ଆସିଥିଲୁ ଗ୍ରୀଷ୍ମଋତୁରେ ଲୋକେ ଛୁଟି କଟାଇବା ପାଇଁ ୟୁରୋପ ଯାଉଥିଲେ। ହେଲେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ସେହି ଦେଶର ପର୍ଯ୍ୟଟନ ସମେତ ଅର୍ଥନୀତି ଓ ଜୀବନଶୈଳୀକୁ ମାତ୍ରାଧିକ ପ୍ରଭାବିତ କରିଛି।

କୋଭିଡ୍ ମହାମାରୀ ଯୋଗୁ ସମଗ୍ର ବିଶ୍ୱ ଆର୍ଥିକ ଓ ସ୍ୱାସ୍ଥ୍ୟଗତ କାରଣରୁ କ୍ଷତିଗ୍ରସ୍ତ ହୋଇଛି। ସେହି ଦୁଃଖକୁ ଆହୁରି ବଢ଼ାଇ ଦେଇଛି ରୁଷିଆ-ୟୁକ୍ରେନ୍ ଯୁଦ୍ଧ। ଏଥିଯୋଗୁ ୟୁରୋପୀୟ ଦେଶଗୁଡ଼ିକ ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଛନ୍ତି। କାରଣ ଏହି ରାଷ୍ଟ୍ରଗୁଡ଼ିକ ବିଜୁଳି ଶକ୍ତି ଉତ୍ପାଦନ ଲାଗି ରୁଷିଆଠାରୁ ପ୍ରାକୃତିକ ଗ୍ୟାସ୍ ଆଣିଥାଆନ୍ତି। ଯେହେତୁ ରୁଷିଆ ଉପରେ ଅର୍ଥନୈତିକ ପ୍ରତିବନ୍ଧକ ଲଗାଯାଇଛି, ସେହେତୁ ତାପଜ ବିଦ୍ୟୁତ୍ ଉପରେ ନିର୍ଭରଶୀଳତା ବଢ଼ିଯାଇଛି। ସମସ୍ତେ ଜାଣନ୍ତି ଯେ, ତାପଜ ବିଦ୍ୟୁତ୍ ବିଶ୍ୱତାପନ ବୃଦ୍ଧି କରାଇଥାଏ। ତେଣୁ ଏସବୁକୁ ଦେଖିଲେ ଜଙ୍ଗଲ ଜଳିବା ଓ ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ତାପମାତ୍ରା ସ୍ତରକୁ ବଢ଼ାଇଦେବା ସ୍ୱାଭାବିକ। ଉଲ୍ଲେଖଯୋଗ୍ୟ ଯେ, ଏବେ ପର୍ତ୍ତୁଗାଲ ଜଙ୍ଗଲରେ ଲାଗିଥିବା ନିଆଁରେ ୭୪ ହଜାର ଏକର ବନାନୀ ଧ୍ୱଂସ ପାଇଯାଇଛି। ଏଥିରେ କେବଳ ଯେ ଗଛଲତା ପୋଡ଼ିଯାଇଛି ତାହା ନୁହେଁ, ଅନେକ ହଜାର ସ୍ଥାନୀୟ ତଥା ବିରଳ ଜୀବଜନ୍ତୁ ସବୁସମୟ ସକାଶେ ପୃଥିବୀରୁ ଲୋପ ପାଇଯାଇଛନ୍ତି। ବର୍ତ୍ତମାନ ଭିନ୍ନ ଏକ ସଙ୍କଟ ମଧ୍ୟ ମୁଣ୍ଡ ଟେକିଲାଣି। ଥଣ୍ଡା ଜଳବାୟୁରେ ଯେଉଁ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥାଏ, ତାହା ମଧ୍ୟ ଘୋର ପ୍ରଭାବିତ ହୋଇଛି। ୟୁରୋପ ସମେତ ସମଗ୍ର ବିଶ୍ୱରେ ଖାଦ୍ୟ ସଙ୍କଟ ବଢ଼ିବା ସହ ଏହାର ମୂଲ୍ୟବୃଦ୍ଧି ଯୋଗୁ ଲୋକେ ଆହୁରି ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ସାଧାରଣରେ ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତି ଉଚ୍ଚା ରହିଥିବାବେଳେ ହୀଟ୍ ୱେଭ୍ ଯୋଗୁ ଶସ୍ୟ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିବାରୁ ଖାଦ୍ୟଶସ୍ୟର ମୂଲ୍ୟ ବହୁଗୁଣା ବଢ଼ିଯାଉଛି। ବିଶେଷଜ୍ଞମାନେ ଏଭଳି ଏକ ସ୍ଥିତିକୁ 'ହୀଟ୍‌ଫ୍ଲେଶନ' ବା ତାପମାତ୍ରାଜନିତ ମୁଦ୍ରାସ୍ଫୀତି କହିଲେଣି।

ପୃଥିବୀ ଉପରେ ମଣିଷର ଅତ୍ୟାଚାର ସୀମା ଟପୁଥିବାରୁ ପ୍ରକୃତିର ସ୍ୱରୂପ ଦିନକୁ ଦିନ ବଦଳିବାରେ ଲାଗିଛି। ଏକ ସନ୍ତୁଳିତ ବାୟୁମଣ୍ଡଳ ଓ ପରିବେଶ ଥିବାରୁ ପୃଥିବୀ ରୂପକ ଗ୍ରହ ମଣିଷ ପାଇଁ ଏକମାତ୍ର ବାସୋପଯୋଗୀ ରହିଆସିଛି। ହେଲେ ଏବେ ମନୁଷ୍ୟକୃତ ବିପର୍ଯ୍ୟୟ ଏହି ଗ୍ରହକୁ ଉତ୍ତପ୍ତ କରିବାରେ ଲାଗିଛି। ଆଜିର ସମୟରେ ଅନ୍ତର୍ଜାତୀୟ ସ୍ତରରେ ଯେଉଁ ରାଷ୍ଟ୍ରଗୁଡ଼ିକ ନିଜର ପତିଆରା ଦେଖାଇ ଆସୁଥିଲେ ସେମାନେ ଏବେ ପ୍ରକୃତିର ଧକ୍କା ଖାଇଲେ। ଅତ୍ୟନ୍ତ ଆରାମଦାୟକ ଜୀବନ ଜିଇବାକୁ ଚାହୁଁଥିବା ମାନବ ସମାଜ ସଚେତନ ହେବାର ସମୟ ଚାଲିଯାଉଛି। ଏବେ ନୁହେଁ ତ କେବେ ନୁହେଁ। ବିଳମ୍ବ ହେଲେ ମଣିଷ ନିପାତ ହୋଇଯିବ। କିନ୍ତୁ ଏହି ଗ୍ରହ ତା'ର ପାଣିପାଗ ବଦଳାଇ ନୂଆ ରୂପ ନେବ। ପୃଥିବୀର ଭୌଗୋଳିକ ଇତିହାସ ଦେଖିଲେ ଏଠାରେ ଅନେକ ଯୁଗ ବିତିଯାଇଛି। ସବୁ ଯୁଗରେ ମଣିଷ ନ ଥିଲା। ଆଜି ଯଦି ସାବଧାନ ହେବାକୁ ଅସ୍ୱୀକାର କରିବା ତେବେ ଆଗାମୀ ଦିନରେ, ସମୟ ଆସିପାରେ, ପୃଥିବୀ ଥିବ କିନ୍ତୁ ମଣିଷ ଜାତି ଲୋପ ପାଇଯାଇଥିବ।

# ସୌଧ, ସବୁଜିମା ଓ ସାହିତ୍ୟ



ଡ. ପ୍ରଫୁଲ୍ଲ କୁମାର ସାହୁ

ବିଧାୟକମାନଙ୍କ ପାଇଁ ବିଧାନସଭା ସନ୍ନିକଟ ନଗରବନରେ ନିର୍ମାଣ ହେବ ବିଧାୟକ ଭବନ। ଦୁଇଶହ ପଚାଶ କୋଟି ଟଙ୍କା ବ୍ୟୟରେ ଛିଡ଼ାହେବ ଏଗାର ମହଲା ବିଶିଷ୍ଟ ସୌଖୀନ ସୌଧ। ବିଡ଼ମ୍ବନାର ବିଷୟ ଜଙ୍ଗଲକୁ ସୁରକ୍ଷା ଦେବା ଯେଉଁ ବନବିଭାଗର କାମ, ସେହି ବନବିଭାଗ ସହାୟତାରେ କଟାଯାଇଛି ଗଛ। ଗୋଟିଏ କି ଦୁଇଟି ନୁହେଁ, ଛଅ ଶହ ଗଛ କଟା ସରିଛି ଏବଂ ବଳିପଡ଼ିବା ଅପେକ୍ଷାରେ ଅଛନ୍ତି ଛୋଟବଡ଼ ଆହୁରି ଚାରିଶହ ଗଛ। ସରକାରଙ୍କ ଏହି ପରିବେଶବିରୋଧୀ ଆଭିମୁଖ୍ୟ ପାଇଁ କଂକ୍ରିଟ ଜଙ୍ଗଲରେ ପରିଣତ ହେବାକୁ ଯାଉଛି ନଗରବନ; ଯାହାକୁ କୁହାଯାଉଥିଲା ସୂକ୍ଷ୍ମ ଜୈବବିବିଧତାର ଗନ୍ତାଘର। ସହର ଭିତରେ ଏଭଳି ଧ୍ୱଂସଲୀଳାକୁ ତୀବ୍ର ବିରୋଧ କରିଛନ୍ତି ପରିବେଶପ୍ରେମୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଘଟଣା ସ୍ଥଳରେ ଧାରଣା ଦେବା ସହିତ ଉଚ୍ଚ ନ୍ୟାୟାଳୟରେ ପହଞ୍ଚିବା ଫଳରେ ସାମୟିକ ଭାବରେ ଗଛକଟା ବନ୍ଦ ରଖିବାକୁ ବାଧ ହୋଇଛନ୍ତି ସରକାର।

ବନବିଭାଗର ପରବର୍ତ୍ତୀ ପ୍ରସ୍ତୁତିରୁ ମନେହୁଏ ଯେ କୌଣସି ପ୍ରକାରେ ସୌଧ ନିର୍ମାଣ ସରକାରଙ୍କର ଲକ୍ଷ୍ୟ। ମାତ୍ର ଅବଶିଷ୍ଟ ଗଛ ନ କାଟିଲେ ପ୍ରକଳ୍ପ କାମ ଆଗକୁ ବଢ଼ିବ କେମିତି ? ସେଥିପାଇଁ ତା'ର ବିକଳ୍ପକୁ ନେଇ ଆରମ୍ଭ ହୋଇଛି ବିଚାର ବିମର୍ଶ। ଗଣମାଧ୍ୟମର ସୂଚନା ଅନୁଯାୟୀ ବନବିଭାଗ ପକ୍ଷରୁ ଚାଲିଛି ସ୍ଥାନାନ୍ତର ପଦ୍ଧତି(ରିପ୍ଲାଣ୍ଟ)ରେ ଅବଶିଷ୍ଟ ବୃକ୍ଷକୁ ସୁରକ୍ଷା ଦେବାର ଯୋଜନା। ମାତ୍ର ବିଶେଷଜ୍ଞଙ୍କ ମତରେ ଏହି ବ୍ୟୟ ବହୁଳ ପଦ୍ଧତିରେ ବଡ଼ଗଛ ନୁହେଁ, କେବଳ ଛୋଟଛୋଟ ଗଛକୁ ସ୍ଥାନାନ୍ତର କରିବା ସମ୍ଭବ। କାରଣ ବୈଷୟିକ ଦୃଷ୍ଟିକୋଣରୁ ତିନି ଫୁଟରୁ ଅଧିକ ଗୋଲେଇ ବିଶିଷ୍ଟ ଗଛ ସ୍ଥାନାନ୍ତର କଲେ ତା'ର ବଞ୍ଚିବା ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ। ଅର୍ଥାତ୍ ବିକଳ୍ପ ବ୍ୟବସ୍ଥା ସତ୍ତ୍ୱେ ନଗରବନରୁ ବଳିପଡ଼ିବେ ବର, ଓସ୍ତ, ଆମ୍ବ, ଜାମୁ, ନିମ୍ବ, ପଣସ, ବଉଳ ଓ କଦମ୍ବ ଆଦି ବିଭିନ୍ନ କିସମର ଅବଶିଷ୍ଟ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ମହାଦ୍ରୁମ; ଯାହାର ଉପସ୍ଥିତି ପରିବେଶ ପାଇଁ ଜରୁରୀ। ତେଣୁ ସ୍ୱତଃ ପ୍ରଶ୍ନ ଉଠେ ବ୍ୟୟବହୁଳ ସ୍ଥାନାନ୍ତର ଯୋଜନା କ'ଣ ପାଇଁ? ପରିବେଶ ସୁରକ୍ଷା ନା କେବଳ ଜନ ଅସନ୍ତୋଷକୁ ପ୍ରଶମିତ କରିବା ଏହାର ଲକ୍ଷ୍ୟ? ସରକାର ଯଦି ପରିବେଶ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉଛନ୍ତି, ତେବେ ବୃକ୍ଷ ସ୍ଥାନାନ୍ତର ବଦଳରେ ପ୍ରକଳ୍ପର ସ୍ଥାନ ପରିବର୍ତ୍ତନ କଥା ଭାବୁ ନାହାନ୍ତି କାହିଁକି ?



ଇତିହାସ କହେ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା ବେଳେ ଏହାକୁ ଏକ ସବୁଜ ସହର ଭାବରେ ଗଢ଼ି ତୋଳିବା ପାଇଁ ପ୍ରସ୍ତୁତ ହୋଇଥିଲା ନକ୍ସା। ଯୋଜନା ଅନୁସାରେ ବିସ୍ତୀର୍ଣ୍ଣ ସବୁଜିମା ଓ ଘଞ୍ଚ ଅରଣ୍ୟରେ ହସି ଉଠିଥିଲା ରାଜଧାନୀ ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ। ସାରା ଦେଶରେ ଭୁବନେଶ୍ୱର ଥିଲା ଏକମାତ୍ର ସହର; ଯାହାର ଜଳବାୟୁରେ ଭରି ରହିଥିଲା ପୂର୍ଣ୍ଣ ସ୍ୱାସ୍ଥ୍ୟର ଜୀବନ ଶକ୍ତି। ଉପକଣ୍ଠର ଘଞ୍ଚ ଅରଣ୍ୟ, ସୁନ୍ଦର ସବୁଜିମାଭରା ପାହାଡ଼ ପର୍ବତ ତଥା ବହିଯାଉଥିବା ନଦୀ ଓ ଝରଣା ପାଇଁ ଭୁବନେଶ୍ୱରକୁ କୁହାଯାଉଥିଲା ଥଣ୍ଡା ସହର। ଏବେ ନାତିଶୀତୋଷ୍ଣ ଜଳବାୟୁ ପରିବର୍ତ୍ତେ ଭୁବନେଶ୍ୱର ପାଲଟି ସାରିଛି ସର୍ବୋଚ୍ଚ ତାପମାତ୍ରାର ସହର। ଜାଗା ଅଧିକାର କରିବାର ପ୍ରତିଯୋଗିତା, ରାସ୍ତା ନିର୍ମାଣର ଆବଶ୍ୟକତା ତଥା ଫନୀ ଓ ଫାଇଲିନ ଆଦି ପ୍ରଳୟଙ୍କରୀ ବାତ୍ୟା ପ୍ରକୋପରେ ଏ ସହର ହରାଇ ସାରିଛି ତା'ର ସବୁଜ ସମ୍ଭାର। ତଥ୍ୟ କହେ ପୁରୀ ଭୁବନେଶ୍ୱର ରାସ୍ତା ସଂପ୍ରସାରଣ ପାଇଁ ଡୋଜର ମାଡ଼ରେ ଉତ୍‌ଖାତ ହୋଇଛି ଅଠର ହଜାର ଗଛ। ଚାରି ହଜାର ଗଛ ବଳି ପଡ଼ିଛି ରାଜଧାନୀ ଭିତର ରାସ୍ତା ସଂପ୍ରସାରଣ ପାଇଁ।

ଅବଶିଷ୍ଟ ବୃକ୍ଷ ନ ରହିଲେ ସଂପୂର୍ଣ୍ଣ ସବୁଜିମା ହରେଇ ବସିବ ରାଜଧାନୀ। ତାପମାତ୍ରା ଆହୁରି ବଢ଼ିବ ଓ ଅସ୍ୱାଭାବିକ ହୋଇଯିବ ଜଳବାୟୁ। ଚିନ୍ତାର ବିଷୟ ହେବ ଶ୍ୱାସକ୍ରିୟା ପାଇଁ ବିଶୁଦ୍ଧ ବାୟୁର ଅଭାବ। ଦିଲ୍ଲୀ ସହର ଭଳି ଅବସ୍ଥା ଉପୁଜିବା ପୂର୍ବରୁ ସରକାର ଏକଥା ହେଜିବା ଉଚିତ। ଅଥଚ ସରକାର ବୃକ୍ଷ ନିପାତ କରି ଦେଖୁଛନ୍ତି ତଥାକଥିତ ବିକାଶର ଚିତ୍ର। ଏଭଳି ସ୍ଥିତିରେ ସରକାରୀ ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ପରିବେଶବିତ୍ ତଥା ପରିବେଶ ସୁରକ୍ଷା ନିମନ୍ତେ ଗଢ଼ି ଉଠିଥିବା ବିଭିନ୍ନ ସଂଗଠନ ଆଗେଇ ଆସିବା ଆବଶ୍ୟକ। ମାତ୍ର ପରିବେଶ ସୁରକ୍ଷା ନାଁରେ ତ ଏବେ ନକଲି ପରିବେଶପ୍ରେମୀ ଓ ସଂଗଠନର ସଂଖ୍ୟା ବେଶି। ଏମାନେ ଜଙ୍ଗଲ ସୁରକ୍ଷାକୁ ନେଇ ସୁନ୍ଦର ଭାଷଣ ଦିଅନ୍ତି, ବନ ମହୋତ୍ସବ ସପ୍ତାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରନ୍ତି, ମାତ୍ର ଏମାନଙ୍କ ଆଭିମୁଖ୍ୟ ଓ ଆଚରଣରେ ପ୍ରତିଫଳିତ ହୁଏନି ପରିବେଶ ସୁରକ୍ଷା ଚିନ୍ତା। ତା'ର ସଦ୍ୟତମ ଦୃଷ୍ଟାନ୍ତ ହେଉଛି ଆଲୋଚ୍ୟ ନଗରବନ ବୃକ୍ଷକଟା ଘଟଣା। ବୃକ୍ଷକଟାକୁ ବିରୋଧ କରି ଘଟଣାସ୍ଥଳରେ ପହଞ୍ଚିଲେ ଅଳ୍ପ କେତେଜଣ ନିଷ୍ଠାପର ପରିବେଶପ୍ରେମୀ ଓ ସଂଗଠକ। ସେମାନେ ସରକାରଙ୍କ ପଦକ୍ଷେପକୁ ବିରୋଧ କରି ଧାରଣା ଦେଲେ। ଅନ୍ୟପକ୍ଷରେ ତଥାକଥିତ ପରିବେଶପ୍ରେମୀ ଓ ଛଦ୍ମ ସଂଗଠକମାନେ ଦେହଛପା ଦେଲେ ସରକାରୀ ସୁବିଧା ହରାଇବା ଭୟରେ। ଏମାନଙ୍କ ସଂଖ୍ୟା କିନ୍ତୁ ଆଶାତୀତ ଭାବରେ ବେଶି।

ସାଧାରଣତଃ ଯାହାସମ୍ଭବ ହୁଏନି ହଜାରେ ଆଇନକାନୁନ, ଉପଦେଶ, ପରାମର୍ଶ ଓ ବିଜ୍ଞାପନ ଜରିଆରେ, ତାହା ସମ୍ଭବ ହୋଇଥାଏ ଏକ ସୃଜନଶୀଳ ଲେଖା ସାହାଯ୍ୟରେ। ଏହି ଦୃଷ୍ଟିରୁ ପରିବେଶ ସୁରକ୍ଷା ଦିଗରେ ସାହିତ୍ୟର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ପୃଥିବୀକୁ ପୁନଃ ସବୁଜିମାରେ ଭରିଦେବା ପାଇଁ କବି ଓ ଲେଖକମାନେ ନିଷ୍ଠାପର ଭାବେ କଲମ ଚାଳନା କରିବା ଉଚିତ। ମାତ୍ର ଅନେକ ସାହିତ୍ୟିକ ଅନ୍ୟାୟ ଅନୀତି ବିରୋଧରେ ପ୍ରତିବାଦ କରି ତା'ର ସାହସ ହରେଇ ବସିଲେଣି ପଦ ପଦବୀ ଓ ପୁରସ୍କାର ପାଇବା ଲୋଭରେ। ଜାଣି ରଖିବା ଦରକାର, ପରିବେଶର ଅବକ୍ଷୟୀ ରୂପକୁ ନେଇ କବି ଓ ଲେଖକ ଯଦି ନିଜ ଦାୟିତ୍ୱ ପ୍ରତି ସଚେତନ ନ ହେବେ, ତେବେ ପୃଥିବୀ କ୍ରମଶଃ ହରେଇ ବସିବ ତା'ର ସବୁଜିମା। ଜୀବଜନ୍ତୁଙ୍କ ପ୍ରାକୃତିକ ଆବାସ ସ୍ଥଳୀ ଧ୍ୱଂସ ପାଇବା ସହିତ ଉଜୁଡ଼ିଯିବ ଉଦ୍ଭିଦ ପରିସଂସ୍ଥାନ। ବିପର୍ଯ୍ୟସ୍ତ ହୋଇଯିବ ଜୈବବିବିଧତା। ଭାବିଲେ ଦେଖି, ଯେଉଁ ବନ୍ୟ ପୃଥିବୀରେ ନ ଥିବ ଫୁଲ ଫୁଟିବାର ଅନ୍ତରଙ୍ଗ ମୁହୂର୍ତ୍ତ, ଯେଉଁଠି ମର୍ମରିତ ହେଉ ନ ଥିବ ଗଛର ପତ୍ର, ଶାଖାରୁ ଶାଖାକୁ ଭାସି ଆସୁ ନ ଥିବ କୋଇଲିର କୁହୁ ସ୍ୱନ, କଳକଳ ନାଦ କରି ବହି ଯାଉ ନ ଥିବ ଶୀତଳ ଝରଣା, ସେ ନିର୍ଜୀବ ପୋଡ଼ା ଭୂଇଁରେ କବି ହୃଦୟରୁ କ'ଣ ଆଉ କବିତା ଝରିବ? ଏଣୁ ସବୁଜିମାର ସୁରକ୍ଷା ଦିଗରେ କବି ଓ ଲେଖକମାନେ ତତ୍ପର ହୋଇ ଉଠିବା ଉଚିତ। ପରିବେଶ ବିଜ୍ଞାନୀଙ୍କ ତଥ୍ୟକୁ ଆଧାର କରି ସେମାନେ ଏମିତି ଆବେଗଧର୍ମୀ ଗଳ୍ପ ଓ କବିତା ଲେଖିବା ଦରକାର, ଯାହା ପଢ଼ିବା ମାତ୍ରେ ମାଟି ଖୋଳି ଗଛ ଲଗାଇବା ନିମନ୍ତେ ପ୍ରାଣରେ ଖେଳିଯିବ ଅଦ୍ଭୁତ ଉନ୍ମାଦନା।

**ପ୍ରାକ୍ତନ କଲେଜ ଅଧ୍ୟକ୍ଷ,**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ବିଶ୍ୱାସର ଆଖି ନାହିଁ



ମୋହନ ଚରଣ ବିଷି

ଇଂଲଣ୍ଡର ପ୍ରଧାନମନ୍ତ୍ରୀ ବୋରିସ ଜନସନ ଇସ୍ତଫା ଦେଲେ। କାରଣ ନିଜ ମନ୍ତ୍ରିମଣ୍ଡଳର ମନ୍ତ୍ରୀମାନେ ତାଙ୍କୁ ବିରୋଧ କଲେ। କିଛିଦିନ ତଳେ ମହାରାଷ୍ଟ୍ରରେ ମଧ୍ୟ ସେମିତି କିଛି ଦେଖିବାକୁ ମିଳିଥିଲା। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ବିରୋଧରେ ନିଜ ଦଳର ବିଧାୟକ ଓ ମନ୍ତ୍ରୀମାନେ ବିରୋଧ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଉଦ୍ଧବ ଠାକରେ। ରାଜନୀତିରେ ଏମିତି କଥା କିଛି ନୂଆ ନୁହେଁ। ବିରୋଧୀଙ୍କ ଏମିତି ନିଷ୍ପତ୍ତି ନିଶ୍ଚିତ ଭାବେ ଦଳର ମୁଖ୍ୟଙ୍କୁ ଚକିତ କରିଥାଏ। ଦଳପ୍ରମୁଖ ବିଶ୍ୱାସ କରି ଦାୟିତ୍ୱ ଦେବାରେ କ'ଣ ଭୁଲ କରିଥିଲେ ? ପ୍ରତିପକ୍ଷର ବିଶ୍ୱାସର ଦୂରଦର୍ଶତାର ଅଭାବ ପାଇଁ ପରସ୍ପର ମଧ୍ୟରେ ଗୋଡ଼ ଟଣା ହୋଇଥାଏ।

ବିଶ୍ୱାସେ ମିଳଇ ହରି ତର୍କେ ବହୁଦୂର। ବିଶ୍ୱାସ କଲେ ହରି ସବୁଠି ଅଛନ୍ତି। ପରମ ସତ୍ତାକୁ ବିଶ୍ୱାସ କରିବା ଶ୍ରେୟସ୍କର। ସେ କେବେ ଧୋକା ଦେବେ ନାହିଁ। ନିଜ ଭିତର ଜଡ଼ତାକୁ ଚେତନାରେ ରୂପାନ୍ତରିତ କରିବେ। ଅଜ୍ଞାନତା ବିନାଶ କରି ଆଲୋକ ଆଡ଼କୁ ନେବେ। ହେଲେ ମଣିଷ କ'ଣ ବିଶ୍ୱାସ କରେ ? ଆଧ୍ୟାତ୍ମିକ ଶାସ୍ତ୍ରରେ ମଣିଷକୁ ପ୍ରିୟ ପରମକୁ ଦୃଢ଼ରୁ ଦୃଢ଼ ବିଶ୍ୱାସ କରିବା ପାଇଁ କୁହାଯାଇଛି। ଯିଏ ବିଶ୍ୱାସ କରେ ସିଏ ହିଁ ପାଏ। ଏହା ବ୍ୟକ୍ତି ଉପରେ ନିର୍ଭର କରିଥାଏ। କିନ୍ତୁ ମଣିଷର ସେଇଠି ବିଶ୍ୱାସ ଯେଉଁଠି ତା'ର କିଛି ସ୍ୱାଭିମାନ ପଣ,ସ୍ୱାର୍ଥ ନିହିତ ଥାଏ।

ବିଶ୍ୱାସ ନ କଲେ ସଂସାରରେ ଚଳିବା କଷ୍ଟ। ଯେହେତୁ ଆମେ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ ତେଣୁ ବିଶ୍ୱାସ କରିବାକୁ ପଡ଼େ। ସାମାଜିକ ଜୀବନ ନିର୍ବାହ ଭିତରେ ଅନେକଙ୍କ ସମ୍ପର୍କରେ ଆସିଥାଏ ମଣିଷ। ଘର ପରିବାରଠାରୁ ଆରମ୍ଭ କରି ସାଙ୍ଗସାଥି, ବନ୍ଧୁବାନ୍ଧବ, ବିଦ୍ୟାଳୟ, ମହାବିଦ୍ୟାଳୟ, ଦୋକାନ, ବଜାର, ଅଫିସ, ଥାନା, ଅଦାଲତ ସବୁଠି ବିଶ୍ୱାସ ସହ କାମ କରିଥାଏ। କେତେବେଳେ କାମରେ ସଫଳତା ମିଳିଥାଏ ତ କେତେବେଳେ ବିଶ୍ୱାସ କରି ଠକି ଯାଏ। ବିଶ୍ୱାସ କାହାକୁ ଉପରକୁ ଉଠାଇ ଦିଏ ତ କାହାକୁ ରସାତଳଗାମୀ କରାଏ। କର୍ମମୟ ଜୀବନରେ ବିଶ୍ୱାସକୁ ଆତ୍ମବିଶ୍ୱାସରେ ରୂପାନ୍ତରିତ କରିବା ହିଁ କାଠିକର ପାଠ। ଏହା ଆମ ଦ୍ୱାରା ହେଉନି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ବିଶ୍ୱାସର ଆଖି ନାହିଁ।

ଆଜିକାଲିର ବିଶ୍ୱାସ, ବିଶ୍ୱାସଘାତକରେ ବଦଳିବାକୁ ସମୟ ଲାଗୁନାହିଁ। ନିଜ ରୁଚି ବାହାରେ ସାମାନ୍ୟ କିଛି ପରିବର୍ତ୍ତନ ହେଲେ ଅବିଶ୍ୱାସ ଜାତ ହେଉଛି। ସତ୍ୟାସତ୍ୟର ବିନା ତର୍ଜମାରେ ଦୋଷାରୋପ କରି ବିଶ୍ୱାସଘାତକର ସାର୍ଟିଫିକେଟ ଦିଆଯାଉଛି। ଯେବେ ନ ଦେଖିବ ଦୁଇ ନୟନେ ପରତେ ନ ଯିବ ଗୁରୁ ବଚନେ। ଏହି ଲୋକକଥା ବିଶ୍ୱାସକୁ ନେଇ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ନିଜେ ନ ଦେଖି ମନ୍ତବ୍ୟ ଦେବା ଆଦୌ ଉଚିତ ନୁହେଁ। ବରଂ ଏହା ଅବିଶ୍ୱାସକୁ ଜନ୍ମ ଦିଏ। ବୁଝି ବିଚାରି କାର୍ଯ୍ୟ କଲେ ପ୍ରମାଦ ନ



ପଡ଼ଇ ଭଲେ। ହେଲେ ଏତେ ଅପେକ୍ଷାକୁ ଧୈର୍ଯ୍ୟ କାହିଁ ? ଧୈର୍ଯ୍ୟହରା ମଣିଷ ଗଭୀର ଚିନ୍ତା ନ କରି ଅବିଶ୍ୱାସ କରେ ଏବଂ ସଂସାର ସାରା ଡେଙ୍ଗୁରା ପିଟେ ଆଉ ବିଶ୍ୱାସ କରି ହେଉନାହିଁ। ବିଶ୍ୱାସ ଏବେ ମଧ୍ୟ ରହିଛି । ଏହା ଅଛି ବୋଲି ତ ସଂସାର ଅଛି। କିନ୍ତୁ ଅତ୍ୟଧିକ ବିଶ୍ୱାସ ଯେ ଭଲ ନୁହେଁ, ଧୋକା ଖାଇଲା ପରେ ଅନୁଭବ କରେ ମଣିଷ।

ଖବର ଆସିଲା ନିମ୍ବ ଗଛରୁ କ୍ଷୀର ବାହାରୁଛି। ଶୁଣିବା ମାତ୍ରେ ଆମେ ସମସ୍ତେ ସେଠାକୁ ଛୁଟିଲେ । ସେଠି ଦେଖିଲେ, ନଡ଼ିଆ ବାଢ଼େଇଲେ। ପ୍ରଚାର ହେଲା ଯାହାର ଗୋଟିଏ ପୁଅ ଆଜି ରାତିରେ ଶିବ ମନ୍ଦିରରେ ନଡିଆ ଭାଙ୍ଗ। ମନ୍ଦିରରେ ଏତେ ଭିଡ଼, ଆସ୍ତିକ,ନାସ୍ତିକ ସମସ୍ତେ ଏକତ୍ର। ବଜାରରେ ନଡ଼ିଆ ଅଭାବ। ଚଢ଼ା ଦାମରେ ନଡ଼ିଆ କିଣିଲେ ଲୋକେ। ଏମିତି ଘଟଣାକୁ ଅଧ୍ୟାତ୍ମିକ ବା ଈଶ୍ୱରୀୟ ବିଶ୍ୱାସ କହନ୍ତି। କିନ୍ତୁ ଏହିପରି ଘଟଣା ଆଧ୍ୟାତ୍ମିକ ବିଶ୍ୱାସରେ ଗଣାଯାଏ ନାହିଁ। ଅନେକ ଲୋକ ଆଧ୍ୟାତ୍ମିକତାକୁ ଅନ୍ଧ ବିଶ୍ୱାସ କହନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ। ଆଧ୍ୟାତ୍ମିକ ବିଶ୍ୱାସ କେବେ ଅନ୍ଧ ନୁହେଁ। ବରଂ ଆଧ୍ୟାତ୍ମିକତା ସତ୍ୟକୁ ଅନ୍ୱେଷଣ କରିଥାଏ। ମନେ ରଖିବା ଉଚିତ ଯେ,ସମାଜରେ ରହିଥିବା କିଛି କୁସଂସ୍କାର ହିଁ ଅନ୍ଧବିଶ୍ୱାସ। ସେ ବିଷୟରେ ଚିନ୍ତା କରିବାର ସମୟ ଆସିଛି। ବିଜ୍ଞାନ ଯୁଗରେ ମଧ୍ୟ ଅନ୍ଧବିଶ୍ୱାସ ରହିଛି ? ସମାଜର ଉଗ୍ର ଆଧୁନିକ ମିଛୁଆ, ଠକ ଗୋଷ୍ଠୀ ସହଜରେ ଧରା ପଡ଼ିଥାନ୍ତି ବିଜ୍ଞାନର ସହଯୋଗରେ। ତେଣୁ ବିଜ୍ଞାନ ବିଶ୍ୱାସଯୋଗ୍ୟ ହୋଇପାରିଛି। ସେହିପରି ଆମର ଆସ୍ଥା, ଆମ ଅସ୍ମିତା ହିଁ ଆମ ବିଶ୍ୱାସ । ତେଣୁ ଦୃଢ଼ବିଶ୍ୱାସ କେବେ ଅନ୍ଧ ନୁହେଁ ? ହେଲେ ଆମେ ଗ୍ରହଣ କରୁ କି ? ନିଜେ ଭଲ ଭାବରେ ବିଚାର ନ କରି ଅନ୍ୟକୁ ନିରେଖି ଆମେ ମଧ୍ୟ ବିଶ୍ୱାସ କରିବସୁ ପରିଣାମ ଯାହା ହେଉ। ସତ୍ୟାସତ୍ୟ ନ ଜାଣି ବିଶ୍ୱାସ କରିବା ହିଁ ଅନ୍ଧବିଶ୍ୱାସ ।

ଆଜିକାଲି ଅଧିକ ବିଶ୍ୱାସ କରିବାର ଫଳ ତତ୍କାଳ ଜଣାପଡୁଛି। ଅଧିକ ମିଠା ଫଳକୁ ପୋକ ଖାଏ, ଅତି ମଧୁର ସମ୍ପର୍କ ତୁଟିଯାଏ। ଏହା ପଛରେ ରହସ୍ୟ ଉନ୍ମୋଚନ କଲେ ଜଣାପଡ଼େ ବିଶ୍ୱାସ ହିଁ ରହିଛି। ବିଶ୍ୱାସକୁ ସମ୍ପୂର୍ଣ୍ଣ ଭରସାଯୋଗ୍ୟ ଆଜି ଆଉ କରିହେଉ ନାହିଁ। ତେଣୁ ବିଶ୍ୱାସ କରିବା ପୂର୍ବରୁ ବାରମ୍ବାର ପରଖିବା ଦରକାର। ସାଧାରଣ ସ୍ୱାର୍ଥ ହାସଲରେ ବିଶ୍ୱାସ କରି ପରେ ପଶ୍ଚାତ୍ତାପ କରିବାକୁ ପଡ଼ିଥାଏ। ପ୍ରତ୍ୟେକ ଦିନ କିଛି ନା କିଛି ଅବିଶ୍ୱାସର ଖବର ଶୁଣିବାକୁ ମିଳିଥାଏ। ନିଜ ମତ ମଧ୍ୟ କେତେବେଳେ କେଉଁ ପରିସ୍ଥିତିରେ ବଦଳି ଯାଏ। ଆଗେ ଆମେ ଶୁଣୁଥିଲେ ନିଃଶ୍ୱାସକୁ ବିଶ୍ୱାସ ନାହିଁ। ଏବେ ତ କାହାକୁ ବିଶ୍ୱାସ କରିବା ହେବ ନାହିଁ ?

ବିଶ୍ୱାସ କରନ୍ତୁ କିନ୍ତୁ ଅନ୍ଧ ଭାବରେ ନୁହେଁ। ଆମେ ଯେତେ କହିଲେ କ'ଣ ମାନିବା ଲୋକ ? ଆମର ବିଶ୍ୱାସ ତ ଏତେ ପ୍ରଖର ଯେ ବିଶ୍ୱାସର ମଧ୍ୟ ଆଖି ବାହାର କରି ଦେଉଛୁ। ବିନ୍ଦାସ ଭାବରେ ବିଶ୍ୱାସ କରିଚାଲିଛୁ ବାରମ୍ବାର। ଯେତେଥର ଠକିଯାଉ ପରବାୟ ନାହିଁ। ତାହାହେଲେ ବିଶ୍ୱାସ କ'ଣ ଅନ୍ଧ?

**ଗଡ଼ରାମାଲ,କୋକସରା**
**କଳାହାଣ୍ଡି**
**ମୋ-୯୭୭୭୪୬୮୮୪୧**

## ଏଇ ଭାରତରେ

ଆମେ ଜାଣୁ ଯେ ପୁରୁଣାକାଳିଆ ବା ଭିଣ୍ଟେଜ କାର୍ କେବଳ ପ୍ରଦର୍ଶନୀ ପାଇଁ ଫିଟ୍। କିନ୍ତୁ ସେଭଳି କାର୍‌କୁ ବୈଦ୍ୟୁତିକ କାର୍ କରି ବେଶ୍ ନାଁ କମାଇଛନ୍ତି ମହାରାଷ୍ଟ୍ରର ଯୁବରାଜ ପାଓ୍ୱାର। ସେ ପୁଣେର କାଶିଭାଇ ନାଭେଲେ କଲେଜ୍ ଅଫ୍ ଇଞ୍ଜିନିୟରିଂରେ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ କରୁଛନ୍ତି। ଅମରାବତୀ ଜିଲାର ନିମ୍ଭାରୀ ଗାଁର ୨୧ ବର୍ଷୀୟ ଯୁବରାଜ ଭିଣ୍ଟେଜ ବୈଦ୍ୟୁତିକ କାର୍ ତିଆରି କରିବା ପରେ ଏହା ଲାଗି ଅନେକ ଲକ୍ଷ ଟଙ୍କାର ଅର୍ଡର ମଧ୍ୟ ପାଇଛନ୍ତି। ଏହିସବୁ କାର୍‌ର ନାମ ରଖିଛନ୍ତି 'ଯୁବରାଜ-୩.୦'। ତିନି ଘଣ୍ଟା ଚାର୍ଜ ହେଲେ ୧୨୦ କି.ମି. ଯାଉଛି ଓ ଏହି କାର୍‌ଗୁଡ଼ିକ ଲିଥିୟମ ବ୍ୟାଟେରି କିମ୍ବା ଲିଥିୟମ ଫେରୋ ଫସ୍‌ଫେଟ ବ୍ୟାଟେରିରେ ଚାଲୁଛି। ଯୁବରାଜ କହନ୍ତି, ଏହା ଅଢ଼େଇ ଲକ୍ଷରୁ ୩ ଲକ୍ଷ ପଚାଶ ହଜାର ଟଙ୍କାରେ ବିକ୍ରି କରାଯାଇପାରିବ। ୪ର୍ଥ ଶ୍ରେଣୀରେ ପଢୁଥିବା ସମୟରେ ସେ ପ୍ରଥମେ ଏକ ଫ୍ଲୋର ଓ୍ୱାଶିଂ ମେଶିନ୍ ନିର୍ମାଣ କରିଥିଲେ। ତା' ପରଠାରୁ ଆଉ ପଛକୁ ଫେରି ନାହାନ୍ତି ଯୁବରାଜ। ଏଯାବତ୍ ସେ ବିଭିନ୍ନ ପ୍ରକାର ଚାଷ ଯନ୍ତ୍ର, ବିହନ ବୁଣା ମେଶିନ, କାଠ ଲ୍ୟାମ୍ପ ସମେତ ୨୧ଟି ଉଦ୍ଭାବନ କରିସାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଜୁଲାଇ ୧୯୯୭

- ବୃହସ୍ପତି ସହ ଧକ୍କା ହୋଇଥିବା ଧୂମକେତୁର ପ୍ରସିଦ୍ଧ ଆବିଷ୍କାରକ ଇଉଜେନି ସୁମେକରଙ୍କ ୬୯ ବର୍ଷ ବୟସରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ।
- ବିହାରର ମାଧେପୁର ଜିଲା ବିଜୟଘାଟ ନିକଟରେ ଥିବା କୋଶୀ ନଦୀରେ ନୌକା ଦୁର୍ଘଟଣା ଘଟି ୩୫ ମୃତ।
- ଭୁବନେଶ୍ୱର ବିମାନବନ୍ଦରକୁ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରିବା ସମ୍ପର୍କିତ ଏକ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ର ସ୍ୱୀକୃତି।

## ଚିରନ୍ତନୀ

ସମୀର କହିଲାଣି ଆକାଶ କଥା
ମଳିନ କିପାଁ ସଖୀ ! ନୟନପତା
ଚଳଇ ଧେନୁ ଗୋଷ୍ଠେ କମ୍ପନ କିପାଁ ଓଷ୍ଠେ ?
ମରମେ ଲୁଚିଛି କି ସରମ ବ୍ୟଥା
ମଳିନ କିପାଁ ସଖୀ ନୟନପତା ?
-(ପ୍ରଭାତ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | 1 | | | | | 5 | 2 | |
| 6 | 5 | | 2 | | 7 | | | 4 |
| | 6 | | | | | | | |
| | | 7 | 6 | 5 | | 2 | | |
| | 4 | | 9 | 1 | | | | 6 |
| | | | | | | | 8 | |
| 8 | | | | | | 7 | 5 | |
| | 2 | 3 | | 4 | | | 9 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 1 | 8 | 3 | 4 | 2 | 7 | 9 |
| 3 | 4 | 2 | 9 | 7 | 1 | 5 | 8 | 6 |
| 7 | 8 | 9 | 5 | 6 | 2 | 1 | 3 | 4 |
| 4 | 7 | 8 | 2 | 1 | 5 | 6 | 9 | 3 |
| 6 | 9 | 5 | 4 | 8 | 3 | 7 | 1 | 2 |
| 2 | 1 | 3 | 7 | 9 | 6 | 4 | 5 | 8 |
| 8 | 5 | 7 | 6 | 2 | 9 | 3 | 4 | 1 |
| 9 | 3 | 6 | 1 | 4 | 7 | 8 | 2 | 5 |
| 1 | 2 | 4 | 3 | 5 | 8 | 9 | 6 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଦିଆଯାଉ

ମହାଶୟ, ଡାକ୍ତରଖାନାଠାରୁ ଆରମ୍ଭ କରି ଯେତେସବୁ କାର୍ଯ୍ୟାଳୟ ଓ ଦେବଦେବୀ ମନ୍ଦିରରେ ବରିଷ୍ଠ ନାଗରିକମାନଙ୍କୁ କୋଣଠେସା କରିଦିଆଯାଉଛି। ଦୀର୍ଘସମୟ ଧରି ଖରାରେ ଠିଆହୋଇ କେତେଜଣ ବେହୋସ ହୋଇପଡୁଛନ୍ତି । ମାନବିକତା ଦୃଷ୍ଟିକୋଣରୁ ହାଟବଜାରଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ଦିଆଯାଉ।

**-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚକ୍ଷୁ ଚିକିତ୍ସା ଶିବିର



**ରଘୁନାଥପୁର,୧୯।୭(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ରାଜୀବ ଭବନ ପରିସରରେ ସରପଞ୍ଚ ସୁଷମା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜଗତ୍‌ସିଂହପୁରସ୍ଥିତ ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ୨୫ ଜଣ ଚକ୍ଷୁ ରୋଗୀ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ମୋତିଆବିନ୍ଦୁ ଅପରେଶନ ପାଇଁ ଚିକିତ୍ସାଳୟକୁ ନିଆଯାଇଛି। ଏଥିରେ ୭ ଜଣଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ଜରିଆରେ ଏବଂ ଅନ୍ୟ ୩ ଜଣଙ୍କ ସମ୍ପୂର୍ଣ୍ଣ ମାଗଣା ଅପରେଶନ କରାଯିବ ବୋଲି ସିଏଚଓ ମନୋଜ ଦାସ କହିଛନ୍ତି। ଚକ୍ଷୁ ବିଶେଷଜ୍ଞ ଶୁଭଦର୍ଶିନୀ ପ୍ରଧାନ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିବାବେଳେ ପାରାମେଡିକାଲ ଷ୍ଟାଫ ଲିଲିପ୍ରଭା ଚନ୍ଦ, ବିଦ୍ୟୁସ୍ମିତା ମହନ୍ତ, ଅରୁଣ ରାଉତରାୟ ସହଯୋଗ କରିଥିଲେ। ଏଥିରେ ଚନ୍ଦ୍ରଶେଖର ସିଂହ, ପ୍ରଭାକର ମଲ୍ଲିକ, ଅନ୍ତର୍ଯାମୀ ରାଉତ, ସରୋଜ ଦାଶ, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ାରେ ଚର୍ମରୋଗ ଭୟ

### ସାମାଜିକ ବାସନ୍ଦରେ ୪୨ ଆଦିବାସୀ ପରିବାର

**କେନ୍ଦ୍ରାପଡ଼ା ଅଫିସ, ୧୯।୭**



ଦୁଇବର୍ଷ ଧରି କରୋନା ସଂକ୍ରମଣ ଭୟରେ ଲୋକେ ବହୁ କଷ୍ଟରେ ଜୀବନ ଜୀବିକା ନିର୍ବାହ କରୁଥିବା ବେଳେ ଏବେ କେନ୍ଦ୍ରାପଡ଼ା ଜିଲାରେ ଚର୍ମରୋଗର ଭୟ ଦେଖା ଦେଇଛି। ଏହି କାରଣରୁ କେନ୍ଦ୍ରାପଡ଼ା ବ୍ଲକ ମାଗୁରଗଣ୍ଡ ପାଟଣା ମୁଣ୍ଡାସାହିରେ ରହୁଥିବା ୪୨ ଆଦିବାସୀ ପରିବାର ଏକ ପ୍ରକାର ସାମାଜିକ ବାସନ୍ଦରେ ଅଛନ୍ତି। ଏ ସମ୍ପର୍କରେ ମୁଣ୍ଡାସାହିର କନକ ଗାଗରାଇ କହିଛନ୍ତି, ଏହି ଗ୍ରାମର ରବି ସିନ୍ଧୁଙ୍କ ପୁଅ ଲାଲୁ ବାଙ୍ଗାଲୋରର ଏକ ରଡ୍ ମିଲିଂରେ କାର୍ଯ୍ୟ କରୁଥିଲେ। ଜୁନ ୨୦ତାରିଖରେ ସେଠାରୁ ଫେରିବା ପରେ ଘରେ ପେଟ ଯନ୍ତ୍ରଣା ଦେଖା ଦେଇଥିଲା। ଏଥିସହ ଦେହରେ କାଛୁ କୁଣ୍ଡିଆ ରୋଗ ପରି ଚର୍ମରୋଗ ଦେଖାଦେଇଥିଲା। ପରିବାର ଲୋକେ ଲାଲୁଙ୍କ ଚିକିତ୍ସା ପାଇଁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଓ ପରେ କଟକ ବଡ ମେଡିକାଲକୁ ନେଇଥିଲେ। ଏହାସତ୍ତ୍ୱେ ତାଙ୍କର ମୃତ୍ୟୁ ହୋଇଥିଲା। ଲାଲୁଙ୍କ ପରିବାରରେ ମା', ବାପା, ସ୍ତ୍ରୀ, ଭଉଣୀ ଓ ଗୋଟିଏ ଛୋଟ ଝିଅ ଅଛନ୍ତି। ଏହି ସଦସ୍ୟଙ୍କ ଦେହରେ ବଡବଡ ବ୍ରଣ ଭଳି ଚର୍ମରୋଗ ଦେଖାଦେଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ମୁଣ୍ଡାସାହିରେ ଚର୍ମରୋଗକୁ ନେଇ ବିଭିନ୍ନ ଆଲୋଚନା ଜୋର ଧରିଛି। ଗ୍ରାମର ସୁରେଶ ହେମ୍ବ୍ରମ କହିଛନ୍ତି, ଚର୍ମରୋଗକୁ ଗାଁର କେତେଜଣ ଲୋକ ମଙ୍କିପକ୍ସ ବୋଲି କହି ଭୟଭୀତ କରାଉଛନ୍ତି। ଏହା ମୁଣ୍ଡାସାହିର ୪୨ ଆଦିବାସୀ ପରିବାରଙ୍କ ପାଇଁ ବିପଦ ସାଜିଛି। ଆଖପାଖରେ କେହି କାମ ଦେବାକୁ ଅମଙ୍ଗ ହେଉଛନ୍ତି। ରାସ୍ତାରେ ଗଲେ ମଧ୍ୟ ଚିହ୍ନା ଲୋକ ଆଡେଇ ଯାଉଛନ୍ତି। ମଜୁରି ନ ମିଳିବା ସହ ଏବେ ସ୍ଥାନୀୟ ଅଞ୍ଚଳରୁ ରାଶନ, ପାଣି ଆଣିବା ବନ୍ଦ ହୋଇଛି। ଏକ ପ୍ରକାର ଦୁର୍ବିଷହ ଜୀବନ ବିତାଉଥିବା ସେ ପ୍ରକାଶ କରିଛନ୍ତି। ଗ୍ରାମର ନବ ଚାତରା କହିଛନ୍ତି, ଏହି ଗ୍ରାମରେ ୩୦୦ରୁ ୪୦୦ ଲୋକ ରହୁଛନ୍ତି। ଗୋଟିଏ ନଳକୂପକୁ ସମସ୍ତେ ବ୍ୟବହାର କରନ୍ତି। ବିବାହଠାରୁ ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ ଏଠାରେ ଥିବା କେନାଲକୁ ବ୍ୟବହାର କରାଯାଉଛି। ତେବେ କେଉଁ କାରଣ ଯୋଗୁ ଏହି ଚର୍ମରୋଗ ହେଉଛି, ତାହା ଜଣାପଡୁନାହିଁ। ଏହି ଗ୍ରାମର ଛାତ୍ରୀଛାତ୍ର କହିଛନ୍ତି, ରୋଗକୁ ନେଇ ପ୍ରଚାର ହେବା ପରେ ସ୍କୁଲ ଯିବା ବନ୍ଦ ହୋଇଛି। ସ୍କୁଲର ଶିକ୍ଷକମାନେ ରୋଗ ଭଲ ହେବା ପରେ ଆସିବାକୁ କହୁଛନ୍ତି। ସ୍କୁଲରେ ମୁଣ୍ଡାସାହିର ୨୦ରୁ ଅଧିକ ଶିକ୍ଷାର୍ଥୀ ଅଛନ୍ତି। ଏ ସମ୍ପର୍କରେ ଜିଲାପାଳ ଅମୃତ ଋତୁରାଜଙ୍କୁ ପଚାରିବାରେ ଜିଲାରେ ମଙ୍କିପକ୍ସ ନେଇ କୌଣସି ଭୟର ବାତାବରଣ ନାହିଁ। ମୁଣ୍ଡାସାହିକୁ ଦୁଇଜଣିଆ ମେଡ଼ିକାଲ ଟିମ ଯାଇ ରୋଗ ସମ୍ପର୍କରେ ପରାମର୍ଶ ଦେବା ସହ ଔଷଧ ଦେଇ ଆସିଛନ୍ତି ବୋଲି ସେ କହିଛନ୍ତି।

# ସରକାରୀ ନୀତିନିୟମରେ ସ୍କୁଲ ପରିଚାଳନାକୁ ଗୁରୁତ୍ୱ



ବୈଠକରେ ଯୋଗଦେଇଥିବା ଅତିଥିମାନେ।

### ୫- ଟି କମିଟି ଗଠିତ

**ଏରସମା,୧୯।୭(ସ୍ୱ.ପ୍ର.):** ଏରସମା ବ୍ଲକ ଅନ୍ତର୍ଗତ ପୋଖରିଆପଡା ପଞ୍ଚାୟତସ୍ଥିତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ୫-ଟି କମିଟି ଗଠନ କରାଯାଇଛି। ସ୍କୁଲ ପରିସରରେ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନ ଶିକ୍ଷକ ଅନିଲ କୁମାର ଜେନା ସଭାପତିତ୍ୱ କରିଥିଲେ। ଏହି ଅବସରରେ ସେ କହିଥିଲେ, ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ୫-ଟି ଯୋଜନାରେ ଜଗତସିଂହପୁର ଜିଲାରୁ ୮୮ ସ୍କୁଲ ସାମିଲ କରାଯାଇଛି। ସେଥିରୁ ଏହି ବିଦ୍ୟାଳୟ ଅନ୍ୟତମ। ସରକାରଙ୍କ ନୀତିନିୟମ ଅନୁସାରେ ସ୍କୁଲ ପରିଚାଳନା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ଗଦାଧର ମଲ୍ଲିକ, ପ୍ରତାପ ରୁଦ୍ର ସ୍ୱାଇଁ, ଶୁକଦେବ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପରେ ଗୁରୁପ୍ରସାଦ ସାହୁ, ରାଜଶ୍ରୀ ରାଜଲକ୍ଷ୍ମୀ ନାୟକ, ସରପଞ୍ଚ ଗଦାଧର ମଲ୍ଲିକ, ପୂର୍ବତନ ଛାତ୍ର ଶୁକଦେବ ବେଉରା,ଏସ୍‌ଏମ୍‌ଡିସି ସଭ୍ୟ ସୁଶାନ୍ତି ରାଉତଙ୍କୁ ନେଇ ୫-ଟି କମିଟି ଗଠନ କରାଯାଇଥିଲା। ଏଥିରେ ଅଭିଭାବକ, ପରିଚାଳନା କମିଟିର ସଦସ୍ୟ, ସ୍ୱୟଂ ସହାୟକ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ଧୀରେନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

## ଜମିବାଡ଼ି ବିବାଦରୁ ସଂଘର୍ଷ, ୪ ଗୁରୁତର

**ରସୁଲପୁର,୧୯।୭(ଡି.ଏନ.ଏ.):** ଯାଜପୁର ଜିଲା କୁଆଖିଆ ଥାନା ଶ୍ରୀବନ୍ତପୁର ପଞ୍ଚାୟତରେ ମଙ୍ଗଳବାର ଜମିବାଡି ବିବାଦରୁ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ ଗୋଟିଏ ପରିବାରର ୪ଜଣ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ନାରାୟଣ ରାଉତ, ତାଙ୍କ ସ୍ତ୍ରୀ ସୁଲୋଚନା, ଦୁଇପୁଅ ପ୍ରକାଶ ଓ ସାଗର। ସୂଚନା ଅନୁଯାୟୀ, ନାରାୟଣ ରାଉତ ଓ ନନ୍ଦ କିଶୋର ବେହେରାଙ୍କ ପରିବାର ମଧ୍ୟରେ ଦୀର୍ଘବର୍ଷ ଧରି ଜମିବାଡି ବିବାଦ ଲାଗି ରହିଛି। ଘଟଣା ଦିନ ବିବାଦୀୟ ଜାଗାରୁ ନନ୍ଦକିଶୋରଙ୍କ ପରିବାର ଲୋକେ ଇଟା ଖୋଲୁଥିବା ସମୟରେ ନାରାୟଣଙ୍କ ପରିବାର ପକ୍ଷରୁ ବିରୋଧ କରାଯାଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ନନ୍ଦକିଶୋରଙ୍କ ପରିବାର ଲୋକେ ନାରାୟଣ ପରିବାର ସଦସ୍ୟଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଫଳରେ ୪ଜଣ ଆହତ ହୋଇଛନ୍ତି। ଏ ନେଇ ଥାନାରେ ବିପକ୍ଷ ପରିବାରର ୧୧ ସଦସ୍ୟଙ୍କ ନାମରେ ଅଭିଯୋଗ କରାଯାଇଛି। ପୋଲିସ ସେହି ଅଭିଯୋଗ ଆଧାରରେ ଏକ ମାମଲା(ନଂ.୨୩୧/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

# ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ ଦାବି



ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ବିଇଓଙ୍କୁ ଦାବିପତ୍ର ଦେଉଛନ୍ତି।

### ବିଇଓଙ୍କୁ ଦାବିପତ୍ର ପ୍ରଦାନ

**ବାଲିଆ,୧୯।୭**

ବିରିଡି ବ୍ଲକ ଅଢ଼ଙ୍ଗଗଡ ନାଇଲୋ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଶିକ୍ଷକ ଅଭାବ ପୂରଣ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀ(ବିଇଓ) ସର୍ବେଶ୍ୱର ବିଶ୍ୱାଳଙ୍କ ନିକଟରେ ମଙ୍ଗଳବାର ଲିଖିତଭାବେ ଦାବି କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଠାରେ ୧୧୦ ଜଣ ଛାତ୍ରୀଛାତ୍ର ପାଠପଢୁଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଶାଇ ମୋଟ ୩ ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ବହୁ ସମୟରେ ବିଦ୍ୟାଳୟର ଅନ୍ୟାନ୍ୟ କାମରେ ବ୍ୟସ୍ତ ରହୁଥିବାରୁ କେବଳ ୨ଜଣ ଶିକ୍ଷୟିତ୍ରୀଙ୍କୁ ନେଇ ସବୁ ଶ୍ରେଣୀର ପିଲାଙ୍କୁ ପାଠ ପଢ଼ାଇବାରେ ଅସୁବିଧା ହେଉଛି। ଫଳରେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ବିଦ୍ୟାଳୟରେ ଆଉ ଜଣେ ଶିକ୍ଷକ ନିଯୁକ୍ତି କରିବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ବିଦ୍ୟାଳୟରେ ପରିଚାଳନା କମିଟି ସଭାପତି ସେକ ସମିମ୍, ବିଜୟ କୁମାର ସାହୁ, ମନୋରଞ୍ଜନ ମଲିକ, କାର୍ତ୍ତିକ ମଲିକ, ଶିବ ମଲିକ, ଶରତ ବେହେରା, ସଞ୍ଜୟ ବାରିକ, ସନ୍ତୋଷ ମଲିକ, ଭଗବାନ ସାହୁ, ରଞ୍ଜିତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ସାମାଜିକ କର୍ମୀଙ୍କ ମୃତ୍ୟୁ

**କୃଷ୍ଣପ୍ରସାଦ,୧୯।୭(ଡି.ଏନ୍.ଏ.):** ସାପ କାମୁଡ଼ାରେ ମଙ୍ଗଳବାର ଜଣେ ସାମାଜିକ କର୍ମୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ତିତିପ ଗ୍ରାମର ଉଦୟନାଥ ଜେନା(୫୧)। ମିଳିଥିବା ସୂଚନା ମୁତାବକ, ଉଦୟନାଥ ଘରେ ଶୋଇଥିବା ବେଳେ ମଙ୍ଗଳବାର ଭୋର ୪ଟାରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Merchent Navy, Ship Land Jobs Male/Female, 10th to Post Graduate, Diploma, Data Entry Computer Operator, Captan, 2nd Officer, 3rd Officer, Deck Cadet, Tranee Cadet, G.P. Rating Food Department. Salary - 25k. Other facility. Send CV: maritimenationalacademy@gmail.com
7834821198, 9717019466

WANTED
LADIES FOR OFFICIAL WORK. FOODING, ACCOMMODATION FREE + 7500 to 15000/-
Nakhara, Cuttack
7809525452

See Career Appointment on every Wednesday & Saturday

WANTED
A reputed Real Estate Company needs an Accountant-cum-Computer Operator for its office. Located in Kalpana Area. For details Pl. Contact:
Ph. No.: 9937010827

WALK-IN-INTERVIEW
College requires the post of Lecturers on Contractual basis with negotiated salary in **Odia, Pol.Sc., Mathematics, Economics and English**. Desired candidates having minimum 55% Marks at P.G. level may attend Walk-in-Interview with original Certificates on **29.07.22 at 11 A.M.** in college campus.
Sd./- Principal-cum-Secretary, Anchalika Degree Mahavidyalaya
Pragyanvihar, Siminai, Dhenkanal, Ph.No. 06762-241177

OFFICE OF THE REVENUE DIVISIONAL COMMISSIONER, NORTHERN DIVISION, ODISHA, SAMBALPUR
e-Mail id- rdcsbp@nic.in
File No.XV9/2022 No.6416/Estt.(A) Dated :18.07.2022
**Advertisement for Engagement of Retired Govt. Servant**
Applications are invited from the willing retired ministerial Officers in proper format for re-engagement in the office of the RDC, (ND), Sambalpur as OSD against 04(four) numbers of vacant posts of Assistant Section Officers on contractual basis for a period of one year or till the vacancies are filled up, whichever is earlier. The application duly filled in may be sent to the O/o RDC, ND, Sambalpur by Regd/Speed Post only and should be reached on or before **10.08.2022 by 5.00 PM**. The application forms, details of terms and conditions, related Government guidelines etc. will be available at district website **www.sambalpur.nic.in till 10.08.2022.**
Sd/-
RDC, ND, Sambalpur

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-1183: OSIC GST No. 21AAACO2101M1Z1
**e-Procurement Notice for Building Works**
Tender Notice No.3149 Date: 19.07.2022
Identification No. On line Building OSIC/Constn./2022-2023/006
(1) Name of the work
Repair, renovation & interior furnishing work of Corporate Office, OSIC Ltd., Cuttack.
(2)Total No of works : 01 No.
(3) Estimated Cost : 152.54 Lakhs
(4)Class of Contractor : B or A class as per eligibility criteria online.
(5)Period of completion : 09(Nine) Calendar months.
(6)Other details

| Procurement on line | Bid Identification No | Availability of tender on-line for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 006 of 2022-2023 | 25.07.22 At-5.00 P.M | 16.08.22 up to 5.30 P.M | 19.08.2022 At-5.30 P.M |

Further details can be seen from the website **www.tendersodisha.gov.in** . Any amendment corrigendum, cancellation or re-tender may please be referred to the website.
Sd./- General Manager (O), OSIC Ltd., Cuttack
OIPR-14073/11/0047/2223

OFFICE OF THE SUPERINTENDING ENGINEER
RWS&S DIVISION, JAGATSINGHPUR
Tel.No.06724-223485, mail-rwssjspur@gmail.com
e - Procurement Notice
Bid identification No. 08 of 2022-23
**No.O-684:**The Superintending Engineer, RWS&S Division, Jagatsinghpur on behalf of Governor of Odisha invites Lump sump composite bids in Double Cover system in online mode for Execution of 7 Nos. Clubbed up individual Retrofitting & New RPWS schemes on Turn key basis from eligible Class of contractors.
1. Name of Work : Execution of New & Retro Club up RPWS Schemes
2. No. of work : 07 Nos.
3. Estimated Cost : Rs.278.48 Lakhs to 572.61 Lakhs
4. Cost of Tender paper : Rs.10,000/- Each
5. Class of contractor : 'B', 'A', & Special Class
6. Availability of Tender in website : 27.07.2022 to 17.08.2022
7. Submission of Bid in Online : 27.07.2022 to 17.08.2022
8. Date of seeking clarification : 27.07.2022 to 14.08.2022
9. Date of opening of bids : 19.08.2022 (11.00 A.M.)
10. Name and address of O.I.T. : Superintending Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost should be submitted in online mode
13. Subsequent corrigendum/addendum if required shall only be appeared in above website.
Sd./- Superintending Engineer
RWS&S Divn., Jagatsinghpur
OIPR-25024/11/0003/2223

# ତ୍ରିପାକ୍ଷିକ ଆଲୋଚନା ପରେ ପ୍ରସ୍ତାବିତ ଧାରଣା ସ୍ଥଗିତ

- ଏଏମ୍ଏନ୍ଏସ୍ କମ୍ପାନୀ, ହାଣ୍ଡିଆ ଗ୍ରାମବାସୀ ଓ ପ୍ରଶାସନ ମଧ୍ୟରେ ଆଲୋଚନା
- ୩୧ ଜଣଙ୍କୁ ନିଯୁକ୍ତି ଓ ଅନ୍ୟାନ୍ୟ ଦାବି ସମ୍ପର୍କରେ ସହମତି

**ପାରାଦୀପ ୧୯।୭(ସ୍ୱ.ପ୍ର.)**

ଏଏମ୍ଏନ୍ଏସ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ)କମ୍ପାନୀ ପାଇଁ ବିସ୍ଥାପିତ ହେବାକୁ ଥିବା ହାଣ୍ଡିଆ ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ମଙ୍ଗଳବାର ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ବୈଠକ ବସିଥିଲା। ଏହି ବୈଠକ ପରେ ବୁଧବାର ହେବାକୁ ଥିବା ଧାରଣା ଟଳିଯାଇଛି।

ଗ୍ରାମବାସୀଙ୍କ କିଛି ଦାବିକୁ କମ୍ପାନୀ ଗ୍ରହଣ କରିଥିବାରୁ ସମାଧାନ ବାଟ ବାହାରିଛି ବୋଲି କମ୍ପାନୀ ଓ ଗ୍ରାମ୍ୟ ସମିତି ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ପୂର୍ବର ଏସାରଷ୍ଟିଲ ତଥା ଏବେର ଏଏମ୍ଏନ୍ଏସ୍ କମ୍ପାନୀ ପାଇଁ କାରଖାନା ସଂଲଗ୍ନ ହାଣ୍ଡିଆ ଗ୍ରାମକୁ ୧୪ ବର୍ଷ ତଳେ ବିସ୍ଥାପିତ କରିବାକୁ ନିଷ୍ପତ୍ତି ହୋଇଥିଲା। ଉକ୍ତ ଗ୍ରାମର ବିସ୍ଥାପିତ ପରିବାରଗୁଡ଼ିକୁ କିପରି ଥଇଥାନ ,ନିଯୁକ୍ତି ଓ କ୍ଷତିପୂରଣ ଆଦି ମିଳିବ ସେନେଇ କସରତ ଚାଲିଥିବାବେଳେ ଏପର୍ଯ୍ୟନ୍ତ କିନ୍ତୁ ବିସ୍ଥାପନ କରାଯାଇନାହିଁ। ଏନେଇ ଏକାଧିକ ସଙ୍ଗଠନ ପକ୍ଷରୁ ଭିନ୍ନ ଭିନ୍ନ ସମୟରେ ଦାବିପତ୍ର ଧାରଣା ଦିଆଯାଇଛି। ଏକ ମାସ ପୂର୍ବେ ଏସବୁ ଦାବି ସହ ସ୍ଥାନୀୟ ଲୋକଙ୍କ ନିଯୁକ୍ତି, ରାସ୍ତା ମରାମତି ଉପରେ ହାଣ୍ଡିଆ ଗ୍ରାମ ସୁରକ୍ଷା ସମିତି ପକ୍ଷରୁ କମ୍ପାନୀକୁ ଦାବିପତ୍ର ଦିଆଯାଇଥିଲା। ତାହା କାର୍ଯ୍ୟକାରୀ ନ ହେଲେ ଜୁଲାଇ ୨୦ରେ ଧାରଣା ଦିଆଯିବ ବୋଲି କୁହାଯାଇଥିଲା। ଏ ପ୍ରସଙ୍ଗକୁ ନେଇ ମଙ୍ଗଳବାର ତ୍ରିପାକ୍ଷିକ ବୈଠକ ବସିଥିଲା। ଏଥିରେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଅତିରିକ୍ତ ଏସ୍‌ପି ନିମାଇଁ ସେଠୀ, ସମିତିର ମୁଖ୍ୟ ଉପଦେଷ୍ଟା ବାପି ସର୍ଖେଲ ଓ କମ୍ପାନୀ ପ୍ରତିନିଧି ଯୋଗ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଆସନ୍ତା ଏକ ସପ୍ତାହ ମଧ୍ୟରେ ଗ୍ରାମର ୩୧ ଜଣଙ୍କୁ ନିଯୁକ୍ତି ଦିଆଯିବ। ହାଣ୍ଡିଆ ଗ୍ରାମ ରାସ୍ତାକୁ ମରାମତି କରାଯିବ। ସମୟାନୁସାରେ କମ୍ପାନୀ ଓ ଗ୍ରାମବାସୀ ବସି ସମସ୍ୟା ସମ୍ପର୍କରେ ଆଲୋଚନା କରିବେ। ବିସ୍ଥାପିତ ପରିବାରଙ୍କୁ ପୁନଃ ସର୍ଭେ କରାଯିବ ସହ ହାଣ୍ଡିଆ ଗ୍ରାମର ସାମାଜିକ ଅର୍ଥନୈତିକ ବିକାଶ ପାଇଁ କମ୍ପାନୀ କାମ କରିବ ବୋଲି କମ୍ପାନୀ ଜନସମ୍ପର୍କ ଅଧିକାରୀ ରବିନାରାୟଣ ପୃଷ୍ଟି ସୂଚନା ଦେଇଛନ୍ତି। ଏହି ନିଷ୍ପତ୍ତି ପରେ ସର୍ଖେଲ ସନ୍ତୋଷବ୍ୟକ୍ତ କରିବା ସହ କମ୍ପାନୀ ଅଧିକାରୀ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMGSUBBS 2022067, ତା.14.07.2022ରିଖ
କାର୍ଯ୍ୟର ନାମ : ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (MCL)ର ତାଲଚେର କୋଲ୍‌ଫିଲ୍ଡସ୍ ଠାରେ NTPC ଏକ୍ସଚେଞ୍ଜ ୟାର୍ଡ଼ ଏବଂ NTPC ବ୍ଲକ୍ କ୍ୟାବିନ୍ ୟାର୍ଡ଼ର ବୃଦ୍ଧି ତଥା NTPC ଲାଇନ୍‌ର ଲିଙ୍ଗରାଜ SILO କନେକ୍ଟିଭିଟିର ଦୋହରୀକରଣ ସମ୍ବନ୍ଧୀୟ ସିଏଚ୍.3197.49 ଠାରେ ସ୍ପାନ୍ 1x24.0m କମ୍ପୋଜିଟ୍ ଗର୍ଡ଼ର ଯୁକ୍ତ ରୋଡ୍ ଓଭର ବ୍ରିଜ୍ (ROB)ନଂ.5 ର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 1858.70 ଲକ୍ଷ, EMD (ଟଙ୍କାରେ): 10,79,400/-, କାର୍ଯ୍ୟ ଶେଷ ହେବା ଅବଧି : 15 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.08.2022 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗସ୍ତର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-57/CF/22-23

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

**କୁଜଙ୍ଗ,୧୯।୭(ଡି.ଏନ୍.ଏ.):** ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳ ଅଭୟଚାନ୍ଦପୁର ଥାନା ଢିଙ୍କିଆ ପଞ୍ଚାୟତ ନୂତନଭାବେ ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିବା ମାହାଳ ଗ୍ରାମରେ ମା'ରାମଚଣ୍ଡୀ ପ୍ରଥମ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ଜଗତ୍‌ସିଂହପୁର ଏସ୍‌ପି ଅଖିଳେଶ୍ୱର ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ପାରାଦୀପର ଅତିରିକ୍ତ ଏସ୍‌ପି ନିମାଇଁ ଚରଣ ସେଠୀ, ଢିଙ୍କିଆ ସରପଞ୍ଚ କିଶୋର ପରିଡା, ଢିଙ୍କିଆ ସେବା ସମବାୟ ସମିତି ସଭାପତି ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇଥିଲେ। ପଡ଼ାଗ୍ରାମ ମାହାଳ ଚଳିତବର୍ଷ ରାଜସ୍ୱ ଗ୍ରାମ ଢିଙ୍କିଆରୁ ଅଲଗାହୋଇ ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିବାରୁ ଏହି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏହି ନାଟକ ପ୍ରତିଯୋଗିତା ଆରମ୍ଭ ହୋଇଥିବା ଗ୍ରାମ ସଭାପତି ଅନିରୁଦ୍ଧ ପରିଡା,ବିଷ୍ଣୁ ଚରଣ ନାୟକ, ଭ୍ରମରବର ସେଠୀ ଓ କୈଳାସ ନାୟକ ପ୍ରମୁଖ କହିଛନ୍ତି। ପ୍ରଥମ ରଜନୀରେ ମା' ମଙ୍ଗଳା ପରିସ୍ଥାରକୀ ୟଙ୍ଗଷ୍ଟାର ପକ୍ଷରୁ ଗୋବିନ୍ଦପୁରର ଯୁବ ନାଟ ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନଙ୍କ ନିର୍ଦ୍ଦେଶନାରେ 'ପ୍ରେମରେ ଲାଗିଲା ଏମିତି ରଙ୍ଗ' ନାଟକ ମଞ୍ଚସ୍ଥ ହୋଇଥିଲା।

BAIF Institute for Sustainable Livelihoods and Development-Odisha
ଆବେଦନ ବିଜ୍ଞପ୍ତି
Multipurpose Artificial Insemination Technicians for Rural India
(MAITRI)
ଦକ୍ଷତା ଆଧାରିତ ଆତ୍ମନିଯୁକ୍ତି ସୁଯୋଗ ପାଇଁ ସମଗ୍ର ଓଡ଼ିଶାରେ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ MAITRI ଭାବରେ ଆବେଦନ ଆମନ୍ତ୍ରଣ କରାଯାଉଛି। ଇଚ୍ଛୁକ ପ୍ରାର୍ଥୀମାନେ ୱେବସାଇଟରେ ଉଲ୍ଲେଖ କରାଯାଇଥିବା ପ୍ରକ୍ରିୟା ଅନୁଯାୟୀ ଆବେଦନ କରିପାରିବେ।
Website: www.baifodisha.org / www.baif.org.in
ଅଧିକ ବିବରଣୀ ପାଇଁ ସୋମବାରରୁ ଶୁକ୍ରବାର, ଦିନ ୧୧ ଟାରୁ ଅପରାହ୍ନ ୪ ଟା ମଧ୍ୟରେ ନିମ୍ନରେ ଦିଆଯାଇଥିବା ଫୋନ ନମ୍ବରରେ ଯୋଗାଯୋଗ କରନ୍ତୁ।
ଫୋନ ନମ୍ବର : 7894418530

OFFICE OF THE DISTRICT JUDGE, DHENKANAL
Advertisement No. 01, Dt.18.07.2022
**No.W-29:**Applications in the prescribed format are invited from interested candidates for recruitment to the following posts of Jr. Clerk-cum-Copyist, Stenographer Gr.-III in the judgeship of Dhenkanal in the pay scale as mentioned against each post with usual DA and other allowances, as admissible to the State Govt. Employees from time to time. Such appointment in regular pay scale shall be subject to the result of W.P.(C) No.-1273/ 2014 pending before the Hon'ble High Court of Orissa, Cuttack.

CATEGORY WISE VACANCY POSITION

| Sl. No. | Name of the Post | Scale of pay as per ORSP 2017 | Unreserved | SC | ST | TOTAL | Physically Handicapped/ Ex-Serviceman/Sports Person |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Jr.Clerk-cum- Copyist | Pay matrix Rs. 19,900/- -Rs.63,200/- at level 4 | 2 | 2 | 4 | 8 | (The vacancy reserved for P.H., Ex-Serviceman Sports Person is inclusive of vacancy of respective category to which they belong) |
| 2 | Stenographer G-III | Pay matrix Rs.25,000/- - Rs.81,100/- at level 7 | 0 | 0 | 2 | 2 | |

For details, please visit the District Court Website: **https://districts.ecourts.gov.in/ dhenkanal.**
**Last date for submission of application: 19.08.2022.**
Sd./- (S.K.Dehury)
District Judge, Dhenkanal
OIPR-18051/11/0004/2223

**ସଂକ୍ଷେପରେ**

## ଖଣ୍ଡପଡ଼ାରେ ରକ୍ତ ଭଣ୍ଡାର ପ୍ରତିଷ୍ଠା ଦାବି

**ଖଣ୍ଡପଡ଼ା,୧୯।୭ (ସ୍ୱ.ପ୍ର.):** ଗତ ୧୯୨୭ମସିହାରେ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ମହତ ଲକ୍ଷ୍ୟ ନେଇ ସ୍ଥାପିତ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ରଟି ସମୟାନୁକ୍ରମେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ହାସଲ କରିଛି। ଦୈନିକ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶତାଧିକ ରୋଗୀ ଚିକିତ୍ସା ସେବା ପାଇବା ନିମନ୍ତେ ଆସିଥାନ୍ତି। ବିଭିନ୍ନ ସମୟରେ ରୋଗୀଙ୍କ ନିମନ୍ତେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ସମ୍ପର୍କୀୟମାନେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ଉପରେ ନିର୍ଭର କରିଥାନ୍ତି। ବହୁ ସମୟରେ ରକ୍ତ ଭଣ୍ଡାରରୁ ଆବଶ୍ୟକ ରକ୍ତ ମିଳି ନ ଥିବାରୁ ଜରୁରିକାଳୀନ ପରିସ୍ଥିତିରେ ରୋଗୀମାନେ ରକ୍ତ ଅଭାବରୁ ହଇରାଣ ହୋଇଥାନ୍ତି। ତେଣୁ ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ନୟାଗଡ଼ ଜିଲା ରକ୍ତ ଭଣ୍ଡାର କର୍ତ୍ତୃପକ୍ଷ ପ୍ରତିବର୍ଷ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିରର ଆୟୋଜନ କରି ୫ ହଜାରରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ କରିଥାନ୍ତି। ଖଣ୍ଡପଡ଼ାରେ ରକ୍ତ ଭଣ୍ଡାରଟିଏ ପ୍ରତିଷ୍ଠା ହେଲେ ଏ ଅଞ୍ଚଳର ବାସିନ୍ଦା ବିଶେଷ ଭାବେ ଉପକୃତ ହୋଇପାରନ୍ତେ ବୋଲି ଜଣାପଡିଛି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ସଚିବ, ବିଭାଗୀୟ ମନ୍ତ୍ରୀ ଓ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିସାର ପଣ୍ଡାଙ୍କୁ ପଚାରିବାରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ବାବଦରେ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

# ଜୁଏଲେରି, ପେଟ୍ରୋଲ ପମ୍ପରୁ ଡକାୟତି



ଗୋଡିପଡ଼ା ମହାଲକ୍ଷ୍ମୀ ଜୁଏଲେରି ଡକାୟତି ହୋଇଛି।




ଦର୍ପନାରାୟଣପୁର ଫାଣ୍ଡି ଅଞ୍ଚଳର ଏକ ପେଟ୍ରୋଲ ପମ୍ପରୁ ମଧ୍ୟ ଡକାୟତି ହୋଇଛି।

**ନୟାଗଡ଼ ଅଫିସ/ ରଣପୁର,୧୯।୭(ସ୍ୱ.ପ୍ର.)**

- ବୋମା ପକାଇଲେ, ବନ୍ଧୁକ ଦେଖାଇ ଲୁଟିଲେ ୧୦ ଲକ୍ଷ
- ଦ୍ୱିପ୍ରହରରେ ୩ ଡକାୟତ ବାଇକ୍‌ରେ ଆସି ଲୁଟି ନେଲେ
- ଗୋଡ଼ିପଡ଼ାରେ ଉତ୍ତେଜନା

ନୟାଗଡ଼ ଜିଲା ଗୋଡିପଡ଼ା ଫାଣ୍ଡି ଗୋଡିପଡ଼ା ବଜାରର ରଣପୁର ରୋଡ଼ରେ ଥିବା ମହାଲକ୍ଷ୍ମୀ ଜୁଏଲେରି ଓ ଏହାର ୱାର୍କ ସପ ଭଙ୍ଗାରୁଜା କରି ୮ ଲକ୍ଷ ୫୦ ହଜାର ଟଙ୍କାର ସୁନାରୁପା ଅଳଙ୍କାର ଡ଼କାୟତି ହୋଇଛି। ସେହିପରି ଗୋଡିପଡ଼ା ନିକଟସ୍ଥ ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡିର ଡମସାହି ବାଗ୍‌ଦେବୀ ମନ୍ଦିର ନିକଟସ୍ଥ ପେଟ୍ରୋଲ ପମ୍ପରୁ ଅନୁରୂପ ଭାବେ ଭଙ୍ଗାରୁଜା କରି ୧ ଲକ୍ଷ ୩୦ ହଜାର ଟଙ୍କା ଡକାୟତି ହୋଇଛି। ୩ ଜଣ ଡକାୟତ ଏକ ବ୍ଲୁ ହ୍ୱାଇଟ୍ ଆପାଚିରେ ଆସି ଦିନ ଦ୍ୱିପ୍ରହରରେ ଚୋରି କରି ଲୋକଙ୍କୁ ଭୟଭୀତ କରାଇ ଫେରାର ହୋଇଯାଇଛନ୍ତି। ମହାଲକ୍ଷ୍ମୀଜୁଏଲେରିଠାରୁ ଗୋଡିପଡ଼ା ଫାଣ୍ଡିର ଦୂରତା ମାତ୍ର ୫୦୦ ମିଟର। ହେଲେ ପୋଲିସ ଡକାୟତମାନଙ୍କ ଟେର ପାଇ ନ ଥିଲା। ଖବରପାଇ ନୟାଗଡ଼ ଅତିରିକ୍ତ ଏସ୍‌ପି ବିଦ୍ୟୁତ୍ ପଣ୍ଡା ଓ ଉମାକାନ୍ତ ନାୟକ, ଶରଣକୁଳ ଏସ୍‌ଡିପିଓ କିରଣ ହେମ୍ବ୍ରମ, ଶରଣକୁଳ ଥାନା ଆଇଆଇସି ଜୟଦୀପ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଶରଣକୁଳ ଓ ରଣପୁର ଥାନା ପୋଲିସ ପକ୍ଷରୁ ପ୍ରବେଶ ପଥକୁ ସିଲ୍ କରାଯାଇ ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି। ଏହା ଜଣାପଡିବା ପରେ ଗୋଡିପଡ଼ାରେ ଉତ୍ତେଜନା ପ୍ରକାଶ ପାଇଛି।

ମହାଲକ୍ଷ୍ମୀ ଜୁଏଲେରି ମାଲିକ ହରିହର ସାହୁଙ୍କ ସୂଚନା ଅନୁସାରେ, ନୂଆ ଜଗନ୍ନାଥ ସଡ଼କ ପାର୍ଶ୍ୱ ରଣପୁର ରୋଡରେ ଗୋଡିପଡ଼ା ବଜାରରେ ତାଙ୍କର ରହିଛି ଜୁଏଲେରି ଓ ୱାର୍କ ସପ। ଉଭୟ ପରସ୍ପର ମୁହାଁମୁହିଁ ହୋଇଅଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟା ୪୦ମିନିଟ୍‌ରୁ ୨ ଟା ମଧ୍ୟରେ ୨ଜଣ ଡକାୟତ ଜୁଏଲେରିରେ ପଶି ସୁନା ଓ ରୁପା ଅଳଙ୍କାର ଏକ ବ୍ୟାଗରେ ରଖୁଥିଲେ। ସେ ସମୟରେ ମୋର ୱାର୍କ ସପରେ ୨ଜଣ ମହିଳାଙ୍କର ମୁଁ ରୁପା ଅଳଙ୍କାର ମରାମତି କରୁଥିଲି। ସମ୍ମୁଖ ଜୁଏଲାରୀ ଖୋଲା ରହିଥିଲା। ଜୁଏଲେରିକୁ ଯାଇ ଦେଖିବା ବେଳକୁ ସେଠାରେ କବାଟ ଦେଇ ଡକାୟତମାନେ ଡକାୟତି କରୁଛନ୍ତି। ଏହି ସମୟରେ ଅନ୍ୟ ଜଣେ ଡକାୟତ ରାସ୍ତା ଉପରେ ବୋମା ପକାଇ ଭୟ ସୃଷ୍ଟି କରିଥିଲା। ପୁଣି ବନ୍ଧୁକ ଦେଖାଇ ମାରି ଦେବାକୁ ଚେତାବନୀ ଦେଲା। ଏପରି ସମୟରେ ଦୌଡି କି ଯାଇ ଗୋଡିପଡା ଫାଣ୍ଡିରେ ଖବର ଦେଇଥିଲି ବୋଲି ସାହୁ କହିଛନ୍ତି। ପୋଲିସ ଆସିବା ବେଳକୁ ଡକାୟତମାନେ ଜୁଏଲେରି ଓ ୱାର୍କ ସପ୍, ସିସିଟିଭି, କମ୍ପ୍ୟୁଟର ଭଙ୍ଗାରୁଜା କରି ୩୫୦ ଗ୍ରାମ ସୁନା, ୪ରୁ ୫ କେଜି ରୁପା ଅଳଙ୍କାର ନେଇ ଯାଇଛନ୍ତି। ଡକାୟତି ପରେ ଉଭୟ ଘରକୁ ପୋଲିସ ସିଲ କରିବାରୁ ଡକାୟତମାନେ କ'ଣ କ'ଣ ନେଇଛନ୍ତି ଭଲ ଭାବେ ଜଣା ପଡିନି। ତେବେ ଆନୁମାନିକ ସାଢ଼େ ୮ ଲକ୍ଷ ଟଙ୍କାର ଡକାୟତି ହୋଇଛି ବୋଲି ଅନୁମାନ କରୁଛୁ। ଅନ୍ୟପକ୍ଷେ ଜଣେ ମହିଳା ଗ୍ରାହକଙ୍କର ଭ୍ୟାନିଟି ବ୍ୟାଗ ନେଇ ଯାଇଛନ୍ତି। ସେଥିରେ କିଛି ଦରକାରୀ କାଗଜାତ ଥିଲା। ପେଟ୍ରୋଲ ପମ୍ପ ଚୋରି ନେଇ ସେଲସ୍ ମ୍ୟାନ ରାକେଶ ଦଳବେହେରା କୁହନ୍ତି, ଅପରାହ୍ନ ୨ଟା୫ରୁ ୧୦ମିନିଟ୍ ମଧ୍ୟରେ ୩ ଜଣ ଡକାୟତ ଆସିଲେ। ପେଟ୍ରୋଲ ପମ୍ପରେ ଥିବା ଅନ୍ୟ ଜଣେ ସେଲସ୍‌ମ୍ୟାନଙ୍କୁ ଗାଳିଗୁଲଜ ସହ ମାରପିଟ୍ କଲେ। ବନ୍ଧୁକ ଦେଖାଇବା ସହ ବୋମା ପକାଇ ଉଡାଇ ଦେବାକୁ ଧମକ ଦେଲେ। ଏପରି କି ମାର୍‌ପିଟ୍ କଲେ। ପରେ ପେଟ୍ରୋଲ ପମ୍ପ ଭଙ୍ଗାରୁଜା କରି ସେଲସ୍‌ମ୍ୟାନଙ୍କର ବ୍ୟାଗରେ ଥିବା ଟଙ୍କା ଓ ପେଟ୍ରୋଲ ପମ୍ପ କ୍ୟାସ୍‌ରୁ ପ୍ରାୟ ୧ ଲକ୍ଷ ୩୦ ହଜାର ଛଡାଇ ନେଇଛନ୍ତି। ଡକାୟତମାନେ ନଂ. ଓଡି ୧୫ ଏଲ ୧୭୭୫ ବାଇକ ଯୋଗେ ଡକାୟତି କରି ଫେରାର ହୋଇଗଲେ। ଶରଣକୁଳ ଥାନା ଆଇଆଇସି ମହାନ୍ତି କୁହନ୍ତି, ଡକାୟତି ପରେ ପୋଲିସ ନଂ. ୯୩/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଏଯାବତ ଲିଖିତ ଅଭିଯୋଗ ହୋଇନାହିଁ। ଡକାୟତମାନେ ବ୍ୟବହାର କରୁଥିବା ବାଇକ୍ ନଂ. ଜାଲ ବୋଲି ଜଣାପଡିଛି। ସେମାନେ ବାଇକ୍ ଯୋଗେ ରଣପୁରର ଖିଲାମୁଣ୍ଡା ଜଙ୍ଗଲ ଦେଇ ଚାଲି ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ରଣପୁର ଥାନା ଆଇଆଇସି ନିହାର ରଞ୍ଜନ ମହାନ୍ତି କୁହନ୍ତି, ଡମସାହି ରଘୁନାଥ ପେଟ୍ରୋଲ ପମ୍ପରୁ ଡକାୟତି ହୋଇଥିବା ଜଣାପଡିଛି । ତେବେ ଏଯାବତ ଅଭିଯୋଗ ହୋଇନାହିଁ।



ବାଇକ୍‌ରେ ଡକାୟତି ପରେ ୩ ଡକାୟତ ପଳାଇ ଯାଉଛନ୍ତି।

# କର୍ମଚାରୀ, ଏଜେଣ୍ଟ, ବୀମାଧାରୀଙ୍କ ଗଣବିକ୍ଷୋଭ




ନୟାଗଡ଼ରେ ବୀମା କମ୍ପାନୀର ଶାଖା ଉଠାଇ ନେବା ପ୍ରତିବାଦରେ କର୍ମଚାରୀ, ଏଜେଣ୍ଟଙ୍କ ପକ୍ଷରୁ ଗଣବିକ୍ଷୋଭ କରାଯାଉଛି।

**ନୟାଗଡ଼ ଅଫିସ,୧୯।୭**

**ଜାତୀୟ ବୀମା କମ୍ପାନୀର ଶାଖା ଉଠାଇ ନେବାକୁ ବିଜ୍ଞପ୍ତିର ପ୍ରତିବାଦ**

ଜାତୀୟ ବୀମା କମ୍ପାନୀର ନୟାଗଡ଼ ଶାଖାକୁ ଉଠାଇ ନେବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ବିଜ୍ଞପ୍ତିର ପ୍ରତିବାଦରେ ମଙ୍ଗଳବାର ସିଆଇଟିୟୁର ଆହ୍ୱାନରେ ନୟାଗଡ଼ଠାରେ ଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସିଆଇଟିୟୁର ଜିଲା ସଭାପତି ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କମ୍ପାନୀର ଶାଖା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ସଭା ହୋଇଯାଇଛି। ଏହି ଧାରଣାରେ ଶତାଧିକ ବୀମା କର୍ମଚାରୀ, ଏଜେଣ୍ଟ ଓ ବୀମାଧାରୀ ଯୋଗ ଦେଇଥିଲେ। ବୀମା କାର୍ଯ୍ୟାଳୟ ସ୍ଥାନାନ୍ତରର ପ୍ରତିବାଦରେ ଆନ୍ଦୋଳନକୁ ତୀବ୍ର କରିବାକୁ ବଦ୍ଧ ପରିକର ହୋଇଥିଲେ। ୧୯୮୭ ମସିହାରୁ ଲାଭ ଦାୟକ ଭାବେ ବ୍ୟବସାୟ କରି ଆସୁଥିବା ନୟାଗଡ଼ ଶାଖା ତିନିବର୍ଷ ହେଲା କରୋନା ମାଡରେ କ୍ଷତି ସହି ଥାଇପାରେ। ନୟାଗଡ଼ ଶାଖା ବନ୍ଦ କରିବାର ପ୍ରୟାସ ହେଲେ ରାଜ୍ୟ ଓ ଜାତୀୟ କେନ୍ଦ୍ର କୋଲକାତା ଅଫିସ ଆଗରେ ଧାରଣା ଦିଆଯିବ ବୋଲି ଏଜେଣ୍ଟ ସଂଘର ଜୋନାଲ ସଭାପତି ଶିଶିରକାନ୍ତ ଷଡ଼ଙ୍ଗୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସିଆଇଟିୟୁ ନେତା ପବିତ୍ର ଇନ୍ଦ୍ରଜିତ, ଏସ୍.ଏ. କରିମ୍, ଯୁବନେତା ସରୋଜ କୁମାର ନାୟକ, ବିଜୁ ଶ୍ରମିକ ସାମ୍ମୁଖ୍ୟ ନେତା ଶ୍ରୀକାନ୍ତ ପଟ୍ଟନାୟକ, ଆଇଏନ୍‌ଟିୟୁସି ନେତା ବିମଳ କୁମାର ଦାଶ, ଜିଲା ଏଜେଣ୍ଟ ସଭାପତି ଉମାକାନ୍ତ ଭୂୟାଁ, ସମ୍ପାଦକ ପ୍ରଶାନ୍ତ ସିଂ ସାମନ୍ତ ପ୍ରମୁଖ ବକ୍ତବ୍ୟ ରଖି କମ୍ପାନୀର ମନମୁଖୀ ନିଷ୍ପତ୍ତିର ଦୃଢ ପ୍ରତିବାଦ କରିଥିଲେ। ଆବଶ୍ୟକ ହେଲେ ବନ୍ଦ ଡାକରା ଦିଆଯିବ ବୋଲି ଆହ୍ୱାନ ଦେଇଥିଲେ। ଧାରଣା ପରେ ସମସ୍ତେ ଏକ ଶୋଭାଯାତ୍ରାରେ ଶାଖା ପରିଚାଳକଙ୍କୁ ସ୍ମାରକପତ୍ର ପ୍ରଦାନ କରି ନୟାଗଡ଼ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡେପୁଟି କଲେକ୍ଟରଙ୍କୁ ହସ୍ତାନ୍ତର କରିଥିଲେ।

# ଏମ୍‌କେସିଜି ସର୍ଜରି ବିଭାଗରେ ବଢ଼ିବ ୬ ପିଜି ସିଟ୍

**ବ୍ରହ୍ମପୁର ଅଫିସ,୧୯।୭**

ଦକ୍ଷିଣ ଓଡ଼ିଶାର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ ସର୍ଜରି ବିଭାଗରେ ପିଜି ସିଟ୍ ବୃଦ୍ଧି କରାଯିବ। ବର୍ତ୍ତମାନ ଏଠାରେ ୧୯ଟି ପିଜି ସିଟ୍ ରହିଛି। ଏହାକୁ ୨୫କୁ ବୃଦ୍ଧିପାଇଁ ଏମ୍‌କେସିଜି ପକ୍ଷରୁ ଏନ୍‌ଏମ୍‌ସି (ନ୍ୟାଶନାଲ ମେଡିକାଲ କାଉନ୍‌ସିଲ) ନିକଟରେ ଆବେଦନ କରାଯାଇଥିଲା। ଏନ୍‌ଏମ୍‌ସି ପକ୍ଷରୁ ପଶ୍ଚିମବଙ୍ଗର ପ୍ରଫେସର ନିଲୟ ମଣ୍ଡଳ ଏମ୍‌କେସିଜିରେ ପହଞ୍ଚି ଆବଶ୍ୟକ ଭିତ୍ତିଭୂମି ଓ ଯାଞ୍ଚ କରିଥିଲେ। ପ୍ରଫେସର ମଣ୍ଡଳ ସର୍ଜରୀ ବିଭାଗ କୋଠାରେ ଥିବା ଇନ୍‌ଡୋର, ଆଉଟଡୋର, କାଜୁଆଲିଟି, ଏମରଜେନ୍ସି ଓଟି ଓ ଆଇସିୟୁ ପରିଦର୍ଶନ କରିଥିଲେ। ପରେ ବିଭାଗୀୟ ମୁଖ୍ୟ ପ୍ରଫେସର ଚରଣ ପଣ୍ଡା, ସମସ୍ତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଏହି ବିଭାଗରେ କେତେଜଣ ଡାକ୍ତର ଅଛନ୍ତି ତାହା ଯାଞ୍ଚ କରିଥିଲେ। ସର୍ଜରୀ ବିଭାଗ ପିଜି ସିଟ ସଂଖ୍ୟା ୨୫କୁ ବୃଦ୍ଧି କରିବାକୁ ଏଠାରେ ଆବଶ୍ୟକ ଭିତ୍ତିଭୂମି ରହିଛି। ବିଭାଗର ନିଜସ୍ୱ କୋଠା ଥିବାବେଳେ ସ୍ୱତନ୍ତ୍ର ଓଟି ସହ ଅନ୍ୟ ସୁବିଧା ରହିଛି। ସେହିକ୍ରମରେ ବିଭାଗର ପିଜିସିଟ ସଂଖ୍ୟା ବୃଦ୍ଧି ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ତେବେ ସିଟ୍ ବୃଦ୍ଧି ପାଇଁ ଏନ୍‌ଏମ୍‌ସି ଅନୁମତି ଦେବା ପରେ ଯାଇ ଆଗାମୀବର୍ଷର ନୂତନ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ନାମଲେଖା ହୋଇପାରିବ ବୋଲି ଜଣାପଡ଼ିଛି।


**OFFICE OF THE REVENUE DIVISIONAL COMMISSIONER, NORTHERN DIVISION, ODISHA, SAMBALPUR**
e-Mail id- rdcsbp@nic.in
File No.XV9/2022 No.6416/Estt.(A) Dated :18.07.2022
**Advertisement for Engagement of Retired Govt. Servant**
Applications are invited from the willing retired ministerial Officers in proper format for re-engagement in the office of the RDC, (ND), Sambalpur as OSD against 04(four) numbers of vacant posts of Assistant Section Officers on contractual basis for a period of one year or till the vacancies are filled up, whichever is earlier. The application duly filled in may be sent to the O/o RDC, ND, Sambalpur by Regd/Speed Post only and should be reached on or before **10.08.2022 by 5.00 PM**. The application forms, details of terms and conditions, related Government guidelines etc. will be available at district website **www.sambalpur.nic.in till 10.08.2022.**
Sd/-
RDC, ND, Sambalpur

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-1183: OSIC GST No. 21AAACO2101M1Z1
**e-Procurement Notice for Building Works**
Tender Notice No.3149 Date: 19.07.2022
Identification No. On line Building OSIC/Constn./2022-2023/006
(1) Name of the work
Repair, renovation & interior furnishing work of Corporate Office, OSIC Ltd., Cuttack.
(2)Total No of works : 01 No.
(3) Estimated Cost : 152.54 Lakhs
(4)Class of Contractor : B or A class as per eligibility criteria online.
(5)Period of completion : 09(Nine) Calendar months.
(6)Other details

| Procurement on line | Bid Identification No | Availability of tender on-line for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 006 of 2022-2023 | 25.07.22 At-5.00 P.M | 16.08.22 up to 5.30 P.M | 19.08.2022 At-5.30 P.M |

Further details can be seen from the website **www.tendersodisha.gov.in** . Any amendment corrigendum, cancellation or re-tender may please be referred to the website.
**Sd./- General Manager (O), OSIC Ltd., Cuttack**
**OIPR-14073/11/0047/2223**

**OFFICE OF THE SUPERINTENDING ENGINEER RWS&S DIVISION, JAGATSINGHPUR**
Tel.No.06724-223485, mail-rwssjspur@gmail.com
**e - Procurement Notice**
**Bid identification No. 08 of 2022-23**
**No.O-684:**The Superintending Engineer, RWS&S Division, Jagatsinghpur on behalf of Governor of Odisha invites Lump sump composite bids in Double Cover system in online mode for Execution of 7 Nos. Clubbed up individual Retrofitting & New RPWS schemes on Turn key basis from eligible Class of contractors.
1. Name of Work : Execution of New & Retro Club up RPWS Schemes
2. No. of work : 07 Nos.
3. Estimated Cost : Rs.278.48 Lakhs to 572.61 Lakhs
4 Cost of Tender paper : Rs.10,000/- Each
5. Class of contractor : 'B', 'A', & Special Class
6. Availability of Tender in website : 27.07.2022 to 17.08.2022
7. Submission of Bid in Online : 27.07.2022 to 17.08.2022
8. Date of seeking clarification : 27.07.2022 to 14.08.2022
9. Date of opening of bids : 19.08.2022 (11.00 A.M.)
10. Name and address of O.I T. : Superintending Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost should be submitted in online mode :
13. Subsequent corrigendum/addendum if required shall only be appeared in above website.
**Sd./- Superintending Engineer**
**RWS&S Divn., Jagatsinghpur**
**OIPR-25024/11/0003/2223**

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMGSUBBS 2022067, ତା.14.07.2022ରିଖ
**କାର୍ଯ୍ୟର ନାମ :** ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (MCL)ର ତାଳଚେର କୋଲ୍‌ଫିଲ୍ଡସ୍ ଠାରେ NTPC ଏକ୍ସଚେଞ୍ଜ ୟାର୍ଡ଼ ଏବଂ NTPC ବ୍ଲକ୍ କ୍ୟାବିନ୍ ୟାର୍ଡ଼ର ବୃଦ୍ଧି ତଥା NTPC ଲାଇନ୍‌ର ଲିଙ୍ଗରାଜ SILO କନେକ୍ଟିଭିଟିର ଦୋହରୀକରଣ ସମ୍ବନ୍ଧୀୟ ସିଏଚ୍.3197.49 ଠାରେ ସ୍ପାନ୍ 1x24.0m କମ୍ପୋଜିଟ୍ ଗର୍ଡ଼ର ଯୁକ୍ତ ରୋଡ୍ ଓଭର ବ୍ରିଜ୍ (ROB)ନଂ.5 ର ନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1858.70 ଲକ୍ଷ, EMD (ଟଙ୍କାରେ): 10,79,400/-, କାର୍ଯ୍ୟ ଶେଷ ହେବା ଅବଧି : 15 ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.08.2022 ରିଖ 1200 ଘଣ୍ଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗଚ୍ଚିତ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗଚ୍ଛର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-57/CF/22-23

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
Merchent Navy, Ship Land Jobs Male/Female, 10th to Post Graduate, Diploma, Data Entry Computer Operator, Captan, 2nd Officer, 3rd Officer, Deck Cadet, Tranee Cadet, G.P. Rating Food Department. **Salary - 25k.** Other facility. Send CV:
maritimenationalacademy@gmail.com
7834821198, 9717019466

**WANTED**
LADIES FOR OFFICIAL WORK. FOODING, ACCOMMODATION FREE + 7500 to 15000/- Nakhara, Cuttack
7809525452

See Career Appointment on every Wednesday & Saturday

**WANTED**
A reputed Real Estate Company needs an Accountant-cum-Computer Operator for its office. Located in Kalpana Area. For detilas Pl. Contact:
Ph. No.: 9937010827

**WALK-IN-INTERVIEW**
College requires the post of Lecturers on Contractual basis with negotiated salary in **Odia, Pol.Sc., Mathematics, Economics and English**. Desired candidates having minimum 55% Marks at P.G. level may attend Walk-in-Interview with original Certificates on **29.07.22 at 11 A.M.** in college campus.
Sd./- Principal-cum-Secretary, Anchalika Degree Mahavidyalaya Pragyanvihar, Siminai, Dhenkanal, Ph.No. 06762-241177

**BAIF Institute for Sustainable Livelihoods and Development-Odisha**
ଆବେଦନ ବିଜ୍ଞପ୍ତି
**Multipurpose Artificial Insemination Technicians for Rural India**
**(MAITRI)**
ଦକ୍ଷତା ଆଧାରିତ ଆତ୍ମନିଯୁକ୍ତି ସୁଯୋଗ ପାଇଁ ସମଗ୍ର ଓଡ଼ିଶାରେ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ MAITRI ଭାବରେ ଆବେଦନ ଆମନ୍ତ୍ରଣ କରାଯାଉଛି। ଇଚ୍ଛୁକ ପ୍ରାର୍ଥୀମାନେ ୱେବସାଇଟରେ ଉଲ୍ଲେଖ କରାଯାଇଥିବା ପ୍ରକ୍ରିୟା ଅନୁଯାୟୀ ଆବେଦନ କରିପାରିବେ।
Website: www.baifodisha.org / www.baif.org.in
ଅଧିକ ବିବରଣୀ ପାଇଁ ସୋମବାରରୁ ଶୁକ୍ରବାର, ଦିନ ୧୧ ଟାରୁ ଅପରାହ୍ନ ୪ ଟା ମଧ୍ୟରେ ନିମ୍ନରେ ଦିଆଯାଇଥିବା ଫୋନ ନମ୍ବରରେ ଯୋଗାଯୋଗ କରନ୍ତୁ।
ଫୋନ ନମ୍ବର : 7894418530

**OFFICE OF THE DISTRICT JUDGE, DHENKANAL**
**Advertisement No. 01, Dt.18.07.2022**
**No.W-29:**Applications in the prescribed format are invited from interested candidates for recruitment to the following posts of Jr. Clerk-cum-Copyist, Stenographer Gr.-III in the judgeship of Dhenkanal in the pay scale as mentioned against each post with usual DA and other allowances, as admissible to the State Govt. Employees from time to time. Such appointment in regular pay scale shall be subject to the result of W.P.(C) No.-1273/ 2014 pending before the Hon'ble High Court of Orissa, Cuttack.
**CATEGORY WISE VACANCY POSITION**

| Sl. No. | Name of the Post | Scale of pay as per ORSP 2017 | Unreserved | SC | ST | TOTAL | Physically Handicapped/ Ex-Serviceman/Sports Person |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Jr.Clerk- cum- Copyist | Pay matrix Rs. 19,900/- -Rs.63,200/- at level 4 | 2 | 2 | 4 | 8 | (The vacancy reserved for P.H., Ex-Serviceman Sports Person is inclusive of vacancy of respective category to which they belong) |
| 2 | Stenographer G-III | Pay matrix Rs.25,000/- - Rs.81,100/- at level 7 | 0 | 0 | 2 | 2 | |

For details, please visit the District Court Website: **https://districts.ecourts.gov.in/ dhenkanal.**
**Last date for submission of application: 19.08.2022.**
**Sd./- (S.K.Dehury)**
**District Judge, Dhenkanal**
**OIPR-18051/11/0004/2223**

## ଆଜି କ'ଣ କେଉଁଠି

**ଧର୍ମଶାଳା**

- ଜାରକା ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ। ସ୍ଥାନ- ବିଦ୍ୟାଳୟ ପରିସର, ସମୟ-ଦିନ ୧୧ ଘଟିକା।

# ଯାଜପୁରରେ ପାଦ ଥାପିଲା ମହା ସିମେଣ୍ଟ କମ୍ପାନୀ

- ଅଗଷ୍ଟ ୫ରେ ଜନଶୁଣାଣି, ବିରୋଧ ଭୟ
- ଆବଶ୍ୟକ ପ୍ରଚାର ପ୍ରସାର ନାହିଁ
- ୬୦୦ କୋଟି ବିନିଯୋଗ, ୩୦୦ ନିଯୁକ୍ତି ଆଶା

**ଯାଜପୁର ଅଫିସ,୧୯।୭**

ଯାଜପୁର ଜିଲାରେ ଅତି ପ୍ରଦୂଷିତ ସିମେଣ୍ଟ କମ୍ପାନୀର ଲମ୍ବାଧାଡି ଲାଗିଛି। ଇମାମୀ(ବର୍ତ୍ତମାନ ନୁଭିଷ୍ଟା ପ୍ରା.ଲି.), ଜେଏସ୍‌ଡବ୍ଲ୍ୟୁ, ରାମ୍‌କୋ, ଯାଜପୁର ସିମେଣ୍ଟ ପରେ ତେଲଙ୍ଗାନା ରାଜ୍ୟର ମାଇହୋମ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ ବା ମହା ସିମେଣ୍ଟ କମ୍ପାନୀ ଯାଜପୁର ଜିଲାରେ ପାଦ ଥାପିଛି। ଏହି କମ୍ପାନୀ ବଡ଼ଚଣା ବ୍ଲକ ଦର୍ପଣ ତହସିଲ ଅନ୍ତର୍ଗତ ବଇରୀ ଗ୍ରାମରେ ବାର୍ଷିକ ୩.୦ ମେଟ୍ରିକ ଟନ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପ୍ରତିଷ୍ଠା କରି ଉତ୍ପାଦନ ଲକ୍ଷ୍ୟ ରଖିଛି। ଏଥିପାଇଁ ୬୦୦ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି । ଏଥିରେ ସମୁଦାୟ ୩୦୦ ଜଣ ନିଯୁକ୍ତି ପାଇବେ ବୋଲି କମ୍ପାନୀର କାର୍ଯ୍ୟ ନିର୍ବାହୀ ସାରାଂଶରେ ଦର୍ଶାଯାଇଛି ।

ଆସନ୍ତା ଅଗଷ୍ଟ ୫ରେ ବଇରୀ ଗ୍ରାମର ଜଗନ୍ନାଥ ପଡ଼ିଆରେ ଏଥିପାଇଁ ଜନଶୁଣାଣି ହେବ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି। ହେଲେ ଜନଶୁଣାଣି ପାଇଁ ସେଭଳି ପ୍ରଚାର ପ୍ରସାର ହେଉନାହିଁ । ପୂର୍ବରୁ ଜନଶୁଣାଣିରେ ସିମେଣ୍ଟ କମ୍ପାନୀଗୁଡ଼ିକ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର, ପ୍ରଦୂଷଣ ନିୟନ୍ତ୍ରଣ, ପାରିପାର୍ଶ୍ୱିକ ଉନ୍ନୟନ ଆଦି ଅନେକ ପ୍ରତିଶ୍ରୁତି ଦେଇ ତାହା ପାଳନ କରି ନ ଥିବାରୁ ଲୋକଙ୍କ ଭରସା ତୁଟିଯାଇଛି। ଏହି କ୍ରମରେ ବିରୋଧ ଆଶଙ୍କାରେ ମାଇହୋମ୍ ଗ୍ରୁପ ଉପଯୁକ୍ତ ଭାବେ ପ୍ରଚାରପ୍ରସାର କରୁନାହିଁ ବୋଲି ଆଲୋଚନା ହେଉଛି । ଅନ୍ୟପକ୍ଷେ ସମସ୍ତ ସିମେଣ୍ଟ କମ୍ପାନୀ ପ୍ରତିଷ୍ଠା ପୂର୍ବରୁ ଜନଶୁଣାଣି ହୋଇଥିଲେ ହେଁ ହରିଦାସପୁର ରାମ୍‌କୋ ସିମେଣ୍ଟ କମ୍ପାନୀରେ ଏହାର ବ୍ୟତିକ୍ରମ ଘଟିଛି। ଏକ ଅଦୃଶ୍ୟ ଶକ୍ତି ବଳରେ ଏହି ସିମେଣ୍ଟ କମ୍ପାନୀ ଜନଶୁଣାଣି ନ କରି ଉତ୍ପାଦନ ଆରମ୍ଭ କରି ସଡ଼କ ପଥରେ ସମସ୍ତ ପରିବହନ ଜାରି ରଖିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି।

କୁହାଯାଏ ଆର୍ଥିକ ଅଭିବୃଦ୍ଧି ପାଇଁ ଶିଳ୍ପାୟନର ଆବଶ୍ୟକତା ରହିଛି । କିନ୍ତୁ ଲୋକଙ୍କୁ ନିଯୁକ୍ତି ଓ ସ୍ଥାନୀୟ ଅଞ୍ଚଳର ବିକାଶ କେତେ ହେଉଛି, କିଏ ଅଧିକ ଲାଭବାନ ହେଉଛି ସେନେଇ ସରକାରଙ୍କ ଆୟତ୍ତ ଥିଲା ଭଳି ମନେ ହେଉନାହିଁ । ଯାଜପୁର ଜିଲାରେ ଚାଲିଥିବା ଶିଳ୍ପାୟନରେ ଏହା ଜଳ




ଜଳ ହୋଇ ଦିଶୁଛି । ସ୍ଥାନୀୟ ବେକାରି ସମସ୍ୟା ଦୂର କରିବା ପରିବର୍ତ୍ତେ ବାହାର ରାଜ୍ୟର ଅଧିକ ବୈଷୟିକ ଡିଗ୍ରୀଧାରୀ ଓ ଠିକାସଂସ୍ଥା ଏଠାରେ ନିୟୋଜିତ ହେଉଛନ୍ତି । ଏପରି କି କେତେକ ଅନୁଷ୍ଠାନର ନିଯୁକ୍ତି ବିଜ୍ଞାପନରେ ଓଡ଼ିଆ ଲୋକେ ଆବେଦନ କରି ପାରିବେ ନାହିଁ ବୋଲି ସିଧାସଳଖ ମନା କରାଯାଉଛି। ପରେ ଏହାର ପ୍ରତିବାଦ ହେବାରୁ ନାମକୁ ମାତ୍ର ଭୁଲ୍ ମାଗି ବିବାଦର ସମାଧାନ କରିବାକୁ ପ୍ରୟାସ ଚାଲିଛି। ବିଡମ୍ବନା ଯେ, ଅଭିଜ୍ଞତା ଆଳରେ ରାଜ୍ୟ ବାହାର ଲୋକଙ୍କୁ ଆଣି ଏଠାରେ ନିୟୋଜନ କରାଯାଉଛି । କେତେକ କମ୍ପାନୀରେ ଅଣଓଡ଼ିଆ ଅଧିକାରୀମାନେ ଓଡିଆ କର୍ମଚାରୀମାନଙ୍କୁ ବିଭିନ୍ନ ନିର୍ଯାତନା ଦେଉଥିବା ମଧ୍ୟ ଅଭିଯୋଗ ହେଉଛି। ବୈଷୟିକ ଶିକ୍ଷାଗତ ଯୋଗ୍ୟତା ଆଧାରରେ ଓଡ଼ିଆଙ୍କୁ ନିଯୁକ୍ତି ମିଳୁଛି ସତ ହେଲେ କମ୍ପାନୀ ଭିତରେ ସୁପରଭାଇଜର ଭଳି କାମ ଦେଇ ଖଟାଯାଉଛି। ବିସ୍ଥାପନ ଓ ପ୍ରଦୂଷଣର ଦୁଃଖ ସାଙ୍ଗକୁ ଶିଳ୍ପ ସଂସ୍ଥାର ଏଭଳି କାର୍ଯ୍ୟ ଲୋକଙ୍କୁ ଆନ୍ଦୋଳନମୁଖୀ ତଥା ବିଦ୍ରୋହୀ କରୁଛି। ଏହାର ସୁଯୋଗରେ କେତେକ ଅନୁଷ୍ଠାନ ଆନ୍ଦୋଳନ ନାମରେ ବ୍ୟବସାୟ ଚଳାଇଛନ୍ତି। ଏଥିଯୋଗୁ ଅନେକ ଜନଶୁଣାଣିକୁ ବିରୋଧ କରାଯାଉଥିବା ନଜିର ରହିଛି । ନିକଟରେ କାଳିଆପାଣି ମହାଗିରି କ୍ରୋମାଇଟ ମାଇନ୍ସର ସମ୍ପ୍ରସାରଣ ପାଇଁ ଅନୁଷ୍ଠିତ ଜନଶୁଣାଣିକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ, ଯଦ୍ଦ୍ୱାରା ରାମ୍‌କୋ ସିମେଣ୍ଟ କମ୍ପାନୀ ନୀତି ନିୟମକୁ ପାଦ ତଳେ ଚାପି ଦେଇ ଜନଶୁଣାଣି କରିବାକୁ ସାହସ ଜୁଟାଇ ପାରିଲା ନାହିଁ। ଆଗ ଜନଶୁଣାଣି ଓ ତା'ପରେ ପରିବେଶ ଅନୁମତି ପାଇଁ ଆବେଦନ କରିବାର ନିୟମ ରହିଛି ।

ଏହି କ୍ରମରେ ପ୍ରସ୍ତାବିତ ମାଇହୋମ ସିମେଣ୍ଟ କାରଖାନା ପାଇଁ ୬୮ ଏକର ଜମିର ଆବଶ୍ୟକତା ରହିଛି। ସେଥିରୁ ୬୨.୫୯ ଏକର ଜମି ଇଡ୍‌କୋରୁ ଲିଜ୍ ସୂତ୍ରରୁ ନିଆଯାଇଛି। ବାକି ୫.୪୧ ଏକର ଜମି ପ୍ରଜାଙ୍କଠାରୁ ସିଧାସଳଖ କ୍ରୟ କରିବାକୁ ଯୋଜନା ରହିଛି। ଏହାବାଦ୍ ୨୦ ଏକରରେ ଚାରା ରୋପଣ, ୮ ଏକରରେ ରାସ୍ତା, ୨୪ ଏକର ଖୋଲା ସ୍ଥାନ ଇତ୍ୟାଦି ପାଇଁ ଜମିର ଆବଶ୍ୟକତା ରହିଛି ବୋଲି ସାରାଂଶରେ ଦର୍ଶାଯାଇଛି। ଏହି ୟୁନିଟ ପାଇଁ କ୍ଲିଙ୍କର, ଜିପ୍ସମ, ଫ୍ଲାଏ ଆସ୍, କୋଇଲା ଆଦି କଞ୍ଚାମାଲର ଆବଶ୍ୟକତା ରହିବ। ଏହା ବାୟୁ ପ୍ରଦୂଷଣ ଉତ୍କଟ ହେବା ନିଶ୍ଚିତ। ଏହାସହ ଦିନକୁ ୯୦ କିଲୋଲିଟର ଭୂତଳ ଜଳ ବ୍ୟବହାର କରାଯିବ, ଯାହାକି ଭୂତଳ ଜଳସ୍ତର ହ୍ରାସର କାରଣ ହୋଇପାରେ ବୋଲି ମତପ୍ରକାଶ ପାଇଛି। ତେବେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆଇନ ଅନୁସାରେ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କମ୍ପାନୀ ପକ୍ଷରୁ ସାରାଂଶରେ ପ୍ରତିଶ୍ରୁତି ଦିଆଯାଇଛି। ଅନ୍ୟପକ୍ଷେ ଏହି ସିମେଣ୍ଟ କମ୍ପାନୀକୁ ଜନଶୁଣାଣିରେ ପ୍ରବଳ ବିରୋଧ କରାଯିବ ବୋଲି ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ନାଗସାପକୁ ଜଙ୍ଗଲରେ ଛଡ଼ାଗଲା



**ପାଣିକୋଇଲି,୧୯।୭(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତର ମାଧପୁର ଗ୍ରାମରୁ ମଙ୍ଗଳବାର ଏକ ନାଗ ସାପ ଉଦ୍ଧାର କରାଯାଇ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି । ମାଧପୁର ଗ୍ରାମର ଯୁଧିଷ୍ଠିର ପାଲଙ୍କ ଘରେ ଏହି ନାଗ ସାପ ପଶିଥିଲା । ଖବର ପାଇ ପାଣିକୋଇଲି ଥାନା କନ୍‌ଷ୍ଟେବଲ ମନମୋହନ ବାରିକ ସାପଟିକୁ ଧରିବାରେ ସକ୍ଷମ ହୋଇଥିଲେ । ପରେ ସାପଟିକୁ ଜଙ୍ଗଲରେ ଛାଡି ଦିଆଯାଇଥିଲା ।

## ମଦ ବେପାରୀଙ୍କୁ କୋର୍ଟ ଚାଲାଣ

**ପାଣିକୋଇଲି,୧୯।୭(ଡି.ଏନ.ଏ.):** ପାଣିକୋଇଲି ଥାନା ପୋଲସି ପାଟ୍ରୋଲିଂ କରୁଥିବା ସମୟରେ ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ସେ ହେଲେ କରଦା ବନେଇପୁରର ନାରାୟଣ ପଳତା । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୬୨/୨୨) ରୁଜୁ ହୋଇଛି ।

## ଡିଭାଇଡରରେ ପିଟିହେଲା କାର

**ପାଣିକୋଇଲି,୧୯।୭(ଡି.ଏନ.ଏ.):** ଜାତୀୟ ରାଜପଥର ନୂଆପଦା ଛକ ନିକଟସ୍ଥ ନୋବେଲ ଗ୍ୟାସ ସମ୍ମୁଖରେ ଏକ ଗାଈକୁ ରକ୍ଷା କରିବାକୁ ଯାଇ କାରଟି ଡିଭାଇଡରରେ ପିଟି ହୋଇ ଦୁର୍ଘଟଣଗ୍ରସ୍ତ ହୋଇଛି । ପାଣିକୋଇଲିରୁ ଯାଜପୁରରୋଡ ଅଭିମୁଖେ ଯାଉଥିବା ଏହି କାର (ନଂ.ଓଡି୦୨ଏଏଲ ୦୯୦୧) ସମ୍ମୁଖକୁ ଏକ ଗାଈ ଚାଲି ଆସିଥିଲା । ଫଳରେ ଗାଡ଼ିଟି ଭାରସାମ୍ୟ ହରାଇ ଡିଭାଇଡରେ ପିଟି ହୋଇ ରାସ୍ତା ପାର ଯାଇଥିଲା । ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି ।

## ଚୋରା ମଦ ବିକ୍ରିକୁ ବିରୋଧ, ମହିଳାଙ୍କ ଭଙ୍ଗାରୁଜା

**ବରୀ,୧୯। ୭(ଡି.ଏନ.ଏ.):** ଯାଜପୁର ଜିଲା ବରୀ ଅଞ୍ଚଳରେ ସରକାରଙ୍କ ତରଫରୁ ୨ଟି ଖୋଲା ଠିପି ଓ ଠିପି ବନ୍ଦ ମଦ ଦୋକାନ ରହିଛି। କିନ୍ତୁ ଏହି ବ୍ଲକ୍ ଅଧୀନ ବିଭିନ୍ନ ଛକ, ବଜାର, ଗଳିକନ୍ଦିରେ ଚୋରାମଦ ବିକ୍ରି ଚାଲିଛି । ମଙ୍ଗଳବାର ଏପରି ମଦ ବିକ୍ରିକୁ ମହିଳାମାନେ ବିରୋଧ କରିବା ସହିତ ମଦ ଦୋକାନରେ ପଶି ଭଙ୍ଗାରୁଜା କରିଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ଅଭିମନ୍ୟୁ ବାଲିଆ ଛକଠାରେ ଚୋରା ମଦ ବିକ୍ରି ଚାଲିଥିଲା । ଏ କଥା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳର ମହିଳାମାନେ ସେଠାରେ ପହଞ୍ଚି ମଦ ଦୋକାନକୁ ଭଙ୍ଗା ରୁଜା କରିଥିଲେ। ମହିଳାମାନଙ୍କ ଏପରି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକମାନେ ସ୍ୱାଗତ କରିଛନ୍ତି । ଅବକାରୀ ବିଭାଗ କର୍ମଚାରୀମାନେ ସବୁ ଜାଣିଥିଲେ ମଧ୍ୟ ଚୁପ୍ ବସିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

## ବିଞ୍ଝାରପୁରରେ ଓଡ଼ିଶା ବନ୍ଦ ଡାକରା ପ୍ରଭାବ ଶୂନ୍ୟ

**ବିଞ୍ଝାରପୁର,୧୯।୭(ଡି.ଏନ.ଏ.):** ଭୁବନେଶ୍ୱର ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟାର ପ୍ରତିବାଦ ତଥା ଏଥିରେ ଜଡିତ ଅଭିଯୁକ୍ତଙ୍କ ଗିରଫ ଦାବିରେ ନବନିର୍ମାଣ ଯୁବଛାତ୍ର ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦ ଡାକରାକୁ ଛାତ୍ର କଂଗ୍ରେସ ସମର୍ଥନ ଜଣାଇଥିଲା । ହେଲେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ଓଡ଼ିଶା ବନ୍ଦ ଡାକରାର କୌଣସି ପ୍ରଭାବ ପଡି ନ ଥିଲା । କେବଳ ଯାତ୍ରୀବାହୀ ଯାନ ଚଳାଚଳ ବନ୍ଦ ରହିଥିଲାବେଳେ ବ୍ଲକର ସମସ୍ତ ସରକାରୀ କାର୍ଯ୍ୟାଳୟ , ସ୍କୁଲ,କଲେଜ ,ବ୍ୟାଙ୍କ ଓ ବିଞ୍ଝାରପୁର, ପ୍ରୀତିପୁର, ସିଂହପୁର, ବାଳମୁକୁଳି, ମଇଁଦା ବଜାରରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ଖୋଲା ରହିଥିଲା ।

# ଚଣ୍ଡିଖୋଲରେ ରାସ୍ତା ଅବରୋଧ



ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯାଇଛି ।

**ଚଣ୍ଡିଖୋଲ,୧୯।୭(ଡି.ଏନ.ଏ.)**

**ଓଡ଼ିଶା ବନ୍ଦର ପ୍ରଭାବ**

ଭୁବନେଶ୍ୱର ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାର ଉପଯୁକ୍ତ ତଦନ୍ତ ସହ ଉଚିତ ନ୍ୟାୟ ପ୍ରଦାନ ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନ ଓ ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଓଡିଶା ବନ୍ଦ ଡାକରା ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲା ଶାଖା ପକ୍ଷରୁ ଚଣ୍ଡିଖୋଲଠାରେ ୧୬ ଓ ୫୩ ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା । ସକାଳ ୭ ରୁ ଦିନ ୧୨ ଟା ଯାଏ ଜାତୀୟ ରାଜପଥ ଅବରୋଧ ଦ୍ୱାରା ବହ ସଂଖ୍ୟାରେ ଗାଡ଼ି ମୋଟର ଅଟକି ରହିଥିଲା । ଯାଜପୁର ଜିଲା ସଂଯୋଜକ ଅଶୋକ ଶାନ୍ତିଙ୍କ ନେତୃତ୍ୱରେ ନଗେଶ ଚନ୍ଦ୍ର ଜେନା,ମାନଗୋବିନ୍ଦ ଦାସ, ଶିଶିର ସାମଲ, ପ୍ରତାପ ଚନ୍ଦ୍ର ଜେନା, ସନ୍ତୋଷ କୁମାର ଦାସ, ରଞ୍ଜିତ ସାମଲ,ସୁଧାଂଶୁ ସାମଲ, ମୁକୁନ୍ଦ ମହାନ୍ତି, ଜଗନ୍ନାଥ ରାଉତ, ପ୍ରହ୍ଲାଦ ରାଉତ, ପ୍ରଶାନ୍ତ ସ୍ୱାଇଁ, ଅମିୟ ଜେନା ପ୍ରମୁଖ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ । ବଡ଼ଚଣା ପୋଲିସ ଓ ଚଣ୍ଡିଖୋଲ ଫାଣ୍ଡି ପୋଲିସ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲା ।

## ୧୦୭ ମହିଳାଙ୍କୁ ପଥର କଟା ମେଶିନ ପ୍ରଦାନ

**ଚଣ୍ଡିଖୋଲ,୧୯।୭(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପଥରଶିଳ୍ପୀ ଗ୍ରାମ ଭାବେ ପରିଚିତ ଶୁଖୁଆପଡ଼ାରେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱୟଂସହାୟକ ମହିଳା ଉତ୍ପାଦକ ଗୋଷ୍ଠୀଙ୍କୁ ପଥର କଟା ମେଶିନ ପ୍ରଦାନ କରାଯାଇଛି। ବ୍ଲକ ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ଲଗ୍ନଜିତ ମାହାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କଳାଭୂମି ଉତ୍ପାଦକ ଗୋଷ୍ଠୀ ଓ ଓଁ ପରଂବ୍ରହ୍ମ ଉତ୍ପାଦକ ଗୋଷ୍ଠୀର ୧୦୭ ଜଣ ମହିଳାଙ୍କୁ ପଥର କଟା ମେଶିନ ପ୍ରଦାନ କରିଥିଲେ । ଏହାଦ୍ୱାରା ମହିଳା କାରିଗରମାନେ ସ୍ୱାବଲମ୍ବୀ ହେବା ସହ ଖୁବ କମ ସମୟରେ ପଥର କାଟି ମୂର୍ତ୍ତି ତିଆରି କରିପାରିବେ ବୋଲି ସେ କହିଥିଲେ। ଜୀବିକା ମିଶନର ସଂଯୋଜକ ସୂର୍ଯ୍ୟନାରାୟଣ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ପ୍ରତ୍ୟେକ ପଥର କଟା ମେଶିନର ମୂଲ୍ୟ ୩୨୦୦ ଟଙ୍କା ବୋଲି ସୂଚନା ଦେଇଥିଲେ । ଶ୍ରୀକାନ୍ତ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିର୍ମଳ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ,ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ,ଯତିନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ । କଳାଭୂମି ଉତ୍ପାଦକ ଗୋଷ୍ଠୀର ସଭାପତି ରଶ୍ମିତା ମହାରଣା, ସମ୍ପାଦିକ ରୀତାରାଣୀ ମହାରଣା, ମିନତୀ ମହାରଣା ଓ ସ୍ନେହଲତା ମହାରଣା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଦେବଦତ୍ତ ସାମଲ,ସୁବ୍ରତ ସାମଲ,ଗୌରାଙ୍ଗ ମହାରଣା, ଭାଗ୍ୟଧର ମହାରଣା, ଶଙ୍କର ମହାରଣା ଓ ଜଗନ୍ନାଥ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ପଥର କଟା ମେଶିନ ପ୍ରଦାନ ସଭାରେ ମଞ୍ଚାସୀନ ଅତିଥି ।

## ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଜେନାପୁର,୧୯।୭(ଡି.ଏନ.ଏ.):** ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମର୍ଜିତାପୁର ପଞ୍ଚାୟତ ଶ୍ରୀଶ୍ରୀ ହିଙ୍ଗୁଳା ବିଦ୍ୟାମନ୍ଦିର ପରିସରରେ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହରେକୃଷ୍ଣ ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶଶଧର ସିଂହ, ଶକୁନ୍ତଳାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଜନୀକାନ୍ତ ପୃଷ୍ଟି, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚରଣ ମହାରଣା, ପ୍ରମୋଦ କୁମାର ମଲ୍ଲିକ, ବିଷ୍ଣୁ ଚରଣ ପଣ୍ଡା , ରଘୁନାଥ ବେହେରା, ମୁକୁନ୍ଦ ପାତ୍ର ମହାବିଦ୍ୟାଳୟର ଅଧ୍ୟାପକ ମନୋଜ କୁମାର ଧୀର, ଶିକ୍ଷକ ବିରେନ୍ଦ୍ର କୁମାର ଶତପଥୀ, ସ୍ଥାନୀୟ ସରପଞ୍ଚ ବିଜୟ କୁମାର ଦାଶ, ପ୍ରଫୁଲ୍ଲ କୁମାର ପୃଷ୍ଟି, ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ପ୍ରତାପ କିଶୋର ଦାଶ ଓ ସଂସ୍କୃତି ଶିକ୍ଷକ ରାମଚନ୍ଦ୍ର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଯୋଗଦେଇଥିବା ଅତିଥି ।

## ପଞ୍ଚାୟତ ପକ୍ଷରୁ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ରସୁଲପୁର,୧୯।୭(ଡି.ଏନ୍.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ପହଁଗା ପଞ୍ଚାୟତ ହାଇସ୍କୁଲର ମେଧାବୀ ଛାତ୍ର ରାଜେଶ କୁମାର ମଲ୍ଲିକଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସ୍ଥାନୀୟ ସରପଞ୍ଚ ଲୋପାମୁଦ୍ର ଘଡାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପ୍ରଧାନ ଶିକ୍ଷକ ଇନ୍ଦ୍ରମଣି କର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପ୍ରତିହାରୀ, ପ୍ରକାଶ କୁମାର ନାୟକ, ଶିକ୍ଷକ ରବିନ୍ଦ୍ର କୁମାର ଘଡାଇ, ଗଙ୍ଗାଧର ସାହୁ, ରାମଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। ରାଜେଶଙ୍କ ବିଦ୍ୟାରମ୍ଭ ସରସ୍ୱତୀ ଶିଶୁ ମନ୍ଦିରରୁ ହୋଇଥିଲା । ପରିବାର ଆର୍ଥିକ ସମସ୍ୟା ଯୋଗୁ ଘରୋଇ ବିଦ୍ୟାଳୟରେ ଟଙ୍କା ଖର୍ଚ୍ଚକରି ପାଠପଢାଇବାକୁ ଅକ୍ଷମତା ପ୍ରକାଶ କରିଥିଲେ ଅଭିଭାବକ। ତାକୁ ସରକାରୀ ବିଦ୍ୟାଳୟରେ ନାମ ଲେଖାଇ ଦେଇଥିଲେ । ହେଲେ ରାଜେଶ ତାଙ୍କର ପ୍ରଚେଷ୍ଟାରେ ଅବହେଳା କରି ନ ଥିଲେ । ମାଟ୍ରିକ ପରୀକ୍ଷାରେ ଶତକଡା ୯୧ଭାଗ ନମ୍ବର ରଖି ଏ-୧ ଗ୍ରେଡ ପାଇ ନିଜ ବିଦ୍ୟାଳୟ, ପଞ୍ଚାୟତ ଓ ଗାଁର ନାମ ଉଜ୍ଜ୍ୱଳ କରିପାରିଛନ୍ତି ବୋଲି ଅତିଥିମାନେ କହିଥିଲେ । ଯୁବନେତା ବିଜୟ କୁମାର ଘଡେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ହରେନ୍ଦ୍ର କୁମାର ମଲିକ, ବିଶ୍ୱଜିତ ବିଶ୍ୱାଳ, ବିଶ୍ୱଜିତ୍ ନାୟକ, ହୃଷିକେଶ ଦଳାଇ, ତାପସ କୁମାର ନାୟକ,ରାଜେନ୍ଦ୍ର ମହାନ୍ତି, ଦେବାନନ୍ଦ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ମାଟ୍ରିକରେ ୯୧ ପ୍ରତିଶତ ନମ୍ବର ରଖିଥିବା ରାଜେଶ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବର୍ଷାରେ ଦବିଲା ଘାଇ ମରାମତି ସ୍ଥଳ

- ସ୍ଲୁଇସ୍ ଗେଟ ପ୍ରତି ବିପଦ
- କ୍ରସର ଗୁଣ୍ଡ ପକାଇ ଦୋଷ ଘୋଡାଇବାକୁ ଉଦ୍ୟମ

**ରସୁଲପୁର,୧୯।୭(ଡି.ଏନ୍.ଏ.)**

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତରଠାରେ ମୂଳ ଖରସ୍ରୋତା ନଦୀବନ୍ଧର ତଳମୁଣ୍ଡରେ ସ୍ଲୁଇସ୍ ଗେଟ୍ ନିକଟରେ ଏକ ବଡ ଫାଟ ସୃଷ୍ଟି ହୋଇଛି । ଏହି ଫାଟ ଯୋଗୁ ସ୍ଲୁଇସ୍ ଗେଟ ପ୍ରତି ବିପଦ ସୃଷ୍ଟି କରୁଛି । ନଦୀରେ ବନ୍ୟା ଆସିବା ପୂର୍ବରୁ ଦୁର୍ବଳ ସ୍ଥାନକୁ ସୁଦୃଢୀକରଣ କରିବା ପାଇଁ ନଦୀକୂଳବାସୀ ଦାବି କରୁଛନ୍ତି। ହେଲେ ସେଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି।

ନଦୀରେ ବନ୍ୟା ନିୟନ୍ତ୍ରଣ କରିବା ପାଇଁ ଜଳସେଚନ ବିଭାଗ ପକ୍ଷରୁ ସ୍ଲୁଇସ୍ ଗେଟ ନିର୍ମାଣ କରାଯାଇଛି । ରକ୍ଷଣାବେକ୍ଷଣ ଅଭାବରୁ ସ୍ଲୁଇସ୍ ଗେଟ୍‌ର ଫାଟ ସୃଷ୍ଟି ହୋଇଛି । ଏହାଛଡା ୨୯ ଅଗଷ୍ଟ,୨୦୨୦ରେ ଖରସ୍ରୋତାରେ ବନ୍ୟା ଆସିବାରୁ ଏହି ସ୍ଥାନରେ ୩୦୦ଫୁଟ୍‌ର ଘାଇ ସୃଷ୍ଟି ହୋଇଥିଲା । ଏହି ଘାଇ ଯୋଗୁ ସେତେବେଳେ ରସୁଲପୁର, ଭୋଟକା, ଗନ୍ଧଣ ଆଦି ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ଗାଁ ପ୍ରଭାବିତ ହୋଇଥିଲା । ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ ହୋଇ ଫସଲ ପ୍ରଭାବିତ ହୋଇଥିଲା । ବନ୍ୟା ଛାଡି ଯିବା ପରେ ବିଭାଗ ପକ୍ଷରୁ ଘାଇକୁ ମରାମତି କରାଯାଇ ବନ୍ଧକୁ ସୁଦୃଢୀକରଣ କରାଯାଇଥିଲା । ଏହାରି ଭିତରେ ୨ବର୍ଷ ବିତି ସାରିଛି । ନଦୀରେ ବନ୍ୟା ଆସିନାହିଁ। ଏଥର ବର୍ଷାଋତୁ ଆରମ୍ଭରେ ଏହି ସ୍ଥାନରେ ଫାଟ ସୃଷ୍ଟି ହେବାକୁ ନେଇ ନଦୀକୂଳିଆ ଆତଙ୍କିତ ହୋଇପଡିଛନ୍ତି । ନଦୀରେ ବନ୍ୟା ଆସିଲେ ଏହି ଦୁର୍ବଳ ସ୍ଥାନରେ ପୁଣିଥରେ ଘାଇ ସୃଷ୍ଟି ହେବାର ସମ୍ଭାବନା ବଢି ଯାଇଛି । ଏଥିସହ ସ୍ଲୁଇସ୍ ଗେଟ୍ ପ୍ରତି ବିପଦ ସୃଷ୍ଟି ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେବେ ନିମ୍ନମାନର କାର୍ଯ୍ୟ ହୋଇଥିଲା ବୋଲି ବନ୍ଧରେ ଫାଟ ସୃଷ୍ଟି ହୋଇଛି ବୋଲି ଲୋକେ କହୁଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଜାଣିବା ପରେ ସେହି ସ୍ଥାନରେ କ୍ରସର ଗୁଣ୍ଡ ପକାଇ ଦୋଷ ଘୋଡାଇବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସୁବାସ ସାହୁଙ୍କୁ ପଚାରିବାରୁ ପଥର ପାର୍କିଂ ବେଳେ ରହିଥିବା ଫାଙ୍କରୁ ମାଟି ଧୋଇ ଯିବା ଫଳରେ ଏଭଳି ହୋଇଛି । ତେବେ ଏହାକୁ ମରାମତି କରିବା ପାଇଁ ବ୍ୟବସ୍ଥା କରାଯାଉଛି । ଫାଟ ସ୍ଥାନରେ ଏବେ କ୍ରସର ଗୁଣ୍ଡ ପକାଯାଇ ବନ୍ଧର ସ୍ଥିତିକୁ ମଜଭୁତ୍ କରାଯାଇଛି । ପରେ ସୁଦୃଢୀକରଣ କରାଯିବ ବୋଲି କହିଛନ୍ତି।



## ସଂକ୍ଷେପରେ

### ଦିନକରେ ଦୁଇଟି ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୧୯।୭: ଦିନକରେ ପୃଥକ୍ ଥାନା ଅଞ୍ଚଳରେ ଦୁଇ ଜଣ ଯୁବକ ଆତ୍ମହତ୍ୟା କରିଛନ୍ତି। ପୋଲିସ ଏନେଇ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ପାଣିଗ୍ରାହୀପେଣ୍ଠର କେ.ସନ୍ତୋସିନୀ ସୁବୁଦ୍ଧି ମଙ୍ଗଳବାର ସକାଳେ ଝିଅକୁ ସ୍କୁଲ ଛାଡ଼ିବାକୁ ଯାଇଥିଲେ। ସେ ଘରକୁ ଫେରି ଦେଖିବା ବେଳେ ଘର ଭିତର ପଟୁ କବାଟ ବନ୍ଦ ରହିଥିଲା। କବାଟ ଖୋଲିବା ପାଇଁ ସେ ତାଙ୍କ ସ୍ୱାମୀ କେ. ଶିଶିର କୁମାର ସୁବୁଦ୍ଧିଙ୍କୁ ଫୋନ କରିଥିଲେ ମଧ କୌଣସି ଉତ୍ତର ମିଳିନଥିଲା। ଫଳରେ ତାଙ୍କର ସନ୍ଦେହ ହୋଇଥିଲା। ସେ ପଡ଼ୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ଦେଖିବା ବେଳେ ସ୍ୱାମୀ ଶିଶିର ଏକ ଶାଢ଼ୀ ଲଗାଇ ଝୁଲୁଥିଲେ। ଶିଶିର ବଞ୍ଚିଥିବେ ଭାବି ତାଙ୍କୁ ଏମ୍‌କେସିଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ଶିଶିରଙ୍କ ମୃତଦେହ ଜବତ କରିବା ସହ ନଂ.୨୧/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କୌଣସି ପାରିବାରିକ ଅଶାନ୍ତିରୁ ଶିଶିର ଏଭଳି ଭାବେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ସେହିପରି ଅନ୍ୟ ଏକ ଘଟଣା କ୍ରମରେ ସଦର ଥାନା ଅନ୍ତର୍ଗତ ବୋରିଗାଁର ଏମ୍. ସନ୍ତୋଷ ପାତ୍ର(୩୮) ମଙ୍ଗଳବାର ପୂର୍ବାହ୍ନ ୧୧ ଟାରେ ଘର ଉପର ମହଲାରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ପହଞ୍ଚି ତାଙ୍କ ମୃତଦେହ ଜବତ କରିଛି। ଏନେଇ ପୋଲିସ ୩୯/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଯୁବକଙ୍କୁ ଅପହରଣ କରି ଆକ୍ରମଣ, ଥାନାରେ ମାମଲା

**ବ୍ରହ୍ମପୁର ଅଫିସ,୧୯।୭:** ଜଣେ ଯୁବକଙ୍କୁ ଅନ୍ୟ କେତେକ ଯୁବକ ଅପହରଣ କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ସେଠାକାର କୋର୍ଟରେ ଜୋର ଜବରଦସ୍ତି ତାଙ୍କର ଦସ୍ତଖତ ନେଇଥିବା ନେଇ ବଡବଜାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୭୬/୨୨ ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଛି। ପ୍ରକାଶ ଯେ, ହାଉସିଂବୋର୍ଡ଼ ବ୍ରିଟ କଲୋନୀରେ ରହୁଥିବା ଶୁଭ୍ରାଂଶୁ ଭୂଷଣ ମିଶ୍ର (୪୧)ଙ୍କୁ ପ୍ରେମନଗର ମୁଖ୍ୟ ରାସ୍ତାରୁ ଅପହରଣ କରାଯାଇଥିଲା। ଜୁଲାଇ ୧୫ ସନ୍ଧ୍ୟାରେ ଶୁଭ୍ରାଂଶୁ ଏକ ଔଷଧ ଦୋକାନ ସମ୍ମୁଖରେ ଠିଆ ହୋଇଥିବା ବେଳେ ଏକ କାରରେ ୨ ଜଣ ଯୁବକ ସେଠାରେ ପହଞ୍ଚିଥିଲେ। ଭୁବନେଶ୍ୱରର ସୌମ୍ୟ ମହାପାତ୍ର ଓ ପ୍ରେମନଗରର ଆଶୁତୋଷ ପାତ୍ର କାର ଭିତରୁ ପଦାକୁ ଆସିଥିଲେ। ସେମାନେ ଶୁଭ୍ରାଂଶୁଙ୍କ ମୁଣ୍ଡରେ ବନ୍ଧୁକ ରଖି କାର ଭିତରେ ବସିବାକୁ କହିଥିଲେ। ପରେ ସେମାନେ ଶୁଭ୍ରାଂଶୁଙ୍କୁ ଭୁବନେଶ୍ୱର ନେଇ ସେଠାରେ ବିଭିନ୍ନ ସ୍ଥାନରେ ରଖି ମାଡ ମାରିଥିଲେ। ପରେ କୋର୍ଟ ନିକଟକୁ ନେଇ ସେଠାରେ ଏକ ଷ୍ଟାମ୍ପ ପେପରରେ ତାଙ୍କ ଦସ୍ତଖତ ନେଇ ଛାଡ଼ି ଦେଇଥିଲେ। ସେଠାରୁ ଖସିଆସି ଶୁଭ୍ରାଂଶୁ ଏନେଇ ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି। ଅପହରଣକାରୀମାନେ ଶୁଭ୍ରାଂଶୁଙ୍କୁ କାହିଁକି ଅପହରଣ କରି ନେଇଥିଲେ। ତାଙ୍କୁ ଆକ୍ରମଣ କରିବା ସହ ତାଙ୍କର ଦସ୍ତଖତ ସଂଗ୍ରହ କାହିଁକି କରିଥିଲେ ସେ ନେଇ ପୋଲିସ ଏବେ ତନାଘନା ଚଳାଇଛି।

# ବାଲିଚର, ପଟୁରେ ନଷ୍ଟହେଲା ଧାନଗଛ



ଧାନ ଜମିରେ ବନ୍ୟା ପାଣି ମାଡିଯିବାରୁ ବାଲିଚର ହୋଇଯାଇଛି।



ବନ୍ୟା ପ୍ରଭାବରେ ବାଇଗଣ ଗଛ ନଷ୍ଟ ହୋଇଯାଇଛି।

**ବନ୍ୟାଜଳ ହ୍ରାସ ପାଇବା ପରେ ଚିନ୍ତାରେ ଚାଷୀ**

- ଖର୍ଚ୍ଚାନ୍ତ ହୋଇ ପୁଣି ଧାନ ରୋଇବାକୁ ପଡ଼ିବ
- ପନିପରିବା ଫସଲ ଉଜୁଡ଼ିଲା
- ୭୫୧ ହେକ୍ଟର ଜମିରେ ମାଡ଼ିଥିଲା ବନ୍ୟାଜଳ

ନୟାଗଡ଼ ଅଫିସ,୧୯।୭

ଲଘୁଚାପ ବର୍ଷା ଛାଡିବା ଓ ବନ୍ୟାଜଳ ଜମିରୁ ହ୍ରାସ ପାଇବା ପରେ ଚାଷୀର ଚିନ୍ତା ବଢ଼ିଛି। ବନ୍ୟା ପାଣି ମାଡିଯିବାରୁ ଜମିରେ ବାଲିଚର ଓ ପଟୁ ମାଡ ଧାନ ଗଛକୁ ନଷ୍ଟ କରି ଦେଇଛି। ନୂଆକରି ପୁଣି ଧାନ ରୋଇବାକୁ ନେଇ ଚାଷୀ ପୁଣି ସଜବାଜ ହେଉଛନ୍ତି। ଅନ୍ୟପକ୍ଷେ ଧାନ ପରି ବାଇଗଣ, ଟମାଟୋ, ଭେଣ୍ଡି, କାକୁଡି, ଝୁଡଙ୍ଗ ପ୍ରଭୃତି ପନିପରିବା ଫସଲରେ ପାଣି ଜମି ନଷ୍ଟ ହୋଇଛି। ତେବେ କୃଷି ବିଭାଗର ପ୍ରାରମ୍ଭିକ ରିପୋର୍ଟ କହୁଛି କ୍ଷୟକ୍ଷତି ହୋଇନି। ବରଂ ଜିଲାର ୨୦ଟି ଗାଁରେ ୭୫୧ ହେକ୍ଟର ଜମିର ଧାନ ଉପରେ ବନ୍ୟାଜଳ ପ୍ରବାହିତ ହୋଇ ଛାଡିଯାଇଛି। ଏଥିରେ ରହିଛି ନୂଆଗାଁ ବ୍ଲକର ୫୦ ହେକ୍ଟର, ଓଡ଼ଗାଁର ୧୦୩ ହେକ୍ଟର ଓ ନୟାଗଡ ବ୍ଲକର ୫୯୮ ହେକ୍ଟର ଧାନ ଫସଲ ଜମି। ଏଥିରୁ କିଛି ଜମିରେ ପୁଣି ବାଲିଚର ଓ ଧାନ ଫସଲରେ ପଟୁ ମାଡି ଯାଇଛି।

ଜିଲାରେ ୯୮ ହଜାର ହେକ୍ଟର ଜମିରେ ଧାନ ଫସଲ କରାଯିବାକୁ କୃଷି ବିଭାଗ ଲକ୍ଷ୍ୟ ରଖିଥିଲା। ଏଥିରୁ ୫୫ ହଜାର ୮୩ ହେକ୍ଟର ଜମିରେ ଧାନ ବୁଣା, ରୁଆ ହୋଇଥିଲା। ଗତ ସପ୍ତାହରେ ଲଘୁଚାପ ବର୍ଷା ଲାଗି ରହିଥିଲା। ତେବେ ଗତ ୧୬ ତାରିଖ ଶନିବାର ରାତିରେ ଅବିରତ ବର୍ଷା କାରଣରୁ ଜିଲାର ବିଭିନ୍ନ ନଦୀରେ ବନ୍ୟା ହୋଇଥିଲା। ବନ୍ୟା ଯୋଗୁ ୧୨୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମି ବାଲିଚର ହୋଇଥିବାବେଳେ ୨୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଧାନ ଫସଲ ଉପରେ ପଟୁ ମାଟି ଯାଇଛି। ବେଶି କ୍ଷୟକ୍ଷତି ହୋଇଛି ନୟାଗଡ଼ ବ୍ଲକର ବାଲିକୁଦିଆ ଅଞ୍ଚଳରେ। ଏଠାରେ ଲୁଣିଝରା ନଦୀ ମାଳବନ୍ଧରେ ୧୦୦ ଫୁଟର ଘାଇ ସୃଷ୍ଟି ହୋଇଥିଲା। ନଦୀରେ ଘାଇ ଯୋଗୁ ୫୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ବନ୍ୟା ଜଳ ପ୍ରବାହିତ ହୋଇଥିଲା। ଏ ନେଇ ବାଲିକୁଦିଆର ଚାଷୀ ବାନାମ୍ବର ନାୟକ କୁହନ୍ତି, କୃଷି ବିଭାଗ କହୁଛି କ୍ଷୟକ୍ଷତି ହୋଇନି। ବନ୍ୟାଜଳ କେବଳ ଧାନ ଫସଲ ଉପରେ ମାଡି ଚାଲିଯାଇଛି। ତେବେ ଘାଇ ହେବା ପରେ ଆମ ଅଞ୍ଚଳର ବାହାଡ଼ା ଗହୀରରେ ୫୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ବନ୍ୟା ଜଳ ପ୍ରବାହିତ ହୋଇ ଚାଲିଥିଲା। ବନ୍ୟା ଜଳ ହ୍ରାସ ପାଇବା ପରେ ଦେଖାଗଲା ଏଥିରୁ ଅନେକ ଜମି ବାଲିଚର ହୋଇଯାଇଛି। କିଛି ଜମିରେ ଧାନ ଉପରେ ପଟୁ ମାଡି ରହିଛି। ଦିନେ କି ଦୁଇଦିନ ଭିତରେ ବର୍ଷା ନ ହେଲେ ପଟୁ ମାଡିଥିବା ଧାନ ଫସଲ ନଷ୍ଟ ହେବ। ବାଲିଚର ଜମିରୁ ବାଲି କାଢ଼ି ପୁଣି ଧାନ ରୋଇବାକୁ ପଡିବ। ଚାଷୀ ପୁଣି ଖର୍ଚ୍ଚାନ୍ତ ହେବ। ପୁଣି ଧାନ ତଳି ପକାଇ ରୋଇବାକୁ ପଡିବ। ସରକାର ଚାଷୀର କ୍ଷୟକ୍ଷତିକୁ ଦେଖି ସହାୟତା ରାଶି ନିହାତି ଦେବା ଦରକାର। ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାସ ମହାପାତ୍ର କୁହନ୍ତି, ଜିଲାର ନୂଆଗାଁ, ଓଡ଼ଗାଁ ଓ ନୟାଗଡ଼ ବ୍ଲକର ୭୫୧ ହେକ୍ଟର ଧାନ ଜମିରେ ବନ୍ୟା ଜଳ ମାଡି ଚାଲିଯାଇଛି। କୃଷି ବିଭାଗ ପକ୍ଷରୁ ସଂଗୃହୀତ ପ୍ରାରମ୍ଭିକ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଛି। ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଭଗବାନ ଦାସଙ୍କୁ ପଚାରିବାରେ କେବଳ ବାଲିକୁଦିଆ ଗାଁ ନିକଟରେ ଲୁଣିଝରା ନଦୀର ମାଳବନ୍ଧରେ ୧୦୦ ଫୁଟର ଘାଇ ହୋଇଛି। ଅନ୍ୟ କୌଣସି ନଦୀରେ ଘାଇ ହୋଇନି। ଘାଇକୁ ତୁରନ୍ତ ମରାମତି ପାଇଁ ପଦକ୍ଷେପ ନିଆଯାଉଛି।

## ନୂଆଗାଁ ଷ୍ଟେଶନକୁ ଦାସିଆ ଅଜାଙ୍କ ନାମରେ ନାମିତ ପାଇଁ ଅନୁରୋଧ ପତ୍ର

ନୂଆଗାଁ, ୧୯।୭ (ଡି.ଏନ.ଏ.)

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ନୟାଗଡ଼ ଜିଲା ନୂଆଗାଁ ରେଳ ଷ୍ଟେଶନକୁ ଦାସିଆ ଅଜାଙ୍କ ନାମରେ ନାମିତ କରିବାକୁ ମଙ୍ଗଳବାର ଇଷ୍ଟକୋଷ୍ଟ ରେଲୱେ ଜେନେରାଲ ମ୍ୟାନେଜର ଭୁବନେଶ୍ୱର ଶାରଦା ପ୍ରସାଦ ଶ୍ରୀବାସ୍ତବଙ୍କୁ ଏକ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। ସଂଗ୍ରାହକ, ସାରସ୍ୱତ ସାଧକ, ଓଡ଼ିଶା ପାଠାଗାର, ସଂଗ୍ରହାଳୟ ଆନ୍ଦୋଳନର ପ୍ରବାଦ ପୁରୁଷ ନୟାଗଡ ଜିଲା ନୂଆଗାଁ ବ୍ଲକ ଉଦୟପୁର ଗାଁର ଦାଶରଥି ପଟ୍ଟନାୟକ (ଦାସିଆ ଅଜା)ଙ୍କ ଯୋଗୁଁ ନୂଆଗାଁ ଦେଶ ବିଦେଶ ତଥା ବିଶ୍ୱସ୍ତରରେ ଗୌରାବାନ୍ୱିତ ହୋଇ ଏକ ସ୍ୱତନ୍ତ୍ର ପରିଚୟ ପଇଛି। ତେଣୁ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ନୂଆଗାଁଠାରେ ହୋଇଥିବା ଷ୍ଟେଶନକୁ ଦାସିଆ ଅଜାଙ୍କ ନାମରେ ନାମିତ କରିବାକୁ ଷ୍ଟେଶନର ଉଦ୍‌ଘାଟନୀ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଉଦ୍‌ଘାଟନୀ ଉତ୍ସବର ଅତିଥି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ନିଜର ଅଭିଭାଷଣ ମାଧ୍ୟମରେ ଅନୁରୋଧ କରିଥିଲେ। ତତ୍‌ସହ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକମାନେ ମଧ ବିଧାୟକ ବେହେରାଙ୍କ କଥାକୁ ଦୋହରାଇ ଏହା କରିବା ଆମର ଦାବି ବୋଲି ପାଟି କରି ଜଣାଇଥିଲେ। ତେବେ ସରକାରୀ ଭାବେ ଇଷ୍ଟକୋଷ୍ଟ ରେଳବାଇ ବିଭାଗର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ନିରାକାର ଦାସଙ୍କ ସହଯୋଗରେ ଇଷ୍ଟକୋଷ୍ଟ ରେଳ ବିଭାଗ ଜେନେରାଲ ମ୍ୟାନେଜର ସାରଦା କୁମାର ଶ୍ରୀବାସ୍ତବଙ୍କୁ ଭେଟି ଲିଖିତ ଭାବେ ଏକ ଅନୁରୋଧ ପତ୍ର ଦିଆଯାଇଛି। ଏହି ସମୟରେ ଦଶପଲ୍ଲା ବିଧାୟକ ବେହେରା, ଉଦୟପୁର ପାଠାଗାରର ସମ୍ପାଦକ ତଥା ଦାସିଆ ଅଜାଙ୍କ ନାତି ଦୀପକ କୁମାର ପଟ୍ଟନାୟକ, ନୂଆଗାଁ ବ୍ଲକର ସାମାଜିକ କର୍ମୀ ତଥା ନୂଆଗାଁ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା ଉପସ୍ଥିତ ଥିଲେ।



ଇଷ୍ଟକୋଷ୍ଟ ରେଲୱେ ଜେନେରାଲ ମ୍ୟାନେଜର ଭୁବନେଶ୍ୱରା ଶାରଦା ପ୍ରସାଦ ଶ୍ରୀବାସ୍ତବଙ୍କୁ ଏକ ଅନୁରୋଧ ପତ୍ର ଦିଆଯାଉଛି।

## ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତା ଅବସ୍ଥା ସୁଧୁରୁନି

ଖଣ୍ଡପଡ଼ା,୧୯।୭(ସ୍ୱ.ପ୍ର.)

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ଜଗନ୍ନାଥ ସଂସ୍କୃତିର ଆଦିପୀଠ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ସଂଯୋଗ କରୁଥିବା ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ଆବଶ୍ୟକ ଅର୍ଥ ମଞ୍ଜୁର କରାଯାଉଛି। ମାତ୍ର ସମ୍ପୃକ୍ତ ରାସ୍ତାର ଅବସ୍ଥାରେ ସୁଧାର ଆସୁ ନ ଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୁରାରେ କାର୍ଯ୍ୟଟି ଯେନତେନ ପ୍ରକାରେ ସମ୍ପୂର୍ଣ୍ଣ ହେଉଥିବାରୁ ରାସ୍ତାର ଦୁରବସ୍ଥା ଯଥାପୂର୍ବଂ ତଥା ପର ବୋଲି ସାଧାରଣରେ ଆଲୋଚନା ହେଉଛି। ପ୍ରତିବର୍ଷ ଉକ୍ତ ରାସ୍ତାର ନବୀକରଣ ସହ ବର୍ଷର ବିଭିନ୍ନ ସମୟରେ ରାସ୍ତା ମରାମତି, ରାସ୍ତାପାର୍ଶ୍ୱ ସଫେଇ ନିମନ୍ତେ ଲକ୍ଷଲକ୍ଷ ଟଙ୍କା ବ୍ୟୟ ହେଉଛି। ମାତ୍ର ରାସ୍ତା ନିର୍ମାଣ ବା ମରାମତିର କିଛିଦିନ ପରେ ରାସ୍ତା ଉପରୁ ଗୋଡି, ମେଟାଲ ଉଠିଯାଇ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇପଡୁଛି। ଫଳରେ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି।

## ଛାତ୍ର କଂଗ୍ରେସର ଆନ୍ଦୋଳନ, କୁଶ ପୁତ୍ତଳିକା ପୋଡ଼ି

**ବ୍ରହ୍ମପୁର ଅଫିସ,୧୯।୭:** ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ଏବଂ ତାଙ୍କ ପରିବାରକୁ ନ୍ୟାୟ ଦେବାରେ ସରକାରୀ କଳ ଓ ପୋଲିସର ବିଫଳତା ପ୍ରତିବାଦରେ ମଙ୍ଗଳବାର ସନ୍ଧ୍ୟାରେ ଗଞ୍ଜାମ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବ୍ରହ୍ମପୁର ବାପୁଜୀ ଆଶ୍ରମ ଛକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ପୋଡ଼ା ଯାଇଥିଲା। ଅଭିଯୁକ୍ତଙ୍କୁ ଠାବ କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଜିଲା ଛାତ୍ର କଂଗ୍ରେସ ନେତା ଦେବାଶିଷ ମହାନ୍ତି ଓ ବିକାଶ ନାୟକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଅନେକ ଛାତ୍ର ଓ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ରୁଚିକାଙ୍କ ମାଆ ପ୍ରତି ପୋଲିସର ବ୍ୟବହାରକୁ ନିନ୍ଦା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ଉପସଭାପତି ମହେଶ୍ୱର ପାତ୍ର, ସମ୍ପାଦକ ଦଣ୍ଡପାଣି ପାତ୍ର, ମହିଳା କଂଗ୍ରେସ ସଭାନେତ୍ରୀ ସୁବାସିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, କୃଷକ ମେଳା

ଗଣିଆ,୧୯।୭(ଡି.ଏନ.ଏ.)

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ରାଜିଙ୍ଗି ଗାଁରେ ମଙ୍ଗଳବାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାରଙ୍କ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନା ଆନୁକୂଲ୍ୟରେ କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ପାଇଲଟ ପ୍ରକଳ୍ପ ଭାବେ ମାନ୍ୟତା ପାଇଥିବା ରାଜିଙ୍ଗି ଗାଁର ପ୍ରଥମ ପର୍ଯ୍ୟାୟରେ ୫୦ଜଣ ଚାଷୀଙ୍କୁ ନେଇ ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା କାର୍ଡ, ଖରଡି ଚାଷ, ଜୈବିକ ସାରର ବ୍ୟବହାର ଓ ଧନିଚା ଚାଷ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା ଆଧାରରେ ଯବକ୍ଷାରଜାନ, ଫସଫରସ, ପଟାସ ସହ ବିଭିନ୍ନ ଅଣୁସାରର ଆବଶ୍ୟକ ମୁତାବକ ବ୍ୟବହାର ଦ୍ୱାରା ଅଧିକ ଫସଲ ଅମଳ ଓ ଚାଷୀ କିଭଳି ଅଧିକ ଲାଭବାନ ହୋଇପାରିବ ସେ ସମ୍ପର୍କରେ ବିଭାଗୀୟ କୃଷି ଅଧିକାରୀମାନେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାସ ଚନ୍ଦ୍ର ମହାପାତ୍ର , କୃଷି ଜିଲା ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ, ମୃତ୍ତିକା ରସାୟନବିତ୍ ଲଲାକେନ୍ଦୁ ମହାପାତ୍ର, ବ୍ଲକ କୃଷି ଅଧିକାରୀ ପ୍ରଦୀପ କୁମାର ପଟ୍ଟନାୟକ, ସରପଞ୍ଚ ଦିପ୍ତୀରେଖା ସେନାପତି, ସମିତିସଭ୍ୟା ସସ୍ମିତା ଦଳେଇ, ୱାର୍ଡସଭ୍ୟ ରାଜକିଶୋର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତେବେ ଗ୍ରାମର ଅନ୍ୟ ୫୦ଜଣ ଚାଷୀଙ୍କୁ ୨ୟ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯିବାକୁ ବ୍ଲକ କୃଷି ଅଧିକାରୀ ସୂଚନା ଦେଇଥିଲେ।



ମେଳାରେ ଉପସ୍ଥିତ ଅତିଥିମାନେ।

## ସହକାରୀ ଜିଲାପାଳଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ,୧୯।୭

ବର୍ଷା ହେଲେ ବ୍ରହ୍ମପୁର ସହରର ମୁଖ୍ୟ ଛକରେ ଜମୁଛି ନର୍ଦ୍ଦମା ପାଣି। ଦୀର୍ଘ ସମୟ ଧରି ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ମୁଖ୍ୟ ରାସ୍ତାରେ କୃତ୍ରିମ ବନ୍ୟା ଦେଖାଦେଉଛି। ଫଳରେ ସାଧାରଣ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ତେବେ ସାପୁଆ ଓ ବାହାନା ନାଳ ସଫେଇ ହେଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଗଞ୍ଜାମ ଜିଲା ବିକାଶ ମଞ୍ଚ ଅଭିଯୋଗ କରିଛି। ଏଣୁ ସାପୁଆ ଓ ବାହାନା ନାଳ ସଫେଇ ଦାବିରେ ମଞ୍ଚ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳଙ୍କ ଅନୁପସ୍ଥିତିରୁ ସହକାରୀ ଜିଲାପାଳ ଶୁଭଶ୍ରୀ ରଥଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘ ପକ୍ଷରୁ କୁହାଯାଇଛି, ସହରର ୩୦ୱାର୍ଡ ଦେଇ ବାହାନା ଓ ସାପୁଆ ନାଳ ପ୍ରବାହିତ ହୋଇଥାଏ। କିନ୍ତୁ ଦୀର୍ଘଦିନ ଧରି ଉକ୍ତ ୨ନାଳ ସଫେଇ ନ ହେବାରୁ ଲଟା, ବୁଦା ଓ ପଙ୍କ ମଧ୍ୟରେ ପୋତି ହୋଇ ରହିଛି।



ମଞ୍ଚ ପକ୍ଷରୁ ସହକାରୀ ଜିଲାପାଳଙ୍କୁ ଦାବିପତ୍ର।

**ସାପୁଆ ଓ ବାହାନା ନାଳ ସଫେଇ ଦାବି**

ଫଳରେ ବର୍ଷା ଋତୁରେ ନାଳ ପାଣି ସିଦ୍ଧାର୍ଥ ନଗର, ଖାରବେଳ ନଗର, ଭାବିନୀପୁର ପଞ୍ଚାୟତର ବାସୁଦେବ ନଗର, ଅଳକାପୁରୀ ଓ ଗଜପତିନଗରଠାରୁ ଖୋଡାସିଙ୍ଗି ଆଦି ଅଞ୍ଚଳ ଜଳମଗ୍ନ ହୋଇଥାଏ। ଏହାକୁ ନେଇ ମଞ୍ଚ ପକ୍ଷରୁ ଡ୍ରେନେଜ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ମଞ୍ଚ ଅଭିଯୋଗ କରିଛି। ଅନ୍ୟପଟେ ପ୍ରତି ବର୍ଷ ଏହି ନାଳ ସଫେଇ କ୍ଷେତ୍ରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିଲେ ସୁଦ୍ଧା ସ୍ଥିତିରେ କୌଣସି ସୁଧାର ଆସି ନ ଥିବା ଅଭିଯୋଗ ହୋଇଛି। ଏଣୁ ସାପୁଆ ଓ ବାହାନା ନାଳକୁ ଯୁଦ୍ଧକାଳୀନ ଭିତ୍ତିରେ ସଫା କରିବା ପାଇଁ ମଞ୍ଚ ଦାବି କରିଛି। ନଚେତ ଆଗାମୀ ଦିନରେ ଜଳ ସତ୍ୟାଗ୍ରହ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ଜିଲା ସଭାପତି ରାଜେନ୍ଦ୍ର ପଣ୍ଡା, ସଂଯୋଜକ ଡ.ଶିବ ପ୍ରସାଦ ମିଶ୍ରଙ୍କ ସମେତ ଶ୍ୟାମସୁନ୍ଦର ଖାଡଙ୍ଗା, ପ୍ରଦୀପ କୁମାର ସାହୁ, ସୁଷମା ପଣ୍ଡା, ରଜନୀକାନ୍ତ ମଣ୍ଡଳ, ଲକ୍ଷ୍ମୀ ଚରଣ ପଣ୍ଡା, ଲୋକନାଥ ପୂଜାରୀ, ମଳୟ କୁମାର ପାଢୀ ଓ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଭାରତୀୟ ପୁରୁଷ, ମହିଳା ଦଳ ଘୋଷିତ



ରଗ୍‌ବୀ ଇଣ୍ଡିଆ ପକ୍ଷରୁ ଏସିଆ ରଗ୍‌ବୀ ସେଭେନ୍‌ସ ଟ୍ରଫି ୨୦୨୨ ପାଇଁ ଘୋଷଣା କରାଯାଇଥିବା ଭାରତୀୟ ପୁରୁଷ ଦଳ। ଖେଳାଳିମାନଙ୍କ ସହ ଉପସ୍ଥିତ ଅଛନ୍ତି ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ୍ ସଭାପତି ପ୍ରିୟଦର୍ଶୀ ମିଶ୍ର, ରଗବୀ ଇଣ୍ଡିଆ ସଭାପତି ରାହୁଲ ବୋଷ, କ୍ରୀଡ଼ା ଓ ଯୁବ ବ୍ୟାପାର କମିଶନର ଓ ସଚିବ ଆର୍. ଭିନିଲ କ୍ରିଷ୍ଣା।

## ଏସିଆ ରଗ୍‌ବୀ ସେଭେନ୍‌ସ ଟ୍ରଫି ୨୦୨୨

ଭୁବନେଶ୍ୱର,୧୯।୭ (ସ୍ପୋର୍ଟସ ବ୍ୟୁରୋ)

ରଗ୍‌ବୀ ଇଣ୍ଡିଆ ପକ୍ଷରୁ ଏସିଆ ରଗ୍‌ବୀ ସେଭେନ୍‌ସ ଟ୍ରଫି ୨୦୨୨ ପାଇଁ ଘୋଷଣା କରାଯାଇଛି ୧୪ ଜଣିଆ ପୁରୁଷ ଓ ମହିଳା ଦଳ। ଆସନ୍ତା ଅଗଷ୍ଟ ୬ ଓ ୭ ତାରିଖରେ ଇଣ୍ଡୋନେସିଆର ଜାକାର୍ତ୍ତାରେ ଥିବା ଜିବିକେ ରଗବୀ ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। ଏଥିଲାଗି ଭୁବନେଶ୍ୱରସ୍ଥିତ କିଟ୍‌ରେ ଦୀର୍ଘ ୬ ସପ୍ତାହର ପ୍ରଶିକ୍ଷଣ ପରେ ଦଳ ଚୟନ କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ସହିତ ଜେନେରାଲ ସୋସାଇଟି ଏବଂ କିଟ୍ ଓ କିସ୍ ପକ୍ଷରୁ ଏହି କ୍ୟାମ୍ପକୁ ସହଯୋଗ ପ୍ରଦାନ କରାଯାଇଥିଲା। ହରିୟାଣାର ପ୍ରିନ୍ସ ଖତ୍ରିଙ୍କୁ ପୁରୁଷ ଦଳର ଅଧିନାୟକ ବଛା ଯାଇଥିବା ବେଳେ ଭାବିଜ ଭରୁଚାଙ୍କୁ ମହିଳା ଦଳର ନେତୃତ୍ୱ ପ୍ରଦାନ କରାଯାଇଛି।

ଆସନ୍ତା ୨୦ ତାରିଖରୁ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ଓ ଥାଇଲାଣ୍ଡ ଗସ୍ତ କରିବା ପରେ ଏସିଆ ରଗ୍‌ବୀ ସେଭେନ୍‌ସ ଟୁର୍ନାମେଣ୍ଟ ଖେଳିବ। ପୁରୁଷ ବର୍ଗରେ୧୨ଟି ଟିମ୍ ଅଂଶଗ୍ରହଣ କରିବାକୁ ଯାଉଥିବା ବେଳେ ମହିଳା ବର୍ଗରେ ୮ଟି ଟିମ୍ ଖେଳିବେ। ଆଫଗାନିସ୍ତାନ, ବ୍ରୁନେଇ, ଇରାକ, ଜୋର୍ଡାନ, କିର୍ଗିଜସ୍ତାନ, ପାକିସ୍ତାନ, କାଜାଖସ୍ତାନ, ସିଙ୍ଗାପୁର, ଗୁଆମ, ଥାଇଲାଣ୍ଡ, ଉଜବେକିସ୍ତାନ, ମଙ୍ଗୋଲିଆ, ନେପାଳ, ୟୁଏଇ, ଭାରତ ଏବଂ ଆୟୋଜକ ଦଳ ଭାବରେ ଇଣ୍ଡୋନେସିଆ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ।

ବିଭିନ୍ନ କ୍ରୀଡ଼ା ସହିତ ଓଡ଼ିଶା ସରକାର ରଗ୍‌ବୀକୁ ମଧ୍ୟ ପୃଷ୍ଠପୋଷକତା ପ୍ରଦାନ କରିଛନ୍ତି। କ୍ରୀଡା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ବ୍ୟବସ୍ଥା ଦ୍ୱାରା ଅନେକ ଯୁବ ଖେଳାଳିଙ୍କୁ ସୁଯୋଗ ମିଳିଛି। ଏହା ସହିତ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରୁଥିବା ଏହି ଖେଳାଳିଙ୍କ ପାଇଁ ଆମେ ବହୁତ ଖୁସି ବୋଲି କହିଛନ୍ତି ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା। ଦଳରେ ସାମିଲ ସମସ୍ତ ପୁରୁଷ ଓ ମହିଳା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କ୍ରୀଡା ଓ ଯୁବ ବ୍ୟାପାର ସଚିବ ଓ କମିଶନର ଆର୍. ଭିନିଲ କ୍ରିଷ୍ଣା। ଓଡ଼ିଶାରୁ ୪ ଜଣ ଖେଳାଳି ଚୟନ ହେବା ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି ସେ କହିଛନ୍ତି।

ଅନ୍ୟ ପକ୍ଷରେ ଏହାକୁ ଭାରତୀୟ ରଗ୍‌ବୀ ଇତିହାସର ସବୁଠୁ ଶକ୍ତିଶାଳୀ ଟିମ୍ ବୋଲି କହିଛନ୍ତି କୋଚ୍ ଲୁଡ୍‌ୱିଚେ ଭାନ୍ ଡେଭେଣ୍ଟର। ଦୀର୍ଘ ୬ ସପ୍ତାହର କଠିନ ପରିଶ୍ରମ ପରେ ଖେଳାଳିମାନେ ଚୟନ ହୋଇଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କୋଚ୍। ପୂର୍ବତନ ଅଧିନାୟକ ତଥା ରଗ୍‌ବୀ ଇଣ୍ଡିଆର ସଭାପତି ରାହୁଲ ବୋଷ ଉଭୟ କେନ୍ଦ୍ର ଓ ରାଜ୍ୟର କ୍ରୀଡା ଓ ଯୁବବ୍ୟାପାର ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ୨୦୧୮ରେ ରାଜ୍ୟ ସରକାର ରଗ୍‌ବୀର ଉନ୍ନତି ପାଇଁ କରିଥିବା ପ୍ରତିଶ୍ରୁତିକୁ ପାଳନ କରିବାରେ ସଫଳ ହୋଇଛନ୍ତି ବୋଲି ସେ କହିଛନ୍ତି। ଏହା ସହିତ କ୍ରୀଡ଼ା ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରହିଥିବା ଭଲପାଇବାକୁ ପ୍ରଶଂସା କରିଥିଲେ ରାହୁଲ ବୋଷ।

**ପୁରୁଷ ଦଳ:** ପ୍ରିନ୍ସ ଖତ୍ରି(ଅଧିନାୟକ), ନୀରଜ ଖତ୍ରି, ଦୀପକ ପୁନିଆ, ବିକାଶ ଖତ୍ରି, ମୋହିତ ଖତ୍ରି, ଅଜୟ, ସୁରିନ୍ଦର ସିଂ, ଜୋସାଙ୍ଗଜୁଆଲା, ପପ୍ପୁ ତୋଡକର, ଆକାଶ ବାଲ୍ମୀକି, ରାଜଦୀପ ସାହା, ହିତେଶ ଡଗର, ଗୌତମ ଡଗର, ଶାହାନୱାଜ ଅହମଦ।

**ମହିଳା ଦଳ:** ଭାବିଜ ଭରୁଚା(ଅଧିନାୟିକା), ବୈଷ୍ଣବୀ ପାଟିଲ, ଶ୍ୱେତା ଶାହି, ଆରତୀ କୁମାରୀ, ହୁପି ମାଝି, ଡୁମୁଣୀ ମାରାଣ୍ଡି, ତରୁଲତା ନାୟକ,ସନ୍ଧ୍ୟା ରାୟ, ଶିଖା ଯାଦବ, ନନ୍ଦିନୀ, ପ୍ରିୟା ବଂଶଲ, ଶୀତଲ ଶର୍ମା, ଗୋମତୀ ଏବଂ ରମନିକ କୌର୍।

# ଅନିଶ-ରିଦିମ ଯୋଡ଼ିଙ୍କୁ ବ୍ରୋଞ୍ଜ ପଦକ

ଚାଙ୍ଗଓନ୍, ୧୯।୭ (ପି.ଟି.)



ବ୍ରୋଞ୍ଜ ପଦକ ସହ ଅନିଶ ଭାନୱାଲା ଓ ରିଦିମ ସାଙ୍ଗୱାନ।

ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍ ୨୫ ମିଟର ରାପିଡ୍ ଫାୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱଳ୍ପବୟସ୍କ ଶୁଟର ଅନିଶ ଭାନୱାଲା ଓ ରିଦିମ ସାଙ୍ଗୱାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭାରତୀୟ ଯୋଡ଼ି ବ୍ରୋଞ୍ଜ ପଦକ ମୁକାବିଲାରେ ଚେକ୍ ରିପବ୍ଲିକର ଆନ୍ନା ଡେଡୋଭା ଓ ମାର୍ଟିନ ପୋଧରାସ୍କିଙ୍କୁ ୧୬-୧୨ରେ ହରାଇ ଦେଇଥିଲେ। ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ରେ ଅନିଶ ଓ ରିଦିମ ଯୋଡ଼ିଙ୍କର ଏହା ହେଉଛି ଦ୍ୱିତୀୟ ପଦକ। ପୂର୍ବରୁ ସେମାନେ ଗତ ମାର୍ଚ୍ଚ ମାସରେ କାଇରୋଠାରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଫାୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟ ଦୁଇ ଭାରତୀୟ ଯୋଡ଼ି ସଞ୍ଜୀବ ରାଜପୁତ ଓ ଅଞ୍ଜୁମ ମୋଦଗିଲ ଏବଂ ଐଶ୍ୱରୀ ପ୍ରତାପ ସିଂ ତୋମାର ଓ ଆଶି ଚୌକସି ୫୦ ମିଟର ରାଇଫଲ ୩ ପୋଜିଶନ ମିକ୍ସଡ ଟିମ୍ ଇଭେଣ୍ଟରେ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନରେ ରହି ଅଳ୍ପକେ ପଦକ ରାଉଣ୍ଡରୁ ବଞ୍ଚିତ ହୋଇଥିଲେ। ଚାଙ୍ଗଓନ୍ ବିଶ୍ୱକପ୍‌ରେ ଭାରତ ତଥାପି ପଦକ ତାଲିକା ଶୀର୍ଷରେ ରହିଛି। ଏପର୍ଯ୍ୟନ୍ତ ୫ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ମୋଟ ୧୪ଟି ପଦକ ହାସଲ କରିସାରିଲାଣି।

## ବିସିସିଆଇର ନୂଆ ଏଥିକ୍ସ ଅଫିସର ଭିନିତ ସରନ

**ନୂଆଦିଲ୍ଲୀ, ୧୯।୭ (ପି.ଟି.):** ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଭିନିତ ସରନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏଥିକ୍ସ ଅଫିସର ଓ ଅମ୍ବୁଡ୍ସମ୍ୟାନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଦୁଇଟି ପଦବୀ ଏକ ବର୍ଷ ହେଲା ଖାଲି ପଡ଼ିଥିଲା। ସରନ ଅବସରପ୍ରାପ୍ତ ପୂର୍ବତନ ବିଚାରପତି ଡି.କେ. ଜୈନଙ୍କ ସ୍ଥାନରେ ନିଯୁକ୍ତି ପାଇଛନ୍ତି, ଯାହାଙ୍କର କାର୍ଯ୍ୟକାଳ ଗତବର୍ଷ ଜୁନ୍‌ରେ ଶେଷ ହୋଇସାରିଥିଲା।


ODISHA PUBLIC SERVICE COMMISSION
CUTTACK
NOTICE

No. 6627/P.S.C. Dt.19.07.2022
1E-14-2021-22 (DR-III)

No. D-109: It is for information of all concerned that written examination for the post of **Assistant Fisheries Officer, Group-B**, pursuant to Advt. No. **30 of 2021-22** shall be held on **11.09.2022 (Sunday)** as decided by the Commission. The details shall be notified in due course.

The candidates are advised to visit the wesbite of the Commission **http://www.opsc.gov.in** from time to time for further information.

OIPR-12002/11/0117/2223 Sd./- Secretary


# ସଞ୍ଜିତଙ୍କ ହ୍ୟାଟ୍ରିକ୍‌ରେ ରୋଭର୍ସ କ୍ଲବ ବିଜୟୀ

ଭୁବନେଶ୍ୱର,୧୯।୭ (ସ୍ପୋର୍ଟସ ବ୍ୟୁରୋ)



ରୋଭର୍ସ କ୍ଲବ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଫାଓ ଲିଗ୍ ୨୦୨୨ର ମ୍ୟାଚ୍ ନମ୍ବର ୧୯କୁ ଜିତି ନେଇଛି ରୋଭର୍ସ କ୍ଲବ। ଇଷ୍ଟକୋଷ୍ଟ ରେଲୱେ ସହିତ ରହିଥିବା ମୁକାବିଲାକୁ ଦଳ ୩-୧ର ବ୍ୟବଧାନରେ ଜିତି ନେଇଛି। ରୋଭର୍ସ କ୍ଲବ୍ ପକ୍ଷରୁ ସଞ୍ଜିତ୍ ଖରା ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ମ୍ୟାଚର ୧୦ମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ତେବେ ସଞ୍ଜିତ୍ ଖରାଙ୍କ ହ୍ୟାଟ୍ରିକ୍ ବଳରେ ସହଜ ବିଜୟ ହାସଲ କରିଥିଲା ରୋଭର୍ସ। ମ୍ୟାଚର ୩୬, ୪୨ ଓ ୬୭ ତମ ମିନିଟରେ ଗୋଲ ସ୍କୋର କରିଥିଲେ ସଞ୍ଜିତ। ବୁଧବାର ଗୋଟିଏ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ଅପରାହ୍ନ ୩ଟାରେ ଆଜାଦ ହିନ୍ଦ କ୍ଲବ୍ ଓ କିଶୋର କ୍ଲବ୍ ମଧ୍ୟରେ ଏହା ଖେଳାଯିବ।

# କୋହଲିଙ୍କୁ ୨୦ ମିନିଟରେ ଠିକ୍ କରିଦେବେ ଗାଭାସ୍କର

**ନୂଆଦିଲ୍ଲୀ,୧୯।୭(ପିଟି):** ଖରାପ ଫର୍ମ ଦେଇ ଗତି କରୁଥିବା ବିରାଟ କୋହଲିଙ୍କୁ ମିଳିଛି ଆଉ ଜଣେ ସିନିୟର ଖେଳାଳିଙ୍କ ପରାମର୍ଶ। ଫର୍ମ ସୁଧାରିବା ପାଇଁ କୋହଲିଙ୍କ ସହିତ ୨୦ ମିନିଟ ସମୟ ଆବଶ୍ୟକ ବୋଲି କହିଛନ୍ତି ଲିଟିଲ ମାଷ୍ଟର ସୁନୀଲ ଗାଭାସ୍କର। ବିଗତ ୨ବର୍ଷ ୯ ମାସ ମଧ୍ୟରେ କୋହଲିଙ୍କ ବ୍ୟାଟରୁ ଗୋଟିଏ ବି ଶତକ ଆସି ନ ଥିବା ବେଳେ ଜାରି ରହିଛି ରନ୍ ମରୁଡି। ନିକଟରେ କୋହଲି ଇଂଲଣ୍ଡରେ ୬ଟି ଇନିଂସରୁ ମାତ୍ର ୭୪ ରନ କରିବାରେ ସମର୍ଥ ହୋଇଥିଲେ। କୋହଲିଙ୍କୁ ବର୍ତ୍ତମାନ ୱେଷ୍ଟଇଣ୍ଡିଜ ଗସ୍ତରେ ସୁଯୋଗ ମିଳିନାହିଁ। ପ୍ରାୟ ମାସେ କାଳ କୋହଲି କ୍ରିକେଟରୁ ଦୂରେଇ ରହିବେ। ତେବେ ଅଫ ଷ୍ଟମ୍ପରେ କୋହଲିଙ୍କ ଦୁର୍ବଳତାରେ ସୁଧାର ଆଣିବା ପାଇଁ ପରାମର୍ଶ ଦେଇଛନ୍ତି ଗାଭାସ୍କର।

ଗାଭାସ୍କର କହିଛନ୍ତି, ଅଫ ଷ୍ଟମ୍ପ ଲାଇନରେ କୋହଲିଙ୍କ ଦୁର୍ବଳତାର ସମାଧାନ କରିବା ପାଇଁ ତାଙ୍କୁ ୨୦ ମିନିଟ ଆବଶ୍ୟକ। ଏହା ଦ୍ୱାରା କୋହଲିଙ୍କ ସମସ୍ୟାର ସମାଧାନ ହେବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। ମାତ୍ର ଜଣେ ଓପନର ଭାବରେ ସେ ନିଜର ଆଇଡିଆ କୋହଲିଙ୍କ ସହିତ ଶେୟାର କରିପାରିବେ ବୋଲି କହିଛନ୍ତି ଗାଭାସ୍କର। ଅଫ ଷ୍ଟମ୍ପ ବାହାରର ବଲ୍ କିଭଳି ଖେଳିବାକୁ ହେବ ସେ ସମ୍ପର୍କରେ କୋହଲିଙ୍କ ସହିତ ଆଲୋଚନା ଆବଶ୍ୟକ ବୋଲି ଗାଭାସ୍କର କହିଛନ୍ତି। ତେବେ ଇଂଲଣ୍ଡ ସିରିଜରେ କୋହଲି ଭଲ ବଲଗୁଡିକରେ ହିଁ ଆଉଟ ହୋଇଛନ୍ତି। ଚାପର ମୁକାବିଲା କରିବାରେ କୋହଲି ସକ୍ଷମ । ତେବେ ଏକ ଖରାପ ସମୟ ଦେଇ ସେ ଗତି କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଟି୨୦ ବିଶ୍ୱକପ ଟିମ୍‌ରୁ କୋହଲିଙ୍କୁ ବାଦ ଦେବା ପାଇଁ ଦାବି କରିଥିଲେ ବିଶ୍ୱକପ୍ ବିଜୟୀ ଅଧିନାୟକ କପିଳ ଦେବ।


Government of Odisha
OFFICE OF THE SUPERINTENDING ENGINEER
KANTABANJI (R&B) DIVISION
e-mail ID: eerbkbj@rediffmail.com
Tel/FAX No. : 06657-220216
Bid Identification No.03 / KBJ / 2022-2023

**No.B-379:** The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites percentage rate bids in Single & Double Cover System to be received in online mode only for Building Works.

1) No. of work : 03 Nos. (Single Cover) 02 Nos. (Double Cover)
2) Nature of work : Building Work
3) Class of contractor : D & C, C & B and B & A
4) Approximate value of work : Between Rs.11.69 to Rs.70.03 Lakh
5) Tender cost : Rs.6,000/- & Rs.10,000/-
6) Date and time of vailability of Bid documents in online : From 11:00 Hours of dt.26.07.2022 to 17:00 Hours of dt.15.08.2022
7) Date of Opening of Technical Bid (Cover-I) in online : 11:30 Hours on dt.16.08.2022
8) Other details can be seen in the bidding documents from the e-procurement portal "www.tendersodisha.gov.in"
9) Any corrigendum / addendum will be displayed in the above e-procurement portal.

Sd./-A. BEHERA
Superintending Engineer, Kantabanji (R&B) Division
OIPR-34099/11/0005/2223


## ନିରାଶ କଲେ ଅବିନାଶ ସାବ୍‌ଲେ

**ଇଜିନ୍, ୧୯।୭ (ପି.ଟି.):** ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପୁରୁଷ ୩୦୦୦ ମିଟର ଷ୍ଟିପଲ୍‌ଚେଜ୍‌ରେ ଭାରତର ଅବିନାଶ ସାବ୍‌ଲେଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ପ୍ରତିଯୋଗିତାର ୪ର୍ଥ ଦିବସରେ ଅନୁଷ୍ଠିତ ଫାଇନାଲରେ ସେ ୧୧ତମ ସ୍ଥାନ ଅଧିକାର କରିଛନ୍ତି। ୨୭ ବର୍ଷୀୟ ସାବ୍‌ଲେ ୮:୩୧.୭୫ ଟାଇମିଂରେ ତାଙ୍କ ରେସ୍ ଶେଷ କରିଥିଲେ, ଏହା ତାଙ୍କ ସିଜନର ଏବଂ ବ୍ୟକ୍ତିଗତ ଶ୍ରେଷ୍ଠ ୮:୧୨.୪୮(ଏକ ଜାତୀୟ ରେକର୍ଡ)ଠାରୁ କମ୍ ରହିଛି। ତେବେ ଏଥରର ଷ୍ଟିପଲଚେଜ୍ ଫାଇନାଲ ବିଶ୍ୱ ଚାମ୍ପିୟନଶିପ୍ ଇତିହାସରେ ସବୁଠାରୁ ମନ୍ଥର ଥିଲା। ୩ଜଣ ଯାକ ପଦକ ବିଜେତା ସେମାନଙ୍କ ସିଜନ ଓ ବ୍ୟକ୍ତିଗତ ଶ୍ରେଷ୍ଠଠାରୁ କମ୍ ଟାଇମିଂରେ ରେସ୍ ଶେଷ କରିଥିଲେ। ମରକ୍କୋର ଅଲିମ୍ପିକ ଚାମ୍ପିୟନ ସୋଫିଆନେ ଏଲ୍ ବାକାଲିଙ୍କ ସିଜନ ଶ୍ରେଷ୍ଠ ଟାଇମିଂ ୭:୫୮.୨୮ ରହିଥିବା ବେଳେ ସେ ୮:୨୫.୧୩ ଟାଇମିଂରେ ସ୍ୱର୍ଣ୍ଣ ଜିତିଥିଲେ। ଟୋକିଓ ଗେମ୍ସ ଓ ଗତ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ଜିତିଥିବା ଇଥିଓପିଆର ଲାମେଚା ଗିର୍‌ମା (ସିଜନ ଶ୍ରେଷ୍ଠ ଟାଇମିଂ ୭:୫୮.୬୮) ଏଠାରେ ୮:୨୬.୦୧ ଟାଇମିଂ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଗତଥରର ଚାମ୍ପିୟନ କେନିଆର କନସେସ୍‌ଲସ କିପ୍‌ରୁଟୋ (ସିଜନ ଶ୍ରେଷ୍ଠ ୮:୦୮.୭୬) ଏଥର ୮:୨୭.୯୨ ଟାଇମିଂ ସହ ତୃତୀୟ ହୋଇଥିଲେ।


ORISSA STATE AIDS CONTROL SOCIETY (OSACS)
(Department of Health & Family Welfare)
Government of Odisha
No.2383/OSACS Date:18.07.2022

TENDER CALL NOTICE FOR PROCUREMENT OF ARV DRUGS

**No.E-332:** Orissa State AIDS Control Society (OSACS), BBSR invites sealed tenders from authorized manufacturers/distributors/ approved dealers having valid GST registration for supply of Anti Retro Viral (ARV) Drugs to OSACS, Bhubaneswar. The detailed terms & conditions and specifications are available in the websites of www.osacs.nic.in. which can be downloaded for use. Interested parties may submit their tenders through Speed Post / Registered Post / Courier only superscribing "Tender for supply of Anti Retro Viral (ARV) Drugs to OSACS" which should reach on or before 3.30 P.M of 10.08.2022 positively and the same will be opened at 4.00 P.M on the same day before the committee & the participants. The undersigned reserves the right to reject any or all the tender(s) without assigning any reason thereof.

Sd./-Project Director
Orissa State AIDS Control Society,
(Department of Health & Family Welfare), Govt.of Odisha
2nd Floor,Oil Orissa Building,F-Nayapalli,Bhubaneswar-12
OIPR-10060/11/0004/2223



ZILLA SWASTHYA SAMITI, BARGARH
Dept. of Health & Family Welfare, Govt. of Odisha
District Head Quarter Hospital, Bargarh - 768028
Phone/Fax: 06646-231763
Advt. No. 42/NHM, BARGARH/2022-23 Date: 18.07.2022

TENDER CALL NOTICE

No. E-326: Sealed tenders are invited from registered travel agencies/firms/persons/tour operators for hiring of commercial light diesel vehicles on a monthly & daily basis and intending agencies/firms/dealers/persons for supply of Ambulance, Micro Cellular Rubber footwear & Techno Managerial Man Power and for Pest Centrol & Anti-termite Measures. Details regarding eligibility criteria, terms & conditions and the formats for submission of tender (Technical & Price Bid) are mentioned in the tender document which may be downloaded from the website: **www.bargarh.nic.in**. Interested agencies/firms/persons has to submit their tenders in a sealed envelope super-scribing on the top of the sealed envelope as "Hiring of Vehicles on Monthly & Daily Basis for DPMU/BPMU __________/RBSK ________/Mental Health Programme" or "Tender for supply of new Ambulance" or "Tender for Pest Control & Anti-termite Measures" or "Tender for supply of Micro Cellular Rubber Footwear" or "Tender for Techno Managerial Manpower" as needed . The tenders should reach to the Office of the undersigned by Dt.16.08.2022 till 4 P.M. through Speed Post/Regd. Post/Courier only and will be opened on Dt.19.08.2022 at 11.00 A.M. The undersigned reserves the right to reject any or all the tenders without assigning any reason thereof.

Sd./- Chief District Medical & Public Health Officer, Bargarh
OIPR-10124/11/0010/2223



CUTTACK MUNICIPAL CORPORATION
SHORT TENDER CALL NOTICE
No.1663/Mo Dt. 18/7/22

No.C-808:- Cuttack Municipal Corporation invites sealed quotations from interested and reputed Suppliers for supplying the procurement of "**Safety Shoes**" through tender for Swachha Karmis (Ladies) working at Micro Composting Centre within CMC area for the year 2022-23.

Sd./-Commissioner
Cuttack Municipal Corporation
OIPR-13031/11/0031/2223



GOVERNMENT OF ODISHA, "e" PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
TENDER CALL NOTICE
E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle - 08/2022-23
Memo No. 1361 Dt.14.07.2022

No. B-388: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building work as detailed in the table below:

1. Nature of work : Building Works
2. No. of work : 3 Nos.
3. Tender Cost : Rs.10,000.00 (Online)
4. Class of Contractor : B Class, A Class and Special Class
5. Available of Bid document in the website : From 10.00 A.M. of Dt.21.07.2022 upto 05.00 P.M. of Dt.03.08.2022
6. Last date of receipt of tender : Dt.03.08.2022 upto 5.00 P.M.
7. Date of opening of Bid : Dt.04.08.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any Addendum/Corrigendum/Cancellation of tender can also be seen in the said website.

Chief Construction Engineer
Khordha (R&B) Circle, Khordha
OIPR-34127/11/0016/2223



OMC | ODISHA NEW OPPORTUNITIES
Mining Happiness
ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

Corrigendum to E-Procurement Notice

Sub: Engagement of an Agency to provide Facility Management and Support Services in OMC

**No.CAD-1182:** This is with reference to E-Procurement Notice published in Daily News Paper i.e. Dharitri & Times of India on dtd.06.07.2022 against Bid Document No. OMC/E-PROC/CMC/73/2022 dated 30-June-2022 regarding "Engagement of an Agency to provide Facility Management and Support Services in OMC". The date & time of the Tender Notice has been revised and the same will be available in the e- Procurement portal and OMC website on Dtd.20-July-2022.

Sd./- Advisor (C&P)
OIPR-30005/11/0084/2223



ODISHA PUBLIC SERVICE COMMISSION, CUTTACK
NOTICE
No. 6639/PSC Dt.19.07.2022
PF-1E-11-2021/22 (DR-III)

No. D-108: It is for information of all concerned that, pursuant to Advt. No. 24 of 2021-22, 33 (Thirty Three) candidates bearing following PPSAN have been allowed to appear in the interview to determine their eligibility for recruitment to the post of **Post Graduate Teachers in Logic/Philosophy**. The Interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on 28.07.2022 & 29.07.2022 as per the Programme mentioned below.

PROGRAMME OF INTERVIEW

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 28.07.2022 | 10.30 A.M. | 00096711, 00122071, 00054724, 00124345, 00114830, 00037529, 00133025, 00133019 & 00119663 = **09 Candidates** |
| | | 03.00 P.M. | 00122453, 00125600, 00130014, 00131000, 00077772, 00118116 & 00114716 = **07 Candidates** |
| 2 | 29.07.2022 | 10.30 A.M. | 00120861, 00118872, 00117925, 00120628, 00131954, 00117777, 00133290, 00047378, 00117051 & 00121359 = **10 Candidates** |
| | | 03.00 P.M. | 00117715, 00114774, 00114804, 00078717, 00119730, 00118329 & 0025644 = **07 Candidates** |

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.

**Note:** The candidates are informed that the pedagogy skill is part of the interivew. They are to come prepared to present a topic of their choice within 8 to 10 minutes before the Interview board. White baord shall be provided by the commission for the purpose.

OIPR-12002/11/0118/2223 Sd./- Secretary



Government of Odisha
Office of the Chief Construction Engineer
Rural Works Circle, Angul
E-mail: sencrwangul@yahoo.co.in, Ph. No.- 06764-236404
No.O-688:-
e-Procurement Notice for Bridge work in Odisha
Bid Identification No. Bridge Online AGL-07/2022-23
No.1308/ Dt.18.7.22

1. Name of the work: Bridge work. 2. Total No. of work: 01 No. 3. Estimated cost: Rs.516.59 lakh. 4. Class of contractor: 'A' & Special class. 5. Period of completion: 12 (Twelve) calendar months. 6. Other details.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online- AGL-07/2022-23 | 26.07.2022 at 11.00 A.M. | 10.08.2022 upto 5.00 P.M. | 05.08.2022 upto 1.00 P.M. | 12.08.2022 at 11.00 A.M. | Will be intimated separately |

(1) For detailed notice inviting tenders, please visit to the website www.tendersorissa.gov.in

Sd./- Chief Construction Engineer, Rural Works Circle, Angul
OIPR-25180/11/0010/2223

## ସଂକ୍ଷେପରେ

### ବେଆଇନ ଗଛକଟା ବନ୍ଦ କଲା ଜଳସମ୍ପଦ ବିଭାଗ

**ଡେରାବିଶ, ୧୯।୭(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଦାନପୁର ଗ୍ରାମରେ ଥିବା କେନ୍ଦ୍ରାପଡ଼ା କେନାଲ୍‌ର ନଂ. ୧୩ (ଏ)ଶାଖା ନାଳ ବନ୍ଧରେ ମଙ୍ଗଳବାର ବେଆଇନ ଭାବେ କଟା ହେଉଥିବା ଗଛକୁ ବନ୍ଦ କରିଛନ୍ତି ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷ। ଜଳସମ୍ପଦ ବିଭାଗ ଛତା ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ଏହି କେନାଲ୍ ବନ୍ଧରେ ମୂଲ୍ୟବାନ କଞ୍ଚା ଚାଖୁଣ୍ଡା ଗଛକୁ ଗାଁର ଜଣେ ବ୍ୟକ୍ତି ଲୋକ ଲଗାଇ କାଟୁଥିବା ନେଇ ତାଙ୍କ ପାଖରେ ଖବର ପହଞ୍ଚି ଥିଲା। ତେବେ ଏହି ଉପଖଣ୍ଡ ଅଧୀନରେ ଥିବା ଚାନ୍ଦୋଳ ସେକ୍ସନ ସହକାରୀ ଯନ୍ତ୍ରୀ ଦେବେନ୍ଦ୍ର କୁମାର ବଳଙ୍କୁ ଘଟଣାସ୍ଥଳକୁ ପଠା ଯାଇଥିଲା। ତେବେ ଗଛ କଟା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀଙ୍କଠାରୁ ଖବରପାଇ ଅତିରିକ୍ତ ତହସିଲଦାର ଘଟଣାସ୍ଥଳକୁ ଆସିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ମାତ୍ର ଜଳସମ୍ପଦ ବିଭାଗ ପକ୍ଷରୁ ଏହି ଗଛକଟାକୁ ବନ୍ଦ କରାଯାଇଛି। ଜଳସମ୍ପଦ ବିଭାଗ ସ୍ଥାନରୁ ବେଆଇନ ଭାବେ ମୂଲ୍ୟବାନ ଗଛକଟାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ନଦୀରେ ବୁଡ଼ି ଗାଈ ମୃତ

ବାଲିଆ,୧୯।୭: ବିରିଡି ତହସିଲ ଅଧୀନ ବନ୍ଧିଲୋ ଗ୍ରାମର ନୀଳଚକ୍ର ମହାନ୍ତିଙ୍କ ଏକ ଗାଈ ମଙ୍ଗଳବାର ଦେବୀ ନଦୀରେ ବୁଡ଼ିଯିବାରୁ ତାର ମୃତ୍ୟୁ ଘଟିଛି। ନଦୀକୂଳରେ ଚରୁଥିବା ସମୟରେ ହଠାତ୍ ମାଟି ଅତଡା ଖସିଯିବାରୁ ସେ ପାଣିରେ ପଡ଼ିଯାଇଥିଲା। ମାତ୍ର ଆଉ ଉପରକୁ ଉଠି ପାରି ନ ଥିଲା ବୋଲି ମହାନ୍ତି କହିଛନ୍ତି। ମହାନ୍ତି ଏହି ଗାଈର ଦୁଗ୍ଧ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଏବେ ଗାଈର ମୃତ୍ୟୁ ପରେ ସେ ରୋଜଗାର ହରାଇଛନ୍ତି। ଏନେଇ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସେ ବିରିଡି ତହସିଲଦାରଙ୍କୁ ଲିଖିତଭାବେ ଜଣାଇଛନ୍ତି।

### ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

**ମହାକାଳପଡ଼ା,୧୯।୭ (ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଞ୍ଚଳର ଏକ ସରକାରୀ ଉଚ୍ଚବିଦ୍ୟାଳୟରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଉକ୍ତ ସ୍କୁଲର ଗଣିତ ଶିକ୍ଷକ ଅସଦାଚରଣ କରିଥିବା କୁହାଯାଇଛି। ଏ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ସମ୍ପୃକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ ଏଭଳି ଘଟଣା ଘଟିଥିବା ନେଇ ଅଭିଯୋଗ ହୋଇଛି। ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରାଙ୍କୁ ପଚାରିବାରେ ଏକ ଟ୍ରେନିଂରେ ଅଛି। ଏ ନେଇ ଅବଗତ ନାହିଁ। ପ୍ରଧାନ ଶିକ୍ଷକଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଏ ନେଇ ଗାଁରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଦୋଷୀ ଶିକ୍ଷକଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ସମୁଦ୍ର ଜୁଆର ମାଡ଼ରେ ପରିବା, ଧାନ ନଷ୍ଟ

- ଆଳି ତଟବନ୍ଧ ଡିଭିଜନ କାର୍ଯ୍ୟକୁ ନେଇ ଉଠିଛି ପ୍ରଶ୍ନ
- ବର୍ଷା, ବନ୍ୟା ନ ଥିଲେ ମଧ ତଟାଞ୍ଚଳରେ ପାଣି
- ୧୮ ବର୍ଷ ହେଲା ବ୍ୟୟ ହେଉଛି ପ୍ରକଳ୍ପ ବାବଦ ଅର୍ଥ
- ସମୁଦ୍ର ଜୁଆର ପାଣି ରୋକିବାକୁ ଯୋଜନା ଠପ୍

**କେନ୍ଦ୍ରାପଡ଼ା ଅଫିସ, ୧୯।୭**



ମହାକାଳପଡ଼ା ବ୍ଲକ ନିପାଣିଆ ଅଞ୍ଚଳ ଚାଷ ଜମିରେ ସମୁଦ୍ରର ଲୁଣା ପାଣି ଲହଡି ମାରୁଛି। ଲୋକେ ମାଛ ଧରୁଛନ୍ତି।

ଚଳିତ ମୌସୁମୀ ବର୍ଷା କେନ୍ଦ୍ରାପଡ଼ା ଜିଲାକୁ ଆଶାନୁରୂପକ ହୋଇନାହିଁ। ସାମୁଦ୍ରିକ ଝଡ଼ ମଧ ଏବେ ହୋଇନାହିଁ। ଏହାସତ୍ତ୍ୱେ ଜିଲାର ୫ ହଜାର ହେକ୍ଟର ଜମିରେ ଗତ ଗୁରୁବାର ସମୁଦ୍ର ଜୁଆର ପାଣି ମାଡି ଯାଇଛି। ଏହାର ପ୍ରଭାବରେ ଲୋକଙ୍କ ଘର ଉଜାଡିବା ସହ ଲୁଣି ପାଣିରେ ପନିପରିବା, ଖରିଫ ଚାଷକୁ ନଷ୍ଟ କରିଛି; ଯାହାକୁ ନେଇ ତଟାଞ୍ଚଳରେ ଥିବା ଅଧିବାସୀ ଏକ ପ୍ରକାର ଅସହାୟ ହୋଇପଡିଛନ୍ତି। ଆଳି ତଟବନ୍ଧ ଡିଭିଜନର କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛନ୍ତି। ଦୀର୍ଘ ୧୮ବର୍ଷ ଧରି ପ୍ରକଳ୍ପ ଅର୍ଥ କେଉଁଠି ଖର୍ଚ୍ଚ ହେଉଛି ବୋଲି ଉତ୍ତର ଖୋଜୁଛନ୍ତି। ତଟବନ୍ଧ ସୁରକ୍ଷା ଏବେ ପ୍ରଶ୍ନ ହୋଇଥିବା ବେଳେ ସମୁଦ୍ର ଜୁଆର ପାଣି ରୋକିବାକୁ କୌଣସି ସ୍ୱତନ୍ତ୍ର ଯୋଜନା ନ ଥିବା ମତ ମିଳିଛି।

ଏ ସମ୍ପର୍କରେ ସାନଟୁବିର ରଞ୍ଜନ ମଣ୍ଡଳ କହିଛନ୍ତି, ପନିପରିବାର ଅହେତୁକ ଦରବୃଦ୍ଧିକୁ ଦେଖି ଚଳିତବର୍ଷ ପ୍ରାୟ ୫ ଏକର ଜମିରେ ବିଭିନ୍ନ ପ୍ରକାର ଚାଷ କରିଥିଲି। ଏଥିପାଇଁ ସ୍ଥାନୀୟ ଲୋକଙ୍କଠାରୁ କରଜ ନେଇଥିଲି। ତେବେ ଗତ ୧୪ତାରିଖ ସମୁଦ୍ର ଜୁଆର ପାଣି ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛି। ଲୁଣା ପାଣି ଜମି ରହିବା ଫଳରେ ଆମଦାନୀ ଯୋଗ୍ୟ ପନିପରିବା ନାହିଁ। ଋଣ ଶୁଝିବା ଏବେ ଚିନ୍ତାର କାରଣ ହୋଇଛି। ସାତଭାୟାର ଅଜାମ୍ବର ମଲ୍ଲିକ କହିଛନ୍ତି, ସାତଭାୟାର ବରାହୀପୁରଠାରେ ଏବେ ମଧ ୧୨ରୁ ଊର୍ଦ୍ଧ୍ୱ ଘରେ ଲୋକ ବସବାସ କରୁଛନ୍ତି। ଉଚ୍ଚ ଜୁଆର ପାଣି କାନପୁର, ପଞ୍ଚୁବରାହୀ ପାଖ ଦେଇ ପଶି ଆସିବା ପରେ ଘରଗୁଡିକ ନଷ୍ଟ ହୋଇଛି। ଏହି ଗ୍ରାମର ୫୭୧ ପରିବାରଙ୍କୁ ବଗପାଟିଆରେ ଥଇଥାନ କରାଯାଇଛି। ତେବେ ୧୪୮ ପରିବାର ଏବେ ମଧ ସରକାରୀ ଅନୁଗ୍ରହକୁ ଅପେକ୍ଷା କରି ରହିଛନ୍ତି। ଏଠାରେ ସବୁବେଳେ ସମୁଦ୍ର ପାଣି ଆସୁଥିବାରୁ ଜୀବନ ପ୍ରତି ବିପଦ ଦେଖାଦେଇଛି। ଭଙ୍ଗା ଘର ଅନ୍ୟ ଏକ ଭୟର କାରଣ ବୋଲି ସେ କହିଛନ୍ତି। ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, ଲୁଣା ତଟବନ୍ଧ ଡିଭିଜନ ସହ ସ୍ଥାନୀୟ ଚିଙ୍ଗୁଡି ଘେରି, ଖରିଫ ଚାଷ ଓ ପନିପରିବା ପାଇଁ ବିପଦ ହୋଇଛି। ଚିଙ୍ଗୁଡି ଘେରି ପାଇଁ ବହୁ ଚାଷୀ ତଟବନ୍ଧକୁ ଭାଙ୍ଗି ଲୁଣା ପାଣି ନେଉଛନ୍ତି। ସେହିପରି କେତେକେ କ୍ରିକ୍‌କୁ ଭାଙ୍ଗୁଛନ୍ତି । ଏହି ନାଳଗୁଡିକ କୌଣସି ସରକାରୀ ଅଧିକାରୀଙ୍କ ନଜରରେ ନାହିଁ। ତଟାଞ୍ଚଳରେ ଚିଙ୍ଗୁଡି ଘେରିକୁ ପରୋକ୍ଷରେ ସରକାରୀ ପ୍ରୋତ୍ସାହନ ମିଳୁ ଥିବାରୁ ଏହି ଜୁଆର ପାଣି ଚାଷ ଓ ବାସକୁ ନଷ୍ଟ କରିଛି। ଏ ନେଇ ତଦନ୍ତ ପରେ ହିତାଧିକାରୀଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ସାମାଜିକ କର୍ମୀ କଳ୍ପତରୁ ସାମନ୍ତରାୟ କହିଛନ୍ତି, ଆଳି ତଟବନ୍ଧର କାର୍ଯ୍ୟ ଏବେ ସନ୍ଦେହଜନକ ସ୍ଥିତିକୁ ଆସିଯାଇଛି। ଏହି ଡିଭିଜନ ଗତ ୧୮ବର୍ଷ ଧରି ଆଳିରେ ସ୍ଥାପନ ହେଲାଣି। ସ୍ଥାନୀୟ ଲୁଣା ଅଞ୍ଚଳରେ ବନ୍ୟା, ବାତ୍ୟା, ସୁନାମୀ ଆଦିର ପ୍ରଭାବକୁ ଅନୁଧ୍ୟାନ କରି ତଟବନ୍ଧ ନିର୍ମାଣ କରାଯାଉଛି ବୋଲି କାଗଜପତ୍ରରେ ଦର୍ଶାଯାଉଛି। ବାସ୍ତବରେ ଏହି ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରିନାହିଁ। କେବଳ ଦୀର୍ଘବର୍ଷ ଧରି ପ୍ରକଳ୍ପ ଅର୍ଥର ଭାଗ ବଣ୍ଟାରେ ସୀମିତ ରହିଛି। ବନ୍ୟାବାତ୍ୟା ଅଥବା ପ୍ରବଳ ବର୍ଷା ନ ଥିବା ସମୟରେ ଜିଲା ତଟାଞ୍ଚଳର ୫ ହଜାର ହେକ୍ଟରରୁ ଅଧିକ ଜମିରେ ଲୁଣା ପାଣି ଦୀର୍ଘ ୭ ଦିନ ଧରି ଜମି ରହିଛି। ତଟବନ୍ଧ ଡିଭିଜନର ଏସ୍‌ଇ ତଥା ଜିଲା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ କହିଛନ୍ତି ଯେ, ତଟବନ୍ଧର ମରାମତି କାର୍ଯ୍ୟ ଚାଲିଛି। ତେବେ ଦୁର୍ବଳ ସ୍ଥାନକୁ ଭେଦ କରି ଜୁଆର ପାଣି ପଶି ଆସିଛି। ଏ ନେଇ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଉଥିବା ସେ ପ୍ରକାଶ କରିଛନ୍ତି।

# କେନାଲ ସଫେଇରେ ଅନିୟମିତତା: ଜମିରେ ମାଡୁନି ପାଣି

**ପଟ୍ଟାମୁଣ୍ଡାଇ, ୧୯।୭(ସ୍ୱ.ପ୍ର.)**



ପଟ୍ଟାମୁଣ୍ଡାଇ ଦେଢ ନମ୍ବର (କ) କେନାଲ ଶୁଖିଲା ପଡିଛି।

ସରକାର କୃଷି ଓ କୃଷକର ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିନିମନ୍ତେ ସରକାର ଲକ୍ଷାଧିକ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ସରକାରଙ୍କ ଯୋଜନାଗୁଡିକ ସଫଳ ରୂପାୟନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଦେଢ ନମ୍ବର (କ) କେନାଲ ଓ ତାର ଶାଖା କେନାଲଗୁଡିକ ରହିଛି। ଏହି ଦେଢ ନମ୍ବର କେନାଲ ଉପରେ ଅରଡପଲ୍ଲି, ବଡମହନପୁର, ବଡପଡା, ସାନଜରିଆ, ଗଙ୍ଗାରାମପୁର ସମେତ ମହାକାଳପଡ଼ା ବ୍ଲକର ବିଜୟନଗର, ବଳିପାଳ, ବଅଡିଅ ପ୍ରଭୃତି ବହୁ ପଞ୍ଚାୟତର ଶତାଧିକ ଏକର ଚାଷଜମି ଜଳସେଚନ ନିମନ୍ତେ ନିର୍ଭର କରିଥାଏ। ମାତ୍ର ଜଳ ସମ୍ପଦ ବିଭାଗ ପକ୍ଷରୁ ଜୁଲାଇରେ ଏହି କେନାଲର କେତେକ ସ୍ଥାନରେ ନାମକୁ ମାତ୍ର ସଫେଇ କରାଯାଇଛି। ଯାହାକି ଧର୍ମକୁ ଆଖିଠାର ସଦୃଶ। ଠିକ୍ ଭାବେ କେନାଲ ସଫେଇ କରାଯାଇନାହିଁ ବୋଲି ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ଏହାର ତଦାରଖ କରୁ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ କେନାଲ ପାଣି ବିଲରେ ପହଞ୍ଚି ପାରୁନାହିଁ। ଯାହାଦ୍ୱାରା ଜୁଲାଇ ମାସର ଶେଷ ହେବାକୁ ବସିଥିବା ବେଳେ ଠିକ୍ ଭାବେ କେନାଲ ସଫେଇ ହୋଇନଥିବାରୁ ପାଣି ଚାଷ ଜମିକୁ ମାଡି ପାରିନାହିଁ। ଫଳରେ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟକୁ ଚାଷୀମାନେ ଅଭିଯୋଗ କରିବାକୁ ଯାଇ କୌଣସି ବିଭାଗୀୟ ଅଧିକାରୀ ନ ପାଇ ନିରାଶରେ ଫେରିବାକୁ ବାଧ ହେଉଛନ୍ତି ବୋଲି ବିଜୟ ଦାସ, ସୁରେନ୍ଦ୍ର ପରିଡା, ହରହର ବାରିକ, ଅକ୍ଷୟ ସାହୁ, ବାବୁ ବେହେରା, ସଂଜୟ ମଲିକ, ସୁନାକର ବାରିକ, ଖତୁ ମଲିକ, ହଳଧର ତରାଇ ପ୍ରମୁଖ ଅଭିଯୋଗ କରିଛନ୍ତି। ନାମକୁମାତ୍ର କେନାଲ ସଫେଇ କରାଯାଇ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଉଠାଇ ନେବାକୁ ମସୁଧା କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଏସ୍‌ଡିଓ ପ୍ରଭାତ ସାହୁଙ୍କୁ ପଚାରିବାରେ ଦେଢ ନମ୍ବର (କ) କେନାଲ ସଫା ହୋଇ ନ ଥିବା ନେଇ ଅଭିଯୋଗ ଆସିଛି। ଏହାର ସମାଧାନ ହେବ ବୋଲି ସେ କହିଛନ୍ତି।

# କେନ୍ଦ୍ରାପଡ଼ା ପୌରପାଳିକାକୁ ମାସିକ ୧ଲକ୍ଷ ଟଙ୍କା ଜରିମାନା

- ଏନ୍‌ଜିଟିରେ ଗୋବରୀ ନଦୀ ପ୍ରଦୂଷଣ ମାମଲା
- ୨୦୨୦ ଏପ୍ରିଲରୁ ପିଛିଲା ଭାବେ ଲାଗୁ ହେବ

**କେନ୍ଦ୍ରାପଡ଼ା ଅଫିସ, ୧୯।୭**

କେନ୍ଦ୍ରାପଡ଼ା ସହର ନିକଟ ଗୋବରୀ ନଦୀ ପ୍ରଦୂଷଣ ମାମଲାରେ ସ୍ଥାନୀୟ ପୌରପାଳିକାକୁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ରବେୟା ତବସୁମ୍‌ଙ୍କ ଦ୍ୱାରା ଆଗତ ମାମଲା (ନଂ.୨୮/୨୨)ର ଶୁଣାଣି ଗତ ୧୩ ତାରିଖରେ ହୋଇଥିଲା। ପ୍ରଶାସନିକ ରିପୋର୍ଟକୁ ଆଧାର କରି କଠିନ ବର୍ଜ୍ୟବସ୍ତୁ ପରିଚାଳନା (ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ) ରୁଲ ୨୦୧୬ ଅନୁଯାୟୀ ୨୦୨୦ ଏପ୍ରିଲ ୧୦ରୁ ମାସିକ ୧ ଲକ୍ଷ ଟଙ୍କା କେନ୍ଦ୍ରାପଡ଼ା ପୌରପାଳିକାକୁ ଦେବାକୁ ଏନ୍‌ଜିଟିର ଜୁଡିସିଆଲ୍ ମେମ୍ବର ବିଚାରପତି ଅମିତ ସ୍ଥାଲକାର୍ ଏବଂ ବିଶେଷଜ୍ଞ ଶୈବାଳ ଦାସଗୁପ୍ତାଙ୍କୁ ନେଇ ଗଠିତ ପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୪ରେ ହେବ।

ସୂଚନାଯୋଗ୍ୟ, ଗୋବରୀ ନଦୀରେ ସହରର ଅଳିଆ, ଆବର୍ଜନା ଛଡ଼ା ଯାଇ ନଦୀକୁ ପ୍ରଦୂଷଣ କରାଯାଉଥିବା ଦର୍ଶାଇ ତବେୟା ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ଗତ ଜୁନ ୩ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଗତ ୧୧ ତାରିଖରେ ସତ୍ୟପାଠ ପ୍ରଦାନ କରାଯାଇଥିଲା। ଏହାପୂର୍ବରୁ ଏନ୍‌ଜିଟି ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ଗତ ଏପ୍ରିଲରେ ସ୍ଥାନୀୟ ଅଞ୍ଚଳ ସର୍ଭେ ହୋଇଥିଲା। ଏହିସବୁ ରିପୋର୍ଟର ତର୍ଜମା ପରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସହରରେ ଅଳିଆ, ଆବର୍ଜନା ପ୍ରତି ସମ୍ବେଦନଶୀଳ ନ ଥିବା ଦର୍ଶାଇ ମାସିକ ୧ ଲକ୍ଷ ଟଙ୍କା ରାଜ୍ୟ ପ୍ରଦୂଷଣ ବୋର୍ଡ଼ ନିକଟରେ ଜମା କରିବାକୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଆବର୍ଜନା ପରିଚାଳନା ପାଇଁ କେତେକ ପରାମର୍ଶ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ନିଷ୍କାସନ ହେଉନି ପାଣି: ବୁଡ଼ି ରହିଛି ଧାନ ତଳି

**ରାଜନଗର, ୧୯।୭(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅଞ୍ଚଳରେ ଗତ ୫ ଦିନ ହେଲା ଲଗାଣ ବର୍ଷା ଲାଗି ରହିଛି। ଚାଷୀ ବିଲରେ ହଳ କରି ଧାନ ବିହନ ବୁଣି ଥିଲେ। ଧାନ ତଳି ୩ରୁ୪ ଇଞ୍ଚ ହୋଇଥିବାବେଳେ ଚାଷ ଜମିରେ ବର୍ଷା ପାଣି ଜମି ରହିଛି। ବର୍ଷା ପାଣି ସାଙ୍ଗକୁ ହଂସୁଆ ନଦୀର ଜୁଆର ପାଣି ମଧ ଚାଷ ଜମିରେ ମାଡି ଯାଇଛି। ନଈ ଫୁଲିକି ଥିବାରୁ ଚାଷ ଜମିର ପାଣି ନିଷ୍କାସନ ହୋଇପାରୁନି। ଏପଟେ ଧାନ ତଳି ପଚିବା ଆରମ୍ଭ କଲାଣି। ଚାଷଜମିରୁ ଦିନେରୁ ଦୁଇଦିନ ମଧ୍ୟରେ ପାଣି ନିଷ୍କାସନ ନ ହେଲେ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ପରିସ୍ଥିତି ସୃଷ୍ଟି ହୋଇଛି।

ରାଜନଗର ବ୍ଲକ ମହୁଲିଆ ମୌଜାର ଚାଷୀ ବୁଦ୍ଧିରାମ ପ୍ରଧାନ କୁହନ୍ତି, ୩ ଏକର ଜମିରେ ସୁପର ପୂଜା ଓ ଗୋଲଡେନ ସୁପର ବିହନ ଗଜା କରି ୧୦ ଦିନ ତଳେ ତଳି ପକାଇଥିଲେ। ଧାନ ତଳି ୩ରୁ ୪ ଇଞ୍ଚର ହୋଇଯାଇଛି। ୫ ଦିନ ହେଲା ଧାନ ତଳି ପାଣିରେ ବୁଡି ରହି ପଚିବା ଆରମ୍ଭ କଲାଣି। ଦିନେ ଦୁଇଦିନ ମଧ୍ୟରେ ପାଣି ନିଷ୍କାସନ ନ ହେଲେ ସମ୍ପୂର୍ଣ୍ଣ ତଳି ନଷ୍ଟ ହୋଇଯିବ। ଗାଁର ଚାଷୀ ଅକ୍ଷୟ ବିଶ୍ୱାଳ, ରବୀନ୍ଦ୍ର ସ୍ୱାଇଁ, ଶୁକଦେବ ରାଉତ, ଶ୍ୟାମସୁନ୍ଦର ରାଉତ, କାଙ୍ଗାଳି ପ୍ରଧାନ ପ୍ରମୁଖ ସମାନ କଥା କହିଛନ୍ତି। ଏହି ମୌଜାରେ ପ୍ରାୟ ୮୦ ଏକର ଜମିରେ ଏ ପରିସ୍ଥିତି ସୃଷ୍ଟି ହୋଇଛି। ସରକାରୀ ବିହନ ମିଳୁ ନ ଥିବାବେଳେ ଏପରି ଅବସ୍ଥା ଚାଷୀଙ୍କ ମୁଣ୍ଡରେ ଚଡକ ପକାଇଛି।



ରାଜନଗର ବ୍ଲକ ମହୁଲିଆ ମୌଜାର ତଳି ଘେରାରେ ପାଣି ଜମି ରହିଛି।

# ଜଗତ୍‌ସିଂହପୁରରେ ବନ୍ଦ ଶାନ୍ତିପୂର୍ଣ୍ଣ

**ଜଗତ୍‌ସିଂହପୁର ଅଫିସ, ୧୯।୭**




ଜଗତ୍‌ସିଂହପୁର ସହର ବଙ୍ଗଳା ଛକରେ ରାସ୍ତାରୋକୋ କରାଯାଇଛି।

### ଛାତ୍ରୀ ରୁଚିକା ଆତ୍ମହତ୍ୟା ମାମଲାରେ ଓଡ଼ିଶା ବନ୍ଦ ଡାକରା

୩ ଜଣ ବରିଷ୍ଠ ଛାତ୍ରୀଙ୍କ ରାଗିଂ ଯୋଗୁ ଭୁବନେଶ୍ୱର ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା କରିଥିବା ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ ହୋଇଥିଲା। ମାତ୍ର ପରେ ପୋଲିସ ରାଗିଂ ହୋଇ ନ ଥିବା କହିବା, କଲେଜ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ନୀରବତା ପ୍ରତିବାଦରେ ମଙ୍ଗଳବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ଅନୁଯାୟୀ ସଙ୍ଗଠନ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ଜିଲା ମୁଖ୍ୟାଳୟ ବଙ୍ଗଳା ଛକରେ ରାସ୍ତାରୋକୋ କରାଯାଇଥିଲା। ଏହି ରାସ୍ତାଦେଇ କେବଳ ଆମ୍ବୁଲାନ୍ସ ଓ ଜରୁରୀ ସେବାକୁ ବାଦ୍ ଦେଲେ ଅନ୍ୟ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସହରର କିଛି ସ୍ଥାନରେ ଲୋକେ ନିଜ ଇଚ୍ଛାରେ ଆନ୍ଦୋଳନକୁ ସମର୍ଥନ କରି ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିଥିବାବେଳେ ଅଧିକାଂଶ ଦୋକାନବଜାର ଖୋଲାଥିବା ଦେଖିବାକୁ ମିଳିଥିଲା। ମୋଟାମୋଟି ଭାବରେ କହିବାକୁ ଗଲେ ସାରା ଜିଲାରେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିଲା। ଏହି ଅବସରରେ ରୁଚିକା ଆତ୍ମହତ୍ୟା ପାଇଁ ଦାୟୀ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏଥିସହ ଦାୟିତ୍ୱରେ ଅବହେଳା କରିଥିବା କର୍ତ୍ତୃପକ୍ଷ ଯଥା ୱାର୍ଡେନ୍, ସୁପରିଣ୍ଟେଣ୍ଡେଣ୍ଟ ଓ ପ୍ରିନ୍ସିପାଲଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଉ। ରାଗିଂ ହୋଇ ନ ଥିବା କହିଥିବାରୁ ପୋଲିସ କ୍ଷମା ମାଗୁ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କୁହାଯାଇଛି, ନବ ନିର୍ମାଣର ଯୁବଛାତ୍ର ସଙ୍ଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ଦୀର୍ଘ ୧୧ ଦିନ ଧରି ବିଜେବି କଲେଜ ସମ୍ମୁଖରେ ରୁଚିକାଙ୍କ ମା' ବିଦ୍ୟୁତପ୍ରଭା ମହାନ୍ତିଙ୍କ ସହ ଅନଶନ ଜାରି ରଖିଥିଲେ। ମାତ୍ର କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଜୁଲାଇ୧୩ରେ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଅନଶନ ପ୍ରତ୍ୟାହାର କରାଇବା ସହ ୧୯ରେ ଓଡ଼ିଶା ବନ୍ଦ ଘୋଷଣା କରିଥିଲେ। ଏହି ଆନ୍ଦୋଳନରେ ସଙ୍ଗଠନର ବରିଷ୍ଠ ନେତା ବଂଶୀଧର ପଟ୍ଟନାୟକ, ଦୁର୍ଗାଚରଣ ସ୍ୱାଇଁ, ବିଷ୍ଣୁଚରଣ ଦାଶ, ରଶ୍ମିରଞ୍ଜନ ସ୍ୱାଇଁ, କୈଳାସ ପରିଡ଼ା, ବାବାଜି ଜେନା, ବିଜୟ ପତି, କୈଳାସ ଦାଶ, ଭୁବନାନନ୍ଦ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ନାମାଙ୍କନପତ୍ର ଦାଖଲ କଲେ ମାର୍ଗାରେଟ୍

ନୂଆଦିଲ୍ଲୀ,୧୯।୭

ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ବିରୋଧୀ ଦଳ ପକ୍ଷରୁ ମନୋନୀତ ପ୍ରାର୍ଥୀ ମାର୍ଗାରେଟ୍ ଆଲ୍‌ଭା ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନିର୍ବାଚନ ପାଇଁ ଡର ନାହିଁ। ହାର୍‌-ଜିତ୍ ଜୀବନର ଅଂଶ ବୋଲି ନାମାଙ୍କନ ଦାଖଲ ବେଳେ ମାର୍ଗାରେଟ୍ କହିଛନ୍ତି। ନାମାଙ୍କନପତ୍ର ଦାଖଲ ସମୟରେ କଂଗ୍ରେସ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଏନ୍‌ସିପି ମୁଖ୍ୟ ଶରଦ ପାୱାର, ରାଜ୍ୟସଭା ବିରୋଧୀ ଦଳ ମୁଖ୍ୟ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏବଂ ଲୋକସଭା କଂଗ୍ରେସ ଦଳ ମୁଖ୍ୟ ଅଧୀର ରଞ୍ଜନ ଚୌଧୁରୀ ପ୍ରମୁଖ ନେତା ଉପସ୍ଥିତ ଥିଲେ। ଆସନ୍ତା ଅଗଷ୍ଟ ୬ରେ ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ। ଅଗଷ୍ଟ ୧୦ରେ ବର୍ତ୍ତମାନର ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁଙ୍କ କାର୍ଯ୍ୟକାଳ ଶେଷ ହେବ। ଏନ୍‌ଡିଏ ପକ୍ଷରୁ ଚୟନ କରାଯାଇଥିବା ଉପରାଷ୍ଟ୍ରପତି ପ୍ରାର୍ଥୀ ଜଗଦୀପ ଧନକର ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ

## ସୋନିଆଙ୍କୁ ଇଡିରେ ହାଜର ନୋଟିସ ପ୍ରସଙ୍ଗ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧୀ ଦଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦୁର୍ଭାଗ୍ୟକୁ କେନ୍ଦ୍ରର ମୋଦି ସରକାର ବିରୋଧୀଙ୍କ ସ୍ୱର ଚପାଇଦେବାକୁ ସେମାନଙ୍କ ବିରୋଧରେ ସିବିଆଇ, ଇଡି ଓ ଆଇଟି ଭଳି ସଂସ୍ଥାଗୁଡ଼ିକୁ ଲଗାଇ ଯାବତୀୟ ନିର୍ଯାତନା ଦେଉଛନ୍ତି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଇଡିର ଡକରା ଦମନ ରାଜନୀତି ଏହାର ସଦ୍ୟତମ ଉଦାହରଣ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ସେ ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ରାହୁଲ ଗାନ୍ଧୀଙ୍କୁ ୫ ଥର ଇଡି ଡାକିଥିଲେ ଓ ଦେଶବ୍ୟାପୀ କଂଗ୍ରେସ ଏହାର ପ୍ରତିବାଦ କରିଥିଲା। ପୁନର୍ବାର ଆସନ୍ତା ୨୧ରେ ସୋନିଆ ଗାନ୍ଧୀଙ୍କୁ ମଧ୍ୟ ସମନ ଜାରି କରାଯାଇଛି। ସୋନିଆ ଗାନ୍ଧୀ ସେହିଦିନ ହାଜର ହେବାକୁ ନିଷ୍ପତ୍ତି ମଧ୍ୟ ନେଇଛନ୍ତି। ଗଣତନ୍ତ୍ର ଓ ବିରୋଧୀଙ୍କ ସାମ୍ବିଧାନିକ ଅଧିକାର ସୁରକ୍ଷା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ଜୁଲାଇ ୨୧ରେ କଂଗ୍ରେସ ଭବନରୁ ଇଡି ଅଫିସ୍ ଅଭିଯାନ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ୨୨ରେ ରାଜ୍ୟର ସବୁ ଜିଲା ସଦର ମହକୁମାରେ କଂଗ୍ରେସ ପକ୍ଷରୁ ଗଣବିକ୍ଷୋଭ ନିମନ୍ତେ ସିଦ୍ଧାନ୍ତ ହୋଇଥିବା ପିସିସି ସଭାପତି କହିଛନ୍ତି।

# ରାଷ୍ଟ୍ରପତି ଭୋଟିଂ ପରେ ବାଲାଟ୍ ବକ୍ସ ଦିଲ୍ଲୀ ଗଲା

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

ଦେଶର ନୂଆ ରାଷ୍ଟ୍ରପତି କିଏ ହେବ ତାକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହେବାକୁ ଆଉ ମଝିରେ ଗୋଟିଏ ଦିନ ରହିଲା। ଆସନ୍ତା ୨୧ ତାରିଖରେ ରାଷ୍ଟ୍ରପତି ନିର୍ବାଚନ କାଉଣ୍ଟିଂ ଆରମ୍ଭ ହୋଇଯିବ। ଏହାର କିଛି ସମୟ ପରେ ଦେଶର ନୂଆ ରାଷ୍ଟ୍ରପତି କିଏ ହେବ ସେକଥା ସ୍ପଷ୍ଟ ହୋଇଯିବ। ତେବେ ଓଡ଼ିଶାରେ ଭୋଟିଂ ସରିବା ପରେ ମଙ୍ଗଳବାର ବାଲାଟ୍ ବକ୍ସକୁ ସୁରକ୍ଷିତ ଭାବେ ବିମାନଯୋଗେ ଦିଲ୍ଲୀ ପଠାଇ ଦିଆଯାଇଛି। ସେହିପରି ସବୁ ରାଜ୍ୟରୁ ବାଲାଟ୍ ବକ୍ସ ମଧ୍ୟ ସମାନଭାବେ ଦିଲ୍ଲୀରେ ପହଞ୍ଚିଛି। ଏଥର ମଇଦାନରେ ଦୁଇ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଏନ୍‌ଡିଏ ପ୍ରାର୍ଥୀ ଭାବେ ଦ୍ରୌପଦୀ ମୁର୍ମୁ ଏବଂ ବିରୋଧୀ ମେଣ୍ଟରୁ ଯଶବନ୍ତ ସିହ୍ନା ପ୍ରାର୍ଥୀ ହୋଇଛନ୍ତି। ଗତ ୧୮ ତାରିଖରେ ଅନୁଷ୍ଠିତ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ତଥା ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟରୁ ୧୪୫ ଖଣ୍ଡ ଭୋଟ୍ ମିଳିଥିବା ଜଣାପଡିଛି। ସେହି ଦୃଷ୍ଟିରୁ ଦେଖିଲେ ସିହ୍ନାଙ୍କ ସପକ୍ଷରେ ବହୁତ କମ୍ ଭୋଟ୍ ଓଡ଼ିଶାରୁ ମିଳିଛି।



କେନ୍ଦ୍ର ସରକାରଙ୍କ ଦରବୃଦ୍ଧି, ବେକାରି ଓ ବର୍ଦ୍ଧିତ ମୁଦ୍ରାସ୍ଫୀତିକୁ ନେଇ ନୂଆଦିଲ୍ଲୀଠାରେ ମଙ୍ଗଳବାର ଯୁବକଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ବେଳେ ଜଣେ ମହିଳା କର୍ମୀଙ୍କୁ ପୋଲିସ ଉଠାଇ ନେଉଛନ୍ତି।

# ଏନ୍‌ଡିଏକୁ ଫେରିବାକୁ ଚାହୁଁଥିଲେ ଉଦ୍ଧବ

## ଶିନ୍ଦେ ଗୋଷ୍ଠୀ ନେତାଙ୍କ ଦାବି

ମୁମ୍ବାଇ, ୧୯।୭

ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକରେ ଗତବର୍ଷ ଏନଡିଏକୁ ଫେରିବାକୁ ଚାହୁଁଥିଲେ। କିନ୍ତୁ ପରେ ଏଭଳି କଠୋର ନିଷ୍ପତ୍ତି ନେବାରେ ସେ ପଛେଇ ଯାଇଥିଲେ। ଏକଥା ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଗୋଷ୍ଠୀର ନେତା ଦାବି କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସଂସଦ ପରିସରରେ ଏକ ଗଣମାଧ୍ୟମ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶିନ୍ଦେ ଏବଂ ତାଙ୍କ ଗୋଷ୍ଠୀର ସହକର୍ମୀମାନେ ଯୋଗ ଦେଇଥିଲେ। ଶିବସେନା ଏମ୍‌ପି ରାହୁଲ ଶେୱାଲେ ଏହି ସମ୍ମିଳନୀରେ ଦାବି କରିଥିଲେ ଯେ ଗତ ବର୍ଷ ଜୁନ ମାସରେ ଉଦ୍ଧବ ଏନ୍‌ଡିଏରେ ଯୋଗଦେବାକୁ ଚାହୁଁଥିଲେ, କିନ୍ତୁ ପରେ ସେ କୌଣସି କାରଣରୁ ପଛକୁ ହଟି ଯାଇଥିଲେ। ସୂଚନାଯୋଗ୍ୟ, ସଂସଦରେ ବିଦ୍ରୋହୀ ଶିବସେନା ଶିନ୍ଦେ ଗୋଷ୍ଠୀରେ ଏମ୍‌ପି ଶେୱାଲେଙ୍କୁ ଏକ ପ୍ରମୁଖ ଭୂମିକା ଦିଆଯାଇଛି। ଗତକାଲି ୧୨ ଜଣ ଏମ୍‌ପି ଲୋକ ସଭା ବାଚସ୍ପତି ଓମ ବିର୍ଲାଙ୍କୁ ଚିଠି ଲେଖି ପୃଥକ ବିଦ୍ରୋହୀ ଶିବସେନା ଗୋଷ୍ଠୀ ବିଷୟରେ ଜଣାଇଥିଲେ ଏବଂ ସେମାନଙ୍କର ନେତୃତ୍ୱ ଶିବାଲେ ନେବେ ବୋଲି ସୂଚିତ କରିଥିଲେ। ଶିନ୍ଦେ ମୁଖ୍ୟମନ୍ତ୍ରୀ ହେବା ପରେ ବର୍ତ୍ତମାନ ଶିବସେନା ଏମ୍‌ପିମାନେ ମଧ୍ୟ ବିଭାଜିତ ହେବାରେ ଲାଗିଛନ୍ତି।


## ODISHA PUBLIC SERVICE COMMISSION,CUTTACK
### NOTICE
**No.6555/P.S.C., Dt.18.7.22**
**PF-1E-11-2021/22 (DR-III)**

**No.D-107:** It is for information 'of all concerned that, 118 (One hundred Eighteen) candidates bearing following PPSAN Nos. have been called for the physical verification of original certificates/ documents to determine their eligibility and suitability for recruitment to-the post of . Post Graduate Teacher in ECONOMICS for 17 nos. of stand-alone Government Higher- -Secondary Schools, pursuant to Advt. No.24 of 2021-22. The document verification shall be held in office of the Commission at 19, DR. P.K. Parija Road, Cuttack as per the following programme detailed below ;

**PROGRAMME OF DOCUMENT VERIFICATION**

| DATE | TIME | PPSAN of Candidates |
|---|---|---|
| 26.07.2022 | 10.30 A.M. | 00052565,00117856,00090143,00118234,00119275,00119824,00077914,00015908,00090642/00124341,00120710,00079672,00112797, 00119657 & 00109128 = **15 candidates** |
| | 2.30 P.M. | 00031587,00091708,00116675,00119909,00122447,00120894, 00124272, 00097560, 00108800 & 00108632 = **10 candidates** |
| 27.07.2022 | 10.30 A.M. | 00025347,00116083,00120166,00095664,00109009,00094074, 00095058,00121909,00121557,00112578,00108887,00112685, 00125435,00116755 & 00122552 = **15 candidates** |
| | 2.30 P.M. | 00033721,00061412,00051284,00120773,00121373,00018066, 00019651,00038359,00017527, 00123590 = **10 candidates** |
| 28.07.2022 | 10.30 A.M. | 00124280,00081182,00132073,00122934,00057866,00020879,00109412, 00117031,00133281,00114065,00132988,00066666,00114631,00121358, & 00119114= **15 candidates** |
| | 2.30 P.M. | 00120733,00115498,00120054,00133422,00126103,00119455, 00122951, 00125802, 00116094 & 00114074 = **10 candidates** |
| 29.07.2022 | 10.30 A.M. | 00120444,00035847,00114310,00125684,00063018,00116795, 00103436,00066322,00076727,00116901,00116116,00071397, 00035106,00128752 & 00109402 = **15 candidates** |
| | 2.30 P.M. | 00059977,00124317,00121176,00116525,00033788,00047330, 00116337, 00094926, 00036230 & 00067649 = **10 candidates** |
| 30.07.2022 | 10.30 A.M. | 00032518,00053405,00116940,00117146,00071222,00123384, 00132485,00122190, 00132839 & 00114259 = **10 candidates** |
| | 2.30 P.M. | 00116544,00023910,00057576,00019493,00037154,00021925, 00126684 & 00117528 = **08 candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below :-

1. Hard copy of the online application form. While submitting the hard copy of online application form you are requested to mask the Mobile No./alternative Mobile No. and Email ID through blackening.
2. Three passport size photographs same as uploaded in the online application form;
3. Duly filled in and attested "Attestation Form" and duly filled in "Bio-data Form" (to be downloaded from the website of the Commission).
4. HSC or equivalent certificate in support of declaration of age issued by the concerned Board/Council.
5. Post-Graduation certificate/Master's Degree in the subject concerned in respect of educational qualification prescribed;
6. B.Ed, certificate;
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.), including fail marks, if any, issued by the concerned Board/ Council/University;
8. Degree or Diploma certificate in Computer Application in respect of educational qualification prescribed;
9. Odia Test pass certificate;
10. Caste Certificate claim as S.T./S.C./S.E.B.C. wherever applicable;
11. Permanent Disability Certificate (including percentage of permanent disability i.e. 40% and-more);
12. Ex-Servicemen are required to attach copy of Discharge Certificate issued by the Commanding Officer of the Unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable;
13. Sports Persons certificate issued by the Director of Sports Odisha;
14. Any proof of Identity.

**NOTE -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./- Secretary**
**OIPR-12002/11/0116/2223**

---

OFFICE OF THE No. C-800
## MUNICIPAL COUNCIL, BARBIL
### "e" Procurement Notice
**BID REFERENCE MUNICIPALITY (BBLM-2/2022-23)**
**TENDER CALL NOTICE No. 2063, Date: 14.07.2022**

1. Name of the work : Civil Construction works as mentioned in website
2. No. of Work : 71 (Seventy One)
3. Bid Value : Rs.2,15,200/- to Rs.45,35,000/-
4. Period of Completion : 45 to 60 days
5. Period of availability of tenders online : From 10.00 A.M. of 20.07.2022 to 5.00 P.M. of 02.08.2022
6. Last date & time of bidding Online : 5.00 P.M. of 02.08.2022
7. Date & time of opening of Technical Bid : 11.00 A.M. of 04.08.2022
8. Name and address of the Officer Inviting Bid : Executive Officer, Barbil Municipality

Further details can be seen from the procurement portal: **www.tendersorissa.gov.in.**

**Sd./- Executive Officer**
**Barbil Municipality**
**OIPR-13108/11/0007/2223**

---

## ADVERTISEMENT
### Department of Agriculture & Farmers' Empowerment

**No. L-52:-** It is proposed to fill up the post of Managing Director, Odisha Agro Industries Corporation (OAIC) Ltd., Bhubaneswar, a corporation under the Administrative control of the Department of Agriculture & Farmers' Empowerment, Odisha for its Head Office at Bhubaneswar. The proposed tenure would be for a period of three years, or until superannuation or until further orders, whichever is earlier.

As regrds the details of **Pay** and other **Emoulments, Age, Eligibility** and **Application forms & its Submission**, the interested Officers are advised to refer to the website of the Department of Agriculture & F.E., Odisha: **https://agri.odisha.gov.in.**

Interested Officers may apply within a period of 30 days from the date of publicaiton of this advertisement.

**Sd./- A. Panda**
**Addl. Secretary to Government**
OIPR-01425/11/0004/2223

---

## OFFICE OF THE BARIPADA MUNICIPALITY
**BARIPADA, MAYURBHANJ - 757001, Tel.: 06792-252703**
**Website: www.baripadamunicipality.in, e-mail: baripadam.hud@nic.in**
**No. 5030 Date: 15.07.2022**

### QUOTATION CALL NOTICE

No. C-803: The Executive Officer on behalf of Baripada Municipal Council, Baripada invites quotation in sealed envelope from the intending firm/supplier having G.S.T. Clearance for supply of the following items to be used at the SETP Centre at Raghunathpur, Ward No.-22. The quotationer should quote rate in words and figures for the individual items, the quotation should reach the office of the undersigned on or before Dt.27.07.2022 at 11 A.M. The quotation will be opened on the same day 12.00 Noon in the Office Chamber of the undersigned in presence of the quotation or their representatives. The bidder should have prior experience in supplying the quoted material. Proof of this should be tagged in shape of photocopy along with the bid. The bidder should produce uptodate G.S.T. Clearance. He/She should have minimum annual turnover not less than Rs.50 lakhs.

The details of quotation items can be downloaded from our official website i.e. **www.baripadamunicipality.in** and physically received in official work hour.

**Sd./- Executive Officer**
OIPR-13078/11/0029/2223 **Baripada Municipality**

---

## OFFICE OF THE SUPERINTENDING ENGINEER BALASORE (ROADS & BUILDINGS) DIVISION-I
**AT/PO- PADHUANPADA, BALASORE**
**Contact No.06782262045,**
**Email ID:ee_blsrb@yahoo.co.in**
**BID INVITATION NO. SE (RandB) BLS-Divn_1-21/2022-23**
**No.B-376: Letter No.5286, Date:13.07.2022**

| | | | |
|---|---|---|---|
| 1 | The Superintending Engineer, Balasore (R&B) Division-I, Balasore on behalf of Governor of Odisha invites Percentage rate bids to be received in ONLINE MODE only for road and Building Works. | | |
| 2 | No. of Work | : | 3 Nos. |
| 3 | Nature of Work | : | Road works of Balasore (R&B) Division-I |
| 4 | Class of Contractor | : | "B" & "A" Class |
| 5 | Approx. value of work | : | Rs.53.14 Lakhs to 60.71 Lakh |
| 6 | Tender Cost | : | Rs.10,000/- |
| 7 | Availability of Bid documents in the website | : | From 10.00 hours of dt.18.07.2022 to 16.00 hours of dt.27.07.2022 |
| 8 | Date of Opening of Bid | : | Dt.28.07.2022 at 11.00 hours |
| 9 | Other details can be seen in the Bidding documents from the website: https://tendersorissa.gov.in. | | |

**Sd./- Superintending Engineer**
**Balasore (R&B) Division-I**
**OIPR-34157/11/0004/2223**

---

### Government of Odisha
### e-Procurement Notice
### INVITATION FOR BIDS (IFB)
**Bid Identification No.C.C.E.Dkl.(R&B)07/2022-23**
**E-mail Id-sedklpwd@gmail.com**
**Letter No. Dt.**

**No.B-372:** The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites percentage Rate bids in double cover system to be received in ONLINE MODE from eligible contractors for construction of Building works as detailed below:

1. Name of the Work : Building Work
2. No. of Works : 01 (One) No.
3. Estimated Cost : Rs.7,24,55,017/- (as given in column No.03 of table)
4. Cost of tender paper : Rs.10,000.00
5. Class of Contractor : 'Special' & 'Super' Class (as given in column No.06 of table)
6. Period of Completion of Work : 15 (Fifteen) Calendar Months (as given in column No.07 of table)
7. Date and time of availability of bid document in the website : From Dt.14.07.2022 to 5.30 P.M. of Dt.28.07.2022
8. Date of Opening of Bid : Dt.29.07.2022 at 11.30 hours.

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

**Sd./- Chief Construction Engineer**
**Dhenkanal (R&B) Circle, Dhenkanal**
**OIPR-34016/11/0008/2223**

---

## SADHAC
## STATE AGENCY FOR DEVELOPMENT OF HANDLOOM CLUSTERS
**(An Autonomous organisation under Handloom, Textiles & Handicrafts Department, Government of Odisha)**
**At: Directorate of Textiles, Odisha**
**Po: Satyanagar, Bhubaneswar - 751007**
**Email: sadhacorissa@gmail.com**
**Website- www.sadhacodisha.org**

**No. PP-25:-** Expression of interest (EoIs) is invited for engagement of a **Project Implementation Executive (PIE)** under the project "**Production of Handloom fabrics of Odisha on Natural Colours- Varnali**" having Degree/ Diploma holder in Textile/ Handloom Technology from a recognised Board/ University.

The details of Terms of Reference (ToR) and application-cum-Bio-data form are available in the websites sadhacodisha.org and textiles.odisha.gov.in. The application form should reach at above address by post/ hand within 15 days of publication of this advertisement. The undersigned reserves the right to cancel any/all applications without showing any reason thereof.

**Deputy Director of Textiles &**
**Member Secretary, SADHAC**
OIPR-31012/11/0002/2223

---

## EXPRESSION OF INTEREST

**No.E-321:** Sealed Tenders are invited from the interested Laboratories presenting the EOI (Offerer) shall have valid approval under the Drugs and Cosmetics Rules, valid Good Laboratory Practices (GLP) certificate issued by the competent authority under the Drugs and Cosmetics Rules and with valid NABL accreditation to empanel with this hospital to conduct Tacrolimus, Sirolimus, Cyclosporine, Everolimus test HLA Typing , and Cross Matching Tests. The detail of tender papers along with terms and conditions can be obtained from Users' Section, Office of the Superintendent, SCB Medical College Hospital, Cuttack during office hours from 11AM to 4 PM on all working days on payment of Rs.200/- (Rupees two hundred) only in the Accounts Section (Users') and also can be downloaded from website i.e. http://www.scbmch.in within 10 days from the date of publication . The tender paper should be reach the office of the undersigned through Govt. Speed Post / Regd. Post only. The authority reserves the right to cancel or reject any or all the tenders without assigning any reason thereof.

**Sd./- Superintendent**
**SCB Medical College Hospital, Cuttack**
**OIPR-10186/11/0009/2223**

---

### GOVERNMENT OF ODISHA
## OFFICE OF THE ENGINEER-IN-CHIEF RURAL WORKS: BHUBANESWAR
**Notice inviting Expression of Interest for engagement of individuals as "State Quality Monitor".**
**ID No: EOI-17/SQC Dt. 16.07.2022**

**No.O-680:** Expression of interest is invited from interested individual having graduate degree in Civil Engineering from a recognized University & retired from the post not below the level of Executive Engineer or equivalent from a Govt. organization such as Works Department, Water Resources Department, Housing & Urban Development Department, Central / State Public Sector undertakings (PSUs) or their subordinate offices. Retired or serving faculty members of government engineering colleges / IITs / NITs / Government research institutes, etc. who have worked / consulted in the field of road construction / associated with bridge design & supervision of consultancy works can also apply.

**i. For inspection of Road Projects -** The candidate (retired Govt. Engineers) should possess the experience of working in the field of construction of roads for at least 5 years in last 10 years before his retirement from Government service. Also, in the last 5 years, he should have worked at least for 2 years in the field or roads (any field out of planning and designing, execution or management of construction or maintenance of roads). Retired or serving faculty members of government engineering colleges / IITs / NITs / Government research institutes, should possess minimum 10 years experience in the field of planning / design / supervision / execution / consultancy of construction and maintenance of roads.

**ii. For inspection of Bridge Projects-** The candidate (retired Government engineer) should possess the experience of working in the bridge sector (any field out of planning / design / execution) for at least 8 years, out of which at least 4 years should be in execution of bridge projects. Retired or serving faculty members of government engineering colleges/ IITs/ NITs/ Government research institutes should have minimum 08 years of experience of design / supervision consultancy of bridge projects. The candidates would be required to furnish the list of bridge works in which they were associated at the planning / design / execution/ supervision/ consultancy level.

**iii.** The candidates having qualification and experience of design and construction / supervision of both roads and bridge works shall indicate their candidature for empanelment as SQM for inspection of (a) roads, (b) bridges, (c) roads and bridges both in their application.

**iv. Recommending Authority :** The candidate (retired Government engineer and retired or serving faculty members) should have been recommended by the concerned State Government or by Government of India organizations, administrative head of the PSUs or head of the institute (as applicable), clearly indicating that his integrity is not questionable.

**v.** The candidate should be willing to work as State Quality Monitor with high ethical standards and sign the code of conduct.

**vi.** Interested Engineers should have sound health & physically fit to undertake tours to different rural pockets of any district and the applicant should not have attained the age of 67 years on the last date of application. The applicant would be allowed to work as SQM till the attainment of **70** years of age.

**vii.** The candidates who are retiring from the service on dt. 31.08.2022 can also apply.

**viii.** The candidate should have working knowledge of computers and smart phones.

They may be required to inspect at least in 2 spell during a month, having 5 to 6 days of inspection in each spell depending on situation for the purpose of 2nd tier quality monitoring system and to submit the reports to the concerned authorities. Remunerations as per existing norms will be paid. The period of engagement will be one year which may be suitably extended in future. This engagement is purely temporary.

Application with Affidavit from Notary (in the prescribed format) and self-attested supporting documents in respect of Aadhaar No, PAN No, Qualification Certificate, Detail list of work experience along with Annexure-I, Annexure-I(a), Annexure-I(b) & Annexure-III duly filled in should reach the undersigned in sealed cover on or before **11.00 AM on 17.08.2022.** The Committee will analyse the CVs, short list and call for interviews, such number of candidates as deemed fit, conduct personal interviews, which can also be held through video conferencing. Candidate as well as members of selection committee can also attend the selection committee meeting through VC. Selected candidates will be intimated through post / email to take up the assignment. The authority reserves the right to reject any or all applications without assigning any reason thereof. Further enquiry, if any, can be made with State Quality Co-ordinator, Office of the EIC, Rural Works, Odisha, Bhubaneswar. Email ID: **sqc.odisha@yahoo.in, Mobile- 9437255400**.

The Annexure-I, Annexure-I(a), Annexure-I(b), Annexure-III & Affidavit format are available in the website : **www.rd.odisha.gov.in.**

**Sd./- Chief Engineer, PMGSY**
**OIPR-25123/11/0015/2223**

---

Your classified advertisement published in Dharitri will be listed free in Dharitri online edition :**www.dharitri.com**

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** ଅନ୍ତଃରାଷ୍ଟ୍ରୀୟ ସମସ୍ୟା,ଟଙ୍କା ମୂଲ୍ୟ ହ୍ରାସ, ଦରବୃଦ୍ଧି ଏବଂ ନୂତନ ଜିଏସ୍‌ଟି ହାର ଲାଗୁ ଭଳି ଘଟଣା ସତ୍ତ୍ୱେ ମଙ୍ଗଳବାର ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଫଳରେ କ୍ରମାଗତ ୨ ଦିନ ଲାଗି ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ପ୍ରାୟ ୧% ବୃଦ୍ଧି ଘଟିଛି। ଏପରିକି କ୍ରମାଗତ ଭାବେ ହ୍ରାସ ପାଉଥିବା ଷ୍ଟକ୍ ବଜାର କାରବାର ୪ର୍ଥ କାର୍ଯ୍ୟ ଦିବସରେ ଭଲ ଫଳାଫଳ ପ୍ରଦାନ କରିଛି। ସେହିଭଳି ସେନ୍‌ସେକ୍ସ ୨୪୬.୪୭ ପଏଣ୍ଟ (୦.୪୫%) ବୃଦ୍ଧି ଘଟି ୫୪,୭୬୭.୬୨ ଅଙ୍କରେ ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ୬୨.୦୫ ପଏଣ୍ଟ (୦.୩୮%) ବଢ଼ି ୧୬,୩୪୦.୫୫ ଅଙ୍କରେ କାରବାର ଶେଷ କରିଛି।

## ସଂକ୍ଷେପରେ

### ଦର ବୃଦ୍ଧିକଲା ଅମୂଲ

**ନୂଆଦିଲ୍ଲୀ,୧୯।୭:** ଗତ ସୋମବାରଠାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସାରା ଦେଶରେ ନୂତନ ବର୍ଦ୍ଧିତ ଟିକସ ହାର ବିଭିନ୍ନ ବର୍ଗର ସାମଗ୍ରୀ ଉପରେ ଲାଗୁ କରାଯାଇଛି। ଏହା ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ର ବର୍ଦ୍ଧିତ ହାର ଆକାରରେ ସରକାର ଲାଗୁ କରିଛନ୍ତି। ସାରା ଦେଶରେ ମଙ୍ଗଳବାରଠାରୁ ଏହା ଅନୁଭୂତ ହୋଇଛି। ଭାରତର ସର୍ବବୃହତ୍ ଡେଏରି କମ୍ପାନୀ ଅମୂଲ ତା'ର ବିଭିନ୍ନ ଉତ୍ପାଦର ଦର ମଧ୍ୟ ପୂର୍ବାପେକ୍ଷା ୫% ବଢ଼ାଇ ଦେଇଛି। ଏପରିକି ଅମୂଲର ପ୍ୟାକେଟ୍ ଡେଏରି ପ୍ରଡକ୍ଟରେ ୫% ଜିଏସ୍‌ଟି ବୃଦ୍ଧି ହୋଇଛି। ଫଳରେ ଅମୂଲର ଘୋଳ ଓ ବସାଦହି, ଫ୍ଲେଭର୍ଡ ମିଲ୍କ ସମେତ ମିଲ୍କ ପ୍ରଡକ୍ଟର ଦାମ ମଧ୍ୟ ସେହି ଅନୁଯାୟୀ ବଢ଼ିଯାଇଛି। କେନ୍ଦ୍ର ସରକାର ପ୍ରଥମ ଥର ପ୍ୟାକେଟ୍ ଦୁଗ୍ଧଜାତ ସାମଗ୍ରୀକୁ ଜିଏସ୍‌ଟିରେ ଅନ୍ତର୍ଭୁକ୍ତ କରାଇଛନ୍ତି। ଫଳରେ ପ୍ୟାକେଟ୍ ଦୁଗ୍ଧ, ଦହି, ଲସି, ପନିର ଆଦି ଉପରେ ନୂଆ କରି ଜାରି ହୋଇଥିବା ଜିଏସ୍‌ଟି ନୂତନ ହାର ଲାଗୁ ହୋଇଛି। ଏହିସବୁ ଉତ୍ପାଦରୁ ୫% ହାରରେ ଜିଏସ୍‌ଟି ଅସୁଲ କରାଯାଉଛି। ଏହି ପରିପ୍ରେକ୍ଷୀରେ ଅମୂଲ ମଧ ତା'ର ସମସ୍ତ ଉତ୍ପାଦର ମୂଲ୍ୟ ବୃଦ୍ଧି କରିଛି।

### ଜିଓରେ ୩୧ଲକ୍ଷ ନୂଆ ଗ୍ରାହକ

**ନୂଆଦିଲ୍ଲୀ,୧୯।୭:** ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ)ର ମାସିକ ଗ୍ରାହକ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ଭାରତୀୟ ଟେଲିକମ୍ ବଜାରରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ମଙ୍ଗଳବାର ସେକ୍ଟର ନିୟାମକ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ଚଳିତ ବର୍ଷ ମେ ମାସରେ ୩୧ ଲକ୍ଷ ନୂଆ ମୋବାଇଲ୍ ଗ୍ରାହକ ହାସଲ କରିଛି। ଏପରିକି ଜିଓ ତା'ର ମୋବାଇଲ ଗ୍ରାହକ ସଂଖ୍ୟାକୁ ୪୦.୮୭ କୋଟିରେ ପହଞ୍ଚାଇଛି। ମେ ମାସରେ କମ୍ପାନୀ ୩୧.୧୧ ଲକ୍ଷ ନୂଆ ଗ୍ରାହକ ହାସଲ କରିଛି। ସେହିଭଳି ଭାରତ ଏୟାରଟେଲ ମେ ମାସରେ ୧୦.୨୭ ଲକ୍ଷ ଗ୍ରାହକଙ୍କୁ ଯୋଡିବା ସହ ମୋବାଇଲ ବ୍ୟବହାରକାରୀଙ୍କୁ ୩୬.୨୧ କୋଟିରେ ପହଞ୍ଚାଇଛି। ଭୋଡାଫୋନ୍-ଆଇଡିଆ ୭.୫୯ ଲକ୍ଷ ଗ୍ରାହକଙ୍କୁ ହରାଇ ୨୫.୮୪ କୋଟିରେ ରହିଛି।

# ପୁନରୁଦ୍ଧାର ହେଉଛି ଭାରତୀୟ ଖୁଚୁରା ଋଣ ବଜାର

ଭୁବନେଶ୍ୱର,୧୯।୭



କୋଭିଡ୍ ମହାମାରୀ ଯୋଗୁ ସାରା ଦେଶରେ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ମାନ୍ଦାବସ୍ଥା ଜାରି ରହିଛି। ବର୍ତ୍ତମାନ ସବୁ କ୍ଷେତ୍ରରେ ଧୀରେ ଧୀରେ ସୁଧାର ଆସିବାରୁ ଭାରତୀୟ ଖୁଚୁରା ଋଣ ବଜାରରେ ପୁନରୁଦ୍ଧାର ହେଉଛି ବୋଲି ଟ୍ରାନ୍ସ ୟୁନିଅନ୍ ସିବିଲ୍ ପକ୍ଷରୁ ଜାରି କରାଯାଇଥିବା କ୍ରେଡିଟ୍ ମାର୍କେଟ୍ ଇଣ୍ଡିକେଟର (ସିଏମ୍‌ଆଇ) ରିପୋର୍ଟରୁ ଜଣାପଡ଼ିଛି। ସେହିଭଳି ୨୦୨୨ ମାର୍ଚ୍ଚରେ ତାହା ୯୫% ଭଳି ସର୍ବକାଳୀନ ସର୍ବୋଚ୍ଚସ୍ତରକୁ ବୃଦ୍ଧି ପାଇଛି, ଯାହା ୨୦୨୧ ଜାନୁୟାରୀରେ ୭୮% ଥିଲା ବୋଲି କୁହାଯାଇଛି। ଗତ କିଛି ମାସ ମଧ୍ୟରେ ସେଥିରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଉଲେଖଯୋଗ୍ୟ, ୨୦୨୦ ମାର୍ଚ୍ଚ ବେଳକୁ ତାହା ୯୪% ରହିଥିଲା।

ଏ ସମ୍ପର୍କରେ ଟ୍ରାନ୍ସ ୟୁନିୟନ୍ ସିବିଲ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ରାଜେଶ କୁମାର କହିଛନ୍ତି, ଆମେ ଜାଣିବାକୁ ପାଇଛୁ ଯେ କେବଳ ସିଏମ୍‌ଆଇରେ ଉନ୍ନତି ହୋଇ ନାହିଁ ବରଂ ବିଳମ୍ବ ହ୍ରାସ ମଧ୍ୟ ହୋଇଛି। ବିଶେଷକରି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଋଣ ଅନ୍ତର୍ଭୁକ୍ତୀକରଣ ବଢ଼ିଛି ଓ ଋଣରେ ଅଭିବୃଦ୍ଧି ଘଟିଛି। ଏହିସବୁ ବିଷୟ ଭବିଷ୍ୟତର ଅଭିବୃଦ୍ଧି ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଛି ଏବଂ ଭାରତୀୟ ଋଣ ବଜାରକୁ ଆଗକୁ ବଢ଼ାଇବାରେ ତାହା ସହାୟକ ହେବ ବୋଲି ଆକଳନ କରାଯାଉଛି। ସେହିପରି ଘରୋଇ ବ୍ୟାଙ୍କଠାରୁ ଆରମ୍ଭକରି ସରକାରୀ ବ୍ୟାଙ୍କ ଓ ଏନ୍‌ବିଏଫ୍‌ସି ପର୍ଯ୍ୟନ୍ତ ସମସ୍ତଙ୍କର ଋଣ କ୍ଷେତ୍ର ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ଘରୋଇ ବ୍ୟାଙ୍କରେ ୪୭% ପର୍ଯ୍ୟନ୍ତ, ଏନ୍‌ବିଏଫ୍‌ସିରେ ୪୨% ପର୍ଯ୍ୟନ୍ତ ଓ ସରକାରୀ ବ୍ୟାଙ୍କରେ ୧୭% ବୃଦ୍ଧି ପରିଲକ୍ଷିତ ହୋଇଛି। ଅପରପକ୍ଷରେ ୨୦୨୨ର ପ୍ରଥମ ତ୍ରୈମାସିକରେ ବ୍ୟକ୍ତିଗତ ଋଣରେ ୧୨୫%, କ୍ରେଡିଟ୍ କାର୍ଡରେ ୫୯% ଓ କଞ୍ଜୁମର ଡ୍ୟୁରେବଲ୍ ଋଣରେ ୨୧% ବୃଦ୍ଧି ହୋଇଛି ବୋଲି ରାଜେଶ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ନୂଆ ଋଣ ସମ୍ପର୍କରେ ଅନୁସନ୍ଧାନ ମଧ ମାର୍ଚ୍ଚରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଦେଶର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ହାର ବୃଦ୍ଧି ପାଇଛି। ଋଣ ସକ୍ରିୟ ଥିବା ପ୍ରାପ୍ତବୟସ୍କ ଗ୍ରାହକଙ୍କ ହାର ୨୦୨୨ ମାର୍ଚ୍ଚରେ ୨୧% ହୋଇଛି ଯାହା ୨୦୨୦ ମାର୍ଚ୍ଚରେ ୧୮% ଥିଲା। ଭୌଗୋଳିକ ଦୃଷ୍ଟିକୋଣରୁ ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ମଧ ବୃଦ୍ଧି ପାଇଛି। ଏହି ବର୍ଗର ଭାଗ ମୋଟ ଋଣରେ ୪୭% ରହିଛି। ଅନୁସନ୍ଧାନ ପରିମାଣ ମଧ୍ୟ ୨୦୨୧ର ପ୍ରଥମ ତ୍ରୈମାସିକରେ ୪୫% ବଢ଼ିଛି, ଯାହା ୨୦୨୦ ପ୍ରଥମ ତ୍ରୈମାସିକରେ ୪୧% ଥିଲା। ପରିଶେଷରେ ଋଣ ବଜାରରେ ପୂର୍ଣ୍ଣ ସୁଧାର ବାକି ରହିଛି।

# ପ୍ରଫେସର ବିଶ୍ୱଜିତଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ

ଭୁବନେଶ୍ୱର,୧୯।୭



ଏସିଆନ ସ୍କୁଲ ଅଫ୍ ବିଜ୍‌ନେସ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍) ର ପ୍ରତିଷ୍ଠାତା ଓ କୁଳାଧକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକଙ୍କୁ ନିକଟରେ ୱାର୍ଲ୍ଡ ଏଜୁକେଶନ କଂଗ୍ରେସ ଦ୍ୱାରା ଚଳିତ ବର୍ଷ ପାଇଁ ଲାଇଫ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ସମ୍ମାନରେ ସମ୍ମାନିତ କରାଯାଇଛି। ଏହା ପ୍ରଫେସର ପଟ୍ଟନାୟକଙ୍କର ଜୀବନବ୍ୟାପୀ ବିଶ୍ୱସ୍ତରରେ ଉତ୍କୃଷ୍ଟ ଶିକ୍ଷା, ନେତୃତ୍ୱ ଏବଂ ଅଧାପନା ପାଇଁ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ପ୍ରଫେସର ପଟ୍ଟନାୟକ ମାତ୍ର ୩୪ ବର୍ଷ ବୟସରେ ଆଇଆଇଏମ୍‌ର ପ୍ରଫେସର ହୋଇ ରେକର୍ଡ ସୃଷ୍ଟି କରିଥିଲେ। ସେହିପରି ୩୬ ବର୍ଷ ବୟସରେ ସେ ରିର୍ଜଭ ବ୍ୟାଙ୍କର ଆଇଆଇବିଏମ (ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବ୍ୟାଙ୍କ ମ୍ୟାନେମେଣ୍ଟ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ସେ ଓଡ଼ିଶା ଫେରିଆସି ଏଏସ୍‌ବିଏମ୍ ପ୍ରତିଷ୍ଠା କରିଥିଲେ। ୨୦୧୯ରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିଲା। ସେ ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାର ମଧ ପାଇଛନ୍ତି। ସମ୍ପ୍ରତି ପ୍ରଫେସର ପଟ୍ଟନାୟକଙ୍କ ଯୁକ୍ତରାଷ୍ଟ୍ର ଆମେରିକାର ଦକ୍ଷିଣ ଏସିଆ ଏସିବିଏସ୍‌ପି ଆକ୍ରେଡିଟେସନ କାଉନସିଲର ନିର୍ବାଚିତ ଅଧକ୍ଷ ମଧ ଅଛନ୍ତି।

# ଅଟୋ ଉଦ୍ୟୋଗକୁ ବଳ ଯୋଗାଉଛି ବେଦାନ୍ତ

ଭୁବନେଶ୍ୱର,୧୯।୭



ବେଦାନ୍ତ ଆଲୁମିନିୟମ ଭାରତର ଅଟୋମୋବାଇଲ ସାମଗ୍ରୀ ଉତ୍ପାଦନକାରୀ ସଂଘ ଦ୍ୱାରା ଜାତୀୟ ୱେବିନାରରେ ସବୁଜ ଆଲୁମିନିୟମ ପାଇଁ ଗୁରୁତ୍ୱ ଆରୋପ କରିଛି। ଏସିଏମ୍‌ଏର ଇଭେଣ୍ଟରେ ଆଲୁମିନିୟମ ଓ ସ୍ଥାୟିତ୍ୱ ସହ ହାଲୁକା ଓଜନ ଆଧାରିତ ବିଷୟବସ୍ତୁ ରଖାଯାଇଥିଲା। ଅଟୋ, ଅଟୋ ଉପାଦାନ ଓ କଞ୍ଚାମାଲ ଶିଳ୍ପରୁ ପ୍ରାୟ ଶହେ ଗୋଟି ସଂସ୍ଥାର କାର୍ଯ୍ୟନିର୍ବାହୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଯାନବାହନ ଓ ଅନ୍ୟାନ୍ୟ ବିକଶିତ କାର୍ଯ୍ୟରେ ବର୍ତ୍ତମାନ ଆଲୁମିନିୟମ ୨ୟ ସର୍ବାଧିକ ବ୍ୟବହୃତ ଧାତୁ। ଉପଭୋକ୍ତା ସଚେତନତା ଓ ନିର୍ଗମନ ନିୟମକୁ କଡ଼ାକଡ଼ି ଭାବରେ ଲାଗୁ କରାଯିବା ସହ ଯାନବାହନରେ ଏହାର ବ୍ୟବହାର ବୃଦ୍ଧି ପାଇଛି। ତେଣୁ ଅଟୋ ଇଣ୍ଡଷ୍ଟ୍ରି ପାଇଁ ଆଲୁମିନିୟମ ଏକ ଅପରିହାର୍ଯ୍ୟ ପଦାର୍ଥ। ଆଲୁମିନିୟମର ଉପଯୋଗିତା ପାଇଁ ଧୀରେ ଧୀରେ ଅଟୋମୋଟିଭ ଉଦ୍ୟୋଗଗୁଡ଼ିକ ୨୦୩୦ ସୁଦ୍ଧା ବୈଦ୍ୟୁତିକ ଯାନ, ଭାରିଯାନ ଓ ଯାତ୍ରୀବାହୀ ଯାନ ବର୍ଗରେ ତୃତୀୟ ବୃହତମ ଅଟୋମୋବାଇଲ ବଜାର ହେବାକୁ ଯାଉଛି। ମହାମାରୀ ପୂର୍ବରୁ ଭାରତରେ ଅଟୋ ଉତ୍ପାଦନ ଆମଦାନୀ ୧୫.୪୦ ବିଲିୟନ ଡଲାର ରହିଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା କହିଛନ୍ତି, ଶିଳ୍ପ ବିଭାଗରେ ଆତ୍ମନିର୍ଭରଶୀଳତାର ଜାତୀୟ ଦୃଷ୍ଟିକୋଣ କଞ୍ଚାମାଲର ସୋର୍ସିଂ ଉପରେ ଅଧିକ ଧ୍ୟାନଦେବାକୁ ଆହ୍ୱାନ କରୁଛି। ବେଦାନ୍ତ ଆଲୁମିନିୟମ ଅଟୋମୋବାଇଲ ଉଦ୍ୟୋଗ ପାଇଁ ଏକ ଉପଯୋଗୀ ଶକ୍ତି ହୋଇପାରିଛି।

# ରିୟାର ୨୫ବର୍ଷ ପୂର୍ତ୍ତି ଉତ୍ସବ

ଭୁବନେଶ୍ୱର,୧୯।୭

ପର୍ଫ୍ୟୁମ୍ ଶିଳ୍ପରେ ଏକ ଅଗ୍ରଣୀ କମ୍ପାନୀ ରିୟା ଆଜି ଦେଶରେ ଏକ ସୁପରିଚିତ ନାମରେ ପରିଣତ ହୋଇଛି। ୧୯୯୭ରେ ସ୍ଥାପିତ ରିୟା ଭାରତର ଏକ ନମ୍ବର ପର୍ଫ୍ୟୁମ୍ ବ୍ରାଣ୍ଡ ହେବାର ଯାତ୍ରା ସ୍ୱତନ୍ତ୍ର ରହିଛି। ଏହି ବ୍ରାଣ୍ଡକୁ ୨୫ ବର୍ଷ ପୂର୍ବେ ଏନ୍.କେ. ଡାଗା ଓ ଏଲ୍ .କେ. ସୋନି କୋଲ୍‌କାତାଠାରେ ପ୍ରତିଷ୍ଠା କରିଥିଲେ । ଏହାକୁ ବର୍ତ୍ତମାନ ସେମାନଙ୍କର ପୁଅ ତଥା ପର୍‌ପୋଜ୍ ପ୍ଲାନେଟ୍‌ର ପ୍ରତିଷ୍ଠାତା ଓ ସିଇଓ ଆଦିତ୍ୟ ବିକ୍ରମ ଡାଗା ପରିଚାଳନା କରୁଛନ୍ତି। ଏହାର ଆରମ୍ଭ ପରଠାରୁ ବ୍ରାଣ୍ଡର ଉଦ୍ଦେଶ୍ୟ ଥିଲା ଭାରତର ପ୍ରତ୍ୟେକ ଘରେ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ପର୍ଫ୍ୟୁମ୍ ପ୍ରଦାନ କରିବା, ଯାହାକୁ ଏହା ଦୀର୍ଘ ସମୟ ହେବ ବଜାୟ ରଖି ଆସିଛି।

ଏ ସମ୍ପର୍କରେ ପର୍‌ପୋଜ୍ ପ୍ଲାନେଟ୍‌ର ପ୍ରତିଷ୍ଠାତା ଓ ସିଇଓ ଆଦିତ୍ୟ ବିକ୍ରମ ଡାଗା କହିଛନ୍ତି, ପର୍ଫ୍ୟୁମ୍ ହେଉଛି ଆମର ବଂଶଗତ ବ୍ୟବସାୟ ଏବଂ ମୁଁ ଏଭଳି ଏକ ପରିବାରରେ ବଡ଼ ହୋଇଛି ଯେଉଁଠାରେ ମୋ ପିତା ପର୍ଫ୍ୟୁମ୍ ତିଆରି କରିବାର ପ୍ରକ୍ରିୟା ଏବଂ ଗନ୍ଧ ଓ ସୁଗନ୍ଧ ସହ ବିଭିନ୍ନ ପରୀକ୍ଷଣ ସମ୍ପର୍କରେ କଥା ହେଉଥିଲେ। ଆମେ ପିଲାଦିନରୁ ହିଁ ପର୍ଫ୍ୟୁମ୍‌ର ବିଭିନ୍ନ ସୁଗନ୍ଧ ସହ ଜଡ଼ିତ ରହିଛୁ। ୨୦୧୯ରେ ଲଣ୍ଡନ ବିଜ୍‌ନେସ୍ ସ୍କୁଲରୁ ପାସ୍ କରି ମୁଁ ଅନ୍ୟ କୌଣସି ଏମ୍‌ଏନ୍‌ସିରେ ଏକ କ୍ୟାରିୟର ଅନୁସନ୍ଧାନ କରିବା ପରିବର୍ତ୍ତେ ଆମ ପାରିବାରିକ ପର୍ଫ୍ୟୁମ୍ ବ୍ୟବସାୟରେ ଯୋଗ ଦେବା ପାଇଁ ନିଷ୍ପତ୍ତି ନେଇଥିଲି। ବର୍ତ୍ତମାନ ମୁଁ ବ୍ୟବସାୟର ପୁନର୍ଗଠନ, ବିବିଧକରଣ ଓ ଅଭିବୃଦ୍ଧି ପାଇଁ କାର୍ଯ୍ୟ ଜାରି ରଖିଛି।

ରିୟା ହେଉଛି ଏକ ହାଇପର୍-ଲୋକାଲ ଉତ୍ପାଦ, ଏହା ମେଟ୍ରୋ ସହରଗୁଡ଼ିକରେ ସୀମିତ ନାହିଁ ଏବଂ ଏହାଟିୟର ୧,୨ ଓ ୩ ବଜାରଗୁଡ଼ିକର ଆବଶ୍ୟକତାକୁ ପୂରଣ କରିଛି।

Ph.D Award



Amar Kumar Behera
GM-Finance, Apollo Hospitals Enterprise Ltd.
Awarded Ph.D. in Commerce

CA Amar Kumar Behera, S/o Mr. Pravas Chandra Behera and Mrs. HemalataBehera of village Haladidiha, Jajpur has been awarded the Doctor of Philosophy (Ph.D) in Commerce on 19th July 2022 vide Notification No. EC-VI/373-Com./2964/2022 byUtkal University for his thesis "An Analytical Study on the Quality of Customer Services in Corporate Hospitals of Odisha: Measurement of Costs and Benefits." He had worked under the supervision of Prof. (Dr.) MaheshwarSahu and Prof. (Dr.) Samson Moharana, Utkal University.

He completed his Masters Degree from Utkal University. He is also a Fellow Chartered Accountant and has a rich experience of 33 years in the field of business commercials and establishment of systems and processes. He has worked in ANIIDCO and Reliance Industries Ltd. and currently working as GM-Finance at Apollo Hospitals Enterprise Ltd.

Dr. CA. Amar Kumar Behera extended thanks for the award to his Professors, Parents, Friends, Colleagues, Akphan (Daughter), Kalpana (Wife) and all Apollo family members.

With Best Wishes
Family, Friends and Well Wishers

## ଫୁର୍‌ସତ୍

# ଶାନ୍ତି ପାଇଁ ଖେଳ

## ଅନ୍ତର୍ଜାତୀୟ ଚେସ୍ ଦିବସ



**ଖେଳ** ମାଧ୍ୟମରେ ବିଶ୍ୱ ଶାନ୍ତି ପ୍ରତିଷ୍ଠା ହୋଇ ପାରିଥାଏ। ଚେସ୍ ଖେଳ ଦ୍ୱାରା ଖେଳାଳିଙ୍କ ସ୍ମୃତିଶକ୍ତି ପ୍ରଖର ହେବା ସହିତ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସଫଳ ହୋଇ ପାରିଥାଏ। ଏହା ସମସ୍ତ ଖେଳ ପାଇଁ ମଧ ପ୍ରଯୁଜ୍ୟ । ୧୯୨୪ରେ ଅନ୍ତର୍ଜାତୀୟ ଚେସ୍ ଦିବସ ପ୍ରତିବର୍ଷ ୨୦ ଜୁଲାଇରେ ପାଳନ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦିନ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ (ଏଫ୍‌ଆଇଡିଇ) ପ୍ରତିଷ୍ଠା ହୋଇଥିଲା। ୟୁନେସ୍କୋ ଦ୍ୱାରା ଅନ୍ତର୍ଜାତୀୟ ଚେସ୍ ଦିବସ ଭାବରେ ଏହି ଦିନ ପାଳନ କରିବାର କଳ୍ପନା କରାଯାଇଥିଲା ଏବଂ ଏହା ଏଫ୍‌ଆଇଡିଇ ଦ୍ୱାରା ସ୍ୱୀକୃତି ଲାଭ କରିବା ପରେ ୧୯୬୬ଠାରୁ ଏହି ଦିବସ ପାଳନ କରାଯାଇଆସୁଛି। ଏଫ୍‌ଆଇଡିଇ ସଦସ୍ୟ ଭାବରେ ୧୮୧ ଚେସ୍ ଫେଡେରେଶନ ରହିଛନ୍ତି। ଏହି ଦିବସ ପାଳନ ଅବସରରେ ସମଗ୍ର ବିଶ୍ୱରେ ଚେସ୍ ଇଭେଣ୍ଟ ଏବଂ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ଏଫ୍‌ଆଇଡିଇର ସଭାପତି କିର୍ସନ ଇଲିୟୁମଜିନୋଭଙ୍କ କହିବାନୁସାରେ, ୨୦୧୩ରେ ୧୭୮ଟି ଦେଶରେ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ କରାଯାଇଥିଲା। ୧୨ ଡିସେମ୍ବର,୨୦୧୯ରେ ମିଳିତ ଜାତିସଂଘ ସାଧାରଣ ସଭା ସର୍ବସମ୍ମତି କ୍ରମେ ଏହି ଦିନକୁ ସ୍ୱୀକୃତି ପ୍ରଦାନ କରିବାକୁ ଏକ ସଂକଳ୍ପ ଅନୁମୋଦନ କରିଥିଲା। ସମଗ୍ର ବିଶ୍ୱରେ ୬୦୫ ନିୟୁତ ନିୟମିତ ଚେସ୍ ଖେଳାଳିଙ୍କ ଦ୍ୱାରା ଏହି ଦିନଟି ପାଳନ କରାଯାଇଥିଲା। ଆମେରିକା, ବ୍ରିଟେନ, ଜର୍ମାନୀ, ରୁଷିଆ ଏବଂ ଭାରତ ଭଳି ବିଭିନ୍ନ ଦେଶରେ ଏହି ଦିବସ ଉତ୍ସାହର ସହିତ ପାଳନ କରାଯାଇଥାଏ ।

# ଆତ୍ମହତ୍ୟା କରିବାକୁ ଚାହିଁଥିଲେ ଉର୍ଫି




**ମୁମ୍ବାଇ:** ମୋ ଜୀବନରେ ଏମିତି ଏକ ସମୟ ଆସିଥିଲା, ଯେଉଁ ସମୟରେ ମୋ ପାଖେ ଘର ନ ଥିଲା। ରାତିରେ ପାର୍କରେ ଶୋଇବାକୁ ପଡିଥିଲା। ଆଉ କେତେବେଳେ ସାଙ୍ଗଙ୍କ ଘରେ ରହିବାକୁ ପଡୁଥିଲା। ଥଣ୍ଡା ଦିନଗୁଡିକରେ ବିନା ରେଜେଇ, କମ୍ବଳରେ ଶୋଉଥିଲି, ଯାହାକି ମୋ ପାଇଁ କଷ୍ଟଦାୟକ ଥିଲା। ଏହା ମଧ୍ୟରେ ମନରେ ଆତ୍ମହତ୍ୟା କରିବା ଭାବନା ଆସିଥିଲା ବୋଲି ବିଗ୍‌ବସ୍ ଓଟିଟି ଫେମ୍ ଉର୍ଫି ଜାଭେଦ ଏକ ସାକ୍ଷାତ୍‌କାରରେ କହିଛନ୍ତି। ସେତେବେଳେ ନିଜକୁ ଆୟତ୍ତ କରି ପାରିଥିଲି, କାରଣ ମୁଁ ନିଜ ଉପରେ ବିଶ୍ୱାସ ରଖିଥିଲି। ବର୍ତ୍ତମାନ ସମୟରେ ମୋ ପାଖରେ ସବୁକିଛି ଅଛି। ଏଥିସହ ସେ କହିଛନ୍ତି, ତାଙ୍କୁ ଲୋକପ୍ରିୟତା ହାସଲ କରିବାକୁ ଆହୁରି ଅନେକ କଷ୍ଟ ସହିବାକୁ ପଡିଛି। ଯେତେବେଳେ ଲୋକେ ତାଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖିବାକୁ ଚେଷ୍ଟା କରିଛନ୍ତି, ତାହା ତାଙ୍କୁ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଛି।

# ୫ ଦିନର ଶିଶୁକୁ ବିକ୍ରି କଲେ ମା'

ମସ୍କୋ



## ନାକ ସର୍ଜରି ପାଇଁ ଲୋଡ଼ାଥିଲା ଟଙ୍କା

ନାକ ସର୍ଜରି କରିବା ପାଇଁ ଶିଶୁକୁ ବିକ୍ରି କଲେ ମା। ପାଞ୍ଚଦିନର ନବଜାତକୁ ବିକ୍ରି କରିବା ଅଭିଯୋଗରେ ଜଣେ ରୁଷୀୟ ମହିଳାଙ୍କୁ ପୋଲିସ ଗିରଫ କରିଛି। ମହିଳାଙ୍କ ସହ ଶିଶୁକୁ କିଣିଥିବା ଦମ୍ପତିଙ୍କୁ ମଧ ପୋଲିସ ଅଟକ ରଖିଥିବା କୁହାଯାଉଛି। ମହିଳା ଜଣଙ୍କ ନିଜ ନାକ ସର୍ଜରି କରିବା ପାଇଁ ନବଜାତ ପୁତ୍ର ସନ୍ତାନକୁ ବିକ୍ରି କରିଥିବା ସ୍ୱୀକାର କରିଛନ୍ତି। ଗତ ଏପ୍ରିଲ ୨୫ରେ ସଦର୍ନ ସିଟି କାସ୍ପିସ୍କରେ ମହିଳା ଜଣକ ସନ୍ତାନ ଜନ୍ମ ଦେଇଥିବାବେଳେ ଏହାର ୫ ଦିନ ପରେ ଶିଶୁଟିକୁ ୨,୮୬,୧୬୩ ଟଙ୍କାରେ ବିକ୍ରି କରିଦେଇଥିଲେ। ତେବେ ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ଯାଞ୍ଚ ଆରମ୍ଭ କରି ମହିଳାଙ୍କୁ ଗିରଫ କରିଛି। ଶିଶୁଟିକୁ ପୋଷ୍ୟ ଗ୍ରହଣ କରିଥିବା ଦମ୍ପତି ମହିଳା ଜଣକୁ ପ୍ରଥମେ ୩୬୦ ଡଲାର ଦେଇଥିବାବେଳେ ମେ' ୨୬ରେ ସମସ୍ତ ଟଙ୍କା ଚୁକ୍ତି କରିଥିଲେ। ମହିଳାଙ୍କ ନାକରେ କିଛି ବ୍ୟତିକ୍ରମ ଥିବା କାରଣରୁ ତାଙ୍କୁ ଶ୍ୱାସକ୍ରିୟାରେ ଅସୁବିଧା ହେଉଥିଲା। ରୋଗ ଭଲ କରିବା ପାଇଁ ଟଙ୍କାର ଆବଶ୍ୟକତା ଥିବାବେଳେ ମହିଳା ଜଣକ ଏଥିପାଇଁ ତାଙ୍କ ଶିଶୁକୁ ବିକ୍ରି କରିଥିଲେ।

# କ୍ଲାନ୍ତ କର୍ମଚାରୀଙ୍କ ପାଇଁ ନାପ୍ ବକ୍ସେସ୍

ଟୋକିଓ



ଏଣିକି ଶୋଇବା ପାଇଁ ଆଉ ବେଡ୍‌ର ଆବଶ୍ୟକତା ପଡ଼ିବ ନାହିଁ। ଲୋକେ ଉନ୍ନତ ଜ୍ଞାନ କୌଶଳ ଦ୍ୱାରା ବିଭିନ୍ନ ଜିନିଷ, ଆସବାବପତ୍ର ତିଆରି କରାଯାଉଥିବାବେଳେ ଶୋଇବା ପାଇଁ ନାପ୍ ବକ୍ସେସ୍ ଭଳି ଏକ ଭିନ୍ନ ଧରଣର ଜିନିଷ ତିଆରି କରାଯାଇଛି। ଜାପାନ ଏହି ନାପ୍ ବକ୍ସେସ୍ ତିଆରି କରିଛି, ଯାହାର ଫାଇଦା ଉଠାଇପାରିବେ ଦୀର୍ଘ ସମୟ ଧରି ଅଫିସରେ କାମ କରୁଥିବା କାର୍ମଚାରୀ। ଜାପାନର ଇଟୋକି କର୍ପ ଏବଂ କୋୟୋଜୁ ଗୋହାନ କେ. କେ ମିଳିତ ଭାବେ ଏହି ନାପ୍ ବକ୍ସସ୍‌ର ନିର୍ମାଣ କରିବେ। ଅଫିସରେ କର୍ମଚାରୀ ଶୋଇବା ଦ୍ୱାରା ଅଫିସ ମାହୋଲ ଖରାପ ହେଉଥିବାବେଳେ ଏହି ନାପ ବକ୍ସେସ୍ ଦ୍ୱାରା ଅଫିସର ପାରିପାର୍ଶ୍ୱିକ ସ୍ଥିତି ବିଗିଡ଼ିବ ନାହିଁ ବୋଲି ଇଟୋକି ପକ୍ଷରୁ କୁହାଯାଇଛି। ତେବେ ଏହି ବକ୍ସେସ୍‌ର ମୂଲ୍ୟ ଧାର୍ଯ୍ୟ କରାଯାଇନାହିଁ। କାର୍ଯ୍ୟରୁ କିଛି ସମୟ ବିରତି ନେବା ପାଇଁ କିମ୍ବା କାମ କରୁଥିବାବେଳେ କର୍ମଚାରୀଙ୍କୁ ନିଦ ଲାଗିଲେ ସେମାନେ ବାଥ୍‌ରୁମ୍‌ରେ କିଛି ସମୟ ପାଇଁ ନିଜକୁ ବନ୍ଦ କରି ରଖିଥାନ୍ତି। ଏ ବାହାନାରେ କ୍ଲାନ୍ତଥିବା କର୍ମଚାରୀ ସେଠାରେ କିଛିକ୍ଷଣ ଶୋଇପଡୁଥିବାବେଳେ ଏହା ସ୍ୱାସ୍ଥ୍ୟପକ୍ଷେ ହାନିକାରକ ବୋଲି ଇଟୋକି କମ୍ପାନୀ ନିର୍ଦ୍ଦେଶକ କହିଛନ୍ତି। ପଡ୍ ସଦୃଶ ଏହି ଫ୍ଲାମିଙ୍ଗୋରେ ମନୁଷ୍ୟ ମୁଣ୍ଡ, ଆଣ୍ଠୁ ଓ ଶରୀରର ପଛପାଖ କିଭଳି ଭାଲଭାବେ ରହିବ ତାକୁ ଆଖିଆଗରେ ରଖି ଏହାର ଡିଜାଇନ୍ ତିଆରି କରାଯାଇଛି। ଜାପାନରେ କର୍ମଚାରୀମାନେ ଆବଶ୍ୟକତାଠାରୁ ଅଧିକ ସମୟ କାର୍ଯ୍ୟ କରିଥାନ୍ତି। ସେମାନଙ୍କୁ ଶୋଇବା ପାଇଁ କମ୍ ସମୟ ମିଳୁଥିବା କାରଣରୁ ଥକିଯାଇଥିବା କର୍ମଚାରୀଙ୍କ ସୁବିଧା ପାଇଁ ଏ ପ୍ରକାର ନାପ୍ ବକ୍ସେସ୍ ତିଆରି କରାଯାଇଛି।

# ହେଲ୍‌ମେଟ ଲଗାଇ ବସ୍ ଚଲାଇଲେ ଡ୍ରାଇଭର



**ଲକ୍ଷ୍ନୌ:** ପ୍ରତ୍ୟେକ ଦିନ ଅନେକ ବିଚିତ୍ର ଘଟଣାମାନ ଖବରକାଗଜ ଓ ନ୍ୟୁଜ୍ ଚ୍ୟାନେଲରେ ଦେଖିବାକୁ ମିଳୁଛି। ଉତ୍ତର ପ୍ରଦେଶର ଗାଜିଆବାଦ୍‌ରେ ଏମିତି ଏକ ଅଜବ ଘଟଣା ଦେଖାଯାଇଛି। ଜଣେ ବସ୍ ଡ୍ରାଇଭର ହେଲ୍‌ମେଟ୍ ପିନ୍ଧି ବସ୍ ଚଲାଉଥିବାର ଦେଖିବାକୁ ମିଳିଛି, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି। ବସ୍ ଡ୍ରାଇଭର ହେଲ୍‌ମେଟ୍ ଲଗାଇ ବସ୍ ଚଲାଇବା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଜଣେ ବ୍ୟକ୍ତି ନିଜ ମୋବାଇଲରେ ଏହାର ଭିଡିଓଟିକୁ ଉତ୍ତୋଳନ କରିଛନ୍ତି। ସିନିୟର ଫୋରମ୍ୟାନ୍ ଭୂଦେବ ସିଂଙ୍କ କହିବାନୁସାରେ ଗତ କିଛିଦିନ ପୂର୍ବେ ବସଟି ଅନ୍ୟ ଏକ ବସ୍ ସହ ପିଟିହେବା ଫଳରେ ବସ୍‌ର ଫ୍ରଣ୍ଟ ଗ୍ଲାସ୍ ଭାଙ୍ଗିଯାଇଥିଲା। ବସ୍‌ର ଗ୍ଲାସ୍ ମରାମତି ହୋଇ ନ ଥିବା କାରଣରୁ ଡ୍ରାଇଭର ଜଣକ ବର୍ଷା ପାଣି ଓ ପବନରୁ ନିଜକୁ ରକ୍ଷା କରିବା ପାଇଁ ହେଲ୍‌ମେଟ ପିନ୍ଧିଥିବା ଜଣାପଡ଼ିଛି।

# ସଅଳ କିସମ ମୁଗ

**ଆ**ଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇ.ପି.ଏମ୍. ୦୨-୩, ଆଇ.ପି.ଏମ୍. ୦୨-୧୪), ବିରି (ଶାରଳା, ପ୍ରସାଦ, ଉଜ୍ଜ୍ୱଳା, ମାହୁରି, କାଶି), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶି) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ। ବିହନକୁ ଫିମ୍ପିନାଶକ ଔଷଧ ଓ ଜୀବାଣୁ କଲ୍‌ଚର ଉପଚାର କରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପି.ଏସ୍.ବି.) ସହିତ ଗୋଳାଇ ବୁଣନ୍ତୁ। ଘାସମରା ଔଷଧ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ। ଘାସମରା ଔଷଧ ପ୍ରୟୋଗ କରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ।



# ପ୍ରାଣୀଙ୍କ ଯତ୍ନ



- ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ।
- ଫାଟୁଆ, ପ୍ଲିହା ଜ୍ୱର, ବଜବଜିଆ, ସାହାଣ ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ଟିକା ଦିଅନ୍ତୁ।
- ଗୋରୁଙ୍କର ଝାଡ଼ା ପରୀକ୍ଷା କରି କୃମି ଔଷଧ ଦିଅନ୍ତୁ।
- ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ଔଷଧ ସିଞ୍ଚନ କରନ୍ତୁ।
- ଗୁହାଳରୁ ବର୍ଜ୍ୟବସ୍ତୁ ଏବଂ ଜଳ ନିଷ୍କାସନର ଆବଶ୍ୟକ ବ୍ୟବସ୍ଥା କରନ୍ତୁ। ଗୁହାଳ ଚତୁଃପାର୍ଶ୍ୱରେ ଜଳ ଜମା ହେବା ପାଇଁ ଦିଅନ୍ତୁ ନାହିଁ।
- କୁକୁଡ଼ା ଘର ଭିତରକୁ ଶୁଖିଲା ରଖନ୍ତୁ।
- ପ୍ରତି ୧୦୦ ବର୍ଗଫୁଟରେ ୮ କି.ଗ୍ରା. ଚୂନ ପକାଇ ଦିଅନ୍ତୁ।
- କକ୍‌ସିଡିଆ ପ୍ରତିଷେଧକ ଔଷଧ ଦାନା କିମ୍ବା ପାଣିରେ ମିଶାଇ ଖାଇବାକୁ ଦିଅନ୍ତୁ।
- ରାଣୀକ୍ଷେତ, ଆଇ.ବି.ଡି. ରୋଗର ଟିକା ଯଥାକ୍ରମେ ୫ରୁ ୭ ଦିନ ଓ ୧୨ରୁ ୧୪ ଦିନ ବୟସର ବ୍ରଏଲର୍ କୁକୁଡ଼ାଙ୍କୁ ଦିଅନ୍ତୁ।

# ଅଧିକ ଅମଳକ୍ଷମ ଆମ୍ବ

**ବ**ର୍ତ୍ତମାନ ହେଉଛି ଆମ୍ବଗଛ ଲଗାଇବାର ପ୍ରକୃଷ୍ଟ ସମୟ। ତୋଟାପୁରୀ, ବମ୍ବେଗ୍ରିନ୍, ସୁବର୍ଣ୍ଣରେଖା, ନିଲମ୍, ହିମସାଗର, ଲାଙ୍ଗଡା, ଦଶରୀ, ଚୌଷା, ଆମ୍ରପଲ୍ଲୀ, ମଲ୍ଲିକା, ରତ୍ନା, ରାମକେଲା, ରୋମାନି, ଚେରୁ କରସମ, ସିନ୍ଧୁ, ଆଲଫାନ୍‌ସୋ, କେଶରୀ ଆଦି କିସମ ଲଗାନ୍ତୁ। ୧୦x୧୦ ମିଟର ଦୂରତାରେ ୧x୧x୧ ମିଟର ଗାତ କରି ଗଛ ଲଗାନ୍ତୁ। ଏକବର୍ଷିଆ କେନାବିହୀନ ସୁସ୍ଥସବଳ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ଗାତ ପିଛା ଦୁଇଝୁଡି କମ୍ପୋଷ୍ଟ ୮୦ଗ୍ରାମ ଯବକ୍ଷାରଜାନ ୧୦୦ଗ୍ରାମ୍ ଫସଫେଟ୍ ଓ ୬୦ଗ୍ରାମ୍ ପଟାସ ପ୍ରୟୋଗ କରନ୍ତୁ।



# ମାଛଚାଷ ପାଇଁ ଯାଆଁଳ



**ମା**ଛଚାଷ ପାଇଁ ପୋଖରୀ ଠିକ୍ ଭାବେ ପ୍ରସ୍ତୁତ ହେଲାପରେ ସଘନ ମାଛଚାଷ ପାଇଁ ବିଭିନ୍ନ ପ୍ରକାରର ଯାଆଁଳ ନିର୍ଦ୍ଦିଷ୍ଟ ପରିମାଣ ଓ ଅନୁପାତରେ ଛଡ଼ାଯାଏ। ଜାତିଆ ମାଛ ଯଥା- ରୋହି, ଭାକୁର, ମିରିକାଳି ଏବଂ ବିଦେଶୀମାଛ ରୂପାପେଟୀ (ସିଲ୍‌ଭର କାର୍ପ), ଜଳଖାଇ (ଗ୍ରାସ୍‌କାର୍ପ), ବିଲାତି ରୋହିକୁ ଏକା ସାଙ୍ଗରେ ଚାଷ କରାଯାଏ। କାରଣ ବିଭିନ୍ନ ପ୍ରକାରର ମାଛ ଜଳର ବିଭିନ୍ନ ସ୍ତରରୁ ବିଭିନ୍ନ ପ୍ରକାରର ଖାଦ୍ୟ ଆହରଣ କରିଥାନ୍ତି। ଭାକୁର ଓ ସିଲ୍‌ଭର କାର୍ପ ଜଳର ଉପର ସ୍ତରରୁ, ରୋହି ଓ ଗ୍ରାସ୍‌କାର୍ପ ମଝି ସ୍ତରରୁ ଏବଂ ମିରିକାଳି ଓ ବିଲାତି ରୋହି ଜଳର ତଳସ୍ତରରୁ ସେମାନଙ୍କ ଖାଦ୍ୟ ସଂଗ୍ରହ କରିଥାନ୍ତି। ଫଳରେ ସେମାନେ ପରସ୍ପରର କ୍ଷତି ନ କରି ପୋଖରୀର ସମସ୍ତ ସ୍ତର ଉପଯୋଗ କରି ସୁଚାରୁ ରୂପେ ବଢ଼ିଥାନ୍ତି। ଏଣୁ ପୋଖରୀରେ ମିଳୁଥିବା ଖାଦ୍ୟ ଓ ସ୍ଥାନର ପୂର୍ଣ୍ଣ ବିନିଯୋଗ ହୋଇଥାଏ। ଏହି ପ୍ରଣାଳୀରେ ହେଉଥିବା ମାଛଚାଷକୁ ସଘନ ମାଛଚାଷ କୁହାଯାଏ। କିନ୍ତୁ ଗୋଟିଏ ପ୍ରଜାତିର ମାଛ ଛାଡ଼ିଲେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ଖାଦ୍ୟ ବ୍ୟବହାର ହେବ ଏବଂ ଅନ୍ୟ ଦୁଇ ସ୍ତରର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ। ଫଳରେ ମାଛ ଉତ୍ପାଦନ କମିଯିବ। ତେଣୁ ସର୍ବଦା ସଘନ ପ୍ରଣାଳୀରେ ୩ଟି, ୪ଟି କିମ୍ବା ଆବଶ୍ୟକତା ଅନୁସାରେ ସମସ୍ତ ୬ଟି ପ୍ରଜାତିର (୩ଟି ଜାତୀୟ ଏବଂ ୩ଟି ବିଦେଶୀ) ମାଛଚାଷ କଲେ ଅଧିକ ଉତ୍ପାଦନ ମିଳିପାରିବ। ସଘନ ମାଛଚାଷ ପାଇଁ ଏକ ଏକର ବିଶିଷ୍ଟ ପୋଖରୀରେ ପ୍ରାୟ ୪୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୨୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ଏକର ପିଛା ୧୨୦୦ଟି ଭାକୁର, ୧୬୦୦ଟି ରୋହି ଏବଂ ୧୨୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ।

# ମଲ୍ଲୀ ଗଛରେ ଶୀଘ୍ର ଚେର ହେବା ପାଇଁ..



**ମ**ଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହ କରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀ ଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେମି ଲମ୍ବ, ୬୦ସେମି ଓସାର ଏବଂ ୬୦ସେମି ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କିଗ୍ରା ରୁ ୧୦କିଗ୍ରା ଶଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳି କରି କଲମୀ ଗୁଡିକୁ ପୋତିଦେଲେ ଦୁଇତିନିମାସ ମଧ୍ୟରେ ଚେର ହୋଇଯାଏ।

# ବର୍ଷାଋତୁରେ ଫସଲ



ପ୍ର. ସୁବୋଧ କୁମାର ସାହୁ



**ବ**ର୍ଷକ ଛଅ ଋତୁ । କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁ ଆମେ ତିନୋଟି ମୁଖ୍ୟ ଋତୁକୁ ଉପଲବ୍ଧି କରୁଛୁ। ବର୍ଷାଋତୁ ସେଥିମଧ୍ୟରୁ ଅନ୍ୟତମ । ଆଷାଢ଼, ଶ୍ରାବଣ, ଭାଦ୍ରବ ଓ ଆଶ୍ୱିନ ଚାରିମାସ ବର୍ଷାଋତୁ ଭାବେ ଅନୁଭବ ହେଉଛି । ଏହି ସମୟରେ ମୌସୁମୀ ବର୍ଷା ସହ ଲଘୁଚାପଜନିତ ବର୍ଷା ମଧ ହୁଏ। ମୌସୁମୀ ବର୍ଷା କୃଷିକାର୍ଯ୍ୟ ପାଇଁ ବିଶେଷ ସହାୟକ। ଉକ୍ତ ବର୍ଷା, ଘଡ଼ଘଡ଼ି ଓ ବଜ୍ରପାତ ସହ ଝିପିଝିପି ଆକାରରେ ମଧ୍ୟ ଲାଗି ରହେ। ବଜ୍ରପାତ ସମୟରେ ବିଜୁଳି ପ୍ରବାହରେ ବାୟୁମଣ୍ଡଳର ନିଷ୍କ୍ରିୟ ଯବକ୍ଷାରଯାନ ସକ୍ରିୟ ହୋଇ ମୌସୁମୀ ବର୍ଷା ସହ ଭୂପୃଷ୍ଠକୁ ଆସି ମାଟିରେ ସଂରକ୍ଷିତ ହୋଇ ଫସଲକୁ ଗ୍ରହଣ ହୁଏ। ଉକ୍ତ ବର୍ଷା ରାଜ୍ୟର ସବୁ ଜିଲାକୁ ବିସ୍ତାରିତ ହୋଇଥାଏ। ବର୍ଷାଋତୁରେ ବର୍ଷାର ସୁଯୋଗ ନେଇ ଚାଷୀ ତା'ର ଚାଷକାର୍ଯ୍ୟ ଆରମ୍ଭ କରେ। ବର୍ଷାଋତୁରେ ଲଘୁଚାପଜନିତ ବର୍ଷା ନିର୍ଦ୍ଦିଷ୍ଟ ଏକ ସ୍ଥାନକୁ ପ୍ରଭାବିତ କରେ। ଉକ୍ତ ବର୍ଷା ବାୟୁପ୍ରବାହ ସହ ପ୍ରବଳରୁ ପ୍ରବଳତର ହୋଇପାରେ। ଏହି ବର୍ଷା ଚାଷକାର୍ଯ୍ୟ ପାଇଁ ବିଶେଷ ସହାୟକ ନୁହେଁ। ଏହି ସମୟରେ ଅଧିକ ବୃଷ୍ଟିପାତ ଯୋଗୁ ବନ୍ୟା ମଧ୍ୟ ଆସେ। ବନ୍ୟାଜଳ କୃଷି କାର୍ଯ୍ୟରେ ବାଧା ସୃଷ୍ଟି କରେ। ବର୍ଷାଋତୁରେ ବାୟୁମଣ୍ଡଳର ଉତ୍ତାପ ସ୍ଥିର ନ ରହି ପରିବର୍ତ୍ତନ ଘଟେ । ବର୍ଷା ସମୟରେ ଉତ୍ତାପ ୨୫୦ରୁ ୨୭୦ ମଧ୍ୟରେ ରହେ। ବର୍ଷାପରେ ଶୁକ୍ଳପାଗରେ ସୂର୍ଯ୍ୟତାପ ଯୋଗୁ ଉତ୍ତାପ ବଢ଼ି ୩୦୦ରୁ ୩୮୦ ମଧ୍ୟରେ ରହେ । ବାୟୁମଣ୍ଡଳର ଆର୍ଦ୍ରତା ୯୦ରୁ ୯୫% ମଧ୍ୟରେ ରହେ। ଏହି ସମୟରେ ଗୁଳୁଗୁଳି ମଧ୍ୟ ହୁଏ । ଏହିସବୁ ସମସ୍ୟାର ସମ୍ମୁଖୀନ ହୋଇ ଚାଷୀ ତା'ର ଚାଷକାର୍ଯ୍ୟ କରିବାକୁ ବାଧ୍ୟ ହୁଏ।

ବର୍ଷାଋତୁରେ ଜମିର ଅବସ୍ଥିତିକୁ ନେଇ ଚାଷକାର୍ଯ୍ୟ କରାଯାଏ। ଜମିର ତିନି ଗୋଟି ମୁଖ୍ୟ ଅବସ୍ଥିତି ଯଥା ଢିପ, ମଧ୍ୟମ ଓ ଖାଲ କିସମ ଅଛି। ବର୍ଷାକୁ ଦେଖି ପୃଥକ୍ ପୃଥକ୍ କିସମ ଜମିରେ ବିଭିନ୍ନ ଫସଲ ଚାଷ କରିବାକୁ ପଡିବ। ବର୍ଷାଋତୁର ଧାନ ମୁଖ୍ୟ ଫସଲ। ମୌସୁମୀ ବର୍ଷା ବା ତାହା ପୂର୍ବରୁ ଚାଷୀ ଧାନବୁଣା କାମ ଆରମ୍ଭ କରନ୍ତି । ବର୍ଷାଋତୁରେ ଖାଲ କିସମ ଜମିରେ ଠିଆ ପାଣି ରହିବା ପୂର୍ବରୁ ଚାଷୀ ଜମିରେ ପ୍ରଥମେ ଧାନବୁଣା କାମ ଆରମ୍ଭ କରନ୍ତି। ଖାଲ ଜମିର ମାଟି ଚିକିଟା। ଏହି ମାଟିର ଜଳଧାରଣ ଶକ୍ତି ଅଧିକ। ସ୍ୱଳ୍ପ ବର୍ଷାରେ ମାଟିର ପାଗ ଆସିଥାଏ। ଅଧିକ ବର୍ଷାହେଲେ ମାଟି କାଦୁଆ ହୁଏ । ତେଣୁ ଏହି ମାଟିର ପାଗ ଦେଖି ୨ରୁ ୩ ଓଡ଼ ଚାଷ କରି ଧାନ ବୁଣିବା ଉଚିତ । ଖାଲ ଜମି ପାଇଁ ବଡ଼ କିସମ ଅର୍ଥାତ୍ ୧୪୫ରୁ ୧୬୦ ଦିନର ଧାନ ବୁଣାଯାଏ। ଏଥିପାଇଁ ପଦ୍ମିନୀ, ସୋନାମଣି, ମୋତି, ତୁଳସୀ, ଗାୟତ୍ରୀ କିମ୍ବା ସାବିତ୍ରୀ କିସମ ଧାନ ବାଛିବା ଉଚିତ । ଏହି ଧାନ କିସମ ପାଇଁ ଏକର ପ୍ରତି ୨୪ କିଲୋ ଯବକ୍ଷାରଯାନ ସହ ଫସ୍‌ଫେଟ୍ ଏବଂ ପଟାସ୍ ପ୍ରତ୍ୟେକରୁ ୧୨ କିଲୋ ମିଶାଇ ଏକାଥରକେ ପ୍ରୟୋଗ କରି ଧାନ ବୁଣାଯାଏ । କାରଣ ଠିଆ ପାଣି ଥିବା ଜମିରେ ଦ୍ୱିତୀୟ ଏବଂ ତୃତୀୟ ଥର ସାର ପ୍ରୟୋଗ ହୋଇପାରେ ନାହିଁ।

> "ବର୍ଷାଋତୁରେ ମୌସୁମୀ ବର୍ଷା ସହ ଲଘୁଚାପଜନିତ ବର୍ଷା ମଧ ହୁଏ। ମୌସୁମୀ ବର୍ଷା କୃଷିକାର୍ଯ୍ୟ ପାଇଁ ବିଶେଷ ସହାୟକ। ଉକ୍ତ ବର୍ଷା, ଘଡ଼ଘଡ଼ି ଓ ବଜ୍ରପାତ ସହ ଝିପିଝିପି ଆକାରରେ ମଧ୍ୟ ଲାଗି ରହେ। ବଜ୍ରପାତ ସମୟରେ ବିଜୁଳି ପ୍ରବାହରେ ବାୟୁମଣ୍ଡଳର ନିଷ୍କ୍ରିୟ ଯବକ୍ଷାରଯାନ ସକ୍ରିୟ ହୋଇ ମୌସୁମୀ ବର୍ଷା ସହ ଭୂପୃଷ୍ଠକୁ ଆସି ମାଟିରେ ସଂରକ୍ଷିତ ହୋଇ ଫସଲକୁ ଗ୍ରହଣ ହୁଏ।"



ମଧ୍ୟମ କିସମ ଜମିରେ ଧାନବୁଣା କିମ୍ବା ରୁଆ ଯାଇପାରେ । ଏହି କିସମ ଜମିର ମାଟି ଦୋରସା। ଜଳଧାରଣ ଶକ୍ତି ମଧ୍ୟମ । ତେଣୁ ଏହି ଜମିକୁ ସହଜରେ ହଳକରି ଧାନ ବୁଣାଯାଇପାରେ। ମଧ୍ୟମ କିସମ ଜମି ପାଇଁ ୧୨୫ ରୁ ୧୩୫ ଦିନର ଧାନ ଯଥା ଲଲାଟ, ମସୁରି, ଇନ୍ଦ୍ରାବତୀ, ମହାନଦୀ, କାଞ୍ଚନ, ଯଯାତି କିମ୍ବା ସୁରେନ୍ଦ୍ର ବାଛନ୍ତୁ। ଧାନ ବୁଣା ଯାଉଥିଲେ ଧାନ ସହ ୫ କିଲୋ ଧନିଚା ମିଶାଇ ବୁଣାଗଲେ ଚାଷୀ ଯବକ୍ଷାରଯାନ ସାର ବାବଦ ଲାଭବାନ୍ ହେବା ସହ ମାଟିର ଉର୍ବରତା ବଢ଼େ । ଧାନ ଫସଲ ପାଇଁ ଆବଶ୍ୟକ ୧୨ କିଲୋ ଫସ୍‌ଫେଟ୍‌କୁ ଧାନବୁଣା ସମୟରେ ପ୍ରୟୋଗ କରିବା ଦରକାର। ଫସଫରସ୍ ପାଇ ଧନିଚା ଭଲ ବଢ଼େ। ବର୍ଷାରୁ ଜମିରେ ୪ ରୁ ୫ ସେ.ମି ପାଣିଥିବା ସମୟରେ ଧାନତଳି ୨୫ ରୁ ୩୦ ଦିନର ହୋଇଥିଲେ ଏହାକୁ ହଳ ଚଳାଇ ବିହୁଡ଼ା ଯାଏ । ବିହୁଡ଼ା ସମୟରେ ଶୋଇ ପଡ଼ିଥିବା ଧନିଚା ଏବଂ ଘାସକୁ କାଦୁଆ ମାଟିରେ ମିଶାଇ ଦିଆଯାଏ । ବିହୁଡ଼ା ଏବଂ ଖେଳୁଆ ସମୟରେ ଏକରକୁ ୧୨ କିଲୋ ପଟାସ୍ ସହ ୮ କିଲୋ ଯବକ୍ଷାରଯାନ ମିଶାଇ ପ୍ରୟୋଗ କରାଯାଏ । ଧନିଚା ପଚି ଏକରକୁ ୧୦ରୁ ୧୨ କିଲୋ ଯବକ୍ଷାରଯାନ ଯୋଗାଇବା ସହ ମାଟିର ଜୈବ ଅଂଶ ବଢ଼ାଏ। ଧାନବୁଣାର ୫୦ ରୁ ୬୦ ଦିନ ପରେ ୧୨ କିଲୋ ଯବକ୍ଷାରଯାନ ଏବଂ ଥୋଡ଼ ବାହାରିବାର ୧୫ ଦିନ ପୂର୍ବରୁ ଅବଶିଷ୍ଟ ୪ କିଲୋ ଯବକ୍ଷାରଯାନ ପ୍ରୟୋଗ କରାଯାଏ।

ମଧ୍ୟମ କିସମ ଜମିରେ ଧାନ ରୋଇବାର ଥିଲେ ରୁଆର ୨୧ରୁ ୨୫ ଦିନ ପୂର୍ବରୁ ଏକର ପ୍ରତି ୧୨ କିଲୋ ଫସଫେଟ୍ ସହ ୧୦ ରୁ ୧୨ କିଲୋ ଧନିଚା ମିଶାଯାଇ ବୁଣାଯାଏ। ଧାନ ରୁଆର ୭ ଦିନ ପୂର୍ବରୁ ଜମିକୁ ହଳକରି ଧନିଚାକୁ ମାଟିରେ ମିଶାଯାଏ। ଧାନରୁଆ ସମୟରେ ଏକରକୁ ୮ କିଲୋ ଯବକ୍ଷାରଯାନ ଏବଂ ଏହାର ୨୧ ଦିନ ପରେ ୧୨ କିଲୋ ଯବକ୍ଷାରଯାନ ଏବଂ ଥୋଡ ବାହାରିବା ସମୟରେ ଅବଶିଷ୍ଟ ୪ କିଲୋ ଯବକ୍ଷାରଯାନ ପ୍ରୟୋଗ କରାଯାଏ । ଧନିଚା ବୁଣା ଯାଇନଥିଲେ ଏକରକୁ ଫସଫେଟ୍ ଏବଂ ପଟାସ୍ ପ୍ରତ୍ୟେକରୁ ୧୨ କିଲୋ ସହ ୮ କିଲୋ ଯବକ୍ଷାରଯାନ ପ୍ରୟୋଗ କରି ଧାନ ରୁଆଯାଏ । ଧାନ ରୁଆର ୨୧ ଦିନ ପରେ ୧୨ କିଲୋ ଏବଂ ଥୋଡ଼ ସାର ଭାବେ ଅବଶିଷ୍ଟ ୮ କିଲୋ ଯବକ୍ଷାରଯାନ ପ୍ରୟୋଗ କରାଯାଏ । ବର୍ଷାଋତୁରେ ବର୍ଷା ହେବାର ସମୟକୁ ଅନୁଧ୍ୟାନ କରି ଧାନ ଫସଲରେ ସାର ପ୍ରୟୋଗ କରିବା ଉଚିତ୍।

ଢିପ ଜମିର ମାଟି ବାଲିଆ କିମ୍ବା ବାଲିଆ ଦୋରସା ହୋଇପାରେ । ମାଟିର ଜଳଧାରଣ ଶକ୍ତି କମ୍ । ତେଣୁ କମ୍ ଜଳ ଆବଶ୍ୟକ କରୁଥିବା ବର୍ଷାଦିନିଆ ଫସଲ ଏପ୍ରକାର ଜମିରେ ଚାଷ କରିବା ଉଚିତ୍ । ଢିପ କିସମ ଜମିରେ ଧାନ ଫସଲ ଚାଷ ନ କରି ଅଣଧାନ ଫସଲ ଯଥା ଡାଲି ଏବଂ ତୈଳବୀଜ ଜାତୀୟ କିମ୍ବା ଯଥେଷ୍ଟ ଖତ ପ୍ରୟୋଗ କରି ପରିବା ଫସଲ ଚାଷ କଲେ ଚାଷୀ ଅଧିକ ଲାଭବାନ୍ ହେବେ। ବର୍ଷାଦିନିଆ ଡାଲିଜାତୀୟ ଫସଲ ଭାବେ ସ୍ୱଳ୍ପଦିନିଆ ମୁଗ, ବିରି, ହରଡ଼, ଝୁଡ଼ଙ୍ଗ ଏକାନ୍ତ କିମ୍ବା ମିଶ୍ରିତ ଫସଲ ଭାବେ ଚାଷ କରାଯାଇପାରେ । ମୁଗ ପାଇଁ ଧଉଳି, ଦୁର୍ଗା, କାମଦେବ ଏବଂ ବିରି ପାଇଁ ଶାରଳା, ପ୍ରସାଦ, ଉଜ୍ଜ୍ୱଳା କିମ୍ବା କାଶୀ କିସମ ଉତ୍କୃଷ୍ଟ । ହରଡ଼ ପାଇଁ ଉପାସ, ଆଶା କିମ୍ବା ଲକ୍ଷ୍ମୀ ଭଲ। ଝୁଡ଼ଙ୍ଗ ପାଇଁ ସ୍ୱର୍ଣ୍ଣ କିମ୍ବା ଏମ୍‌ଇବି-୨ ଭଲ । ଡାଲିଜାତୀୟ ଫସଲ ପାଇଁ ୨୦୦ଗ୍ରାମ ରାଇଜୋବିୟମ ଏବଂ ଫସପୋବାକ୍ଟିନ୍ ଜୀବାଣୁ ସାର ମିଶାଇ ଧାଡିରେ ବୁଣିବା ଉଚିତ୍ । ବୁଣା ସମୟରେ ଏକର ପ୍ରତି ୧୬ କିଲୋ ଫସଫେଟ୍ ସାର ପ୍ରୟୋଗର ଆବଶ୍ୟକତା ଅଛି। ଫସଫେଟ୍ ସାର ଚେରରେ ଭାତୁଡ଼ି ସଂଖ୍ୟା ବଢ଼ାଏ।

- ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫

# ବର୍ଷାଦିନିଆ ଘାସଚାଷ

(ଶେଷ ଭାଗ)

**ବିହନ:** ଏକରପିଛା ହାତିଆ ଘାସ ପାଇଁ ୫ ହଜାର ମୂଳ ବା କାଣ୍ଡ, ଗିନି ଘାସ- ୪ ହଜାର ମୂଳ, ପାରା ଘାସ -୧୦ ହଜାର କାଣ୍ଡ ଏବଂ ମକା ପାଇଁ -୨୦କି.ଗ୍ରା, ଏମ୍.ପି.ଚେରୀ ବା ଜୁଆର ୧୨-୧୫ କି.ଗ୍ରା, ବାଜରା ୫-୧୦ କି.ଗ୍ରା, ବରଗୁଡ଼ି ୧୨-୧୬ କି.ଗ୍ରା, ଗୁଆଁର -୧୬ କି.ଗ୍ରା, ଷ୍ଟାଇଲୋ ୨.୫-୩ କି.ଗ୍ରା ମଞ୍ଜି ବା ବିହନ ଦରକାର ହୋଇଥାଏ। ସବୁଦିନିଆ ଘାସର କାଣ୍ଡ ବା ମୂଳଗୁଡ଼ିକ ଧାଡ଼ିକୁଧାଡ଼ି ଓ ଗଛକୁଗଛ ବ୍ୟବଧାନରେ ଲଗାଯାଏ । ମକା, ଏମ୍.ପି.ଚେରୀ, ବାଜରା, ବରଗୁଡ଼ି ଓ ଗୁଆଁର ବିହନକୁ ଛାଟି କରି ବୁଣିବା ଅପେକ୍ଷା ଧାଡ଼ି କରି ବୁଣିଲେ ଅଧିକ ଫସଲ ଉତ୍ପାଦନ ହୁଏ । ନେପିଅର, ଗିନି ଓ ପାରା ଘାସର ପ୍ରତି ଖଣ୍ଡରେ ୨/୩ ଟି ଗଣ୍ଠିଥିବା ଦରକାର । ପ୍ରତି ମନ୍ଦାରେ ୨ଖଣ୍ଡ କରି ଲଗାଇଲେ ଭଲ । ତେଣୁ ଏକର ପିଛା ୧୦ ହଜାର ମୂଳ ବା କାଣ୍ଡର ଆବଶ୍ୟକତା ପଡ଼ିଥାଏ । ଷ୍ଟାଇଲୋ ମଞ୍ଜିର ଉପର ଚୋପା ଟାଣ। ଏଣୁ ଏହା ଭଲଭାବରେ ଗଜା ହେବା ପାଇଁ ମଞ୍ଜିକୁ ଉଷୁମ ପାଣିରେ ୫ ମିନିଟ୍ ବୁଡ଼ାଇ ସାରି ରାତିସାରା ଥଣ୍ଡା ପାଣିରେ ଭିଜାଇ ରଖନ୍ତୁ । ସକାଳୁ ମଞ୍ଜିକୁ ଛାଣି ଛାଇରେ କିଛି ସମୟ ରଖିବା ପରେ ମଞ୍ଜିକୁ ଶୁଖିଲା ବାଲି ବା ଗୁଣ୍ଡ ମାଟି ସହ ମିଶାଇ ଜମିରେ ଧାଡ଼ିକୁ ଧାଡ଼ି ୩୦ସେ.ମି ବ୍ୟବଧାନରେ ବୁଣନ୍ତୁ । ଏହି ଫସଲର ମଞ୍ଜି ଅତି ଛୋଟ ହୋଇଥିବାରୁ ଏହାକୁ ଅଧିକ ଗଭୀରରେ ବୁଣିବା ଅନୁଚିତ । ମଞ୍ଜି ବୁଣିବାର ୨୫ରୁ ୩୦ ଦିନ ପରେ କୋଡ଼ା ଖୁସା କରି ଅନାବନା ଗଛ ବାଛି ଦିଅନ୍ତୁ ।



**ଅମଳ ସମୟ :** ସଙ୍କର ହାତିଆ, ଗିନି ଓ ପାରା ଘାସ ଫସଲ ଲଗାଇବାର ୬୦ ଦିନ ପରେ ଏବଂ ପ୍ରତି କଟାର ୪୫ ଦିନ ବ୍ୟବଧାନରେ ଘାସ ଫସଲ କଟାଯାଏ। ମକା ୪୫-୫୦ ଦିନ, ଏମ୍.ପି.ଚେରୀ ବା ଜୁଆର ୭୦-୮୦ ଦିନ, ବାଜରା ୬୦-୬୫ ଦିନ, ବରଗୁଡ଼ି ୫୦-୬୦ ଦିନ, ଗୁଆଁର ୬୦ ଦିନରେ ଅମଳ ମିଳିଥାଏ। ମକା, ବାଜରା ଇତ୍ୟାଦି ଫୁଲ ଉଡ଼ାଇବା ପୂର୍ବରୁ ଗୋରୁଙ୍କୁ କାଟି ଖାଇବାକୁ ଦିଆଯାଏ । ଷ୍ଟାଇଲୋ ଫସଲ ଅଢ଼େଇ ମାସ ହୋଇଗଲେ ପ୍ରଥମ କାଟି ଅମଳ ହୁଏ। ଏହାପରେ ପ୍ରତି ୬୦ଦିନ ଅନ୍ତରରେ ପରବର୍ତ୍ତୀ କଟ୍ ଫସଲ ଅମଳ କରାଯାଏ। ହାତିଆ ଘାସ କଅଁଳିଆ ଅବସ୍ଥାରେ ଗୋରୁଙ୍କୁ ଖାଇବାକୁ ଦେବା ଅନୁଚିତ। କାରଣ ଏ ସମୟରେ ଅକ୍‌ଜାଲିକ୍ ଅମ୍ଳ ଏହି ଘାସ ଫସଲରେ ନିହିତ ଥିବାରୁ ଗୋରୁଙ୍କୁ ଖାଇବାକୁ ଦେଲେ କ୍ୟାଲ୍‌ସିୟମ ଅଭାବର ଶିକାର ହୋଇ ଦୁର୍ବଳ ଦିଶନ୍ତି।

**ଅମଳ ପରିମାଣ:** ହାତିଆ ଘାସ ୪୦୦ ରୁ ୫୦୦ କ୍ୱିଣ୍ଟାଲ, ଗିନି ଘାସ ୨୫୦ ରୁ ୩୦୦ କ୍ୱିଣ୍ଟାଲ, ପାରା ଘାସ ୪୦୦ ରୁ ୫୦୦ କ୍ୱିଣ୍ଟାଲ, ମକା ୧୦୦ରୁ ୧୨୦ କ୍ୱିଣ୍ଟାଲ, ଏମ୍.ପି.ଚେରୀ ୧୦୦ ରୁ ୧୩୦ କ୍ୱିଣ୍ଟାଲ, ବାଜରା ୧୦୦ ରୁ ୧୨୦ କ୍ୱିଣ୍ଟାଲ, ବରଗୁଡ଼ି ୬୦ରୁ ୭୦ କ୍ୱିଣ୍ଟାଲ, ଗୁଆଁର ୭୦ରୁ ୮୦ କ୍ୱିଣ୍ଟାଲ, ଷ୍ଟାଇଲୋ ୧୫୦ରୁ ୩୦୦ କ୍ୱିଣ୍ଟାଲ ବର୍ଷକୁ ଏକର ପ୍ରତି ଫସଲ ଅମଳ ମିଳିଥାଏ।

ଅନ୍ତଚାଷ ବା ମିଶ୍ରିତ ଫସଲ ଚାଷ: ମକା+ବରଗୁଡ଼ି, ମକା+ଡଙ୍ଗରରାଣୀ, ଟିଓସିଣ୍ଟେ+ବରଗୁଡ଼ି/ଡଙ୍ଗରରାଣୀ, ବାଜରା+ବରଗୁଡ଼ି/ଏମ୍.ପି.ଚେରୀ ବା ଜୁଆର +ଗୁଆଁର/ବରଗୁଡ଼ି, ଦୀନନାଥ+ବରଗୁଡ଼ି/ଗୁଆଁର ଆଦି ମିଶ୍ରିତ ଫସଲ ବା ଅନ୍ତଚାଷ ଭାବେ କରାଗଲେ ସବୁଜ ଗୋଖାଦ୍ୟ ସୁଷମ ହୋଇଥାଏ ଏବଂ ଗୋରୁଗାଈ ବା ଗୃହପାଳିତ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରୁହେ। ସେମାନେ ଅଧିକ ଉତ୍ପାଦନକ୍ଷମ ହୋଇଥାନ୍ତି।

ଗବେଷଣାରୁ ଜଣାଯାଇଛି ଯେ, ଗୋଟିଏ ଗାଈ ଦିନକୁ ୩୫ ରୁ ୪୦ କିଗ୍ରା ଭଲ ସବୁଜ ଖାଦ୍ୟ ଖାଇଲେ ବିନା ଦାନାରେ ୬ରୁ ୭ ଲିଟର କ୍ଷୀର ଦେଇପାରିବ। ଏକ ଏକରର ଚାରିଭାଗରୁ ଭାଗେ ଜମିର ଅର୍ଦ୍ଧେକରେ ସବୁଦିନିଆ ଓ ଅନ୍ୟ ଅର୍ଦ୍ଧେକରେ ଋତୁକାଳୀନ ଗୋଖାଦ୍ୟ ଫସଲ ଚାଷ କଲେ ଗୋଟିଏ ଗାଈ ପାଇଁ ବର୍ଷସାରା ଦୈନିକ ୩୫ରୁ ୪୦କିଗ୍ରା ସବୁଜ ଖାଦ୍ୟ ମିଳିପାରିବ।

- ଡା. ବୀରକିଶୋର ପରିଡ଼ା,
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨





ବିଜୁ ପଟ୍ଟନାୟକ ସୁଇମିଂ କ୍ମ୍ପ୍ଲେକ୍ସଠାରେ ଚାଲିଥିବା ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ୱାଟର ପୋଲୋ ମ୍ୟାଚର ଦୃଶ୍ୟ।
ପଦକ ବିଜେତାଙ୍କ ସହ ଅତିଥି ତଥା ଅଲିମ୍ପିଆନ ଅନୁରାଧା ବିଶ୍ୱାଳ।

# ହର୍ଷଦା ଗରୁଡ଼ଙ୍କୁ ସ୍ୱର୍ଣ୍ଣ ପଦକ

**ନୂଆଦିଲ୍ଲୀ, ୧୯।୭ (ପି.ଟି.):** ଭାରତର ଉଦୀୟମାନ ହର୍ଷଦା ଗରୁଡ଼ ତାସ୍‌କେଣ୍ଟଠାରେ ଚାଲିଥିବା ଏସିଆନ ୟୁଥ୍ ଓ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ମହିଳା ୪୫କେଜି ଶ୍ରେଣୀରେ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ୧୮ ବର୍ଷୀୟା ହର୍ଷଦା ମୋଟ ୧୫୭କେଜି (୬୯କେଜି+୮୮କେଜି) ଉତ୍ତୋଳନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ, ଯାହାକି ଗତ ମେ'ରେ ତାଙ୍କ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ବିଜୟୀ ଉତ୍ତୋଳନ ୧୫୩ କେଜି (୭୦କେଜି+୮୩କେଜି)ଠାରୁ ୪ କେଜି ଅଧିକ। ସୌମ୍ୟ ଦେବୀ ୪୫ କେଜି ୟୁଥ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଛନ୍ତି। ୟୁଥ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ମୋଟ ୧୪୫କେଜି (୬୩ କେଜି+୮୨କେଜି) ଉତ୍ତୋଳନ ସହ ପୋଡିୟମ ଫିନିଶ କରିଥିଲେ।






## ସୁଇମିଂ ଫେଡେରେଶନ ଅଫ ଇଣ୍ଡିଆ ପ୍ରତିନିଧି ଦଳର କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ

**ଭୁବନେଶ୍ୱର, ୧୯।୭ (ସ୍ପୋର୍ଟ୍ସ ବ୍ୟୁରୋ):** କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ କମ୍ପ୍ଲେକ୍ସ ପରିସରରେ ଚାଲିଥିବା ୪୮ ତମ ଆକ୍ୱାଟିକ ଚାମ୍ପିୟନଶିପ୍ ଅବସରରେ ମଙ୍ଗଳବାର ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ)ର ପ୍ରତିନିଧି ଦଳ କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମି ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ କଳିଙ୍ଗ ଷ୍ଟାଡିୟମ ପରିସରରେ ନିର୍ମାଣଧୀନ ନୂତନ ଆକ୍ୱାଟିକ୍ କମ୍ପ୍ଲେକ୍ସ, ନିର୍ମାଣଧୀନ ଇନ୍‌ଡୋର ଆଥଲେଟିକ ଷ୍ଟାଡିୟମ, ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫର୍ମାନ୍ସ ସେଣ୍ଟର ଏବଂ କଳିଙ୍ଗ ହକି ଷ୍ଟାଡିୟମ ଆଦି ବୁଲି ଦେଖିଥିଲେ। ଏହି ଅବସରରେ ପ୍ରତିନିଧିମାନେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିବା ସହ ଖୁବ କମ ଦିନରେ ଓଡ଼ିଶାରେ ଯେଉଁଭଳି ଭାବେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ ସହ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜନ ହେଉଛି ତାହା ଆଗାମୀ ଦିନରେ ଅନେକ ଅନ୍ତର୍ଜାତୀୟ କ୍ରୀଡ଼ାବିତଙ୍କୁ ସୃଷ୍ଟି କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ।

# ନିନାଙ୍କ ଜାତୀୟ ରେକର୍ଡ

### ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ୫୦ ମି. ବଟରଫ୍ଲାଏ

**ଭୁବନେଶ୍ୱର,୧୯।୭**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସ୍ୱିମିଙ୍ଗ କମ୍ପ୍ଲେକ୍ସରେ ଚାଲିଥିବା ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପରେ ଏକ ଜାତୀୟ ରେକର୍ଡ କରିଛନ୍ତି ନିନା ଭେଙ୍କଟେଶ। ୫୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ନିନା ନିଜ ଜାତୀୟ ରେକର୍ଡ ଭଙ୍ଗ କରିବା ସହିତ ସୃଷ୍ଟି କରିଛନ୍ତି ନୂଆ ମିଟ୍ ରେକର୍ଡ। ୨୦୨୧ରେ ବେଙ୍ଗାଲୁରୁରେ ନିନା ୨୮.୫୧ ସେକେଣ୍ଡର ସମୟ ନେଇଥିବା ବେଳେ ୨୮.୨୭ ସେକେଣ୍ଡର ସମୟ ନେଇ ଏହି ରେକର୍ଡ ଭାଙ୍ଗିଛନ୍ତି। ବେଙ୍ଗଲର ନିଲାବ୍ରା ଘୋଷ(୨୮.୮୫) ଓ ପଞ୍ଜାବର ଜସନୁର୍ କୌର ରୌପ୍ୟ ଓ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ସେହିପରି ଅନ୍ୟତମ କର୍ଣ୍ଣାଟକ ସ୍ୱିମର ଦିନିଧି ଏକ ନୂଆ ମିଟ୍ ରେକର୍ଡ କରିଛନ୍ତି। ଦିନିଧି ହିଟ୍‌ସରେ ତନୀଷି ଗୁପ୍ତାଙ୍କ ରେକର୍ଡ ଭାଙ୍ଗିଛନ୍ତି। ଦିନିଧ ୨୮.୯୩ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ ହାସଲ କରିଥିବା ବେଳେ ୨୯.୩୦ ସେକେଣ୍ଡ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ ତନୀଷି। ୨୦୦ ମି.ବ୍ୟାକଷ୍ଟ୍ରୋକ୍ ବର୍ଗରେ କର୍ଣ୍ଣାଟକର ଉତ୍କର୍ଷ ସନ୍ତୋଷ ପାଟିଲ୨.୦୬.୭୭ ର ଟାଇମିଂ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଗୁଜରାଟର ଦେବାଂଶ ପରମାର ଦ୍ୱିତୀୟ ଓ ତାମିଲନାଡୁର ଏଚ୍ ନିଥିକ୍ ତୃତୀୟ ସ୍ଥାନରେ ରହିଥିଲେ। ୨୦୦ ମିଟର ବ୍ୟାକଷ୍ଟ୍ରୋକ୍ ବାଳିକା ବିଭାଗରେ କର୍ଣ୍ଣାଟକର ରିଦ୍ଧିମା ବୀରେନ୍ଦ୍ର କୁମାର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨.୨୪.୨୫ ର ଟାଇମିଂ ସହିତ ଗୋଆର ସଞ୍ଜନା ପ୍ରଭୁଗାଉଁକରଙ୍କୁ ପଛରେ ପକାଇଥିଲେ ରିଧିମା। ମହାରାଷ୍ଟ୍ରର ପଲକ ଯୋଶୀ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଗୋଟିଏ ଦିନର ଟୁର୍ନାମେଣ୍ଟ ବାକି ରହିଥିବା ବେଳେ ୬୨ ପଦକ ସହିତ ପ୍ରଥମ ସ୍ଥାନରେ ରହିଛି କର୍ଣ୍ଣାଟକ।

# ସ୍ଥଗିତ ଏସିଆନ ଗେମ୍ସ ଆସନ୍ତାବର୍ଷ ହେବ

**କୁଏତ/ବେଜିଂ, ୧୯।୭ (ପି.ଟି.):** ସ୍ଥଗିତ ଏସିଆନ ଗେମ୍ସ ଆସନ୍ତାବର୍ଷ ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ହାଙ୍ଗ୍‌ଝୋଠାରେ ହେବ। ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ) ତରଫରୁ ମଙ୍ଗଳବାର ଏ ସମ୍ପର୍କରେ ଘୋଷଣା କରାଯାଇଛି। ଗେମ୍ସର ୧୯ତମ ସଂସ୍କରଣ ପ୍ରକୃତରେ ଏହି ବର୍ଷ ସେପ୍ଟେମ୍ବର ୧୦ରୁ ୨୫ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଚାଇନାରେ କୋଭିଡ୍ ସଂକ୍ରମଣ ବୃଦ୍ଧି ଯୋଗୁ ମେ' ୬ରେ ଏହାକୁ ସ୍ଥଗିତ ରଖାଯାଇଥିଲା। ଗେମ୍ସ ପାଇଁ ପଥ ଉନ୍ମୁକ୍ତ କରିବା ଲାଗି ଟାସ୍କଫୋର୍ସ ଗତ ଦୁଇ ମାସ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ନେଇ ଚାଇନିଜ ଅଲିମ୍ପିକ କମିଟି, ହାଙ୍ଗ୍‌ଝୋ ଏସିଆନ ଗେମ୍ସ ଆୟୋଜକ କମିଟି ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହ ବିଭିନ୍ନ ଆଲୋଚନା କରିଥିଲା। ଗେମ୍ସ ସମୟରେ ଯେପରି ଅନ୍ୟ କୌଣସି ପ୍ରମୁଖ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟ ନ ଥିବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା। ଟାସ୍କଫୋର୍ସ ଦ୍ୱାରା ସୁପାରିସ ତାରିଖ ଓସିଏ କାର୍ଯ୍ୟନିର୍ବାହୀ ବୋର୍ଡ ଦ୍ୱାରା ଗୃହୀତ ହୋଇଥିବା ଓସିଏ କହିଛି। ତେବେ ୨୦୨୩ ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍ ଏସିଆନ ଗେମ୍ସ ଆରମ୍ଭ ହେବାର ଦିନକ ପରେ ଶେଷ ହେଉଛି। ବିଶ୍ୱ ଚାମ୍ପିୟନଶିପ୍ ସେପ୍ଟେମ୍ବର ୧୬ରୁ ୨୪ ରୁଷିଆର କ୍ରାସ୍‌ନୋୟାରସ୍କଠାରେ ହେବାର କାର୍ଯ୍ୟକ୍ରମ ରହିଛି, ଯାହାକୁ ଏକ ଅଲିମ୍ପିକ କ୍ୱାଲିଫାଇଂ ଇଭେଣ୍ଟ ଭାବେ ବିବେଚନା କରାଯାଇଥାଏ। ଏଥରୁ ସ୍ପଷ୍ଟ ହେଉଛି ଦୁଇଟି ପ୍ରମୁଖ ଇଭେଣ୍ଟ ମଧ୍ୟରେ ସମୟ ବ୍ୟବଧାନ ଖୁବ୍ କମ୍ ରହିଛି। ଖେଳ ପାଇଁ ଏହା ଏକ ଆଦର୍ଶ ନୁହେଁ। ଏସିଆଡ କାର୍ଯ୍ୟସୂଚୀ ପୁନଃନିର୍ଦ୍ଧାରିତ ହେବା ଫଳରେ ଭାରତୀୟ ରେସ୍‌ଲରମାନଙ୍କୁ ରୁଷିଆରୁ ସିଧାସଳଖ ଚାଇନା ଗସ୍ତ କରିବାକୁ ହେବ। ସେମାନେ ବିଶ୍ରାମ ପାଇପାରିବେ ନାହିଁ।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ